51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୧/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 11/2025 Page 16 ₹ 7.00

୫୧ଶ ଭାଗ ୪୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 49 ମୂଲ୍ୟ₹୭/-


# ବିକଶିତ ଭାରତର ସହଯୋଗୀ ହୁଅନ୍ତୁ ପ୍ରବାସୀ: ରାଷ୍ଟ୍ରପତି



ଜଣେ ପ୍ରବାସୀ ଭାରତୀୟଙ୍କୁ ସମ୍ମାନିତ କରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

**ଭୁବନେଶ୍ୱରରେ ୩ ଦିନ ଧରି ଚାଲିଆସିଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଶେଷ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରବାସୀମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ୨୦୪୭ରେ ଭାରତକୁ ବିକଶିତ କରିବା ଲକ୍ଷ୍ୟ ରହିଥିବାରୁ ସେମାନେ ଏହି ବିକାଶଧାରାରେ ସହଯୋଗୀ ପାଲଟନ୍ତୁ। ବହିର୍ବ୍ୟାପାର ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଭବ୍ୟ ସମାରୋହରେ ୨୭ ପ୍ରବାସୀଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୭୦ ଦେଶରୁ ଆସିଥିବା ପ୍ରବାସୀ ଭାରତୀୟଙ୍କୁ ଧନ୍ୟବାଦ ଦେବା ସହ ସମ୍ମିଳନୀ ଆୟୋଜନ ଦ୍ୱାରା ଓଡ଼ିଆ ଅସ୍ମିତା ଉଚ୍ଚତର ହୋଇପାରିଥିବା କହିଛନ୍ତି।**

## ପ୍ରବାସୀ ଭାରତୀୟ ଦିବସ ସମାବେଶ ଉଦ୍‌ଯାପିତ

**ଭୁବନେଶ୍ୱର, ୧୦।୧ (ଅନିଲ ଦାସ)**

ଭାରତ ସବୁ କ୍ଷେତ୍ରରେ ଆଗକୁ ବଢ଼ୁଛି। ବିକଶିତ ଭାରତର ସ୍ୱପ୍ନ ସାକାର ହେବାକୁ ଯାଉଛି। ବିଶ୍ୱସ୍ତରରେ ଭାରତର ଗୁରୁତ୍ୱ ଦ୍ୱିଗୁଣିତ ହୋଇଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ଲକ୍ଷ୍ୟରେ କାର୍ଯ୍ୟ ଜାରିରହିଛି। ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳନ ବେଳକୁ ବିକଶିତ ଭାରତ ଲକ୍ଷ୍ୟ ପୂରଣ ହୋଇଥିବ। ଏହା ଏକ ଜାତୀୟ ଅଭିଯାନ। ଦେଶ ବିଦେଶରେ ରହୁଥିବା ସମସ୍ତ ଭାରତୀୟଙ୍କ ପାଇଁ ଏହା ସମ୍ଭବ ହେବ। ବିକଶିତ ଭାରତରେ ପ୍ରବାସୀମାନେ ସହଯୋଗୀ ହୁଅନ୍ତୁ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ଜନତା ମଇଦାନଠାରେ ଅନୁଷ୍ଠିତ ୩ ଦିନିଆ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ପ୍ରବାସୀ ଭାରତୀୟମାନେ ସମଗ୍ର ବିଶ୍ୱରେ ଦେଶର ମାନ ରଖିଛନ୍ତି। ସେମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇ ପ୍ରତିଷ୍ଠା ପାଇପାରିଛନ୍ତି। ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବେ। ପ୍ରବାସୀ ଭାରତୀୟମାନେ ଏହି ସଂକଳ୍ପର ଏକ ଅବିଚ୍ଛେଦ୍ୟ ଅଙ୍ଗ। ବିଶ୍ୱବ୍ୟାପୀ ଉପସ୍ଥିତି ସେମାନଙ୍କୁ ଏକ ଅନନ୍ୟ ଦୃଷ୍ଟିକୋଣ ପ୍ରଦାନ କରିଥାଏ ଏବଂ ସେମାନଙ୍କର ସଫଳତା ଏକ ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟ ସାକାର କରିବାରେ ସହାୟକ ହୋଇଥାଏ। ପ୍ରବାସୀମାନେ ଆମ ଦେଶର ସର୍ବୋତ୍ତମ ପ୍ରତିନିଧି। ସେମାନେ କେବଳ ଏହି ପବିତ୍ର ଭୂମିରେ ଅର୍ଜିତ ଜ୍ଞାନ ଏବଂ କୌଶଳକୁ ନିଜ ସହିତ ନେଇନାହାନ୍ତି, ବରଂ ହଜାର ହଜାର ବର୍ଷ ଧରି ଆମ ସଭ୍ୟତାର ମୂଳଦୁଆ ସାଜିଥିବା ମୂଲ୍ୟବୋଧ ଏବଂ ନୈତିକତାକୁ ମଧ୍ୟ ସାଙ୍ଗରେ ବହନ କରିଛନ୍ତି। ☞ପୃଷ୍ଠା-୨







# ପ୍ରବାସୀ ଭାରତୀୟ ଦିବସ




ପ୍ରବାସୀ ଭାରତୀୟ ଦିବସ ଉଦ୍‌ଯାପନୀ ଅବସରରେ ପ୍ରବାସୀ ସମ୍ମାନରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଏସ୍. ଜୟଶଙ୍କର, ଜୁଏଲ୍ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟ ଅତିଥିଗଣ । (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର ଜନତା ମଇଦାନଠାରେ ଆରମ୍ଭ ହୋଇଥିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମେଳନର ଶୁକ୍ରବାର ଥିଲା ଉଦ୍‌ଯାପନୀ ଦିବସ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଯାପନ ସମାରୋହର ମୁଖ୍ୟ ଅତିଥି ସାଜିଥିଲେ। ଏହି ଅବସରରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିସହ ପ୍ରବାସୀମାନେ ଓଡ଼ିଶାର ଐତିହ୍ୟ, କଳା ସଂସ୍କୃତିର ଝଲକ ଦେଖିବାକୁ ପାଇଛନ୍ତି।




























ସନ୍ତୁର ବାଦକ ଅଭୟ ସପୋରିଙ୍କ ବିଶେଷ କାର୍ଯ୍ୟକ୍ରମ।





ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୧/୨୦୨୫ | Bhubaneswar, Saturday, January 11/2025 | ପୃଷ୍ଠା-୧



**ପାଇଥିଲି ରକ୍ତରେ ଲିଖିତ ପ୍ରେମପତ୍ର**

'କହୋ ନା ପ୍ୟାର୍ ହେଁ' ରିଲିଜ ପରେ ପ୍ରଶଂସକଙ୍କ କ୍ରେଜ୍ ଏତେ ବଢ଼ିଥିଲା ଯେ, ରକ୍ତରେ ଲେଖା ପ୍ରେମପତ୍ର ମିଳିଥିଲା ବୋଲି ନାୟିକା ଅମିଷା ପଟେଲ କହିଛନ୍ତି।

୦୫

୧୪

**ମୀନା ସାନ୍ତାଙ୍କୁ ୨ ସ୍ୱର୍ଣ୍ଣ**

ବ୍ରହ୍ମପୁରରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନର ଦ୍ୱିତୀୟ ଦିବସରେ ଓଡ଼ିଶାର ମୀନା ସାନ୍ତା ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଛନ୍ତି।



# ମୁଁ ମଣିଷ, ଭୁଲ୍ କରିପାରେ: ମୋଦି

**ପ୍ରଥମ ପୋଡ୍‌କାଷ୍ଟ ସାକ୍ଷାତ୍କାର**

**ନୂଆଦିଲ୍ଲୀ,୧୦।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ପୋଡ୍‌କାଷ୍ଟ ଜରିଆରେ ନିଜ ଜୀବନୀ ଓ ରାଜନୀତି ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଜିରୋଧା ସହପ୍ରତିଷ୍ଠାତା ନିଖିଲ କାମାଥ୍‌ଙ୍କ ପୋଡ୍‌କାଷ୍ଟ ସିରିଜ୍ 'ପିପୁଲ୍ ବାଏ ଡବ୍ଲ୍ୟୁଟିଏଫ୍'ରେ ଜଣେ ଅତିଥି ଭାବେ ଉପସ୍ଥିତ ହୋଇ ମୋଦି ତାଙ୍କ ଜୀବନୀ, ଶିକ୍ଷା, ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା, ମୁଖ୍ୟମନ୍ତ୍ରିତ୍ୱ ସମୟ, ଭାରତର ବୈଷୟିକ ଅଗ୍ରଗତି, ସାମାଜିକ ଗଣମାଧ୍ୟମ, ରାଜନୀତି ଏବଂ ଔଦ୍ୟୋଗୀକରଣ ସହ ସେଗୁଡ଼ିକର ସାଦୃଶ୍ୟ ଆଦି ବିଭିନ୍ନ ପ୍ରସଙ୍ଗରେ ୨ ଘଣ୍ଟା ଧରି ଆଲୋଚନା କରିଥିଲେ। ବ୍ୟକ୍ତିଗତ ଅଭିଳାଷ ନୁହେଁ, ଜନସେବାକୁ ମିଶନ ଭାବେ ଗ୍ରହଣ କରିଥିବା ଲୋକେ ରାଜନୀତିରେ ଯୋଗଦେବା ଗୁରୁତ୍ୱପୂର୍ଣ୍ଣ। ରାଜନୀତିରେ ସଫଳତା ପାଇଁ ଲୋକଙ୍କ ସହ ଯୋଡ଼ିହୋଇ ରହିବା ଓ ତ୍ୟାଗ ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ନିଜର ଏକ ପୁରୁଣା ବକ୍ତବ୍ୟ ସମ୍ପର୍କରେ ମୋଦି କହିଛନ୍ତି, ମୁଁ ଜଣେ ମଣିଷ, ଭଗବାନ୍ ନୁହେଁ। ତେଣୁ ମୋର ଭୁଲ୍ ହୋଇପାରେ। ମୁଖ୍ୟମନ୍ତ୍ରୀ ଥିବାବେଳେ ମୋଦି ଏକଦା କହିଥିଲେ, ନିଜ ଉଦ୍ୟମରେ କୌଣସି ସୁଯୋଗ ହାତଛଡ଼ା ହେବାକୁ ଦେବେ ନାହିଁ। ସେ ନିଜ ପାଇଁ କିଛି କରିବେ ନାହିଁ ବୋଲି କହିବା ସହ ଜଣେ ମଣିଷ ହୋଇଥିବାରୁ ଭୁଲ୍ ହୋଇଯିବା ସ୍ୱାଭାବିକ ବୋଲି କହିଥିଲେ। ତେବେ ଖରାପ ଉଦ୍ଦେଶ୍ୟ ନେଇ ସେ ଭୁଲ୍ କରିବେ ନାହିଁ। ସେ ଏହାକୁ ତାଙ୍କ ଜୀବନର ମନ୍ତ୍ର କରିଥିବା କହିଛନ୍ତି।

ନିଜ ପିଲାଦିନର କଥା ମନେ ପକାଇ ମୋଦି କହିଛନ୍ତି, ସେ ତାଙ୍କ ପରିବାର ସଦସ୍ୟମାନଙ୍କ ଲୁଗାପଟା ଧୋଉଥିଲେ। ଏଥିପାଇଁ ତାଙ୍କୁ ପୁଷ୍କରିଣୀ ଯିବାକୁ ଅନୁମତି ମିଳିଥିଲା। ମୁଖ୍ୟମନ୍ତ୍ରୀ ହେବା ପରେ ସେ ତାଙ୍କ ସରକାରୀ ବାସଭବନକୁ ନିଜ ପୁରୁଣା ଦିନର ସାଙ୍ଗ ଓ ଶିକ୍ଷକମାନଙ୍କୁ ଆମନ୍ତ୍ରଣ କରିଥିଲେ। ତେବେ ସାଙ୍ଗମାନେ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖୁଥିବାବେଳେ ମୋଦି ସେମାନଙ୍କଠାରେ ନିଜ ସାଙ୍ଗଙ୍କୁ ଦେଖିବାକୁ ଉଦ୍ୟମ କରୁଥିଲେ ବୋଲି କହିଛନ୍ତି।

୨୦୦୨ ଫେବୃଆରୀ ୨୪ ଗୋଧ୍ରା ଟ୍ରେନ୍ ପୋଡ଼ି ଘଟଣାକୁ ମନେପକାଇ ସେ ସମୟର ନବନିର୍ବାଚିତ ବିଧାୟକ ଭାବେ ସେ ନିଜ କଠିନ ପରୀକ୍ଷା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ସେ ବିଧାୟକ ହେବାର ୩ ଦିନ ପରେ ଗୋଧ୍ରାରେ ଟ୍ରେନ୍‌ପୋଡ଼ି ଘଟଣା ଘଟିଥିଲା। ମୋଦି ଘଟଣାସ୍ଥଳକୁ ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ଅଫିସରମାନେ ତାଙ୍କ ପାଇଁ ହେଲିକପ୍ଟରର ଆୟୋଜନ କରିଥିଲେ। ତେବେ ସେ ଭିଆଇପି ନୁହନ୍ତି, ଜଣେ ସାଧାରଣ ମଣିଷ ବୋଲି ମୋଦି କହିଥିଲେ। ବିପଦ ଆଶଙ୍କା ସତ୍ତ୍ୱେ ସେ ଓଏନ୍‌ଜିସି ହେଲିକପ୍ଟର ଯୋଗେ ଗୋଧ୍ରା ଯାଇ ଯନ୍ତ୍ରଣାଦାୟକ ଦୃଶ୍ୟ ଦେଖିଥିଲେ ଓ ମୁଖ୍ୟମନ୍ତ୍ରୀ ଭାବେ ନିଜ ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖିଥିଲେ।

ପ୍ରଧାନମନ୍ତ୍ରୀ ନିଜକୁ କେବେ ଆରାମଦାୟକ ଜୋନ୍‌ରେ ରଖିନାହାନ୍ତି ଏବଂ ☞ପୃଷ୍ଠା-୨



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ସାକ୍ଷାତକାର ନେଉଛନ୍ତି ଜିରୋଧା ସହପ୍ରତିଷ୍ଠାତା ନିଖିଲ କାମାଥ୍।

# ହିନ୍ଦୀ ରାଷ୍ଟ୍ରଭାଷା ନୁହେଁ: ଆର୍. ଅଶ୍ୱିନ୍

**ନୂଆଦିଲ୍ଲୀ,୧୦।୧**



କେନ୍ଦ୍ର ସରକାର ହିନ୍ଦୀ ଭାଷାର ପ୍ରସାର ଉପରେ ଜୋର୍ ଦେଉଥିବାବେଳେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଏହାର ଦୃଢ଼ ବିରୋଧ କରିଆସୁଛନ୍ତି। ଶେଷରେ କ୍ରିକେଟର ରବିଚନ୍ଦ୍ରନ୍ ଅଶ୍ୱିନ ମଧ୍ୟ ହିନ୍ଦୀ ବିରୋଧୀ ଅଭିଯାନରେ ନିଜକୁ ସାମିଲ କରିଛନ୍ତି। ହିନ୍ଦୀ ଭାରତର ରାଷ୍ଟ୍ରଭାଷା ନୁହେଁ ବୋଲି ଅଶ୍ୱିନୀ ମନ୍ତବ୍ୟ ଦେଇ ଚର୍ଚ୍ଚା ପରିସରକୁ ଆସିଛନ୍ତି। ତାମିଲନାଡୁର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ସ୍ନାତକ ଉତ୍ସବରେ ଯୋଗଦେଇ କ୍ରିକେଟର କହିଥିଲେ, ହିନ୍ଦୀ ଆମ ରାଷ୍ଟ୍ରଭାଷା ନୁହେଁ, ଏକ ସରକାରୀ ଭାଷା। ତାଙ୍କର ଏହି ମନ୍ତବ୍ୟ ବିତର୍କ ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଏହି ପରିପ୍ରେକ୍ଷୀରେ ତାମିଲନାଡୁ ଭାଜପା ସଭାପତି କେ.ଆନ୍ନାମଲାଇ କ୍ରିକେଟର ଅଶ୍ୱିନଙ୍କ ମନ୍ତବ୍ୟକୁ ଯୁକ୍ତିଯୁକ୍ତ ଦର୍ଶାଇ ସମର୍ଥନ ଜଣାଇଛନ୍ତି।

ତାମିଲନାଡୁରେ ହିନ୍ଦୀକୁ ତୀବ୍ର ବିରୋଧ କରାଯାଇଥାଏ। ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ର ଇଂଲିଶ କିମ୍ବା ତାମିଲରେ ପ୍ରଶ୍ନ କରିବାକୁ ପସନ୍ଦ କରନ୍ତି ନା ହିନ୍ଦୀରେ ପଚାରିବାକୁ ଚାହିଁବେ ବୋଲି ଅଶ୍ୱିନୀ ଜାଣିବାକୁ ଚାହିଁଥିଲେ। ଅଧିକାଂଶ ଇଂଲିଶ ଏବଂ ତାମିଲରେ କହିବାକୁ ଚାହାନ୍ତି ବୋଲି ଉଚ୍ଚ ସ୍ୱରରେ କହିଥିଲେ। ତେବେ ହିନ୍ଦୀରେ କେହି ପ୍ରଶ୍ନ କରିବାକୁ ଚାହାନ୍ତି କି ପଚରାଯିବାରୁ ହଠାତ୍ ସମସ୍ତେ ନୀରବ ହୋଇଯାଇଥିଲେ। ହିନ୍ଦୀ ଆମର ଜାତୀୟ ଭାଷା ନୁହେଁ, ବରଂ ଏହାକୁ ଏକ ସରକାରୀ ଭାଷା କୁହାଯିବା ଆବଶ୍ୟକ ବୋଲି ଅଶ୍ୱିନୀ ତାମିଲରେ କହିଥିଲେ। ତାମିଲନାଡୁର ଶାସକ ଡିଏମ୍‌କେ ସମେତ ବିରୋଧୀ ଦଳଗୁଡ଼ିକ ଅନେକ ସମୟରେ ହିନ୍ଦୀକୁ ବିରୋଧ କରି ମନ୍ତବ୍ୟ ଦେଇଆସିଛନ୍ତି। ଅଣହିନ୍ଦୀଭାଷୀ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ କେନ୍ଦ୍ର ସରକାର ହିନ୍ଦୀ ଭାଷାକୁ ଲଦିଦେବାକୁ ଉଦ୍ୟମ କରୁଥିବା ସେମାନେ ଅଭିଯୋଗ କରିଆସୁଛନ୍ତି।

# ଡଲାର=୮୫.୯୭ ଟଙ୍କା




**ମୁମ୍ବାଇ,୧୦।୧**

ଭାରତୀୟ ଟଙ୍କା ଶୁକ୍ରବାର ତଳକୁ ଖସିବାର ସର୍ବକାଳୀନ ରେକର୍ଡ ପୁଣି ଭାଙ୍ଗିଛି। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୮୫.୯୭ ଟଙ୍କା ରହିଛି। ଗୁରୁବାର ସେସନ୍‌ରେ ଏହା ୮୫.୯୩ ଟଙ୍କା ରହିଥିବାବେଳେ ଆମେରିକା ଲେବର ମାର୍କେଟ ଡେଟା ଆସିବା ପୂର୍ବରୁ ଶୁକ୍ରବାର ଭାରତୀୟ ମୁଦ୍ରା ୪ ପଇସା ଶସ୍ତା ହୋଇ ଆହୁରି ଦୁର୍ବଳ ହୋଇଯାଇଛି। ଆଉ ମାତ୍ର ୩ ପଇସା ଶସ୍ତା ହେଲେ ଏହା ୮୬ ଟଙ୍କାକୁ ଖସିବ। ଆଉ ଦିନେ କିମ୍ବା ଦୁଇଦିନର କାରବାରରେ ଟଙ୍କା ଏହି ସ୍ତରକୁ ଖସିପାରେ ବୋଲି ଏକ ବିଦେଶୀ ବ୍ୟାଙ୍କର ଜଣେ ଟ୍ରେଡର କହିଛନ୍ତି। ଅନ୍ୟପକ୍ଷେ ଡଲାର ଇଣ୍ଡେକ୍ସ ୧୦୯ରେ ରହିଛି। ଡଲାର ସବଳ ହେଲେ ଟଙ୍କାର ଆହୁରି ଖରାପ ସ୍ଥିତି ଦେଖିବାକୁ ମିଳିପାରେ ବୋଲି ଅନୁମାନ କରାଯାଉଛି।

**ଆଜିର ସମ୍ପାଦକୀୟ** ବଦଳି ନାଟକ

# ଜେଲ ଫେରିଲେ ହଂସିତା, ଅନିଲ

**ଭୁବନେଶ୍ୱର,୧୦।୧**
**(ସୂର୍ଯ୍ୟକାନ୍ତ ବେହେରା)**

**ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ, ଜ୍ୱାଇଁ ପରିଚୟ ଦେଇ ଠକେଇ ଘଟଣା**

- ୨ ଦାମୀ କାର୍ ଜବତ
- ୫ ଗାଡିର କିଣାବିକା ଉପରେ ରୋକ୍ ଲଗାଇବାକୁ ଆୟକର ବିଭାଗର ଚିଠି

ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁ ପରିଚୟ ଦେବା ସହ ନାମ ପରିବର୍ତ୍ତନ କରି ବଡ଼ବଡ଼ିଆଙ୍କୁ ଠକୁଥିବା ହାଇପ୍ରୋଫାଇଲ୍ ଠକ ଯୋଡ଼ି ହଂସିତା ଅଭିଲିପ୍ସା ଓରଫ ବିଷ୍ଣୁପ୍ରିୟା ଚାନ୍ଦ ଓରଫ ରାକ୍ଷୀ ଓ ଅନିଲ କୁମାର ମହାନ୍ତିଙ୍କ ଠକେଇ ସାମ୍ରାଜ୍ୟର ନୂଆ ଗୁମର ପଦାକୁ ଆସିଛି। ଉଭୟଙ୍କୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଦିନିକିଆ ରିମାଣ୍ଡରେ ଆଣି ଆୟକର ଟିମ୍ ସହ ମାରାଥନ ଜେରା କରିଥିଲା। ଶୁକ୍ରବାର ରିମାଣ୍ଡ ଅବଧି ସରିବା ପରେ କୋର୍ଟରେ ହାଜର କରିଥିଲା ସ୍ପେଶାଲ କ୍ରାଇମ୍ ୟୁନିଟ୍। ପରେ ଉଭୟଙ୍କୁ ପୁଣି ଝାରପଡା ଜେଲ ପଠାଇ ଦିଆଯାଇଛି। ଏପଟେ ଅନିଲଙ୍କ ଓକିଲ ପ୍ରଶାନ୍ତ ପରିଡା ଜାମିନ ପାଇଁ ଆବେଦନ କରିଥିବାରୁ ଆସନ୍ତା ୧୩ରେ ଜାମିନ ଆବେଦନର ଶୁଣାଣି ହେବ। ସେହିପରି ସମାନ ତାରିଖରେ ପୋଲିସ ମଧ୍ୟ କେସ୍ ଡାଏରୀ (ସିଡି) ଦାଖଲ କରିବ ବୋଲି ସୂଚନା ମିଳିଛି। ତେବେ ରିମାଣ୍ଡ ବେଳେ ଉଭୟ ଠକ ଯୋଡି କାହା ନାମ ନ ନେଇ ଆମକୁ ଫସାଇ ଦିଆଯାଇଥିବା ଗଣମାଧ୍ୟମ ଆଗରେ କହିଥିଲେ। ଏହାସତ୍ତ୍ୱେ ଉଭୟଙ୍କୁ ପୋଲିସ ଓ ଆୟକର ଟିମ୍ ପଚରାଉଚରା କରି ବହୁ ତଥ୍ୟ ହାସଲ କରିବା ସହ ଗୋଟିଏ ପରେ ଗୋଟିଏ ଦାମୀ ଗାଡି ଓ ଫ୍ଲାଟ୍ ଠାବ କରିଥିବା ଜଣାପଡିଛି। ଇତିମଧ୍ୟରେ ବହୁକୋଟିମୂଲ୍ୟର ଗୋଟିଏ ପୋର୍ସେ ଓ ଅନ୍ୟଟି ମର୍ସିଡିଜ୍ ଗାଡିକୁ ଜବତ କରାଯାଇଥିବାବେଳେ ଅନ୍ୟସବୁ ଗାଡିର ଖୋଳତାଡ଼ ଚାଲିଛି। ଅନିଲ, ହଂସିତା ବ୍ୟବହାର କରୁଥିବା ୫ଟି ଗାଡି ହଂସିତାଙ୍କ ଅନ୍ୟତମ ସ୍ୱାମୀ ସରୋଜ ସାହୁ ଓ ତାଙ୍କ ସଂସ୍ଥାଙ୍କ ନାମରେ ଏବଂ ଆଉ ଦୁଇଟି ଗାଡି ଅନ୍ୟ ଲୋକଙ୍କ ନାଁରେ ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେଣୁ ତଦନ୍ତ ନ ସରିବା ପର୍ଯ୍ୟନ୍ତ ୫ ଗାଡିର କିଣାବିକା ☞ପୃଷ୍ଠା-୨



ଅନିଲ କୁମାର ମହାନ୍ତି ଓ ହଂସିତା ଅଭିଲିପ୍ସା

# ତେଲଙ୍ଗାନାରେ ସଡ଼କ ଦୁର୍ଘଟଣା: ୫ ଓଡ଼ିଆଙ୍କ ମୃତ୍ୟୁ



ଦୁର୍ଘଟଣାଗ୍ରସ୍ତ ବସ୍

**ମାଲକାନଗିରି,୧୦।୧**
**(ଦୁର୍ଯ୍ୟୋଧନ ପାତ୍ର)**

ତେଲଙ୍ଗାନାର ସୁର୍ୟାପେଟ୍ ଜିଲାରେ ଶୁକ୍ରବାର ଭୋର ସମୟରେ ଏକ ସଡ଼କ ଦୁର୍ଘଟଣାରେ ୪ ଦାଦନ ଶ୍ରମିକଙ୍କ ସମେତ ୫ ଜଣ ଓଡ଼ିଆଙ୍କ ମୃତ୍ୟୁ ଘଟିଛି। ଏଥିସହିତ ଅନ୍ୟ ୨୦ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକମାନେ ହେଲେ କୋରାପୁଟ ଜିଲା କାମତା ଗ୍ରାମର ରୁପୁ ହରିଜନ (୫୧), ସୁଲୁ ହରିଜନ (୪୬), ସୁନାମଣି ହରିଜନ (୬୧), ନବରଙ୍ଗପୁର ଜିଲା ହାତୀଗୁଡା ଗ୍ରାମର ପ୍ରତ୍ୟୁଷ ପ୍ରଭାତ ହରିଜନ (୧୭) ଓ ବସ୍ ଡ୍ରାଇଭର ନବରଙ୍ଗପୁର ଜିଲା ତୁମ୍ବାର୍ଲା ଅଞ୍ଚଳ ଲହରିକାନୀ ଗ୍ରାମର ସୁନୀଲ ଗରଡା (୩୭)। ତେଲଙ୍ଗାନା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, ☞ପୃଷ୍ଠା-୨

# ହଲିଉଡ଼ରେ ହାହାକାର

## ଲସ୍‌ଏଞ୍ଜେଲ୍ସ ବନାଗ୍ନିର କାରଣ ଖୋଜୁଛନ୍ତି ତଦନ୍ତକାରୀ

**ଲସ୍‌ଏଞ୍ଜେଲ୍ସ/ୱାଶିଂଟନ୍,୧୦।୧**

ଆମେରିକା କାଲିଫର୍ନିଆସ୍ଥିତ ଲସ୍‌ଏଞ୍ଜେଲ୍ସ ବନାଗ୍ନି ଅନ୍ୟୂନ ୧୦ ଜଣଙ୍କ ଜୀବନ ନେବା ସହ ଅନେକ ଲକ୍ଷ ଲୋକଙ୍କ ଘରଦ୍ୱାରକୁ ଭସ୍ମୀଭୂତ କରିଦେଇଛି। ପାସିଫିକ୍ ପାଲିସାଡେସ୍ ଓ ପାସାଡେନା ଉପକୂଳ ଜଙ୍ଗଲରେ ମଙ୍ଗଳବାରଠାରୁ ଲାଗିଥିବା ନିଆଁ ଭୟଙ୍କର ରୂପ ଧାରଣ କରିଥିବାବେଳେ ଏହାକୁ ଆୟତ୍ତ କରିବାରେ ସରକାରୀ କଳ ବିଫଳ ହୋଇଛି। ଏଭଳି ସମୟରେ ତଦନ୍ତକାରୀମାନେ ବନାଗ୍ନିର ଉତ୍ପତ୍ତିସ୍ଥଳ ଓ ଏହାର କାରଣ ଖୋଜିବା ଆରମ୍ଭ କରିଦେଇଛନ୍ତି। ଲସ୍‌ଏଞ୍ଜେଲ୍ସରେ ହଲିଉଡ୍‌ର ଅନେକ ଅଭିନେତ୍ରୀ ଅଭିନେତାଙ୍କ ବିଳାସପୂର୍ଣ୍ଣ କୋଠା ରହିଥିଲା, ଯାହାକି ଜଙ୍ଗଲ ନିଆଁ ଯୋଗୁ ଜଳିପୋଡ଼ି ପାଉଁଶ ହୋଇଯାଇଛି। ବାସହରା ହୋଇ ଅନ୍ୟତ୍ର ପଳାୟନ କରିଥିବା ସେଲିବ୍ରିଟିଙ୍କ ମଧ୍ୟରେ ରହିଛନ୍ତି ଜାମିଏ ଲି କୁର୍ଟିସ୍, ବିଲି କ୍ରିଷ୍ଟାଲ। ଏମାନଙ୍କ ଘର ଘଞ୍ଚ ଜଙ୍ଗଲ ସଂଲଗ୍ନ ପିଏଡ୍ରା ମୋରାଡା ଡ୍ରାଇଭ୍‌ରେ ରହିଥିଲା। ଆମେରିକାରେ ଜଙ୍ଗଲ ନିଆଁ ପାଇଁ ମୁଖ୍ୟତଃ ବଜ୍ରପାତକୁ ଦାୟୀ କରାଯାଉଥିବାବେଳେ ତଦନ୍ତକାରୀମାନେ ସଦ୍ୟ ବନାଗ୍ନି ପଛରେ ଏହି କାରଣକୁ ଖଣ୍ଡନ କରିଥିବା ନ୍ୟାଶନାଲ ଫାୟାର ପ୍ରୋଟେକ୍ସନ ଆସୋସିଏଶନ୍ ପକ୍ଷରୁ କୁହାଯାଇଛି। ଲସ୍‌ଏଞ୍ଜେଲ୍ସ କାଉଣ୍ଟିରୁ ଆରମ୍ଭ ହୋଇ ଚାରିଆଡ଼େ ନିଆଁ ବ୍ୟାପିଥିଲା। କିନ୍ତୁ ପାଲିସାଡେସ୍ ଅଞ୍ଚଳରେ କୌଣସି ବଜ୍ରପାତ ହୋଇ ନ ଥିବା ଜଣାପଡ଼ିଛି। ଅନ୍ୟ ୨ଟି କାରଣକୁ ନେଇ ମଧ୍ୟ ଅନୁଧ୍ୟାନ ଚାଲିଛି। ଗୋଟିଏ ହେଲା ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଯିବା ଓ ଅନ୍ୟଟି ୟୁଟିଲିଟି ଲାଇନ୍ସରୁ ସୃଷ୍ଟି ହେବା। ୧୯୯୧ ଓକ୍‌ଲାଣ୍ଡ ହିଲ୍ସ ଫାୟାର ସମେତ କାଲିଫର୍ନିଆ ନିଆଁ ସମ୍ପର୍କରେ ପୂର୍ବରୁ ତଦନ୍ତ କରିଆସିଥିବା ଫ୍ଲୋରିଡାର ସାଇଣ୍ଟିଫିକ୍ ଫାୟାର ଆନାଲିସିସ୍ ମାଲିକ ଜନ୍ ଲେଣ୍ଟିନି କହିଛନ୍ତି, ନିଆଁ ଯେତିକି ଅଞ୍ଚଳକୁ ବ୍ୟାପିଛି, ତାକୁ ଅନୁଧ୍ୟାନ କଲେ ଏହାର ପ୍ରକୃତ କାରଣ ନେଇ କିଛି ଜଣାପଡୁନାହିଁ। ପ୍ରଥମେ ଏହା କେଉଁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଲାଗିଥିଲା, ତା' ଉପରେ ଫୋକସ୍ ☞ପୃଷ୍ଠା-୨



> ଲସ୍‌ଏଞ୍ଜେଲ୍ସ ଜଙ୍ଗଲ ନିଆଁର ସିଧା ପ୍ରସାରଣ ମୁଁ ଟିଭିରେ ଦେଖିଛି। ନିଜ ଘର ଜଳିଯାଉଥିବାବେଳେ ସେହି ଅବର୍ଣ୍ଣନୀୟ ଦୃଶ୍ୟକୁ ଦେଖି ଧୈର୍ଯ୍ୟ ଧରିବା ମୋ ପାଇଁ କଷ୍ଟକର ଥିଲା।
>
> **-ପ୍ୟାରିସ୍ ହିଲ୍‌ଟନ୍, ହଲିଉଡ୍ ସେଲିବ୍ରିଟି**



ଲସ୍‌ଏଞ୍ଜେଲ୍ସର ୱେଷ୍ଟ୍ ହିଲ୍ସ ଜଙ୍ଗଲ ନିଆଁ ଲିଭାଇବା ପାଇଁ ହେଲିକପ୍ଟର ଜରିଆରେ ଜଳ ସିଞ୍ଚନ କରାଯାଉଛି।

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା୧୩।୦୧।୨୦୨୫ରିଖ** ଦିନ ମୁଖ୍ୟମନ୍ତ୍ରୀଙ୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-23001/11/0002/2425

ମସ୍କୋ: ଆସନ୍ତା ଫେବୃଆରୀରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ୩ ବର୍ଷ ପୂରିବାକୁ ଯାଉଛି। ଇତିମଧ୍ୟରେ ଆମେରିକା ୟୁକ୍ରେନ୍‌କୁ ଅନେକ ପର୍ଯ୍ୟାୟରେ ମୋଟ ୬୬ ବିଲିୟନ୍ ଡଲାରର ସହାୟତା ପ୍ରଦାନ କରିସାରିଲାଣି। ଆସନ୍ତା ୨୦ରେ ଆମେରିକାର ନୂଆ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବା ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧାବସାନ ଉପରେ ଜୋର୍ ଦେଉଛନ୍ତି। ଆଲୋଚନା ଜରିଆରେ ଏହାର ସମାଧାନ କରିବେ ବୋଲି ସେ ପ୍ରସ୍ତାବ ଦେଇଛନ୍ତି। ଏହାକୁ କ୍ରେମ୍‌ଲିନ୍ ପକ୍ଷରୁ ସ୍ୱାଗତ କରାଯାଇଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ନିଜ 'ଶାନ୍ତି ଜରିଆରେ ଶକ୍ତି' ପ୍ରସ୍ତାବକୁ ସମର୍ଥନ କରିବା ପାଇଁ ଟ୍ରମ୍ପଙ୍କ ସହାୟତା ଲୋଡ଼ିଛନ୍ତି। ଜେଲେନ୍‌ସ୍କି ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)ର ସୁରକ୍ଷା ଏବଂ ପାଶ୍ଚାତ୍ୟଠାରୁ ନିରାପତ୍ତା ଗ୍ୟାରେଣ୍ଟି ଆଶାରେ ଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦ ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ ରୌପ୍ୟ ଜୟନ୍ତୀ ମହୋତ୍ସବ, ସ୍ଥାନ: ବର୍ଣ୍ଣାଳୀ ମୁକ୍ତାକାଶ ରଙ୍ଗମଞ୍ଚ, ରାଜ୍ୟ ସଂଗ୍ରହାଳୟ, ସମୟ: ସକାଳ ୮ଟା ୩୦।
- ଟାଇମ୍ ପକ୍ଷରୁ ଜିଡିପିଆଇ ସଂକ୍ରାନ୍ତୀୟ କର୍ମଶାଳା, ସ୍ଥାନ: ଦ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ, ସମୟ: ସକାଳ ୯ଟା।
- ଷ୍ଟୁଆର୍ଟ ସ୍କୁଲ ଭୁବନେଶ୍ୱର ପକ୍ଷରୁ ୬୪ତମ ବାର୍ଷିକ ବିଜ୍ଞାନ ଏବଂ କଳା ପ୍ରଦର୍ଶନୀ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ଟା ୩୦।
- ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ପକ୍ଷରୁ ଆଲୋଚନାଚକ୍ର ଏବଂ ଓଡ଼ିଶା ମାଥ୍‌ମେଟିକାଲ ସୋସାଇଟିର ୫୨ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ୟୁନିଟ-୬ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଦିବାସୀ ମେଳା, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।
- ୱାର୍ଲ୍ଡ ଓଡ଼ିଶା ସୋସାଇଟି ପକ୍ଷରୁ ପ୍ରବାସୀ ଓଡ଼ିଆ ଦିବସ, ସ୍ଥାନ: ମେଫେୟାର ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ୟୁରୋଲୋଜିକ ଅନ୍‌କୋଲୋଜି ଏବଂ ୟୁରୋପାଥୋଲୋଜି ସଂକ୍ରାନ୍ତୀୟ ସମ୍ମିଳନୀ, ସ୍ଥାନ:କିମ୍ସ ଅଡିଟୋରିୟମ, ସମୟ: ସନ୍ଧ୍ୟା ୬ଟା।
- ଗୀତ ଗୀତିକା ର ୧୪ତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଭାଗବତ ପାରାୟଣ ଏବଂ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ନହରକଣ୍ଟା (ଖ) ସ୍ଥିତ ମାରୁତି ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୬ଟା।

## କଟକ

- ହାଇକୋର୍ଟ ପକ୍ଷରୁ ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭସ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, ସମୟ: ଅପରାହ୍ନ ୩ଟା ୩୦।
- ଓଡ଼ିଶୀ ନୃତ୍ୟମଣ୍ଡଳ ପକ୍ଷରୁ ୨୪ତମ ବାରବାଟୀ ନୃତ୍ୟୋତ୍ସବର ଉଦ୍‌ଘାଟନ, ସ୍ଥାନ: କଟକ ସାରଳା ଭବନ, ସମୟ: ଅପରାହ୍ନ ୫ଟା।
- ଭାଗବତ ସଂସ୍ଥାପନା ସମିତିର ୧୭ତମ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଶୂନ୍ୟବ୍ରହ୍ମ ଆଶ୍ରମ ପରିସର, ଜଗତପୁର, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜଗନ୍ନାଥ କଥାମୃତ ଓ ଭଜନ ସମାରୋହ, ସ୍ଥାନ: ଶ୍ରୀ ଶ୍ରୀ ପୁରୁଷୋତ୍ତମଜୀଉ ମନ୍ଦିର ପ୍ରାଙ୍ଗଣ, ଖାନ୍‌ନଗର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଆରିୟନ୍ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ କ୍ୟାରମ୍ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ ଶହୀଦ ଭବନ, ନିମାପଡ଼ା, ସମୟ: ପୂର୍ବାହ୍ନ ୯ଟା।

## ଖୋର୍ଦ୍ଧା

- .ଅହମ୍ମଦୀୟା ମୁସଲିମ 'ଜମାତ'ର ରାଜ୍ୟସ୍ତରୀୟ ବାର୍ଷିକୋତ୍ସବ, ସ୍ଥାନ: କେରଙ୍ଗ ଜାମ୍ମା ମସଜିଦ୍ ପରିସର, ସମୟ: ସକାଳ ୯ଟା ୩୦।
- ଗିନି କପ୍ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଖୋର୍ଦ୍ଧା ଜିଲା ଓକିଲ ସଂଘ ବାର୍ଷିକୋତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ଖୋର୍ଦ୍ଧା କୋର୍ଟ ପରିସର, ସମୟ: ଅପରାହ୍ନ ୪ଟା

## ବାଲେଶ୍ୱର

- ରାଜ୍ୟସ୍ତରୀୟ ପେଟ୍ରିଟ୍ରିକ୍ ଫେଷ୍ଟିଭାଲ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁମିଳନ ପର୍ବ, ସ୍ଥାନ: ଭଗବାନପୁର ଫାର୍ମ ହାଉସ୍ ବୈଠକ ବଙ୍ଗଳା, ରୂପସା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ତଥାସ୍ତୁ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା, ସ୍ଥାନ: କୁଳେଇପଦା ପଡ଼ିଆ, ସମୟ: ସକାଳ ୮ଟା।
- ଅଲ୍ ଓଡ଼ିଶା ମହାବୀର କପ୍‌ର ୩ୟ ଦିବସ, ସ୍ଥାନ: ଚରମ୍ପା ରେଲୱେ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ଯବାନ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଦ୍ୱାଦଶ ଶହୀଦ ସ୍ମୃତି ସମାରୋହ, ସ୍ଥାନ: ରାଜଘରପୋଖରୀ ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ସକାଳ ୯ଟା।

## କେନ୍ଦୁଝର

- ଶନିଙ୍କ ମନ୍ଦିରରେ ପୂଜା, ହୋମ, ମେଳା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ହାଟଡ଼ିହୀ, ସମୟ: ସକାଳ ୮ ଏବଂ ସନ୍ଧ୍ୟା ୬ ଟା।
- ସମ୍ଭାଗସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ନେହେରୁ ଷ୍ଟାଡ଼ିୟମ, ଚମ୍ପୁଆ, ସମୟ: ସକାଳ ୯ ଟା।
- କାୟାକଳ୍ପ ଟିମ୍‌ର ପାଟଣା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ, ସ୍ଥାନ: ପାଟଣା ମୁଖ୍ୟାଳୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ଅପରାହ୍ନ ୩ ଟା।

## ମୟୂରଭଞ୍ଜ

- କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ:କାଦୁଆଣି କ୍ରିକେଟ ପଡ଼ିଆ,ମୋରଡ଼ା,ସମୟ:ପୂର୍ବାହ୍ନ ୧୧ଟା।
- ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବେଲପାଳ, ବଡ଼ସାହି,ସମୟ: ଅପରାହ୍ନ ୨ଟା।

## ଢେଙ୍କାନାଳ

- ଟାଟାଷ୍ଟିଲ ପକ୍ଷରୁ କପିଳାସ ହାଫ୍ ମାରାଥନ, ସ୍ଥାନ: କପିଳାସ ପାଦଦେଶ ପାର୍କିଂ ସ୍ଥଳ, ସମୟ: ସକାଳ ୭ଟା୩୦।
- ବଜରଙ୍ଗ କ୍ଲବର ଆଗ୍ନେୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମିନି ଷ୍ଟାଡିୟମ ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଦାରୁବ୍ରହ୍ମ କ୍ଲବର ୨୦ତମ ବାର୍ଷିକ ଉତ୍ସବ ଉପଲକ୍ଷେ ୨ ଦିନିଆ କଳାମଞ୍ଚ କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ସିଏଚ୍‌ଏ କଲୋନୀ, ମଧୁବନ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ପକ୍ଷରୁ ବିବେକାନନ୍ଦ ଜୟନ୍ତୀ ଓ ଦୁଇ ଦିନିଆ ଜାତୀୟ ଯୁବ ଦିବସ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ) ଆୟୋଜିତ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ଗ୍ରାଉଣ୍ଡ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରିସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଧର୍ମଶାଳା ପ୍ରେସ୍ କ୍ଲବ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ରାମଚରିତ ମାନସର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳାସ୍ଥ ଜଗନ୍ନାଥ ମନ୍ଦିର, ସମୟ: ସକାଳ ସାଢ଼େ ୭ଟା।
- ରାଜ୍ୟ ସ୍ତରୀୟ ଖଳିସାହି କପ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର ଖଳିସାହି ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଜିଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ, ସ୍ଥାନ: ଜିଏଆଇଏସିଆର ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ।

## କୋରାପୁଟ

- ଶ୍ରୀ ଅନ୍ନ ଯୋଜନା ଅନ୍ତର୍ଜାତୀୟ ସେମିନାର, ସ୍ଥାନ: ସିୟୁଓ ସୁନାବେଡା କ୍ୟାମ୍ପସ, ସୁନାବେଡା, ସମୟ: ପୂର୍ବାହ୍ନ ୧୦ ଟା।
- ଆକାଂକ୍ଷା ଜିଲା ଓ ବ୍ଲକ ଆଲୋଚନା ଚକ୍ର, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ:ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ଜିଲାସ୍ତରୀୟ ଜୁନିଅର ରେଡ଼କ୍ରସ୍ ଶିକ୍ଷା ପ୍ରଶିକ୍ଷଣ ଶିବିର, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି, ସମୟ:ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ଓରମାସ ଆୟୋଜିତ ପଲ୍ଲିଶ୍ରୀ ମେଳା ୨୦୨୫, ସ୍ଥାନ: ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୪୫।
- ଜିଲା କୁଲତା ସମାଜ ଆୟୋଜିତ କୁଲତା ମହୋତ୍ସବ-୨୦୨୫ ସକାଶେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଦାନୀପାଲିସ୍ଥିତ ରାମଚଣ୍ଡି ସେବା ସଦନ, ସମୟ: ଅପରାହ୍ନ ୩ଟା।

## ବଲାଙ୍ଗୀର

- ଲୋଇସିଂହା ଓ ଆଗଲପୁର ବ୍ଲକର ବିବିଧ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଯୋଗଦାନ, ସମୟ: ସକାଳ ସାଢ଼େ ୯ରୁ ଅପରାହ୍ନ ୪ଟା।
- ଜିନ୍ଦାବାଦ ସଙ୍ଗଠନ ପକ୍ଷରୁ 'ପ୍ରକୃତିର ବରଦାନ ରତ୍ନଗର୍ଭା ଗନ୍ଧମାର୍ଦ୍ଦନ: ଆମ ଅସ୍ମିତା' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଯାଦବ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।

## ସୁବର୍ଣ୍ଣପୁର

- ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ସୋନପୁର ରୟାଲ ପଡ଼ିଆ, ସମୟ: ଅପରାହ୍ନ ୨ଟା ୩୦।

## ଝାରସୁଗୁଡ଼ା

- ଭାଗବତ ପଠନ କାର୍ଯ୍ୟକ୍ରମ, ସ୍ଥାନ: ଝିଖଳାପାଲି, ସମୟ: ସକାଳ ୭ଟା।
- ଦ୍ୱିଦିବସୀୟ ଜେସିଆଇ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ସରବାହାଲ ଖେଳ ପଡ଼ିଆ, ସମୟ: ସକାଳ ୯ଟା।
- ଏକାଦଶୀ ଉତ୍ସବ ଉପଲକ୍ଷେ ବ୍ରାହ୍ମଣଙ୍କ ଦ୍ୱାରା ବିଷ୍ଣୁ ସହସ୍ର ନାମ ପଠନ, ସ୍ଥାନ: ପଞ୍ଚଗାଁ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ଲାଷ୍ଟିକ ବ୍ୟବହାର ନ କରିବା ସମ୍ବନ୍ଧରେ ସଚେତନତା ସଭା, ସ୍ଥାନ: କପିଳାସପୁର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଆକ୍ୟୁପ୍ରେସର ସମ୍ମିଳନୀର ୨ୟ ଦିବସ, ସ୍ଥାନ: ସେକ୍ଟର--୨ ଗାୟତ୍ରୀ ମନ୍ଦିର, ସମୟ: ସକାଳ ୮ଟା ୩୦।
- ହୃଷୀକେଶ ରାୟ କନିଷ୍ଠ ମହାବିଦ୍ୟାଳୟର ୩୯ତମ ବାର୍ଷିକ ଉତ୍ସବ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ୩ ଦିନିଆ ଦଶମ ଶ୍ରେଣୀ ମେଧାୀ ଆବାସିକ ଶିକ୍ଷାର୍ଥୀଙ୍କ ନିମନ୍ତେ ଶିକ୍ଷଣ ଶିବିର ଉଦ୍‌ଯାପିତ ଉତ୍ସବ, ସ୍ଥାନ: ଟାଉନ ଉଚ୍ଚ ବିଦ୍ୟାଳୟ ଦେବଗଡ଼, ସମୟ: ସକାଳ ୯ଟା୩୦।

## କଳାହାଣ୍ଡି

- ରାଜ୍ୟସ୍ତରୀୟ ଶିକ୍ଷା ଶିବିର, ସ୍ଥାନ: ଜୁନାଗଡ଼ ଶହୀଦ ରେଣ୍ଡୋ ମାଝୀ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଜୁନାଗଡ଼ କୁରୁଗୁଡା ଏସ୍‌ଏସ୍‌ଡି ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଏକାଦଶୀ ଉପଲକ୍ଷେ ଦୀପ ପ୍ରଜ୍ୱଳନ ଓ ଭାଗବତ ପଠନ, ସ୍ଥାନ: ବୋଡେନ ବ୍ଲକ ରୋକାଲ ପଞ୍ଚାୟତ ତାରାପୁର ଗାଁ ଜଗନ୍ନାଥ ମନ୍ଦିର, ସମୟ: ପ୍ରାତଃ ୪ଟା ୩୦ ଓ ସନ୍ଧ୍ୟା ୬ଟା।

## ବୌଦ୍ଧ

- ଷଷ୍ଠ ଖଡଙ୍ଗ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ବନ୍ଧଗୋରା, କନ୍ଧମାଳ, ବୌଦ୍ଧ, ସମୟ : ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ବକ୍ରୀ ମଙ୍ଗଳ ବାଧକାଧିପ ଶନିଙ୍କ ନକ୍ଷତ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ଣ୍ଣତଃ ଉପଶମ ହୋଇ ନ ପାରେ। ନିଜ ପରିସରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରର ଅସନ୍ତୋଷ ଆପୋସ ଆଲୋଚନା ଦ୍ୱାରା ସମାଧାନ ହୋଇପାରିବ। ଆର୍ଥିକ ସଂକଟ ମଧ୍ୟରେ ଗତିକରି ବିଚଳିତ ରହିପାରନ୍ତି ।

**ବୃଷ**: କର୍ମାଧିପଙ୍କ ସହ ରାଶ୍ୟାଧିପ ରହିଥିବାରୁ ଚିନ୍ତାଧାରା ଅନୁଯାୟୀ ପ୍ରତ୍ୟେକ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରିବେ। ପିଲାଙ୍କ ସ୍ୱାସ୍ଥ୍ୟ ଓ ପଢ଼ା ସମସ୍ୟା ନେଇ ଚିନ୍ତିତ ରହିବେ। ପ୍ରିୟଜନଙ୍କ ସହ ସମ୍ପର୍କ ଛିଣ୍ଡିଯାଉଥିବାରୁ ଭାବପ୍ରବଣ ହେବେ। ଲୋକସମ୍ପର୍କ, ବ୍ୟବସାୟିକ ସ୍ଥିତି, ପୂର୍ବସ୍ଥିରୀକୃତ କାର୍ଯ୍ୟ ଏବଂ ଯାତ୍ରାରୁ ସୁଫଳ ପାଇବେ।

**ମିଥୁନ**: ରବି ଯୁକ୍ତ ବୁଧ ହେତୁ କୌଣସି ହିତୈଷୀଙ୍କ ସାହାଯ୍ୟର ପ୍ରତିଶ୍ରୁତିରୁ ଦୁଷ୍ଟ ମାନସିକତାରେ ପରିବର୍ତ୍ତନ ଘଟିପାରେ। ଆର୍ଥିକ ଓ ପାରିବାରିକ ସ୍ଥିତିରେ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କର୍ମକ୍ଷେତ୍ରରେ ଅବହେଳିତ କାମ ସକାଶେ ଅନୁତାପ କରିବେ। ଶୁକ୍ରଙ୍କ ଶୁଭତ୍ୱରୁ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ**: ଏକାଦଶସ୍ଥ ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରୁ କାର୍ଯ୍ୟସିଦ୍ଧି, ବନ୍ଧୁପ୍ରୀତି, ଅର୍ଥଲାଭ, ଶୁଭଖବର। ଆଦି ପ୍ରାପ୍ତହେବ। ପରୋକ୍ଷ ଶତ୍ରୁତା ପ୍ରତ୍ୟେକ କାର୍ଯ୍ୟରେ ସମସ୍ୟା ସୃଷ୍ଟି କରିପାରିବ ନାହିଁ। ବ୍ୟବସାୟ, ପରିବହନ ଓ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଟେନସନ୍ ଲାଗିରହିବ। ସନ୍ତାନଙ୍କ ରୁଗ୍ଣ ସ୍ୱାସ୍ଥ୍ୟ ଓ ଏକଜିଦିଆ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ସିଂହ**: କୋଣଭାବସ୍ଥ ବୁଧାଦିତ୍ୟ ଯୋଗ ପ୍ରଭାବରେ ଆଜି ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି କାର୍ଯ୍ୟସାଧନ କରିବେ। ଲୋକସମ୍ପର୍କ, ସଙ୍ଗୀତ, ମନୋରଞ୍ଜନ କାର୍ଯ୍ୟକ୍ରମରେ ନିୟୋଜିତ ରହିବେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ସ୍ଥଗିତ କାମ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା**: ରାଶିରେ କବନ୍ଧଗ୍ରହ କେତୁ ରହିଥିବାରୁ ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ସମସ୍ୟାବହୁଳ ରହିବ। ସମ୍ପର୍କୀୟ ସମ୍ମୁଖରେ ହିତବାଣୀ ଶୁଣାଇ ପରୋକ୍ଷରେ ବିରୁଦ୍ଧାଚରଣ କରିବେ। ସାମାଜିକ କ୍ଷେତ୍ରରେ, ସଭାସମିତିରେ, ଆଲୋଚନାରେ ସମ୍ମାନ ପାଇବେ। ଯାତ୍ରା, ବାଣିଜ୍ୟ, ଶିଳ୍ପ, ପ୍ରକଳ୍ପାରମ୍ଭ ପାଇଁ କୌଣସି ଅସୁବିଧା ହେବନାହିଁ।

**ତୁଳା**: ଆଜି ଶୁକ୍ରଙ୍କ ସ୍ଥାନସ୍ଥିତିରୁ ବିଶିଷ୍ଟବ୍ୟକ୍ତିଙ୍କ ଗହଣରେ ସମୟ ଅତିବାହିତ କରିବେ। ନିଜର ଲୋକ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପରେ ପ୍ରଚାର କରିପାରନ୍ତି। ଘରୋଇ ବ୍ୟାପାରରେ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। ଯାତ୍ରା ସମୟରେ ଅସାବଧାନତା କାରଣରୁ ହାତ କିମ୍ବା ଗୋଡରେ ଆଘାତ ଲାଗିପାରେ।

**ବିଛା**: ଅନୁକୂଳ ଗ୍ରହଙ୍କ ସ୍ଥିତି ଯୋଗୁ ସମ୍ମାନଜନକ ସ୍ଥିତିରେ ରହିବା ସହ ଅର୍ଥ ଓ ସମ୍ମାନ ଲାଭ କରିବେ। ରବି ଓ ବୁଧଙ୍କ ପ୍ରଭାବରେ କଥାବାର୍ତ୍ତାରେ ବ୍ୟତିକ୍ରମ ଅଶାନ୍ତ ସ୍ଥିତି ଉତ୍ପନ୍ନ କରିପାରେ। ଯାତ୍ରା, ବାଣିଜ୍ୟ, ପରିବହନ, କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ପ୍ରୀତିପ୍ରଦ ରହିବ। ସମ୍ପର୍କୀୟଙ୍କ ସହ ମାମୁଲି ଘଟଣାରେ ଉଚ୍ଚବାଚ୍ଚ ଘଟିବାର ଆଶଙ୍କା ରହିଛି।

**ଧନୁ**: ରାଶିରେ ରବି ଓ ବୁଧ ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ପତିଆରା ବୃଦ୍ଧି ପାଇବ ଓ ବିଜୟୀ ହେବେ। ସନ୍ତାନଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି। ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ରହିବା କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ। ଯାତ୍ରା, ବାଣିଜ୍ୟ ଓ ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତ ରହିବେ।

**ମକର**: ଦ୍ୱିତୀୟସ୍ଥ ଶୁକ୍ର ପ୍ରଭାବରେ ସୁହାଇଲା ଭଳି କଥା କହି କାମ ହାସଲ କରିପାରିବେ। ଶ୍ରବଣା ନକ୍ଷତ୍ର କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ**: କେନ୍ଦ୍ରସ୍ଥ ବୃହସ୍ପତି ହେତୁ କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବୃଦ୍ଧି ପାଇବ। ଶତଭିଷା ନକ୍ଷତ୍ରର ଅଭାବ ନ ଥିଲେ ମଧ୍ୟ ଅର୍ଥ ସମ୍ପର୍କୀୟ କାମରେ ଅସ୍ଥିରତା ଲାଗି ରହିବ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହେବା ସହ ଏକାଧିକ କାମ ହାତକୁ ନେଇ ବିବ୍ରତ ହେବେ। ନିଜ ପରିବେଶରେ କିମ୍ବା ସଭାସମିତି ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ**: ପାପଗ୍ରହ ପ୍ରଭାବରେ ପାରିବାରିକ କ୍ଷେତ୍ର ବୁଝାମଣା ଅଭାବରୁ ଅଶାନ୍ତ ରହିବ। ଗାଡି, ମୋଟର ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ। ବିଳମ୍ବିତ ସମୟରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବା ବ୍ୟତୀତ ଅନ୍ୟ କୌଣସି ଅସୁବିଧା ରହିବ ନାହିଁ। ଆଜି ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ଆଜି ଜାନୁଆରୀ ୧୧ ତାରିଖ, ପୌଷ ଶୁକ୍ଳପକ୍ଷର ବୈଷ୍ଣବସମ୍ମତ ଜୟନ୍ତୀ ଏକାଦଶୀ ଉପବାସ, ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର୍ ଶାସ୍ତ୍ରୀଙ୍କ ତିରୋଧାନ ଦିବସ, ସଡ଼କ ସୁରକ୍ଷା ଦିବସ ୧୧ରୁ ୧୭, ପୌଷ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶନିବାର, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ଦିବା୧୨।୨୯ ଗତେ ମୃଗଶିରା ନକ୍ଷତ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୫୪ ମି. ଗତେ ଘ.୦୯।୧୧ ମି. ମଧ୍ୟେ। ଦିବା ଘ. ୧୨।୧୬ ଗତେ ଘ.୦୧।୧୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୧ ଗତେ ୧୦।୩୨ ମଧ୍ୟେ ରାହୁକାଳ ॥

# ଆଜି ରେଳବିଭାଗ ଜାଗା ଜବରଦଖଲ ଉଚ୍ଛେଦ

## ଜିଲା ପ୍ରଶାସନ ପକ୍ଷରୁ ଲାଗିଲା କର୍ଫ୍ୟୁ

ବାଲେଶ୍ୱର, ୧୦।୧(ବାଞ୍ଛାନିଧି ଦେ)

ରେଲୱେ ଜାଗାରୁ ଜବରଦଖଲ ଉଚ୍ଛେଦ ନେଇ ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଜାରି ହୋଇଛି। ଶନିବାର ଜବରଦଖଲ ଉଚ୍ଛେଦ ହେବାକୁ ଥିବା ବେଳେ ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ରେଳଧାରଣା ଯାଇଥିବା ସହରର ବିଭିନ୍ନ ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଛି। ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ କର୍ଫ୍ୟୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏନେଇ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି କର୍ଫ୍ୟୁ ୧୧ ଓ ୧୨ ତାରିଖ ରବିବାର ଭୋର ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି କର୍ଫ୍ୟୁ ନିର୍ଦ୍ଦେଶନାମାରେ ଅରଡ ବଜାରରୁ ପରିବା ମାର୍କେଟ, ହରିପୁରରୁ ଦର୍ଜି ପୋଖରୀ ଛକ, କଷିମିଳା ପୋଲଠାରୁ ଫୁଲାଡି ଛକ, ନୂଆବଜାର ରେଳଫାଟକ, ଗଳାପୋଲ, ନୂଆବଜାର ପରିବା ମାର୍କେଟର ଉଭୟ ପାର୍ଶ୍ୱରେ କର୍ଫ୍ୟୁ ବଳବତ୍ତର ରହିବ। କର୍ଫ୍ୟୁ ବେଳେ କୌଣସି ଲୋକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରିବା, ୫ରୁ ଅଧିକ ଲୋକ ଏକାଠି ନ ହେବା ବା ଅନ୍ୟ କୌଣସି ମାରଣାସ୍ତ୍ର ନେଇ ନ ଯିବାକୁ ବାରଣ କରାଯାଇଛି ।




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜିରା ଫୁଟାଇବି ଲଙ୍କା ଫୁଟାଇବି**
**ଲୁଣ ତେଲ ବଘାରିବି**
**ଶାଶୁ ଗାଳି ଦେଲା ନଣନ୍ଦ ଗଞ୍ଜିଲା**
**କାହାର କେତେ ସହିବି ?**

ବୋହୂଟି ଉପରେ ରୋଷେଇର ସମସ୍ତ ଦାୟିତ୍ୱ ନ୍ୟସ୍ତ ଥିବାବେଳେ ନିଆଁ ପାଣି କଥା ଭଳି କେବେ କେମିତି ଖାଦ୍ୟ ପ୍ରସ୍ତୁତିରେ କିଛିଟା ତ୍ରୁଟି ଦେଖାଦେଇଥାଏ। ଏପରିସ୍ଥଳେ ଶାଶୁ ଓ ନଣନ୍ଦ ଉକ୍ତ ବୋହୂ ପ୍ରତି କଟୁ ଭାଷା ପ୍ରୟୋଗ କରିବା ସହ ବେଳେବେଳେ ମାଡ଼ ଓ ଗାଳି ଦେଉଥିବାର ମଧ ଦେଖିବାକୁ ମିଳିଥାଏ। ଶାଶୁ ନଣନ୍ଦଙ୍କ ଅଭିଯୋଗ ଓ ତା'ସହିତ ଗଞ୍ଜଣା ସହୁଥିବା ବୋହୂଟିର କରୁଣ ମାନସିକତାକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜୋକ ମୁହଁରେ ଲୁଣ ।**

ଜୋକ ଦେହରେ ଲାଗିଲେ ରକ୍ତ ଶୋଷି ନିଏ। କିନ୍ତୁ ଜୋକ ମୁହଁରେ ଟିକିଏ ଲୁଣ ଦେଲେ, ସେ ନିର୍ବଳ ହୋଇଯାଇ ଦେହରୁ ଖସିପଡ଼େ। ପରୋକ୍ଷରେ ଶତ୍ରୁର ଟାଣପଣ ଭାଙ୍ଗିବା ବା ଦୃଢ଼ପଣିଆ ନଷ୍ଟ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

ପ୍ରଥମ ପୃଷ୍ଠାରୁ...

## ବିକଶିତ ଭାରତର ...

ପ୍ରବାସୀଙ୍କ ସଫଳତାର କାହାଣୀ କେବଳ ଭାରତ ପାଇଁ ଗର୍ବର ବିଷୟ ନୁହେଁ। ଏହା ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କୁ ଉତ୍କର୍ଷ ଲାଗି ପ୍ରୟାସ କରିବା ନିମନ୍ତେ ପ୍ରେରଣା ମଧ୍ୟ ଦେଇଥାଏ। ଏହା ଏପରି ଏକ ମଞ୍ଚ ଯେଉଁଠାରେ ଭିନ୍ନଭିନ୍ନ ବିଚାର ସମ୍ମିଳିତ ହୋଇଥାଏ, ସହଯୋଗ ସୃଷ୍ଟି ହୋଇଥାଏ ଏବଂ ଭାରତ ଓ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ବନ୍ଧନ ସୁଦୃଢ଼ ହୋଇଥାଏ। ଆମେ ଏପରି ଏକ ରାଷ୍ଟ୍ର ହେବାକୁ ଚାହୁଁଛୁ, ଯାହା ସାମାଜିକ ନ୍ୟାୟ ଓ ପରିବେଶ ପରିଚାଳନା ସହିତ ଆର୍ଥିକ ପ୍ରଗତିକୁ ସନ୍ତୁଳିତ କରିବ ତଥା ଆଗାମୀ ପିଢ଼ି ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବ। ଏହି ଲକ୍ଷ୍ୟ ହାସଲ କରିବାରେ ପ୍ରବାସୀ ଭାରତୀୟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ରାଷ୍ଟ୍ରପତି କହିଛନ୍ତି। ଓଡ଼ିଶା ସରକାର ପ୍ରବାସୀ ଭାରତୀୟଙ୍କ ପାଇଁ ଏକ ନୋଡାଲ ମନ୍ତ୍ରୀ ନିଯୁକ୍ତି ଦେଇଛନ୍ତି। ଏହି ପଦକ୍ଷେପ ପାଇଁ ରାଷ୍ଟ୍ରପତି ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି।

ଏହି ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡ଼ିଶା ପ୍ରବାସୀମାନଙ୍କୁ ସର୍ବଦା ସ୍ୱାଗତ କରିବାକୁ ପ୍ରସ୍ତୁତ ରହିଛି। ଭାରତ ତଥା ଓଡ଼ିଶାର କଳା, ସଂସ୍କୃତି ଐତିହ୍ୟ ବିସ୍ମୟ ଏବଂ ଆତିଥେୟତା ବିଷୟରେ ଜାଣିବା ପାଇଁ ନିଜ ସାଙ୍ଗରେ ଅତିକମ୍‌ରେ ୫ଜଣଙ୍କୁ ଆଣନ୍ତୁ। ସେମାନେ ଏଠାରେ ପ୍ରଚୁର ଭାଇଚାରା ଏବଂ ସ୍ନେହ ପାଇବେ। ଏହି ସମ୍ମିଳନୀ କିଛିଦିନ ଭିତରେ ନିଜ ଭିତରେ ଆତ୍ମୀୟତା ବଢ଼ାଇବା ସହ ଭବିଷ୍ୟତ ସମୃଦ୍ଧି ପାଇଁ ଏକାଠି ଚାଲିବାର ବାଟ ଦେଖାଇଛି। ଏହି କାର୍ଯ୍ୟକ୍ରମ ଆୟୋଜନ କରି ଓଡ଼ିଶା ବିଶ୍ୱରେ ପୂର୍ବ ଅପେକ୍ଷା ଅଧିକ ପରିଚିତ ହୋଇଛି। ସମଗ୍ର ବିଶ୍ୱ ଏବେ ଓଡ଼ିଶାରେ ଅସୀମ ସମ୍ଭାବନାକୁ ଦେଖୁଛି। ଦେଶ ତଥା ଓଡ଼ିଶାର ବିକାଶ ରଥରେ ପ୍ରବାସୀମାନଙ୍କର ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଆ ଅସ୍ମିତା ନୂଆ ଶିଖରରେ ପହଞ୍ଚିଛି। ବିଶ୍ୱସ୍ତରରେ ଓଡ଼ିଶା ସଂସ୍କୃତି ଏବଂ ଐତିହ୍ୟକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ପ୍ରବାସୀମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ। ଯେଉଁ ପ୍ରବାସୀମାନେ ଓଡ଼ିଶାରେ ବିଭିନ୍ନ ପ୍ରକଳ୍ପ, ପୁଞ୍ଜିନିବେଶ ପାଇଁ ଆଗ୍ରହ ଦେଖାଉଛନ୍ତି ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ କରାଯିବ। ପ୍ରବାସୀମାନଙ୍କୁ ସହଯୋଗ କରିବାକୁ ରାଜ୍ୟ ସରକାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ନୋଡାଲ ମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି। ଓଡ଼ିଶାର ବିକାଶରେ ଜଣେ ଜଣେ ଅଂଶୀଦାର ହେବାକୁ ମୁଖ୍ୟମନ୍ତ୍ରୀ ପ୍ରବାସୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରବାସୀମାନଙ୍କ ସହଯୋଗରେ ବିକାଶର ରଥ ଆଗକୁ ଗଡ଼ିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଷ୍ଟ୍ରପତି ଆମ ଓଡ଼ିଶାର ଝିଅ। ଶାନ୍ତ, ସରଳ ସ୍ୱଭାବ, ଜ୍ଞାନର ଗଭୀରତା ଓ ଦାର୍ଶନିକ ଚିନ୍ତାଧାରା ପାଇଁ ସେ ସାରା ଦେଶବାସୀଙ୍କୁ ଅନୁପ୍ରାଣୀତ କରିଆସିଛନ୍ତି। ତାଙ୍କ ପାଇଁ ଆଜି ଦେଶର ମା' ଓ ଭଉଣୀମାନଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହ ଓ ଶକ୍ତି ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାରେ ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇବା ସହ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବହିର୍ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କରଙ୍କୁ ମଧ ଧନ୍ୟବାଦ ଦେଇଛନ୍ତି।

ଏହି ଉଦ୍‌ଯାପନୀ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରାଚୀନ କାଳରୁ ଓଡ଼ିଶା ଜଗତୀକରଣର କେନ୍ଦ୍ରବିନ୍ଦୁ ପାଲଟିଛି। ହଜାର ହଜାର ବର୍ଷ ଧରି ଓଡ଼ିଶାରୁ ପ୍ରବାସୀ ଓଡ଼ିଆମାନେ ଶ୍ରୀଲଙ୍କା ଓ ଦକ୍ଷିଣ-ପୂର୍ବ ଏସିଆରେ ବାଣିଜ୍ୟ ବ୍ୟବସାୟ କରିଥିଲେ। କାର୍ତ୍ତିକ ମାସରେ ଓଡ଼ିଆମାନେ ବେପାର ବଣିଜ ପାଇଁ ବିଦେଶ ଯାଇଥାନ୍ତି, ସେଥିପାଇଁ ତ ଆମେ ପ୍ରବାସୀ ଭାରତୀୟ। ଓଡ଼ିଶାର ସଭ୍ୟତା, ସଂସ୍କୃତି ଓ ପରମ୍ପରା ଏବେ ବି ବିଶ୍ୱରେ, ବିଶେଷ କରି ସାଉଥ୍ - ଇଷ୍ଟ ଏସିଆରେ ଦେଖାଯାଉଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ମୋଦି ପୂର୍ବୋଦୟ ପାଇଁ ଆହ୍ୱାନ ଦେଇଛନ୍ତି। ଭାରତ ସରକାରଙ୍କ 'ଲୁକ୍ ଇଷ୍ଟ-ଆକ୍ଟ ଇଷ୍ଟ' ନୀତିରେ ଓଡ଼ିଶା କେନ୍ଦ୍ରବିନ୍ଦୁ ହୋଇଛି। ଓଡ଼ିଶାରେ ସ୍ୱାଭିମାନ ଓ ଗଣତନ୍ତ୍ରର ମୂଳ ଗଭୀରତା ରହିଛି। ଯେତେବେଳେ ଓଡ଼ିଶାରେ କେହି ରାଜା ନ ଥିଲେ, ସେହି ସମୟରେ ଆମ ଓଡ଼ିଶାରେ ଗଣତନ୍ତ୍ର ଥିଲା। ଆମର ସମୂହ ତ୍ୟାଗ ବା ବଳିଦାନ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିବା ପାଇଁ ବାଧ କରିଥିଲା। ଏହି ଭୂମି ପୂର୍ବୋଦୟର ଉତ୍ପ୍ରେରସ୍ଥଳୀ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଏହିକାର୍ଯ୍ୟକ୍ରମରେ ଯୋଗଦେଇ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର କହିଛନ୍ତି ଯେ, 'ବସୁଧୈବ କୁଟୁମ୍ବକମ୍' ନୀତିକୁ ଭାରତ ସର୍ବଦା ଗୁରୁତ୍ୱ ଦେଇଆସିଛି। ଯିଏ ଯେଉଁଠି ଥିଲେ ହେଁ ଭାରତମାତାର ଆକର୍ଷଣ ସେମାନଙ୍କୁ ଏଠାକୁ ଟାଣିଆଣିଛି । ବିଦେଶରେ ପ୍ରବାସୀ ଭାରତୀୟମାନେ ବିଭିନ୍ନ କ୍ଷେତ୍ରରେ ଯେଉଁ ଉତ୍କର୍ଷ ଦେଖାଇ ସଫଳତା ପାଇଛନ୍ତି, ତାହା ପାଇଁ ଭାରତର ଟେକ ରହିଛି। ଏହି ଅବସରରେ ରାଷ୍ଟ୍ରପତି ବିଦେଶରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୨୭ ଜଣ ପ୍ରବାସୀ ଭାରତୀୟଙ୍କୁ 'ପ୍ରବାସୀ ଭାରତୀୟ ସମ୍ମାନ-୨୦୨୫' ପ୍ରଦାନ କରିଛନ୍ତି। ଏଥିସହିତ ଜନତା ମଇଦାନରେ ଥିବା ବିଭିନ୍ନ ଷ୍ଟଲ୍ ବୁଲି ଦେଖିଛନ୍ତି। ପ୍ରଥମଥର ପାଇଁ ଓଡ଼ିଶାରେ ଏଭଳି ଭବ୍ୟ ଆୟୋଜନ ଦେଖି ରାଷ୍ଟ୍ରପତି ଖୁସି ହୋଇଛନ୍ତି। କେନ୍ଦ୍ର ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ରାଜ୍ୟପାଳ ହରିବାବୁ କମ୍ଭମ୍ପଟି, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠାରୁ ପ୍ରବାସୀ ଭାରତୀୟ ସମ୍ମିଳନୀ ପ୍ରଦର୍ଶନୀ ଜନସାଧାରଣଙ୍କ ପାଇଁ ଖୋଲା ରହିବ

ଭୁବନେଶ୍ୱର,୧୦।୧(ଅନିଲ ଦାସ): ଗତ ୮ ତାରିଖରୁ ଜନତା ମଇଦାନରେ ଅନୁଷ୍ଠିତ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇ ଯାଇଛି। ତେବେ ଜନସାଧାରଣଙ୍କୁ ପ୍ରଦର୍ଶନୀ ବୁଲି ଦେଖିବା ଉପରେ କଟକଣା ରହିଥିଲା। ପ୍ରବାସୀଙ୍କ ପାଇଁ ଜନତା ମଇଦାନରେ ବିଭିନ୍ନ ଷ୍ଟଲ ଖୋଲାଯାଇଛି। ଏହି ପ୍ରଦର୍ଶନୀ ଆସନ୍ତା ୨ ଦିନ ଖୋଲା ରହିବ। ତେବେ ଏହି ପ୍ରଦର୍ଶନୀ ଶନିବାର ପୂର୍ବାହ୍ନ ୧୦ଟାରୁ ଜନସାଧାରଣଙ୍କ ପାଇଁ ଖୋଲା ରହିବ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ମୁଁ ମଣିଷ, ଭୁଲ୍ ...

ବିପଦକୁ ମୁକାବିଲା କରିବା ସାମର୍ଥ୍ୟର ସମ୍ପୂର୍ଣ୍ଣ ଉପଯୋଗ କରିନାହାନ୍ତି। ସେ ଏଭଳି ଜୀବନ ଯାପନ କରୁଛନ୍ତି, ଯେଉଁଠି ତାଙ୍କୁ ଅତି ଛୋଟ ଜିନିଷ ମଧ୍ୟ ସନ୍ତୁଷ୍ଟି ଦେଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପୋଡ୍‌କାଷ୍ଟରେ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ସାକ୍ଷାତ୍‌କାରକୁ କଂଗ୍ରେସ ତାଚ୍ଛଲ୍ୟ କରିଛି। ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତ୍‌କାର କେବଳ ନିଜ ଭାବମୂର୍ତ୍ତିର ସୁରକ୍ଷା ପାଇଁ ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି।

## ହଲିଉଡ୍‌ରେ ହାହାକାର...

କରାଯିବ। ତା'ପରେ ବନାଗ୍ନିର ଉତ୍ସ ଜଣାପଡ଼ିପାରେ।

| ସର୍ବାଧିକ ଭସ୍ମୀଭୂତ ଜଙ୍ଗଲ | |
|---|---|
| ସ୍ଥାନ | ଏକର |
| ପାଲିସାଡେସ୍ | ୪୯,୩୬୭ |
| ଇଟନ୍ | ୩୩,୮୨୯ |
| କେନ୍ନେଥ | ୨,୩୭୨ |
| ହର୍ଷ୍ଟ | ୧,୯୦୫ |
| ଲିଡିଆ | ୮୬୦ |

ତେବେ କିଏ ନିଆଁ ଲଗାଇଦେଇଥିଲା କି ୟୁଟିଲିଟି ଲାଇନ୍ସ ବିଭ୍ରାଟରୁ ଏହା ବ୍ୟାପିଥିଲା ସେନେଇ ସରକାରୀ ଭାବେ କିଛି ସ୍ପଷ୍ଟ କରାଯାଇ ନାହିଁ। ବିଦ୍ୟୁତ୍ ଦୁର୍ଘଟଣା ଯୋଗୁ ଜଙ୍ଗଲରେ ନିଆଁ ଲାଗିଥିବା ଜାଣିବା ପରେ ୟୁଟିଲିଟି ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ କାଲିଫର୍ନିଆ ପବ୍ଲିକ୍ ୟୁଟିଲିଟିଜ୍ କମିଶନ (ୟୁପିୟୁସି)କୁ ପ୍ରଥମେ ଅବଗତ କରାଇବା ନିୟମ ରହିଛି। ଏହା ପରେ କେଉଁଠି ଆଇନର ଉଲ୍ଲଂଘନ ହୋଇଛି ସେନେଇ କର୍ମଚାରୀମାନେ ତଦନ୍ତ କରିଥାଆନ୍ତି ବୋଲି କମିଶନ କମ୍ୟୁନିକେଶନ୍ ନିର୍ଦ୍ଦେଶକ ଟେରିଏ ପ୍ରୋସ୍ପର ଇ-ମେଲ୍ ମାଧ୍ୟମରେ ସୂଚନା ଦେଇଛନ୍ତି। କାଲିଫର୍ନିଆ ଇତିହାସରେ ଅନ୍ୟତମ ବୃହତ୍ ବନାଗ୍ନି କୁହାଯାଉଥିବା ୨୦୧୭ର ଥୋମାସ୍ ଫାୟାର ସାଉଥ୍ କାଲିଫର୍ନିଆ ଏଡିସନ୍ ପାୱାର ଲାଇନ୍ସରୁ ସୃଷ୍ଟି ହୋଇଥିଲା। ସେତେବେଳେ ଦ୍ରୁତଗତିରେ ପବନ ବହି ପାୱାର ଲାଇନ୍ସ ସଂସ୍ପର୍ଶରେ ଆସିବାରୁ ଜଙ୍ଗଲ ନିଆଁ ବ୍ୟାପିଥିଲା। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଭେଞ୍ଚୁରା କାଉଣ୍ଟି ବନ ବିଭାଗ ଏହି ବିଷୟ ଜାଣିପାରିଥିଲା।

## ଜେଲ ଫେରିଲେ ହଂସିତା, ...

ଉପରେ ରୋକ୍ ଲଗାଇବା ପାଇଁ ଆୟକର ଟିମ୍ ଆର୍‌ଟିଓଙ୍କୁ ଚିଠି ଲେଖିଛି। ଏପରିସ୍ଥିତିରେ ଅନିଲଙ୍କ ଜନ୍ମଦିନରେ ହଂସିତା ଉପହାର ଦେଉଥିବା ଓ ସେଲିବ୍ରେଶନ କରୁଥିବାର ଭିଡିଓ ଭାଇରାଲ ହେଉଛି। ଏହି ସେଲିବ୍ରେଶନ ବେଳେ ସେଠାରେ ଭଦ୍ରକର ଜଣେ ବିରୋଧୀ ଦଳର ବିଧାୟକ ଉପସ୍ଥିତ ଥିବା ଦେଖାଯାଇଛି। ତେଣୁ ସେ ଏବେ ଆୟକର ବିଭାଗ ସ୍କାନରରେ ରହି ଥିବାବେଳେ ଖୁବ୍‌ଶୀଘ୍ର ତାଙ୍କୁ ନୋଟିସ କରାଯାଇ ପଚରାଉଚରା କରିବ ଟିମ୍। ଏଥିସହ ଠକଯୋଡ଼ିଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ହୋଇଥିବା ଟ୍ରାଞ୍ଜାକ୍ସନ ତଥ୍ୟ ଆଧାରରେ କେତେଜଣ କଣ୍ଟ୍ରାକ୍ଟର, ନେତା, ବିଲ୍ଡରଙ୍କୁ ଆୟକର ବିଭାଗ ଜେରା କରିପାରେ ବୋଲି ସୂଚନା ମିଳିଛି।

## ତେଲଙ୍ଗାନାରେ ସଡ଼କ ...

ଗୁପ୍ତା ନାମକ ଘରୋଇ ବସ୍ କଳାହାଣ୍ଡି ଜିଲା ଧର୍ମଗଡ଼ ସିନାପାଲୀରୁ ନବରଙ୍ଗପୁର, ଜୟପୁର ଓ ମାଲକାନଗିରି ଦେଇ ହାଇଦ୍ରାବାଦ ଅଭିମୁଖେ ଯାଉଥିଲା। ଏଥିରେ ୩୨ ଜଣ ଶ୍ରମିକ ଥିଲେ ବୋଲି କୁହାଯାଉଛି। ଗୁରୁବାର ମଧ୍ୟରାତ୍ରରେ ବସ୍‌ଟି ସୁର୍ୟାପେଟ ଜିଲା ଇଲାପୁରମ୍ ଗ୍ରାମ ନିକଟ ମୁଖ୍ୟ ରାସ୍ତାକଡ଼ରେ ଠିଆହୋଇଥିବା ଏକ ଟ୍ରକ୍ ପଛରେ ପିଟି ହୋଇଯାଇଥିଲା। ଫଳରେ ବସ୍‌ରେ ଥିବା ୪ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଆହତଙ୍କୁ ସୁର୍ୟାପେଟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି ।

## ବୃଦ୍ଧଙ୍କ ଜୀବନ ନେଲା ହାତୀ

ବନ୍ତଲା,୧୦।୧(ସୁଶିତ ସାହୁ): ଅନୁଗୋଳ ଜିଲାରେ ହାତୀ ଆକ୍ରମଣରେ ଯାଇଛି ଜଣକ ଜୀବନ। ମୃତକ ହେଲେ ଅନୁଗୋଳ ବନଖଣ୍ଡ ପୁରୁଣାଗଡ଼ ସେକ୍ସନ ମାଟିଆସାହି ପଞ୍ଚାୟତ ମଦନମୋହନ ପାଟଣା କନ୍ଧସାହିର ଶମ୍ଭୁ ପ୍ରଧାନ(୬୦)। ଶମ୍ଭୁ ଶୁକ୍ରବାର ଭୋର ସମୟରେ ଛେଳି ପାଇଁ ତାଳପତ୍ର ସଂଗ୍ରହ ନିମନ୍ତେ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଗାଁର କଳାପାଟ ପିଢ଼ ନିକଟରେ ତାଳପତ୍ର ସଂଗ୍ରହ କରୁଥିଲା ବେଳେ ଶମ୍ଭୁ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି ଫୋପାଡ଼ି ଦେବା ସହ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ଓ ବନ୍ତଲା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲେ। ବନ ବିଭାଗର ଖାମଖିଆଲି ନୀତି ଯୋଗୁ ଶମ୍ଭୁଙ୍କ ଜୀବନ ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।




# ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ଆସିଛନ୍ତି ମୋଦି ସରକାର: ଜୟଶଙ୍କର

ଭୁବନେଶ୍ୱର,୧୦।୧(ସୁନିତ୍ ମିଶ୍ର)

ପ୍ରବାସୀ ଭାରତୀୟ ସମ୍ମେଳନର ଅନ୍ତିମ ଦିବସରେ 'ଆଦର୍ଶ ମହିଳା ପ୍ରବାସୀ:ମହିଳାଙ୍କ ନେତୃତ୍ୱ ଓ ପ୍ରଭାବ–ନାରୀ ଶକ୍ତି' ପ୍ରସଙ୍ଗ ଆଧାରିତ ପୂର୍ଣ୍ଣାଙ୍ଗ ଅଧିବେଶନରୁ ଆରମ୍ଭ ହୋଇଥିଲା। ଏହି ଅଧିବେଶନରେ ଅଧ୍ୟକ୍ଷତାକରି କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ବିକଶିତ ଭାରତ ନିର୍ମାଣରେ ନାରୀ ଶକ୍ତିର ମହତ୍ତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଛନ୍ତି। ନାରୀ ପୁରୁଷ ଲିଙ୍ଗଗତ ବିବିଧତାକୁ ଆଧାରକୁ ନ ନେଇ ବିଭିନ୍ନ କ୍ଷେତ୍ରରେ ଦକ୍ଷତାକୁ ପ୍ରାଧାନ୍ୟ ଲାଗି ଏହି ଆଲୋଚନାଚକ୍ରରେ ଗୁରୁତ୍ୱ ଦିଆଯାଇଛି।

କେନ୍ଦ୍ରମନ୍ତ୍ରୀ ଜୟଶଙ୍କର କହିଛନ୍ତି, ମହିଳାମାନଙ୍କ ପୁଷ୍ଟି, ସ୍ୱାସ୍ଥ୍ୟ, ଶିକ୍ଷା ସୁନିଶ୍ଚିତ କରିବା ସହ ସାମାଜିକ ବୈଷମ୍ୟ ଦୂରକରି ସେମାନଙ୍କ ଦକ୍ଷତାକୁ ଉଚିତ ସମ୍ମାନ ଜଣାଇବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ। ଭାରତ ସରକାରଙ୍କ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମାତୃକାଳୀନ ଛୁଟି ଅବଧିକୁ ୨୬ ସପ୍ତାହକୁ ବୃଦ୍ଧି, ମୁଦ୍ରା ଯୋଜନାରେ ୩୦ କୋଟି ମହିଳା ଉଦ୍ୟୋଗୀଙ୍କୁ ଋଣ, ଉଚ୍ଚଶିକ୍ଷା କ୍ଷେତ୍ରରେ ମହିଳାଙ୍କ ସଂଖ୍ୟାରେ ୨୮% ବୃଦ୍ଧି, ସୁକନ୍ୟା ସମୃଦ୍ଧି ଯୋଜନାରେ ୩୨ ନିୟୁତ ବ୍ୟାଙ୍କ ଖାତା ଖୋଲାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା ଅନ୍ତର୍ଗତ ୧୦୦ ନିୟୁତରୁ ଉର୍ଦ୍ଧ୍ୱ ଧୂଆଁମୁକ୍ତ ପାକଶାଳା, ୪୦ ନିୟୁତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ମଧ୍ୟରେ ୭୨ % ମହିଳା ଥିବା ସେ ପ୍ରକାଶ କରିଛନ୍ତି। ମହିଳା ସଶକ୍ତୀକରଣ ସହ ମହିଳା ନେତୃତ୍ୱ ଦ୍ୱାରା ବିକାଶକୁ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ବିଭିନ୍ନ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆଦର୍ଶ ମହିଳା ପ୍ରବାସୀମାନଙ୍କୁ ପ୍ରଶଂସା କରିବା ସହ ସେମାନଙ୍କ ଉପଲବ୍ଧି ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଜି–୨୦ ସମ୍ମେଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାମାନଙ୍କ ଦକ୍ଷତା ବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଭବିଷ୍ୟତରେ ଏହି ବିଶ୍ୱ ସମ୍ମିଳନୀକୁ ଏକ ମଞ୍ଚଭାବେ ବ୍ୟବହାର କରିବା ଲାଗି ଆହ୍ୱାନ ଦେଇଥିବା ଜୟଶଙ୍କର କହିଛନ୍ତି।

# ମଣ୍ଡିକୁ ଚାଷୀ ନ ଆଣନ୍ତୁ ଖରାପ ମାନର ଧାନ: ମନ୍ତ୍ରୀ ପାତ୍ର

ଭୁବନେଶ୍ୱର,୧୦।୧(ସୁନିତ୍ ମିଶ୍ର)

ମଣ୍ଡିକୁ ଚାଷୀମାନେ ଖରାପ ମାନର ଧାନ ନ ଆଣନ୍ତୁ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିବେଦନ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ବର୍ଷାରେ ଭିଜି ଧାନର ରଙ୍ଗ ପରିବର୍ତ୍ତନ ହୋଇଥିବା ଧାନ କିଣାଯିବ। କିନ୍ତୁ ବର୍ଷାରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଧାନ କିଣାଯିବ ନାହିଁ। ଚାଷୀମାନେ ଏଫ୍ଏକ୍ୟୁ ମାନର ଧାନ ଦେଲେ ସେମାନଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ମିଳିବ। ଯେକୌଣସି ଧାନ କିଣିଲେ ଚାଷୀଙ୍କୁ ୩୧୦୦ ଟଙ୍କା ମିଳିବ ବୋଲି କହି ସେମାନଙ୍କୁ ବିଭ୍ରାନ୍ତ କରାଯାଉଛି। ଅଦିନିଆ ବର୍ଷାରେ କ୍ଷତି ସହିଥିବା ଚାଷୀଙ୍କୁ ଅନୁକମ୍ପା ରାଶି ପ୍ରଦାନ କରାଯାଉଛି, ତେଣୁ ସେମାନେ ଏଫ୍ଏକ୍ୟୁ ଧାନ ଆଣନ୍ତୁ।

ବିଜେଡି ନେତା ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଧାନ ସଂଗ୍ରହରେ ସରକାର ଫେଲ୍ ମାରିଛନ୍ତି। ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ୨୩ ଲକ୍ଷ ଟନ୍ ଧାନ କିଣିଛନ୍ତି ଅର୍ଥ ମୋଟ୍ ୩୦ ପ୍ରତିଶତ କିଣିଛନ୍ତି। ବର୍ତ୍ତମାନ ସୁଦ୍ଧା ସାରା ରାଜ୍ୟରେ ୬୦ ପ୍ରତିଶତ କିଣିବା କଥା। ଏହାର ଅର୍ଥ ଏଫ୍ଏକ୍ୟୁ ଗୋଟିଏ ଆଳ ହୋଇଛି। ଯେମିତି ଚାଉଳ ନ ଦେବା ଲାଗି କେଓ୍ୱାଇସି ଗୋଟିଏ ଆଳ ହୋଇଛି, ସେମିତି ଏଫ୍ଏକ୍ୟୁ ମାନଦଣ୍ଡ କରିବା ଲାଗି ଯେଉଁ ଆନାଲାଇଜର ମେଶିନ ଆଣିଛନ୍ତି ଏହାଦ୍ୱାରା ସେମାନେ ଚାଷୀମାନଙ୍କୁ ଅଭାବୀ ଧାନ ବିକ୍ରି କରିବା ଅବସ୍ଥାକୁ ଯିବା ଲାଗି ଆଳ କରିଛନ୍ତି। ଖରାପ ଧାନ ମିଲରମାନେ ନେବେ ନାହିଁ। ସାରା ରାଜ୍ୟରେ ଧାନ ନ କିଣିବା ଲାଗି ଏପରି ଏକ ବ୍ୟବସ୍ଥା କରାଯାଇଥିବା ରଣେନ୍ଦ୍ର କହିଛନ୍ତି।

# ସମୃଦ୍ଧ ଓଡ଼ିଶା ଗଠନରେ ସାମିଲ ହେବାକୁ ଆହ୍ୱାନ

## ପ୍ରବାସୀ ଓଡ଼ିଆଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୧(ଅନିଲ ଦାସ)

ଓଡ଼ିଶା ଏବେ ସମୃଦ୍ଧି ପଥରେ ଅଗ୍ରସର ହେବା ପାଇଁ ଯାତ୍ରା ଆରମ୍ଭ କରିସାରିଛି। ବିଦେଶରେ ଓଡ଼ିଶାର ବହୁ ପ୍ରଭାବୀ ଶିଳ୍ପପତି, ପ୍ରଫେଶନାଲ ଓ ଟେକ୍ନୋକ୍ରାଟ୍ମାନେ ମଧ୍ୟ ଅଛନ୍ତି। ଏହି ଯାତ୍ରାରେ ପ୍ରବାସୀମାନେ ସାମିଲ ହେବା ଅତ୍ୟନ୍ତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଜନତା ମଇଦାନଠାରେ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଉଦ୍ଯାପନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ପ୍ରବାସୀ ଓଡ଼ିଆମାନଙ୍କ ସହିତ ସ୍ୱତନ୍ତ୍ର ଭାବେ ଏକ ଆଲୋଚନା କରିଛନ୍ତି। ଆଲୋଚନାରେ ପ୍ରବାସୀ ଓଡ଼ିଆମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରବାସୀ ଓଡ଼ିଆମାନଙ୍କ ବିଭିନ୍ନ ସମସ୍ୟା ଓ ସେମାନେ ଓଡ଼ିଶାର ବିକାଶ ପାଇଁ ଚାହୁଁଥିବା ବିଷୟଗୁଡ଼ିକ ମଧ୍ୟରେ ସମନ୍ୱୟ ରଖିବା ପାଇଁ ଓଡ଼ିଶାର ଜଣେ ମନ୍ତ୍ରୀ ସ୍ୱତନ୍ତ୍ର ଭାବେ ଦାୟିତ୍ୱରେ ରହିବେ। ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ସ୍ୱତନ୍ତ୍ର ନୀତି ମଧ୍ୟ ପ୍ରଣୟନ କରାଯିବ। ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏହାର ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ବିଦେଶ ମାଟିରେ ପ୍ରବାସୀମାନେ ଦୁଇ ଦେଶ ମଧ୍ୟରେ ସମ୍ପର୍କର ସେତୁ ହୋଇପାରିଛନ୍ତି। ଆମ ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର କରୁଛନ୍ତି। ବିଦେଶରେ ରହି ମଧ୍ୟ ଓଡ଼ିଶାର ବିକାଶ ଓ ଅସ୍ମିତାର ସୁରକ୍ଷା ବିଷୟରେ ଚିନ୍ତା କରୁଛନ୍ତି ଓ ସେ ଦିଗରେ କାମ ମଧ୍ୟ କରୁଛନ୍ତି। ଆଜି ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ଆମକୁ ଏକ ନୂଆ ଓଡ଼ିଶା, ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପର ଅବସର ଆଣିଦେଇଛି। ଏହି ସମ୍ମିଳନୀ ମାଧ୍ୟମରେ ଓଡ଼ିଶାର ବିକାଶ ପାଇଁ ଡବଲ ଇଞ୍ଜିନ୍ ସହ ତୃତୀୟ ଇଞ୍ଜିନ୍ ଭାବେ ପ୍ରବାସୀ ଇଞ୍ଜିନ୍ ଯୋଡ଼ି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଆମ ଦେଶର ସବୁଠାରୁ ବଡ଼ ସମ୍ପତ୍ତି ହେଉଛି ଆମ ବୌଦ୍ଧିକ ମାନବ ସମ୍ବଳ। ଆପଣମାନେ ହେଉଛନ୍ତି ତାହାର ଉଦାହରଣ। ଘରେ ପିଲାମାନଙ୍କୁ ଓଡ଼ିଆ ଭାଷା ଶିଖାଇବା ପାଇଁ ସେ ପ୍ରବାସୀ ଓଡ଼ିଆଙ୍କୁ ଅନୁରୋଧ କରିଛନ୍ତି। ଚାକିରି କରିବା ବଦଳରେ ଚାକିରି ଦେବା ପଦ୍ଧତିକୁ ଆପଣାଇବା ପାଇଁ ଧର୍ମେନ୍ଦ୍ର ଆହ୍ୱାନ ଦେଇଛନ୍ତି। ପ୍ରବାସରୁ ଆସିଥିବା ପ୍ରତିନିଧିଙ୍କ ପକ୍ଷରୁ ଆମେରିକାର ଲୀନା ମିଶ୍ର, ଅଜୟ କେ.ମହାନ୍ତି, ଜାପାନରୁ କାଳୀପଦ ତ୍ରିପାଠୀ, ଯୁକ୍ତରାଜ୍ୟରୁ ସୁସ୍ମିତା ରାଜହଂସ, ବିଶ୍ୱଜିତ୍ ପ୍ରଧାନ, ସୁକାନ୍ତ ସାହୁ, ଦୁବାଇରୁ ଅନିଲ ଦାସ ଓ ଶୀତଲ ଜୋଷୀ, ଅଷ୍ଟ୍ରେଲିଆରୁ ପ୍ରଭାତୀ ପାଣିଗ୍ରାହୀ ଓ ଅମିତାଭ ମହାପାତ୍ର, ଥାଇଲାଣ୍ଡରୁ ଡ. ବ୍ରହ୍ମଦତ୍ତ, ମାଲେସିଆରୁ ସ୍ନିଗ୍ଧା ମିଶ୍ର ପ୍ରମୁଖ ସେମାନଙ୍କର ଅନୁଭୂତି ଓ ଅଭିଜ୍ଞତା ବଖାଣି ଥିଲେ। ଏଥିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।


ଇଂଲଣ୍ଡରେ ଶ୍ରୀଜଗନ୍ନାଥ ମନ୍ଦିର ତିଆରି କରିଥିବା ଓଡ଼ିଆ ଝିଅ ସୁସ୍ମିତା ରାଜହଂସଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଛନ୍ତି।

# ମକର ସଂକ୍ରାନ୍ତି ପାଇଁ ଟି–ସେତୁରେ ଗାଡ଼ି ଚଳାଚଳ କଟକଣା

କଟକ,୧୦।୧(ଶିଲ୍ପା ପ୍ରିୟଦର୍ଶିନୀ)

ଆସନ୍ତା ମକର ସଂକ୍ରାନ୍ତିରେ କଟକ ଜିଲା ବଡ଼ମ୍ବା ବ୍ଲକ ଅଧୀନ ଗୋପୀନାଥପୁରର ସିଂହନାଥ ପୀଠରେ ମକର ମେଳା ଅନୁଷ୍ଠିତ ହେବ। ଫଳରେ ଏଠାରେ ବହୁସଂଖ୍ୟକ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପୀଠକୁ ସଂଯୋଗ କରୁଥିବା ଟି–ସେତୁ ଉପରେ ଯାନବାହନ ଚଳାଚଳ ଉପରେ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ନୟାଗଡ଼ ପଟୁ ଆସିବାକୁ ଥିବା ଯାନବାହନ ସିଦ୍ଧମୂଳ ସେତୁ ଦେଇ ବଡମ୍ବା ଅଭିମୁଖେ ଚଳାଚଳ କରିବ। ସେପରି ବଡମ୍ବା ପଟୁ ଭୁବନେଶ୍ୱର ଓ ଖୋର୍ଦ୍ଧା ଆସିବାକୁ ଥିବା ଯାନବାହନ ଜାତମୁଣ୍ଡିଆ ସେତୁ ଦେଇ ଚଳାଚଳ କରିବ। ଏହି କଟକଣା ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଲାଗୁ କରାଯିବ ବୋଲି ପୋଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୧ (ଅନିଲ ଦାସ)

ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ଯୋଗଦେଇ ମାର୍ଗଦର୍ଶନ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି। ନିଜର ସୋସିଆଲ ମିଡିଆ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ପ୍ରବାସୀ ଭାରତୀୟ ଦିବସରେ ଆପଣଙ୍କ ଗରିମାମୟ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଆହୁରି ସଫଳ ଏବଂ ସ୍ୱତନ୍ତ୍ର କରିପାରିଛି। ଆପଣଙ୍କ ମାର୍ଗଦର୍ଶନ ସମସ୍ତ ପ୍ରବାସୀ ଭାରତୀୟଙ୍କ ମନରେ ନୂଆ ଆଶା, ଉତ୍ସାହ ଏବଂ ଉଦ୍ଦୀପନା ଭରିଦେବା ସହ 'ବିକଶିତ ଭାରତ' ନିର୍ମାଣ ପାଇଁ ଅନୁପ୍ରାଣିତ କରିଛି। ଏଥିପାଇଁ ବ୍ୟକ୍ତିଗତ ଭାବେ ଆପଣଙ୍କୁ କୃତଜ୍ଞତା ଜଣାଉଛି।

## ପ୍ରବାସୀଙ୍କ ଦାୟିତ୍ୱରେ ରହିବେ ଜଣେ ମନ୍ତ୍ରୀ

ଭୁବନେଶ୍ୱର,୧୦।୧ (ଅନିଲ ଦାସ)

ପ୍ରବାସୀ ଭାରତୀୟମାନଙ୍କୁ ଓଡ଼ିଶା ପ୍ରତି ଆକର୍ଷିତ କରିବା ଏବଂ ପୁଞ୍ଜିନିବେଶ ପାଇଁ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଜଣେ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେବେ। ବିଭିନ୍ନ ଦେଶର ପ୍ରବାସୀଙ୍କ ସହ ଯୋଗାଯୋଗରେ ରହିବେ। ସେହି ମନ୍ତ୍ରୀଙ୍କୁ ନୋଡାଲ ଦାୟିତ୍ୱ ଦିଆଯିବ। ମନ୍ତ୍ରୀ ସେମାନଙ୍କ କଥା ବୁଝିବେ। ସେମାନଙ୍କ ଅସୁବିଧା ଶୁଣିବେ ଏବଂ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବେ। ଜନତା ମଇଦାନଠାରେ ଶୁକ୍ରବାର ଅନୁଷ୍ଠିତ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଉଦ୍ଯାପନୀ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି।

ସମ୍ବଲପୁରୀ ବସ୍ତ୍ରାଳୟ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
ପବିତ୍ର ମକର ସଂକ୍ରାନ୍ତି ଓ ପୋଙ୍ଗଲ ଉପଲକ୍ଷେ
ସରକାରୀ ରିହାତି
୧୦% + ୨୦%
ଏହି ରିହାତି ସମସ୍ତ ବିକ୍ରୟ କେନ୍ଦ୍ରରେ ଉପଲବ୍ଧ ଅଟେ
ଅବଧି ୧୦.୦୧.୨୦୨୫ ରୁ ୧୪.୦୧.୨୦୨୫ ପର୍ଯ୍ୟନ୍ତ
For online purchase visit : www.sambalpuribastralaya.com

ବନ୍ୟଜନ୍ତୁ ଏବଂ ଧନଜୀବନ ସୁରକ୍ଷା ପାଇଁ ବିଦ୍ୟୁତ୍ ସତର୍କତା
DSPL-315
ଜଙ୍ଗଲ ଭିତରେ ଅନଧିକୃତ ଭାବେ ବିଦ୍ୟୁତ୍ ତାର ବିଛାଇ ବିଦ୍ୟୁତ୍ ସଂଯୋଗ କରନ୍ତୁ ନାହିଁ।

ଫସଲ ସୁରକ୍ଷା ପାଇଁ ବାଡ଼ି ବଗିଚାର ଚତୁଃପାର୍ଶ୍ୱରେ ଥିବା ତାର ବାଡ଼ରେ ବିଦ୍ୟୁତ୍ ସଂଯୋଗ କରନ୍ତୁ ନାହିଁ।

ଘରର ବିଦ୍ୟୁତ୍ ସଂଯୋଗ ଅନଧିକୃତ ଭାବେ ଅନ୍ୟ ସ୍ଥାନକୁ ବିସ୍ତାର କରନ୍ତୁ ନାହିଁ

ଏହି ସବୁ କାର୍ଯ୍ୟ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଟେ ଏବଂ ମନୁଷ୍ୟ, ବନ୍ୟଜନ୍ତୁ ମାନଙ୍କ ଜୀବନହାନିର କାରଣ ହୋଇପାରେ। ଏଭଳି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ। ଯଦି ଏହି ବେଆଇନ କାମ କାହାର ନଜରରେ ଆସୁଛି, ତେବେ ସ୍ଥାନୀୟ ବିଦ୍ୟୁତ୍ ବିତରଣ ସଂସ୍ଥାକୁ ଓ ଜଙ୍ଗଲ ବିଭାଗକୁ ତୁରନ୍ତ ଜଣାନ୍ତୁ।
ବିଦ୍ୟୁତ୍ ସୁରକ୍ଷା ଆପଣାନ୍ତୁ ଧନଜୀବନ ସୁରକ୍ଷିତ ରଖନ୍ତୁ।
ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
OIPR-04025/13/0004/2425


ଇଲା ପଣ୍ଡା
୨୬ ଅକ୍ଟୋବର ୧୯୩୨ – ୧୧ ଜାନୁଆରୀ ୨୦୦୫
ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା,
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା ଇଲା, ରାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟ ସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ପା ଗ୍ରୁପ୍
imfa
ଫୋନ: +91 674 2611000 | ଇମେଲ: memoriam@imfa.in



ଏକାମ୍ରକାନନ ପୁଷ୍ପ ପ୍ରଦର୍ଶନୀରେ କାକ୍ଟସ୍ ହାଉସ୍‌ରେ ପର୍ଯ୍ୟଟକ।



ଫୁଲରେ ସଜ୍ଜିତ ବୋଇତ ନିକଟରେ ପରିଦର୍ଶନକାରୀ ସେଲ୍ଫି ନେଉଛନ୍ତି।

# ମନ ଜିଣୁଛି ଏକାମ୍ରକାନନ ପୁଷ୍ପ ପ୍ରଦର୍ଶନୀ

ଭୁବନେଶ୍ୱର,୧୦।୧(ସୌମ୍ୟରଞ୍ଜନ ରାଉତ)

*ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଏବଂ ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ପକ୍ଷରୁ ଏକାମ୍ରକାନନ ପାର୍କରେ ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଚାଲିଛି। ଶୁକ୍ରବାର ଏହା ପଞ୍ଚମ ଦିନରେ ପହଞ୍ଚିଥିବାବେଳେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ପୁଷ୍ପ ପ୍ରଦର୍ଶନ କରାଯାଉଛି। ଏଠାରେ ବିଭିନ୍ନ ପ୍ରକାର ଆକର୍ଷଣୀୟ ରଙ୍ଗବେରଙ୍ଗର ଫୁଲ ରାଜଧାନୀବାସୀଙ୍କ ସମେତ ପର୍ଯ୍ୟଟକ ଓ ଛାତ୍ରୀଛାତ୍ରଙ୍କ ମନ ଜିଣୁଛି। ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ଭୁବନେଶ୍ୱର ଆସିଥିବା ପ୍ରବାସୀମାନେ ମଧ୍ୟ ଏହି ପ୍ରଦର୍ଶନୀ ବୁଲି ମଜା ନେଉଥିବା ଦେଖିବାକୁ ମିଳୁଛି।*



## ଆକର୍ଷଣ ସାଜିଛି ନଡ଼ିଆକତା ଫୁଲ କୁଣ୍ଡ

ପୁଷ୍ପ ପ୍ରଦର୍ଶନୀର ସାଇଶ୍ରଦ୍ଧା ହସ୍ତଶିଳ୍ପ ତାଲିମ କେନ୍ଦ୍ର ଷ୍ଟଲ୍‌ରେ ନଡ଼ିଆକତାରେ ନିର୍ମିତ ଛୋଟବଡ଼ ଫୁଲ କୁଣ୍ଡ ବେଶ୍ ଆକର୍ଷଣୀୟ ହୋଇଛି। ଅତି ନିଖୁଣ କାରୁକାର୍ଯ୍ୟ ହୋଇଥିବାବେଳେ ଜଗନ୍ନାଥ, ବଳଭଦ୍ର,ସୁଭଦ୍ରାଙ୍କ ଚିତ୍ର ସହ ବିଭିନ୍ନ ପଟ୍ଟଚିତ୍ର ଅଙ୍କାଯାଇଛି। ମାଲିକ ଦୁର୍ଗାନନ୍ଦନ କହିଛନ୍ତି, ନଡ଼ିଆକତା କୁଣ୍ଡ କେବଳ ଶୋ ପାଇଁ କି ସୁନ୍ଦର ପାଇଁ ନୁହେଁ, ଆମ ପରିବେଶକୁ ପ୍ଲାଷ୍ଟିମୁକ୍ତ କରିବା ଅନୁଷ୍ଠାନ ପକ୍ଷରୁ ଏହି ପ୍ରୟାସ ଚାଲିଛି। ଏହି କୁଣ୍ଡର ବିଶେଷତା ହେଉଛି, ଥରେ ପାଣି ଦେଲେ ୩ରୁ୪ ଦିନ ପର୍ଯ୍ୟନ୍ତ ଗଛ ସତେଜ ରହିବା ସହ ଶୀଘ୍ର ଶୁଖି ନ ଥାଏ। ଗୋଟିଏ କୁଣ୍ଡର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ କରି ୩/୪ ହଜାର ଟଙ୍କା ରହିଛି।





## ଶାନ୍ତି ଦେଉଛି ଟଙ୍କ ତୋରାଣି

ଶ୍ରୀମନ୍ଦିରରେ ଟଙ୍କ ତୋରାଣି ପିଇବାକୁ ପୁରୀ ଯାଉଥିବା ଲୋକଙ୍କର ସ୍ୱତନ୍ତ୍ର ଇଚ୍ଛା ଥାଏ। ହେଲେ ଏବେ ଏହା ବାହାରେ ମିଳିଲାଣି। ତେବେ ଏକାମ୍ରକାନନ ପୁଷ୍ପପ୍ରଦର୍ଶନୀରେ ପୁରୀର ଏହି ପ୍ରସିଦ୍ଧ ଟଙ୍କ ତୋରାଣି ଷ୍ଟଲ ଖୋଲିଛି। ଏଠାରେ ମିଳୁଥିବା ଟଙ୍କ ତୋରାଣି ପିଇବାକୁ ଭିଡ଼ ଲାଗୁଥିବାବେଳେ ବେଶ୍ ଶାନ୍ତି ମିଳୁଥିବା ଲୋକେ କହୁଛନ୍ତି। ତେବେ ଏହାର ତିଆରି ସମ୍ପର୍କରେ ଷ୍ଟଲ୍ ଦାୟିତ୍ୱରେ ଥିବା ସୁବାଶିଷ ସାମନ୍ତରାୟ କୁହନ୍ତି, ପଖାଳ ତୋରାଣି, କଞ୍ଚାଲଙ୍କା, ଧନିଆପତ୍ର, ପୋଦିନା ପତ୍ର, ଆମ୍ବ କଷିଆ ଅଦା, ଲେମ୍ବୁରସ ଓ ପଞ୍ଚ ଫୁଟଣ ଦରକାର ହୋଇଥାଏ। ଏସବୁକୁ ଛୁଙ୍କ କରାଯାଇ ଭିନ୍ନ ସ୍ୱାଦ ଦିଆଯାଇଥାଏ।

## ନିଆରା ଅନୁଭବ ଦେଉଛି କାକ୍ଟସ୍ ହାଉସ୍

କାକ୍ଟସ୍ ହାଉସରେ ମଧ୍ୟ ପ୍ରବଳ ଭିଡ ହେବାର ଦେଖାଦେଉଛି। ଏଥିରେ ଅନେକ ପ୍ରକାର ଛୋଟବଡ଼ ମରୁଭୂମିର ଗଛଗୁଡିକ ରଖାଯାଇଛି। ବିଭିନ୍ନ ସ୍କୁଲରୁ ଆସୁଥିବା ଛାତ୍ରୀଛାତ୍ରମାନେ ଏହାକୁ ଦେଖିବା ସହ କାକ୍ଟସ୍ ବିଷୟରେ ପଚାରି ବୁଝୁଥିବା ଦେଖିବାକୁ ମିଳୁଛି।

# ଏକାମ୍ର ଉତ୍ସବ: 'ଖାଦ୍ୟ ମହୋତ୍ସବ'ରେ ଭିଡ଼ ଜମୁଛି



ଭୁବନେଶ୍ୱର, ୧୦।୧(ବନ୍ଦନା ସେଠୀ)

ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଚାଲିଥିବା ଏକାମ୍ର ଉତ୍ସବ ଶୁକ୍ରବାର ୬ଷ୍ଠ ଦିନରେ ପହଞ୍ଚିଛି। ଦିନ ଗଡିବା ସହ ପର୍ଯ୍ୟଟକ, ଦର୍ଶକ ଓ ଖାଦ୍ୟପ୍ରେମୀଙ୍କ ଭିଡ଼ ବଢୁଛି। ମେଳା ବୁଲା ସହ କିଣାକିଣି, ଖିଆପିଆ ଓ ମନୋରଞ୍ଜନର ନିଆରା ଅନୁଭବ ପାଉଛନ୍ତି ଅତିଥି, ପର୍ଯ୍ୟଟକ ଓ ସହରବାସୀ। ବିଶେଷକରି ଉତ୍ସବ ପରିସରରେ ଆୟୋଜିତ 'ଖାଦ୍ୟ ମହୋତ୍ସବ'ର ବାସ୍ନା ସମସ୍ତଙ୍କୁ ଟାଣି ନେଉଛି। ଗୋଟିଏ ଛାତ ତଳେ ବିଭିନ୍ନ ତାରକା ହୋଟେଲରେ ଖାଇବାର ନିଆରା ଅନୁଭୂତି ଦେଉଛି ଏହି 'ଖାଦ୍ୟ ମହୋତ୍ସବ'। ରାଜ୍ୟ ତଥା ଦେଶର ନାମିଦାମୀ ହୋଟେଲର ସୁସ୍ୱାଦୁ ବ୍ୟଞ୍ଜନ ଏଠାରେ କମ୍ ଦାମ୍‌ରେ ମିଳୁଥିବାରୁ ଖାଇବାକୁ ଲୋକଙ୍କ ଧାଡ଼ି ଲାଗୁଛି। ୧୪ଟି ଷ୍ଟଲରେ ଜାତୀୟ, ଅନ୍ତର୍ଜାତୀୟ ଓ ପାରମ୍ପରିକ ବ୍ୟଞ୍ଜନର ପସରା ମନଜିଣୁଛି। ବିଶେଷକରି ପତ୍ରପୋଡ଼ା ଖାଦ୍ୟର ଅଧିକ ଚାହିଦା ରହିଛି। ପତ୍ରପୋଡ଼ା ମଟନ ଓ ଦେଶୀ ଚିକେନ ଦାମ ୩୦୦ଟଙ୍କା ରହିଥିବାବେଳେ ପତ୍ରପୋଡା ଚିକେନ, ଚିଙ୍ଗୁଡି, ଟୁନା ମାଛ, ପନିର ଓ ଛତୁର ଦାମ ୨୫୦ ଟଙ୍କା ରହିଛି। ସେହିପରି ବ୍ୟଞ୍ଜନ ବଜାର ହାଣ୍ଡିଶାଳରେ ଦେଶୀ ଓ ପାରମ୍ପରିକ ସମନ୍ୱୟ ଦେଖିବାକୁ ମିଳୁଛି। ଗ୍ରିଲ୍ଡ ଆଲୁଟିକି ଚାଟ୍, ଦହି ଗୁପ୍‌ଚୁପ ଚାଟ, କଟକି ଦହିବରା ଆଳୁଦମ୍, ମସ୍କା ପାୱାଭାଜି, ଚଟପଟା ବଏଲ୍ଡ କର୍ନ, ଏଗ୍ ରୋଲ, ଚିକେନ ରୋଲ୍ ଭଳି ଖାଦ୍ୟକୁ ଯୁବପିଢି ଅଧିକ ପସନ୍ଦ କରୁଛନ୍ତି। ଆମିଷ ଭିତରେ ଚିକେନ ବାର୍ବିକ୍ୟୁ, ଫିସ୍ ବାର୍ବିକ୍ୟୁ, ହାଇଦ୍ରାବାଦୀ ଚିକେନ, ମଟନ ବିରିୟାନୀ, ଚିକେନ ଫ୍ରାଏଡ଼ ରାଇସ ଭଳି ବିଭିନ୍ନ ବ୍ୟଞ୍ଜନ ରହିଛି। ସେହିପରି ଥଣ୍ଡା ପାନୀୟ, ଆଇସ୍‌କ୍ରିମ ଭଳି ଷ୍ଟାଟର ମଧ୍ୟ ଉପଲବ୍ଧ ରହିଛି। ଏଥିସହ ମନୋରଞ୍ଜନ ପାଇଁ ସ୍ୱତନ୍ତ୍ର ମଞ୍ଚ 'ଓଲିଉଡ୍ ଇଭ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ରାଜଧାନୀ ଉତ୍ସବ ମୁଖର ହୋଇଉଠିଛି। ଆଲୋକମାଳା ଓ ସାଜସଜ୍ଜା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହୁଛି। ସମ୍ମିଳନୀ ଶେଷ ହୋଇଥିଲେ ମଧ୍ୟ ପ୍ରବାସୀ ଭାରତୀୟମାନେ ଏଠାରେ ରହଣି କରୁଥିବାରୁ ବିଡିଏ ପକ୍ଷରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଏକାମ୍ର ଉତ୍ସବ ଜାରି ରହିବ। ଅପରାହ୍ନ ୪ଟାରୁ ରାତି ୧୧ଟା ଯାଏ ଚାଲୁଥିବା ଏହି ଉତ୍ସବ ଅତିଥି, ପର୍ଯ୍ୟଟକ, ଆଗନ୍ତୁକ ଏବଂ ଜନତାଙ୍କ ପାଇଁ ଭିନ୍ନ ଶୀତକାଳୀନ ଅନୁଭବ ଦେଉଛି। ସୃଜନଶୀଳତା ସହ ବାଣିଜ୍ୟ ପାଇଁ ଏହା ଏକ ବଡ଼ ହବ୍ ପାଲଟିଛି।

# କେୟାର ହସ୍ପିଟାଲ ପକ୍ଷରୁ 'କେୟାର କନେକ୍ଟ'




ଭୁବନେଶ୍ୱର,୧୦।୧(ଅନୁରାଧା ମହାରଣା)

କେୟାର ହସ୍ପିଟାଲ ପକ୍ଷରୁ 'କେୟାର କନେକ୍ଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଚିକିତ୍ସା ପାଇଥିବା ରୋଗୀମାନେ ଡିସ୍‌ଚାର୍ଜ ପରେ ସେମାନଙ୍କ ସଫଳତାର କାହାଣୀ କହିବା ସହ ସେମାନଙ୍କ ସୁସ୍ଥତା କ୍ଷେତ୍ରରେ ହସ୍ପିଟାଲର ଗଭୀର ପ୍ରଭାବ ରହିଥିବା କଥା ଜଣାଇଥିଲେ। ସେମାନଙ୍କ ଅନୁଭୂତି ଓ ପ୍ରଶଂସା ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ହସ୍ପିଟାଲକୁ ପ୍ରତିବଦ୍ଧ କରିଥିଲା। କେୟାର ହସ୍ପିଟାଲର ଡାକ୍ତରମାନେ ନ୍ୟୁରୋସର୍ଜିକାଲ କେୟାରର ଅତ୍ୟାଧୁନିକ ଚିକିତ୍ସା ଉପରେ କହିଥିଲେ। ନ୍ୟୁରୋ ଆଣ୍ଡ୍ ସ୍ପାଇନ୍ ସର୍ଜନ ଡ. ଆତ୍ମରଞ୍ଜନ ଦାଶ ବାଇପୋର୍ଟାଲ ଏଣ୍ଡୋସ୍କୋପିକ ସ୍ପାଇନ୍ ସର୍ଜରିର ପ୍ରଭାବଶାଳୀ ଫଳାଫଳ ଉପରେ କହିବା ସହ ନ୍ୟୁରୋ ସର୍ଜନ ଡ. ସୁଶାନ୍ତ ଦାଶ ମସ୍ତିଷ୍କ ଅସ୍ତ୍ରୋପଚାରରେ ରୋଗୀଙ୍କ ସର୍ବୋତ୍ତମ ଫଳାଫଳ ହାସଲ କରିବା ପାଇଁ ନୂତନ ଟେକ୍ନୋଲୋଜିକୁ ଆପଣାଇବା ଦିଗରେ ଆଲୋଚନା କରିଥିଲେ। ନ୍ୟୁରୋଲୋଜିଷ୍ଟ ଡ. ମିତାଲି କର ଷ୍ଟ୍ରୋକ୍ ମ୍ୟାନେଜମେଣ୍ଟ ପ୍ରୋଟୋକଲରେ ଉନ୍ନତି ଆଣିବା ଦ୍ୱାରା ରୋଗୀମାନଙ୍କୁ ସମୟୋଚିତ ଓ ସମ୍ପୂର୍ଣ୍ଣ ସ୍ନାୟୁ ଚିକିତ୍ସା ପ୍ରଦାନ କରାଯାଇପାରୁଛି ବୋଲି କହିଥିଲେ। ନ୍ୟୁରୋଲୋଜିଷ୍ଟ ଡ. ସୁଚରିତା ଆନନ୍ଦ ଅତ୍ୟାଧୁନିକ ଟେକ୍ନୋଲୋଜି ଦ୍ୱାରା ଅନ୍ୟାନ୍ୟ ଜଟିଳ ରୋଗର ଉନ୍ନତ ଚିକିତ୍ସା ସହିତ ଉନ୍ନତମାନର ସେବା ଯୋଗାଇଦେବାକୁ ହସ୍ପିଟାଲ ପ୍ରତିବଦ୍ଧ ବୋଲି କହିଥିଲେ। ସୂଚନାଯୋଗ୍ୟ, କେୟାର କନେକ୍ଟ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀ ଓ ରୋଗୀଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟ୍‌ଫର୍ମ ରୂପେ କାର୍ଯ୍ୟ କରିଆସୁଛି ଏବଂ ରୋଗୀମାନଙ୍କ ଆବଶ୍ୟକତା ଓ ସ୍ୱାସ୍ଥ୍ୟସେବାରେ ଉନ୍ନତି ଅଣାଯାଇପାରୁଛି।

# ଚନ୍ଦକା ଆଦିବାସୀ ଆଞ୍ଚଳିକ ମଞ୍ଚର ଶୋଭାଯାତ୍ରା

ବାରଙ୍ଗ,୧୦।୧(ଲିଙ୍ଗରାଜ ରାଉତ)- ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଓ ଚନ୍ଦକା ଆଞ୍ଚଳିକ କମିଟି ପକ୍ଷରୁ ଶୁକ୍ରବାର ଶତାଧିକ କର୍ମୀ ଓ ଭାଗ ଚାଷୀ ଚନ୍ଦକା ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରାରେ ବାହାରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଏହି ଶୋଭାଯାତ୍ରାରେ ପଥରଗାଡ଼ିଆ,ସୁରନ୍ଦପୁର, ଆମ୍ବପଡ଼ିଆ, ଚୁଡ଼ଙ୍ଗଗଡ଼, କୃଷ୍ଣନଗର, ପିତାଗାଡ଼ିଆ, ଫିଙ୍ଗିନାଳି, ଶିମିଳିପାଟଣା, ଗୋଡ଼ିବାରି, ଅନ୍ଧାରୁଆ, ନୋଧରା, ଡେରାସ ପ୍ରମୁଖ ଗ୍ରାମର ଆଦିବାସୀମାନେ ଯୋଗ ଦେଇଥିଲେ। ଆଦିବାସୀମାନେ ୪ଦଫା ସମ୍ବଳିତ ଦାବିପତ୍ର ଚନ୍ଦକା ରାଜସ୍ୱ ନିରୀକ୍ଷକଙ୍କୁ ପ୍ରଦାନ କରିଥିଲେ। ଏହି ଦାବିଗୁଡ଼ିକ ମଧ୍ୟରେ ଅଦିନିଆ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ଭାଗଚାଷୀଙ୍କୁ ୭୫% ଏବଂ ଜମି ମାଲିକଙ୍କୁ ୨୫% କ୍ଷତିପୂରଣ, ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁସାରେ ଉକ୍ତ ଆଦିବାସୀ ଗ୍ରାମର ଲୋକଙ୍କୁ ଜଙ୍ଗଲ ଅଧିକାରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ପଟ୍ଟା ଦିଆଯାଉ, ସମସ୍ତ ଭୂମିହୀନ ପରିବାରକୁ ୧୦ ଡିସିମିଲି ଘରବାରି ପଟ୍ଟା ଏବଂ ଦଖଲ ଜମିର ପଟ୍ଟା ପ୍ରଦାନ, ଜମିର ପଟ୍ଟା ନ ଥିବା ପରିବାରଙ୍କୁ ଲୋକାଲ ଇନ୍‌କ୍ୱାରି ମାଧ୍ୟମରେ ଜାତିଗତ ପ୍ରମାଣପତ୍ର ପ୍ରଦାନର ଦାବି ରଖାଯାଇଥିଲା।




ନନ୍ଦନକାନନ ଭ୍ରମଣରେ ଆସିଥିବା ପ୍ରବାସୀ ଭାରତୀୟମାନେ।

# ୯ ଜଣଙ୍କୁ 'କଳିଙ୍ଗ ପ୍ରତିଭା ସମ୍ମାନ'

ଭୁବନେଶ୍ୱର,୧୦।୧(ସୁଚିସ୍ମିତା ସାହୁ)

## ସାଂସ୍କୃତିକ ମୂଲ୍ୟବୋଧର ଅବକ୍ଷୟ ରୋକାଯିବାକୁ ଆହ୍ୱାନ

'ସଂସ୍କୃତି ଓ ସଂସ୍କୃତି' ଏବଂ ଶିକ୍ଷାବିତ ହାଡ଼ିବନ୍ଧୁ ହାଲି ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ୯ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'କଳିଙ୍ଗ ପ୍ରତିଭା ସମ୍ମାନ-୨୦୨୫' ପ୍ରଦାନ କରାଯାଇଛି। ଶୁକ୍ରବାର ବୁଦ୍ଧମନ୍ଦିରଠାରେ ଆୟୋଜିତ ଉତ୍ସବରେ ବାଚସ୍ପତି ସୁରମା ପାଢୀ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଏବଂ 'କାଦମ୍ବିନୀ' ସମ୍ପାଦିକା ଡ. ଇତି ସାମନ୍ତ ପ୍ରମୁଖ ଅତିଥି ରୂପେ ଯୋଗଦେଇ ହାଡ଼ିବନ୍ଧୁ ହାଲିଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ମୂଲ୍ୟବୋଧର ଅବକ୍ଷୟକୁ ରୋକାଯିବା ନିମନ୍ତେ ସେମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ କଳିଙ୍ଗ ପ୍ରତିଭା ସମ୍ମାନ ସ୍ୱରୂପ ସ୍ୱତନ୍ତ୍ର ଭାବେ ଡ. ଅଚ୍ୟୁତ ସାମନ୍ତଙ୍କୁ କଳିଙ୍ଗ ବିଶ୍ୱନିଧି ସମ୍ମାନ, ପିତାମ୍ବର ଆଚାର୍ଯ୍ୟଙ୍କୁ କଳିଙ୍ଗ ନ୍ୟାୟନିଧି ସମ୍ମାନ ଓ ବାବୁ ସିଂଙ୍କୁ କଳିଙ୍ଗ ସେବାନିଧି ସମ୍ମାନରେ ବାଚସ୍ପତି ସମ୍ମାନିତ କରିଥିଲେ। ସେହିପରି ସିନେ ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ଅଭିନେତା ମନୋଜ ମିଶ୍ର, ଶିକ୍ଷାବିତ୍ ବନ୍ଦିତା ଦାଶ, ପ୍ରଯୋଜକ ଅତିଶ ରାଉତ, ଆଡ୍‌ଭୋକେଟ ମୋନାଲିସା ଗନ୍ତାୟତ, ପ୍ରଯୋଜକ ଚନ୍ଦ୍ରକାନ୍ତ ରାୟ, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ଚିତ୍ରକର ସୁନୀଲ ଡାକୁଆ ଓ ଚିତ୍ରକର ସୀମାଞ୍ଚଳ ନାୟକଙ୍କୁ 'କଳିଙ୍ଗ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେଶନର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ସମ୍ପାଦିକା ଶିକ୍ଷାବିତ ଡ. ମିନାକ୍ଷୀ ଦାସ ସ୍ୱାଗତ ଭାଷଣ ଦେଇଥିଲେ। 'ସଂସ୍କୃତି ଓ ସଂସ୍କୃତି'ର ସମ୍ପାଦକ ଦିଲୀପ ହାଲି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିତ ଡ. ସ୍ନେହ ମିଶ୍ର ସଂଯୋଜନା କରିଥିଲେ।




ଅତିଥିଙ୍କ ସହ କଳିଙ୍ଗ ପ୍ରତିଭା ସମ୍ମାନ ପାଇଥିବା ବ୍ୟକ୍ତିମାନେ।

# ଟ୍ରାଇବାଲ ଗ୍ଲୋବାଲ ଫେଷ୍ଟ ଉଦ୍‌ଘାଟିତ

## ସ୍ୱାଧୀନତା ସଂଗ୍ରାମୀ, ମହାପୁରୁଷଙ୍କୁ ଇତିହାସରେ ସ୍ଥାନ ଦେବାକୁ ପ୍ରୟାସ

ଭୁବନେଶ୍ୱର,୧୦।୧(ସୁଚିସ୍ମିତା ସାହୁ)

ଓଡିଶାରୁ ଇଂରେଜଙ୍କୁ ହଟାଇବାର ମୁଖ୍ୟଭୂମିକା ଆଦିବାସୀମାନେ ନେଇଥିଲେ। ତେଣୁ ପ୍ରାଣବଳି ଦେଇଥିବା ଏହି ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କୁ ଇତିହାସରେ ସ୍ଥାନ ଦେବାକୁ ଏବେ ପ୍ରୟାସ ଆରମ୍ଭ ହୋଇଛି। ଓଡିଶାର ୧୦୦ବର୍ଷ ପୂର୍ତ୍ତିରେ ଯଦି ଏହି ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେ ନ ପକାଯାଏ, ତେବେ ଇତିହାସ ପ୍ରତି ଅନ୍ୟାୟ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ପ୍ରବାସୀ ଭାରତୀୟ ଦିବସ ଅବସରରେ ଶୁକ୍ରବାର ଆଦି ଟ୍ରାଇବାଲ ଫାଉଣ୍ଡେଶନ ପକ୍ଷରୁ ତିନିଦିନିଆ 'ଟ୍ରାଇବାଲ ଗ୍ଲୋବାଲ ଫେଷ୍ଟ' ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ଏହାକୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଲେ, ବର୍ତ୍ତମାନ ଯୁଗରେ ଶହଶହ ମେଧାବୀ ଛାତ୍ରୀ ବାହାରି ପାରିବେ, କିନ୍ତୁ ଜଣେ ରମାଦେବୀ ବାହାରିବାର ଆବଶ୍ୟକତା ରହିଛି। ସମାଜକୁ ସଞ୍ଚାରିତ କରିବା ପାଇଁ ପୂର୍ବପୁରୁଷଙ୍କ ଭଳି ବ୍ୟକ୍ତିତ୍ୱଙ୍କର ଆବଶ୍ୟକତା ରହିଛି। ନୂତନ ଓଡିଶାର ଦାୟିତ୍ୱ ନେବା ପାଇଁ ଯୁବପିଢ଼ିଙ୍କ ଭିତରୁ ଶ୍ରେଷ୍ଠ କାରିଗର ବାହାରନ୍ତୁ ବୋଲି ସେ କହିଛନ୍ତି। ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ କହିଲେ, ଯୁବପିଢ଼ି ଆଗକୁ ବଢ଼ିଲେ, ଦେଶ ଆଗକୁ ଯିବ। ବିଦ୍ୟାର୍ଥୀମାନେ ଦେଶ ସମ୍ଭାଳିବାର ନେତୃତ୍ୱ ଗ୍ରହଣ କରନ୍ତୁ। ଗ୍ରାମାଞ୍ଚଳର ଆଦିବାସୀ ଲୋକଙ୍କୁ ପାଣି ଓ ଗରିବ ଲୋକଙ୍କୁ ପକ୍କା ଘର ଯୋଗାଇଦେବା ବଡ ଚ୍ୟାଲେଞ୍ଜ ବୋଲି ସେ କହିଛନ୍ତି। ଏମ୍ଏସ୍ଏମ୍ଇ, ଟ୍ରାଇଫେଡ୍ ଏବଂ ଏନ୍‌ସିୟୁଆଇର ମିଳିତ ସହଯୋଗରେ ଆୟୋଜିତ ଆଦିବାସୀ ଗ୍ଲୋବାଲ କନ୍‌କ୍ଲେଭରେ ଯାଜପୁର ଏମ୍‌ପି ଡ. ରବି ନାରାୟଣ ବେହେରା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ଚଣ୍ଡି ଚରଣ ରଥ, ଆଦି ଫାଉଣ୍ଡେଶନର ଜେନେରାଲ ସେକ୍ରେଟାରୀ ଡ. ଚିଦମ୍ବିକା ଖଟୁଆ, ଡ. ମେଜର କଳ୍ପନା ଦାସ, ମୋଟିଭେସନ ସ୍ପିକର ଆରତୀ ଶର୍ମା, ଭାରତର ପ୍ରଥମ ଆଦିବାସୀ ରାଣୀ ପଲ୍ଲବୀ ଦୁରୁଆ, ପବନ ଗୁପ୍ତା, ଡ. ରଜନୀକାନ୍ତ ମିଶ୍ର ଓ କେ. ତମନ୍ନା ପ୍ରମୁଖ ଯୋଗଦେଇଥିଲେ। ଏଥିସହ ବହୁ ନେତା, ଉଦ୍ୟୋଗୀ, ଗବେଷକ ଏବଂ ଅନ୍ତର୍ଜାତୀୟ ପ୍ରତିନିଧିମାନେ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଘୋଡା ନାଚ, ସାନ୍ତାଳି ନୃତ୍ୟ ଏବଂ ଛଉ ନୃତ୍ୟ ସହ ସୁସ୍ମିତା ଦାସଙ୍କ ଗୀତ ପରିବେଷଣ କରାଯାଇଥିଲା। ଏହି ଫେଷ୍ଟରେ ୭୦ ଷ୍ଟଲ୍‌ରେ ଆଦିବାସୀ ଜିନଷପତ୍ର ସହିତ ବିଭିନ୍ନ ପ୍ରକାରର ଖାଦ୍ୟପ୍ରେୟର ବ୍ୟବସ୍ଥା ରହିଛି।




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସହ ଅନ୍ୟମାନେ।

# ‘ଯୁବ ଆଇନଜୀବୀ ବରିଷ୍ଠଙ୍କ ପରାମର୍ଶ ନିଅନ୍ତୁ’

ଖୋର୍ଦ୍ଧା, ୧୦।୧ (ପ୍ରଭାତ ପାଣିଗ୍ରାହୀ)

**ଖୋର୍ଦ୍ଧା ଜିଲା ଓକିଲ ସଂଘର ୨୯ତମ ବାର୍ଷିକୋତ୍ସବ**

ଯୁବ ଆଇନଜୀବୀଙ୍କ ପାଇଁ ଯଥେଷ୍ଟ ସୁଯୋଗ ରହିଛି। ଇ-ଲାଇବ୍ରେରି, ଭର୍ଚ୍ଚୁଆଲରେ ହାଇକୋର୍ଟରେ କେସ୍ ପରିଚାଳନା ସୁଯୋଗ ଉପଲବ୍ଧ ହେଉଛି। ଏହାର ସଦୁପଯୋଗ, କଠିନ ପରିଶ୍ରମ କଲେ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ। ବରିଷ୍ଠ ଆଇନଜୀବୀଙ୍କୁ ମାର୍ଗଦର୍ଶକ ଭାବେ ଗ୍ରହଣ କରି ସେମାନଙ୍କଠାରୁ ପ୍ରେରଣା ନିଅ। ଏଥିସହ ସେମାନଙ୍କଠାରୁ ଜ୍ଞାନ ଆହରଣ କରିବାକୁ ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ କହିଛନ୍ତି।

ଖୋର୍ଦ୍ଧା ଜିଲା ଓକିଲ ସଂଘ ପକ୍ଷରୁ ନ୍ୟାୟାଳୟ ପରିସରରେ ଆୟୋଜିତ ୨୯ତମ ବାର୍ଷିକ ଉତ୍ସବର ପ୍ରଥମ ଦିବସ ଶୁକ୍ରବାର ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ବରିଷ୍ଠ ଆଇନଜୀବୀମାନେ ତାଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଜୁନିୟରଙ୍କୁ ପୁଅ, ଝିଅଭାବେ ସ୍ନେହ କରିବା ସହ ଆଗକୁ ବଢ଼ିବାକୁ ପ୍ରେରଣା ଏବଂ ଉତ୍ସାହିତ କରନ୍ତୁ। ଆଇନସେବା କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ହେଲେ ସମୟ ଅପଚୟ ନ କରି ପରିଶ୍ରମ କରିବାକୁ ଯୁବ ଆଇନଜୀବୀଙ୍କୁ ପରାମର୍ଶ ଦେଇଥିଲେ। ସେହିଭଳି ବିଚାରପତିମାନେ ମାମଲାର ତ୍ୱରିତ ବିଚାର ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ଆଇନଜୀବୀମାନେ କୋର୍ଟକୁ ନିୟମିତ ଆସୁଛନ୍ତି, ଏହା ଏକ ଗୌରବର ବିଷୟ। ଏହି ଅବସରରେ ସେ ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ସ୍ଥାନ ନିରୀକ୍ଷଣ ସହ ସମୀକ୍ଷା କରିଥିଲେ।

ଖୋର୍ଦ୍ଧା ଜିଲା ଓକିଲ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର ଅତିଥି ପରିଚୟ ସହ ସଭାପତିତ୍ୱ ଭାଷଣରେ ଖୋର୍ଦ୍ଧା ଜିଲା ଏବଂ ଓକିଲ ସଂଘର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। ନୂତନ ଜୁଡିସିଆଲ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ, ପୋକ୍‌ସୋ ମାମଲା ପରିଚାଳନା ପାଇଁ ଅଦାଲତ ସ୍ଥାପନ, ଦୁର୍ନୀତି ମାମଲା ପରିଚାଳନା ପାଇଁ ନୂତନ ଭିଜିଲାନ୍ସ କୋର୍ଟର ଆବଶ୍ୟକ ରହିଛି ବୋଲି ପ୍ରସ୍ତାବ ଦେଇଥିଲେ। ଏଥିସହ ଖୋର୍ଦ୍ଧାରେ ଜିଲା ଜଜ୍ ଏବଂ ଅନ୍ୟାନ୍ୟ ଜିଲାସ୍ତରୀୟ ବିଚାର ବିଭାଗ ଇଜିଲାସମାନ ପ୍ରତିଷ୍ଠା ନେଇ ସଂଘ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଓକିଲ ସଂଘ ସଦସ୍ୟ ସଂଖ୍ୟା ୬ଶହ ଟପିଲାଣି। ସେମାନଙ୍କ ବସିବା ପାଇଁ ଉପଯୁକ୍ତ ସ୍ଥାନ, ଲାଇବ୍ରେରି ସୁବିଧା ଉପଲବ୍ଧ ନାହିଁ। ହାଇକୋର୍ଟ ବିଚାରପତି ସଂଘର ଆବଶ୍ୟକତାକୁ ଉପଲବ୍ଧି କରି ସରକାରଙ୍କୁ ଅବଗତ କରାଇ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ସମ୍ପାଦକ ପ୍ରଭଞ୍ଜନ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ଦୌରାଜଜ୍‌ଙ୍କ ସମେତ ଖୋର୍ଦ୍ଧା ନ୍ୟାୟାଳୟରେ କାର୍ଯ୍ୟରତ ସମସ୍ତ ବିଚାରପତି ଉପସ୍ଥିତ ଥିଲେ। ଏଥିସହ ସମସ୍ତ ଆଇନଜୀବୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବେଦପାଠ ସହ ମହିଳା ଆଇନଜୀବୀମାନେ ସମୂହ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ।


କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଉଦ୍‌ବୋଧନ ଦେଉଛନ୍ତି।

### ୧୦ ବରିଷ୍ଠ ଆଇନଜୀବୀ ସମ୍ମାନିତ

ଖୋର୍ଦ୍ଧା ନ୍ୟାୟାଳୟରେ ଆଇନ ସେବାରେ ଦୀର୍ଘ ବର୍ଷ କାର୍ଯ୍ୟ କରୁଥିବା ୫୦ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ଆଇନଜୀବୀଙ୍କୁ ହାଇକୋର୍ଟ ବିଚାରପତି ସମ୍ବର୍ଦ୍ଧିତ କରିଥିଲେ। ମଞ୍ଚରୁ ଓହ୍ଲାଇ ଆଇନଜୀବୀଙ୍କ ନିକଟକୁ ଯାଇ ସମ୍ବର୍ଦ୍ଧିତ କରିବା ସହ ଭାବବିନିମୟ କରିଥିଲେ। ସେମାନେ ହେଲେ ଆଇନଜୀବୀ ଦେବେନ୍ଦ୍ର କୁମାର କର, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଶିବ ସୁନ୍ଦର ପଟ୍ଟନାୟକ, ପ୍ରଦୀପ୍ତ କୁମାର ପ୍ରଧାନ, କେଦାରନାଥ ରାୟ, ନରେନ୍ଦ୍ର କୁମାର ପଟ୍ଟନାୟକ, ରଜନୀକାନ୍ତ ପଟ୍ଟନାୟକ, ବିଜୟ କୁମାର ଛୋଟରାୟ, ବିଷ୍ଣୁଚରଣ ପଟ୍ଟନାୟକ ଏବଂ ବିଧାନଚନ୍ଦ୍ର ମହାନ୍ତି।

### ନାଟକ ‘ଦିଅଁ ପୂଜିବାକୁ ଦେଉଳ ମନା’ ପରିବେଷିତ

ଉଦ୍‌ଘାଟନୀ ଦିବସରେ ଆଇନଜୀବୀ ମାନେ ସାମାଜିକ ନାଟକ ‘ଦିଅଁ ପୂଜିବାକୁ ଦେଉଳ ମନା’ ପରିବେଷଣ କରିଥିଲେ। ନାଟ୍ୟକାର ଡ.କୈଳାସ ମଲ୍ଲିକଙ୍କ ନିର୍ଦ୍ଦେଶିତ ଏହି ନାଟକର ନିର୍ଦ୍ଦେଶନା ଲାଲା ବିରେନ ରାୟ ଦେଇଥିବା ବେଳେ ସଙ୍ଗୀତରେ ପ୍ରତାପ ମୁନି ଏବଂ ନୃତ୍ୟରେ ସରିତା ମିଶ୍ର ନିର୍ଦ୍ଦେଶନା ଦେଇଛନ୍ତି। ନାଟକ ଦର୍ଶକଙ୍କ ମନଛୁଇଁଥିଲା। ଶନିବାର ମୋହରିରଙ୍କ ପକ୍ଷରୁ ନାଟକ ‘କଳଙ୍କ ମୋ ପାଇଁ ଚନ୍ଦନ ଟୋପା’ ପରିବେଷଣ ହେବ।

## ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ


ଅତିଥିଙ୍କଠାରୁ ଜଣେ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବାଲୁଗାଁ, ୧୦।୧ (ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟର ପ୍ରଜ୍ଞା ଭବନ ସଭାଗୃହରେ ଶୁକ୍ରବାର ପ୍ରବାସୀ ଭାରତୀୟ ଦିବସ ସମ୍ମେଳନର ଉଦ୍‌ଯାପନ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବା ସହ ଜନସାଧାରଣଙ୍କ ସଚେତନତା ପାଇଁ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିସହ ତିନିଦିନ ଧରି ମହାବିଦ୍ୟାଳୟର କୋଠାଗୁଡ଼ିକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଅଧକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଦିଗ୍‌ଦର୍ଶନ ଓ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡ. ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁଗ୍ମ ଅଧକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା ଡ. ମୋନାଲିସା ମାନସିଂହ, ନାରୁଣୀ ମହାବିଦ୍ୟାଳୟ ଅଧ୍ୟାପକ ଅଶୋକ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ବିକଶିତ ଭାରତ ଗଠନରେ ପ୍ରବାସୀ ଭାରତୀୟଙ୍କ ସମ୍ପୃକ୍ତି ଓ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଝର୍ଣ୍ଣାମୟୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ମୃତ୍ୟୁଞ୍ଜୟ ଶଙ୍କର ପ୍ରସାଦ ମିଶ୍ର, ପୁନିତା ନନ୍ଦ, ଖରଣା ନାଥ, ବାଳକୃଷ୍ଣ ପାଢ଼ୀ, କ୍ରିଷ୍ଣା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ସଂକ୍ଷେପରେ**

### ଧାନମଣ୍ଡି ଉଦ୍‌ଘାଟିତ, ଉଠିଲାନି ଧାନ

ନିରାକାରପୁର, ୧୦।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା କାମାଗୁରୁ ଏବଂ କାଶୀପୁର ସେବା ସମବାୟ ସମିତିରେ ଶୁକ୍ରବାର ଧାନ ମଣ୍ଡି ଉଦ୍‌ଘାଟନ ହୋଇଥିଲେ ମଧ୍ୟ ଧାନ ଉଠିଲାନି। ଏନେଇ ସମିତି ସଭାପତି ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ କୁହନ୍ତି, ଧାନ ମଣ୍ଡି ଖୋଲାଯିବା ପୂର୍ବରୁ ଉଭୟ ମିଲର ଓ ଚାଷୀ କମିଟି ମଧ୍ୟରେ ଏକ ବୈଠକ ହେବା କଥା। ଏହା ହୋଇପାରି ନ ଥିଲା। ତେଣୁ ଉଦ୍‌ଘାଟନ ଉତ୍ସବ ସହିତ ସଭା ହୋଇଥିଲା। ଶନିବାରଠାରୁ ଧାନ ଉଠିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ଧାନ ଦେବାକୁ ଥିବା ଚାଷୀମାନେ ନିରାଶ ହୋଇ ଫେରିଥିବା ଜଣାପଡ଼ିଛି। ଉଦ୍‌ଘାଟନ ଉତ୍ସବରେ ବାଲୁଗାଁ ଆରଏମସି, ଡିଆ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଲଟନ କିଣ୍ଡୋ, ଚାଷୀ ନେତା ବିପିନ କୁମାର ଜୟସିଂହ, ଚଣ୍ଡେଶ୍ୱର ଶକ୍ତି ତାରିଣୀ ରାଇସ ମିଲର ମିଲର ପ୍ରଦୀପ ଜେନା, ଅନୁଷ୍ଠାନର ସଭାପତି ପ୍ରଦୀପ୍ତ ଷଡ଼ଙ୍ଗୀଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ।

### ମା’ତାରିଣୀ ଫୁଟ୍‌ବଲ ଟୁର୍ନାମେଣ୍ଟ ୧୨ରୁ

ବେଗୁନିଆ, ୧୦।୧ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଖେଳପଡ଼ିଆରେ ଆସନ୍ତା ୧୨ତାରିଖରୁ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ମା’ତାରିଣୀ ଫୁଟ୍‌ବଲ କ୍ଲବ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ହେବାକୁ ଥିବା ବେଳେ ୧୯ତାରିଖରେ ଉଦ୍‌ଯାପିତ ହେବ। ଏଥିରେ କଟକ ଏବଂ ଖୋର୍ଦ୍ଧା ଜିଲାର ସରଧାପୁର, ବେତରଜଙ୍ଗ, ନିଧିପୁର, ଠଣାପଲ୍ଲି, ପାଣିଓରା, କୁମ୍ଭିଲ, ପୋଡାପଡା ଏବଂ ବାଙ୍କୀ ଫୁଟ୍‌ବଲ କ୍ଲବ ଅଂଶଗ୍ରହଣ କରିବେ।

### ବାଇକ୍ ଚୋରକୁ ମାଡ଼ମାରି ପୋଲିସ ଜିମାଦେଲେ

ଖୋର୍ଦ୍ଧା, ୧୦।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରରେ ବାଇକ୍ ଚୋରି ବଢ଼ିବାରେ ଲାଗିଛି। ଶୁକ୍ରବାର ମଧ୍ୟାହ୍ନରେ ଜଣେ ଯୁବକ ଏକ ଚୋରି ବାଇକ କୋର୍ଟ ନିକଟ ଗ୍ୟାରେଜକୁ ମରାମତିକୁ ଆଣିଥିଲା। ଏହି ସମୟରେ ଉକ୍ତ ବାଟ ଦେଇ ଯାଉଥିବା ବାଇକ୍ ମାଲିକ ନିଜ ଚୋରି ଯାଇଥିବା ବାଇକ୍‌କୁ ଦେଖି ସେଠାରେ ଅଟକି ଚୋରକୁ ପଚାରିବା ବେଳେ ସେ ସେଠାରୁ ଖସିଯିବାକୁ ଉଦ୍ୟମ ବେଳେ ଲୋକେ ତାଙ୍କୁ ଧରି ମାଡ଼ମାରି ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚୁରା କରୁଛି। ପ୍ରକାଶ ଯେ, ବିଡିଏ ପ୍ରାଇଭେଟ ପ୍ଲଟ କଲୋନୀରୁ ଦୁଇ ସପ୍ତାହ ତଳେ ଦୁଇଟି ବାଇକ ଚୋରି ହୋଇଥିଲା। ଏକାଧିକ ବାଇକ ଚୋରି ଘଟଣା ଥାନାରେ ଗଡୁଥିବା ବେଳେ ପୋଲିସର ଏହାର ଟେର ପାଉନଥିବା ଚର୍ଚ୍ଚା ହେଉଛି। ଏଥିରେ ଏକ ରାକେଟ କାମ କରୁଛି। ଏମାନେ ସାହି ଗଳିକନ୍ଦି ବୁଲୁଛନ୍ତି। ଘର ବାହାରେ ପାର୍କିଂ ହୋଇଥିବା ବାଇକକୁ ଚୋରି କରି ନେଉଯାଉଛନ୍ତି। ବିଡିଏ କଲୋନୀରୁ ଜଣେ ଯୁବକ ମୁହଁରେ ରୁମାଲ ବାନ୍ଧି ଚାଲି ଚାଲି ଆସି ବାଇକ୍ ଧରି ଫେରାର ହେଉଯାଉଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି।

## ବାଲୁଗାଁରୁ ହଟିଲା ଜବରଦଖଲ



ବାଲୁଗାଁ, ୧୦।୧ (ସଂଗ୍ରାମ ପାଇକରାୟ)

ବାଲୁଗାଁ ବଜାର ଦେଇ ଯାଇଥିବା ୫ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତୀକରଣ କରାଯାଉଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ ନିମନ୍ତେ ରାସ୍ତାପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ପ୍ରଶାସନ ପକ୍ଷରୁ ଜାରି ରହିଛି। ଶୁକ୍ରବାର ତୃତୀୟ ପର୍ଯ୍ୟାୟରେ ବାଲୁଗାଁ ମୁଖ୍ୟ ବଜାର ଅଞ୍ଚଳରୁ ଜବରଦଖଲକାରୀଙ୍କ ଦୋକାନ ଏବଂ ବାସଗୃହ ହଟାଯାଇଛି। ଚିଲିକା ତହସିଲଦାର କାହ୍ନୁଚରଣ ଘଡ଼େଇ ଏବଂ ଅତିରିକ୍ତ ତହସିଲଦାର ବିଷ୍ଣୁପ୍ରିୟା ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ ଅଭିଯାନ ହୋଇଥିଲା। ବାଲୁଗାଁ ରାଜସ୍ୱ ନିରୀକ୍ଷକ ନିକୁଞ୍ଜ ପ୍ରଧାନ, ଅମିନ ଭାଗୀରଥି ଜେନା ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଏହି ଉଚ୍ଛେଦ କାର୍ଯ୍ୟରେ ସହଯୋଗ କରିଥିଲେ। ବାଲୁଗାଁ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ସୂଚନାଥାଉ କି, ଗତ ଅକ୍ଟୋବର ୪ରେ ପ୍ରଥମ ପର୍ଯ୍ୟାୟରେ ଚିଲିକା ତହସିଲ ଅଧୀନ ଗୋବର୍ଦ୍ଧନପୁର ମୌଜାଠାରୁ ସରଳାପଦର ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଥିଲା। ଏହାପରେ ଗତ ୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ସରଳାପଦର ଛକଠାରୁ ବାଲୁଗାଁ ବଜାର ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ହୋଇଥିଲା। ଶୁକ୍ରବାର ତୃତୀୟ ପର୍ଯ୍ୟାୟରେ ବାଲୁଗାଁ ବଜାର ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲକାରୀଙ୍କୁ ହଟାଯାଇଛି । ତେବେ ଏହି ଉଚ୍ଛେଦକୁ ବିରୋଧ କରି ପୂର୍ବରୁ ୨୨ଜଣ ଗୃହ ମାଲିକ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେଇଥିବାରୁ ସେମାନଙ୍କୁ ଉଚ୍ଛେଦରୁ ବାଦ୍ ଦିଆଯାଇଛି । ଆସନ୍ତା ୨୦ ତାରିଖରେ ଏହି ମାମଲାର ଶୁଣାଣି ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର ଘଡ଼େଇ କହିଛନ୍ତି।

### ମକର ମହୋତ୍ସବ ପାଇଁ ପୋଲିସ ପ୍ରଶାସନର ପ୍ରସ୍ତୁତି ବୈଠକ

ବେଗୁନିଆ, ୧୦।୧ (ସନ୍ଧ୍ୟାରାଣୀ ମିଶ୍ର)

ଆସନ୍ତା ୧୪ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମକର ମହୋତ୍ସବ ପାଇଁ ଥାନା ପରିସରରେ ପୋଲିସ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅନୀଲ ମହାନ୍ତିଙ୍କ ଅଧ୍ୟକ୍ଷତା ଏବଂ ବାଘମାରୀ ଥାନାଧିକାରୀ ଶମ୍ଭୁନାଥ ନାୟକଙ୍କ ସଂଯୋଜନାରେ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ମନ୍ଦିର ଟ୍ରଷ୍ଟ ପରିଚାଳନା କମିଟି ସଭାପତି ରଞ୍ଜନ ମହାପାତ୍ର, ଅତ୍ରି ଗ୍ରାମ୍ୟ କମିଟି ସଭାପତି ସତ୍ୟ ନାରାୟଣ ରାୟ, ସମ୍ପାଦକ ଭାଗୀରଥି ଚମ୍ପତି, ପ୍ରେମାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମକର ସଂକ୍ରାନ୍ତି ଏବଂ ମହୋତ୍ସବ ଦିନ ୱାନ ୱେ ଟ୍ରାଫିକ, ଅତ୍ରି ଉଷ୍ମ ପ୍ରସ୍ରବଣ ପରିସରରେ ବାଇକ୍ ଷ୍ଟାଣ୍ଡ, ଗହଳି ରୋକିବା ପାଇଁ ତାରିଣୀ ଛକ ନିକଟରେ ପୋଲିସ ଫୋର୍ସ ମୁତୟନ ଓ ସାଇକେଲ ଷ୍ଟାଣ୍ଡ, ରାସ୍ତାଠାରୁ ୮ଫୁଟ ଛାଡ଼ି ଷ୍ଟଲ ନିର୍ମାଣ, ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାରିକେଡ଼ ବ୍ୟବସ୍ଥା ଆଦି ଆଲୋଚନା କରାଯାଇଥିଲା।

## ଜଳିଗଲା ୪ ବଖରା



ଜଟଣୀ, ୧୦।୧ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ୱାର୍ଡ ନମ୍ବର ୧୩ ଅଧୀନ ପାତ୍ରପଡ଼ା ଜଗନ୍ନାଥପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ରାମଚନ୍ଦ୍ର ସାହୁଙ୍କ ୪ବଖରା ଜଳିଯାଇଛି। ଏଥିସହିତ ଘରର ଆସବାବପତ୍ର, ଧାନ, ଜରୁରୀ କାଗଜପତ୍ର ଏବଂ ଟଙ୍କା ପୋଡ଼ି ନଷ୍ଟ ହୋଇଯାଇଥିବା ପରିବାରର ସଦସ୍ୟା ନଳିନୀ ସାହୁ କହିଛନ୍ତି। ଖବରପାଇ ଜଟଣୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି ଅଗ୍ନିଶମ ଅଧିକାରୀ ଲକ୍ଷ୍ମଣ ବେହେରା କହିଛନ୍ତି। ଖବରପାଇ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ଏବଂ ରାଜସ୍ୱ ନିରୀକ୍ଷକ ଅବନୀ ଚମ୍ପତି ପହଞ୍ଚି ବିପନ୍ନ ପରିବାରଙ୍କୁ ପଲିଥିନ ପ୍ରଦାନ କରିଥିଲେ। କ୍ଷୟକ୍ଷତି ଆକଳନ ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର କହିଛନ୍ତି।

### ମେଣ୍ଢା ଲଢ଼େଇ ପ୍ରତିଯୋଗିତାରେ ୧୨୦

## ମା’ଜଟିଆଣୀଙ୍କ ସାମ୍ବଦଶମୀ ଉତ୍ସବ ଉଦ୍‌ଯାପିତ

ଜଟଣୀ, ୧୦।୧ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀର ଆରାଧ୍ୟା ମା’ ଜଟିଆଣୀଙ୍କ ୪୯ତମ ଶାମ୍ବ ଦଶମୀ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ପ୍ରତିବର୍ଷ ଭଳି ମେଣ୍ଢା ଲଢ଼େଇ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରୁ ୧୪୦ଟି ମେଣ୍ଢା ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପୁରୀ ଜିଲା ଖଣ୍ଡିଆବନ୍ଧର ମିଟୁ ପ୍ରଧାନ ଚାମ୍ପିୟନ ହୋଇଥିବା ବେଳେ ରାଜୁ ରାଉତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଚାମ୍ପିୟନକୁ ୧୫ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପକୁ ୧୦ହଜାର ଟଙ୍କା ସହ ଟ୍ରଫି ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପିପିଲି ବିଧାୟକ ଆଶ୍ରିତ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ନଗର କଂଗ୍ରେସ ସଭାପତି ଅଶୋକ କୁମାର ମଙ୍ଗରାଜ, ବିଜେଡି ସଂଗଠକ ମନ୍ମଥ ରାଉତରାୟ, ବରିଷ୍ଠ ସଂଗଠକ ପଦ୍ମଚରଣ ପ୍ରଧାନ, ଲଲାଟେନ୍ଦୁ ବେବର୍ତ୍ତା, ମନୋଜ ସାହୁ, ପ୍ରମୋଦ ଦାସ, ଜୟନ୍ତ ପଲାଇଙ୍କ ସହିତ ମା’ଜଟିଆଣୀ ଯୁବକ ସଂଘ ଏବଂ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ ମେଣ୍ଢା ଲଢେଇ ପ୍ରତିଯୋଗିତା ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମିଥିଲା। ଅନ୍ୟପଟେ ଭୁବନେଶ୍ୱର ଉପକଣ୍ଠ ବାଲକାଟୀ ନିକଟ ଝିଙ୍କିଶାସନ ଅଞ୍ଚଳର ଜଣେ ବ୍ୟକ୍ତି ପ୍ରତିଯୋଗିତାରେ ଭାଗନେବାକୁ ଆସିଥିବା ବେଳେ ତାଙ୍କ ମେଣ୍ଢାର ମୃତ୍ୟୁ ଘଟିଥିଲା। ସେହିପରି ଅନେକ ମେଣ୍ଢା ରକ୍ତାକ୍ତ ହୋଇଥିଲେ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


ସାମ୍ବଦଶମୀ ଉତ୍ସବ ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ମେଣ୍ଢା ଲଢ଼େଇ ପ୍ରତିଯୋଗିତା।

## ପୋଲିସକୁ ଦୁର୍ବ୍ୟବହାର, ୩ ଗିରଫ

ବାଲୁଗାଁ, ୧୦।୧ (ସଂଗ୍ରାମ ପାଇକରାୟ)

ଦୁଇଟି ଟ୍ରକ୍‌ରେ ବେଆଇନଭାବେ ମାଙ୍କଡ଼ା ପଥର ଚାଲାଣ ବେଳେ ପୋଲିସକୁ ଦୁର୍ବ୍ୟବହାର ଏବଂ ଧମକ ଦେବା ଘଟଣାରେ ବାଲୁଗାଁ ପୋଲିସ ସମ୍ପୃକ୍ତ ଗାଡ଼ି ମାଲିକଙ୍କ ସମେତ ଅନ୍ୟ ଦୁଇ ସହଯୋଗୀଙ୍କୁ ଗିରଫ କରିଛି । ସେମାନେ ହେଲେ ଟାଙ୍ଗୀ ଥାନା ଦୀକ୍ଷିତପଡ଼ା ଗ୍ରାମର ଗାଡ଼ି ମାଲିକ ସେକ୍ ସବୀର ଏବଂ ସହଯୋଗୀ ସେକ୍ କଏଫ୍ ଓ ସେକ୍ ହୁସେନ୍। ଏହି ଘଟଣାରେ ଉଭୟ ଟ୍ରକ୍‌ର ଡ୍ରାଇଭର ଫେରାର ଥିବା ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରୁ ପଥର ବୋଝେଇ ଦୁଇ ଟ୍ରକ୍ ଏବଂ ଅଭିଯୁକ୍ତଙ୍କ କାର୍ ଜବତ କରିଛି। ସୂଚନା ମୁତାବକ, ଶୁକ୍ରବାର ସକାଳ ୮ଟାରେ ମାଙ୍କଡ଼ା ପଥର ବୋଝେଇ କରି ଦୁଇଟି ଟ୍ରକ୍ ଚଣ୍ଡେଶ୍ୱର ଅଞ୍ଚଳରୁ ବାଲୁଗାଁ ଅଭିମୁଖେ ଆସୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ପାଟ୍ରୋଲିଂ ଟିମ୍ ବାଇପାସ୍ ରାସ୍ତାର ପାଇକକୁଶ ଛକଠାରେ ଉକ୍ତ ଟ୍ରକ୍‌କୁ ଅଟକାଇଥିଲା। ତେବେ କୌଶଳକ୍ରମେ ଟ୍ରକ୍ ଛାଡ଼ି ଦୁଇ ଡ୍ରାଇଭର ଫେରାର ହୋଇଯାଇଥିଲେ। ଏହାର କିଛି ସମୟ ପରେ ଏକ କାରରେ ଟ୍ରକ୍ ମାଲିକ ଏବଂ ଦୁଇ ସହଯୋଗୀ ସେଠାରେ ପହଞ୍ଚି ପୋଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଧମକ ଦେଇ ଟ୍ରକ୍‌କୁ ଜୋରଜବରଦସ୍ତ ସେଠାରୁ ନେଇଯିବା ପାଇଁ ଉଦ୍ୟମ କରିଥିଲେ। ଘଟଣା ସମ୍ପର୍କରେ ଖବରପାଇ ଆଇଆଇସି ପରିଡ଼ା ସଦଳବଳ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁକରି ଥାନାକୁ ଆଣିଥିଲେ। ଏନେଇ ଥାନାରେ ଦୁଇଟି ମାମଲା (ନଂ.୧୪,୧୫/୨୫) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ୧୨ରେ କଟକ ସୋଲାର କ୍ଲବ୍-ଖୋର୍ଦ୍ଧା କ୍ଲବ୍ ଫାଇନାଲ

**ଗିନି କପ୍ କ୍ରିକେଟ୍**

ଖୋର୍ଦ୍ଧା, ୧୦।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ୍‌ର ଦ୍ୱିତୀୟ ସଂସ୍କରଣର ଷଷ୍ଠ ଦିବସରେ ଖୋର୍ଦ୍ଧା କ୍ରିକେଟ କ୍ଲବ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ଆସନ୍ତା ୧୨ତାରିଖରେ ସୋଲାର କ୍ଲବ କଟକ ଏବଂ ଖୋର୍ଦ୍ଧା କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

ଶୁକ୍ରବାର ମୁକ୍ତେଶ୍ୱର କ୍ରିକେଟ କ୍ଲବ ଏବଂ ଖୋର୍ଦ୍ଧା କ୍ରିକେଟ କ୍ଲବ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ମୁକ୍ତେଶ୍ୱର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୯ ଉଇକେଟ ବିନିମୟରେ ୮୬ରନ ସଂଗ୍ରହ କରିଥିଲା। ଜବାବରେ ଖୋର୍ଦ୍ଧା କ୍ରିକେଟ କ୍ଲବ କୌଣସି ଉଇକେଟ ନ ହରାଇ ୬.୩ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମର ଶୁଭମ ଶେଖର ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥିଭାବେ ଡ.ସୁସିମ ଦାଶ, ଆୟୋଜକ ଜିଲା କ୍ରିକେଟ ଆସୋସିଏଶନର ବରିଷ୍ଠ ସଦସ୍ୟ ରବି ନାରାୟଣ ରାଉତରାୟ, ରବୀନ୍ଦ୍ର ସ୍ୱାଇଁଙ୍କ ଠାରୁ ଟ୍ରଫି, ୩ ହଜାର ଟଙ୍କା ଏବଂ ଏକ ଘଣ୍ଟା ଗ୍ରହଣ କରିଥିଲେ। ପ୍ରୀତି ରଞ୍ଜନ ବିଜୟସିଂହ ଏବଂ ଚନ୍ଦ୍ରମୋହନ ବରାଳ ମ୍ୟାଚ୍ ପରିଚାଳନା କରିଥିଲେ। ଜନ୍ମେଜୟ, ରବି ନାରାୟଣ ପରିଡ଼ା ଏବଂ ହରିହର ଖାଡେଙ୍ଗା ସ୍କୋର ବୋର୍ଡ ପରିଚାଳନା କରିଥିଲେ। ଆସୋସିଏଶନ ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, ସୁରେଶ ଭୂଷଣ ପଟ୍ଟନାୟକ, କାର୍ତ୍ତିକ ଜେନା, ବିଜ୍ଞାନ ସୁନ୍ଦରାୟ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ପ୍ରଦର୍ଶନୀ ମ୍ୟାଚ୍ ଦିନେଶ ଏକାଦଶ ଏବଂ ସବ୍ୟସାଚୀ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ।


ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

**ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

## ରଙ୍ଗବାଜ କ୍ଲବ୍ ଜଗଦଲପୁର ଫାଇନାଲରେ

ଟାଙ୍ଗୀ, ୧୦।୧ (ରଘୁନାଥ ସାହୁ)

ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ରଙ୍ଗବାଜ ଫୁଟ୍‌ବଲ କ୍ଲବ ଜଗଦଲପୁର ଏବଂ ଆକ୍ୟୁଆ ଫୁଟ୍‌ବଲ ଏକାଡେମୀ ରାଞ୍ଚି ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୨-୦ଗୋଲରେ ରଙ୍ଗବାଜ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଜିତେନ୍ଦ୍ର ପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ବାହିନୀପତି, ସତ୍ୟରଞ୍ଜନ ସ୍ୱାଇଁ ଏବଂ ନନ୍ଦ କିଶୋର ସ୍ୱାଇଁ ସହଯୋଗ କରିଥିଲେ। ଅତିଥିଭାବେ ଡା.ମଧୁସୂଦନ ସେନାପତି, ଡା. ସତ୍ୟ ରଞ୍ଜନ ନନ୍ଦ, ରତନପୁର ସରପଞ୍ଚ ଗୁରୁଦେବ ବେହେରା, ପୂର୍ବତନ କୁହୁଡି ସରପଞ୍ଚ ଜୟଦେବ ବେହେରା, ହାକିମ ମୀରା, ଶୁଭେନ୍ଦୁ ରଣସିଂହ, କମିଟି ସଭାପତି କିଶୋର ବେହେରା ପ୍ରମୁଖ ଯୋଗଦେଇଥିଲେ। ଉପଦେଷ୍ଟା ବିଜୟ ରାଉତ ମଞ୍ଚ ପରିଚାଳନା କରିଥିଲେ। ଆକ୍ୟୁଆ ଫୁଟ୍‌ବଲ ଏକାଡେମୀର ପ୍ରଦୀପ ମୁଣ୍ଡାଙ୍କୁ ଖଳେଶ୍ୱର ସାହୁ ସ୍ମାରକୀ ଏବଂ ରଙ୍ଗବାଜ କ୍ଲବର ମୁନା ରାମକର୍ମାଙ୍କୁ ଡାକ୍ତର କରୁଣାକର ଶ୍ରୀଚନ୍ଦନ ସ୍ମାରକୀ ଶ୍ରେଷ୍ଠ ଖେଳାଳି ଟ୍ରଫି ପ୍ରଦାନ କରାଯାଇଥିଲା। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ୱେଲଫେୟାର ୟୁଥ୍ କ୍ଲବ ରାଉରକେଲା ଏବଂ ମା’କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବକ୍ସର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



## ସିମୋର କ୍ଲବ୍ କ୍ୱାର୍ଟର ଫାଇନାଲରେ

ବାଘମାରୀ, ୧୦।୧ (ମିହିର ରଞ୍ଜନ ମହାପାତ୍ର)

ସିମୋର ପଞ୍ଚାୟତ ମା’ଗହ୍ଲେଇଁ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ଚତୁର୍ଥ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଅନ୍ତିମ ଲିଗ୍ ମ୍ୟାଚ୍ ଡିଙ୍ଗର କ୍ଲବ ଏବଂ ସିମୋର କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଡିଙ୍ଗର କ୍ଲବ ପ୍ରଥମେ ବ୍ୟାଟିଂ କରି ୧୯.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୩ ରନ ସଂଗ୍ରହ କରିଥିଲା। ଜବାବରେ ସିମୋର କ୍ଲବ ୧୬ ଓଭରରେ ୮ଉଇକେଟ ବିନିମୟରେ ୧୨୬ରନ ସଂଗ୍ରହ କରି ବିଜୟୀ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସିମୋର ଟିମର ରାକେଶ କୁମାର ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ନରେଶ କୁମାର ଜେନା ଏବଂ ଦୋଳଗୋବିନ୍ଦ କର ମ୍ୟାଚ ପରିଚାଳନା କରିଥିଲେ। ଚିନ୍ମୟ ମହାନ୍ତି ଓ ପ୍ରକାଶ ମାର୍ଥା ମ୍ୟାଚର ଧାରା ବିବରଣୀ, ଦେବାଶିଷ ଜେନା ଓ ବିଶ୍ୱଜିତ୍ ପଟ୍ଟନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୧।୨୦୨୫

| | |
|---|---|
| ୫,୪୭,୦୭୧ ଟଙ୍କା | |
| ସୁନା | ୧.୪୮୦ ଗ୍ରାମ୍ |
| ରୁପା | ୧୦୭.୩୮୦ ଗ୍ରାମ୍ |

# ଅଳିଆକୁଣ୍ଡ ନିର୍ମାଣ ସରିନି, ବ୍ୟାଟେରି ଟ୍ରଲି ଅଚଳ

### ସ୍ୱଚ୍ଛ ଭାରତ ଯୋଜନା

ଡେଲାଙ୍ଗ, ୧୦।୧ (ରଶ୍ମିରଞ୍ଜନ ପ୍ରଧାନ)



ସ୍ୱଚ୍ଛ ଭାରତ ଯୋଜନାରେ ନିର୍ମିତ ଅଳିଆ କୁଣ୍ଡରୁ କଢ଼ାଯାଉନାହିଁ ଅଳିଆ। ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ପରିବେଶ ଓ ବାୟୁମଣ୍ଡଳ ପ୍ରଦୂଷିତ ହେଉଥିଲେ ମଧ୍ୟ ସେଥିପ୍ରତି ପଞ୍ଚାୟତ ବା ପ୍ରଶାସନର ନିଘା ନାହିଁ। ଯେଉଁ ଲକ୍ଷ୍ୟ ନେଇ ପ୍ରତି ପଞ୍ଚାୟତ ଜରିଆରେ ସବୁ ଗ୍ରାମରେ ଅଳିଆ କୁଣ୍ଡ ନିର୍ମାଣ କରାଯାଇଥିଲା, ବ୍ୟାଟେରଚାଳିତ ଅଟୋ ଟ୍ରଲି ଓ ରିକ୍ସା ଟ୍ରଲି ଜରିଆରେ ଅଳିଆ କୁଣ୍ଡରୁ ବର୍ଜ୍ୟବସ୍ତୁ ସଂଗ୍ରହ ହୋଇ ଜନବସତି ଠାରୁ ଦୂରସ୍ଥାନରେ ଜମାକରିବା ବ୍ୟବସ୍ଥା ହୋଇଥିଲା, ତାହା ଏବେ ଦିଗହରା ହୋଇଥିବା ପରିଲକ୍ଷିତ ହେଉଛି।

ପୁରୀ ଜିଲା ଡେଲାଙ୍ଗ ବ୍ଲକ୍‌ର ୨୧ ପଞ୍ଚାୟତରେ ଅଳିଆ କୁଣ୍ଡ ନିର୍ମାଣ କାମ ଅଦ୍ୟାବଧି ଶେଷ ହୋଇନାହିଁ। ୯ ପଞ୍ଚାୟତକୁ ବ୍ୟାଟେରିଚାଳିତ ଅଟୋ ଓ ୧୨ ପଞ୍ଚାୟତକୁ ଏକାଧିକ ରିକ୍ସା ଟ୍ରଲି ପ୍ରଦାନ କରାଯାଇଥିଲା। ୨୦୧୯-୨୦ରୁ ଏହି କାର୍ଯ୍ୟକ୍ରମ ରାଜ୍ୟରେ ଆରମ୍ଭ ହୋଇଥିଲାବେଳେ ଡେଲାଙ୍ଗ ବ୍ଲକ୍‌ରେ ୨୦୨୨-୨୩ରୁ ଆରମ୍ଭ ହୋଇଛି। ୨୧ ପଞ୍ଚାୟତ ମଧ୍ୟରୁ ମୁନିନ୍ଦା, ସାଉରିଆ, ଶ୍ରୀପୁରୁଷୋତ୍ତମପୁର, ଘନିପୁର, ଅରିଶଲ ଓ ରେଙ୍ଗଳ ପଞ୍ଚାୟତରେ ଅଳିଆ କୁଣ୍ଡରୁ ବର୍ଜ୍ୟବସ୍ତୁ ପରିବହନ ପାଇଁ ବ୍ୟାଟେରିଚାଳିତ ବା ହସ୍ତଚାଳିତ ଟ୍ରଲି କ୍ରୟ କରିନାହାନ୍ତି। ଅଳିଆ କୁଣ୍ଡ ସ୍ଥାପନ ପାଇଁ ସ୍ଥାନ ନିର୍ଦ୍ଧାରଣ ହୋଇ ନ ଥିବା, ଅଳିଆକୁଣ୍ଡ ନିର୍ମାଣକରି ବିଲ୍ ପାଇ ନ ଥିବା, ନିର୍ମାଣ ଅଧା ରହିଥିବା, କେତେକ ସ୍ଥାନରେ ଅଳିଆ କୁଣ୍ଡ ପୂର୍ଣ୍ଣହୋଇ ବାହାରେ ବର୍ଜ୍ୟ ସାମଗ୍ରୀ ଜମା ହୋଇଥିବା ଭଳି ଦୃଶ୍ୟ ଏହି ଯୋଜନାର କାର୍ଯ୍ୟକାରିତା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରିଛି।

ଖୋର୍ଦ୍ଧା-ଡେଲାଙ୍ଗ-ପଟ୍ଟନାୟକିଆ ମୁଖ୍ୟ ସଡ଼କ ପାର୍ଶ୍ୱରେ ଅବସ୍ଥିତ ବେରବୋଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅଳିଆ କୁଣ୍ଡ ବର୍ଜ୍ୟବସ୍ତୁରେ ପୂର୍ଣ୍ଣହୋଇ ବାହାରେ ବିଛାଡ଼ି ହୋଇପଡ଼ିଥିବା ସତ୍ତ୍ୱେ ପଞ୍ଚାୟତ ପକ୍ଷରୁ ଏହାର ପରିଚାଳନା କରାଯାଇପାରୁ ନାହିଁ। ଡେଲାଙ୍ଗ ହାଟ ବଜାର ଅବସ୍ଥିତ ଥିବା ଡେଲାଙ୍ଗ-କୋଠବାଡ଼ ସରପଞ୍ଚ ଦୀପକ କୁମାର ସାହୁ କୁହନ୍ତି, ୨ବର୍ଷ ପୂର୍ବେ କିଣାହୋଇଥିବା ବ୍ୟାଟେରି ଟ୍ରଲି ଅଚଳ ରହିଛି। ବ୍ୟାଟେରି ତଥା ଏହାର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଅର୍ଥ ବ୍ୟୟ କରିବାକୁ ଆଦେଶ ନାହିଁ। ୧୫୦ ଟଙ୍କା ମଜୁରିରେ ଅଳିଆ ବୁହା ଟ୍ରଲି ଚଳାଇବାକୁ କର୍ମଚାରୀଙ୍କ ଅନାଗ୍ରହ ରହିଛି। ସ୍ୱଚ୍ଛ ଭାରତ ଯୋଜନାରୁ ୭୦ ପ୍ରତିଶ୍ରତ ଓ ପଞ୍ଚାୟତ ବିକାଶ ପାଣ୍ଠିରୁ ୩୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରାଯିବା ପ୍ରାବଧାନ ଥିବା ସତ୍ତ୍ୱେ ବିଭାଗୀୟ ତତ୍ପରତା ଅଭାବରୁ ଏହି ଯୋଜନା କ୍ରମାଗତ ଭାବେ ଦିଗହରା ହୋଇଛି। ଏ ସମ୍ପର୍କରେ ବ୍ଲକ୍ ସଂଯୋଜିକା ପ୍ରତିଭା ମଞ୍ଜରୀ ଜେନା କୁହନ୍ତି, ସେ ମାସେ ହେଲା କାର୍ଯ୍ୟରେ ଯୋଗଦେଇଛନ୍ତି। ସବୁ ପଞ୍ଚାୟତର ସ୍ଥିତି ଜାଣିବା ପରେ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁ ଜଣାଇ ପରବର୍ତ୍ତୀ ପଦକ୍ଷେପ ନେବେ ।

# ପୁରୀ ବେଳାଭୂମି ମହୋତ୍ସବ ଉଦ୍‌ଯାପିତ

### ଝୁମାଇଲା ରିଷି, ବୈଭବ, ଆଦ୍ୟା, ଅଭିଜିତ୍‌ଙ୍କ ସଙ୍ଗୀତ

ପୁରୀ, ୧୦।୧
(ଅଜିତ୍ କୁମାର ମହାନ୍ତି)


ଆଦ୍ୟା ମିଶ୍ର


ଅଭିଜିତ୍ ସାୱନ୍ତ

ପୁରୀ ବେଳାଭୂମି ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗଦେଇ ବେଳାଭୂମି ମହୋତ୍ସବ ପୁରୀ ପର୍ଯ୍ୟଟନରେ ଏକ ନୂତନ ଫର୍ଦ୍ଦ ଯୋଡ଼ିଛି ବୋଲି କହିଥିଲେ। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ମହୋତ୍ସବ ପାଇଁ ସମସ୍ତ ସହଯୋଗ ଯୋଗାଇ ଦେଇଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବରେ ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଡ. ଶରତ ଚନ୍ଦ୍ର ମହାପାତ୍ର, ବିଦାୟୀ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଧନ୍ୟବାଦ ଦେଇଥିଲେ। ପଲ୍ଲିଶ୍ରୀ ମେଳା, ଗୁଡ଼ିଉଡ଼ା ପ୍ରଦର୍ଶନୀ, ପୁଷ୍ପ ପ୍ରଦର୍ଶନୀ ଓ ବିଚ୍ ସ୍ପୋର୍ଟସ୍‌ରେ କୃତିତ୍ୱ ହାସଲକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଘୁରାଜପୁରର ପ୍ରସିଦ୍ଧ ଗୋଟିପୁଅ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ରିଷି ସିଂ, ଆଦ୍ୟା ମିଶ୍ର, ବୈଭବ ଗୁପ୍ତା ଏବଂ ଅଭିଜିତ୍ ସାୱନ୍ତଙ୍କ ସଙ୍ଗୀତରେ ଝୁମିଥିଲେ ଦର୍ଶକ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଅତିରିକ୍ତ ଜିଲାପାଳ ସୁଶୀଲ କୁମାର ମିଶ୍ର, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅତିରିକ୍ତ ଜିଲାପାଳ ଦାୟିତ୍ୱ ନେଲେ ଶରତ ଚନ୍ଦ୍ର ମହାପାତ୍ର

ପୁରୀ, ୧୦।୧ (ଅଜିତ୍ କୁମାର ମହାନ୍ତି)



ପୁରୀର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଭାବେ ଡ. ଶରତ ଚନ୍ଦ୍ର ମହାପାତ୍ର ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଥିବା କୈଳାସ ଚନ୍ଦ୍ର ନାୟକ ନୂତନ ଅତିରିକ୍ତ ଜିଲାପାଳ ମହାପାତ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନାୟକଙ୍କୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଡ. ମହାପାତ୍ର ଏହା ପୂର୍ବରୁ ଅନୁଗୋଳର ଅତିରିକ୍ତ ଜିଲାପାଳ ଥିଲେ।

### ଏଏପି ପକ୍ଷରୁ ଦୀପଦାନ

ପୁରୀ, ୧୦।୧ (ଅଜିତ୍ କୁମାର ମହାନ୍ତି)

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପୁରୀ ଜିଲା ପକ୍ଷରୁ ଶୁକ୍ରବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଇଛି। ଆଗାମୀ ଦିଲ୍ଲୀ ନିର୍ବାଚନରେ ଏଏପି ଚତୁର୍ଥଥର ବୃହତ୍ ବିଜୟ ଲାଭ କରି ସରକାର ଗଠନ ପାଇଁ କାମନା କରି ଦୀପଦାନ କରାଯାଇଥିଲା। ଜିଲା ନଗର ସଭାପତି ଦେବ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେବ ପ୍ରଧାନ, ଅନିଲ ସେନାପତି, ତୋଫାନ ବିଶ୍ୱାଳ ଓ ମହିଳା ସଦସ୍ୟା ସାମିଲ ଥିଲେ। ଦିଲ୍ଲୀରେ ଏଏପି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ ଆଦି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ହୋଇଛି। ଦିଲ୍ଲୀରେ ୨୦୦ ୟୁନିଟ ମାଗଣା ବିଦ୍ୟୁତ ସହିତ ୪୦୦ ୟୁନିଟ ଅଧା ଦାମ୍‌ରେ ଦିଆଯାଉଛି। ପୂଜାରୀ ଗ୍ରନ୍ଥ ଯୋଜନାରେ ପୂଜାରୀମାନଙ୍କୁ ମାସିକ ୧୮ହଜାର ଟଙ୍କା ଦିଆଯିବା ନେଇ ଯୋଜନା କରାଯାଉଛି। ଓଡ଼ିଶାରେ ଏଭଳି ଯୋଜନା କାର୍ଯ୍ୟକାରୀ ନିମନ୍ତେ ଏଏପି ଦାବି କରିଛି। ମହାପ୍ରଭୁ ଏଥର ମଧ୍ୟ ଦିଲ୍ଲୀରେ ଏଏପି ବିଜୟ ରଥକୁ ଆଗେଇ ନେବେ ବୋଲି କାମନା କରାଯାଇଛି।

### ୩ୟ ଦିନରେ ଉଠାଦୋକାନୀଙ୍କ ଅନଶନ

ଚିହ୍ନଟ ସ୍ଥାନରେ ଦୋକାନ ଖୋଲିବାକୁ ଜିଲାପାଳଙ୍କ ଅନୁରୋଧ

ପୁରୀ, ୧୦।୧ (ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରେ ପୁନଃ ଥଇଥାନ ଓ ବକେୟା ଆର୍ଥିକସହାୟତା ଦାବିରେ ଉଠାଦୋକାନୀଙ୍କ ପକ୍ଷରୁ ଚାଲିଥିବା ଆମରଣ ଅନଶନ ଶୁକ୍ରବାର ୩ୟ ଦିନରେ ପହଞ୍ଚିଛି। ଅନେକ ଅନଶନକାରୀ ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଜିଲା ପ୍ରଶାସନ ଉଦାସୀନତା ମନୋଭାବ ପୋଷଣ କରୁଥିବା ଉଠାଦୋକାନୀ ସଂଘ ଅଭିଯୋଗ ଆଣିଛି। ଅନ୍ୟପକ୍ଷରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଉଚ୍ଛେଦ ହୋଇଥିବା ପ୍ରାୟ ୧୨ଶହ ଉଠାଦୋକାନୀଙ୍କୁ ଥଇଥାନ ନିମନ୍ତେ ଶ୍ରୀସେତୁ ତଳେ ବ୍ୟବସ୍ଥା କରାଯାଇଛି। ପ୍ରାୟ ୮ଶହ ଉଠାଦୋକାନୀ ସେଠାରେ ଦୋକାନ ଖୋଲିବା ନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସେମାନେ କିଛି ବକେୟା ଅର୍ଥ ପାଇଛନ୍ତି। ସେଠାରେ ସେମାନେ ଥଇଥାନ ହେବା ପରେ ବାକି ଅର୍ଥରାଶି ପାଇବେ। ତେବେ କେତେଜଣ ଉଠାଦୋକାନୀ ଶ୍ରୀସେତୁ ତଳକୁ ଯିବାକୁ ମନା କରିବା ସହ ବଡ଼ଦାଣ୍ଡରେ ଥଇଥାନ ହେବାକୁ ଦାବି କରୁଛନ୍ତି। ପୂର୍ବରୁ କୁହାଯାଇଛି ଯେ, ବଡ଼ଦାଣ୍ଡରେ ଥଇଥାନ ହୋଇପାରିବ ନାହିଁ କି ସେଠାରେ ଭେଣ୍ଡିଂ ଜୋନ କରାଯାଇପାରିବ ନାହିଁ। ଏ ନେଇ ବାରମ୍ବାର ଆଲୋଚନା ହୋଇଛି। ଏବେ ବି ପୁନଃ ଆଲୋଚନା ପାଇଁ ପ୍ରଶାସନ ପ୍ରସ୍ତୁତ ଅଛି ବୋଲି ଜିଲାପାଳ କହିବା ସହ ସମସ୍ତ ଉଠାଦୋକାନୀଙ୍କୁ ଧାର୍ଯ୍ୟ ସ୍ଥାନରେ ନିଜ ଦୋକାନ ଖୋଲିବା ସକାଶେ ଅନୁରୋଧ କରିଛନ୍ତି। ତିନିଦିନ ଧରି ନିର୍ଜଳ ଉପବାସ ସହ ଆମରଣ ଅନଶନ ଆରମ୍ଭ କରିଛନ୍ତି ।

# ପ୍ରତିଭା ବିକାଶ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କର


ମୁଖ୍ୟ ଅତିଥି ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଉଦ୍‌ବୋଧନ ଦେଉଛନ୍ତି।

### ଟାଲେଣ୍ଟ ହଣ୍ଟ ତଥା ପ୍ରତିଭା ବିକାଶ କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ, ୧୦।୧ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ପେଣ୍ଠପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୧୦ରୁ ୧୯ ବର୍ଷ କିଶୋରୀକିଶୋରଙ୍କ ପାଇଁ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ତଥା (ଟ୍ୟାଲେଣ୍ଟ ହଣ୍ଟ) ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଅଧିକାରିଣୀ ରାଜଲକ୍ଷ୍ମୀ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ କହିଛନ୍ତି, ଯେଭଳି ଭଲ ଗଛଟିଏ ପାଇଁ ଗୋଟିଏ ଉତ୍ତମ ମଞ୍ଜି ଓ ପରିବେଶର ଆବଶ୍ୟକତା ରହିଛି, ସେହିଭଳି ଦେଶର ପ୍ରଗତି ନିମନ୍ତେ ଉତ୍ତମ ତଥା ଭଲ ଲୋକଙ୍କ ଆବଶ୍ୟକତା ରହିଛି। ଅନ୍ୟତମ ଅତିଥି ଭାବେ ପେଣ୍ଠପଡ଼ା ପଞ୍ଚାୟତ ସରପଞ୍ଚ ଚିନ୍ମୟ ରାଉତ ଓ ଜିଲା ସଂଯୋଜିକ (ବାଲ୍ୟବିବାହ ନିଷେଧ) ରଞ୍ଜିତା ଦାସ ଯୋଗଦେଇ ମହିଳା ସଶକ୍ତୀକରଣ, ବାଲ୍ୟବିବାହ ନିଷେଧ, ଲିଙ୍ଗଗତ ସମାନତା ଉପରେ ଥିବା ଆଇନ ଓ ବ୍ୟକ୍ତି କର୍ତ୍ତବ୍ୟ ଉପରେ ମୂଲ୍ୟବାନ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକ୍‌ରେ ଥିବା ଅଙ୍ଗନୱାଡି କେନ୍ଦ୍ର ସହ ବିଭିନ୍ନ ଅନୁଷ୍ଠାନରୁ ୧୦୦ରୁ ଊର୍ଦ୍ଧ୍ୱ କିଶୋରୀ କିଶୋର ଯୋଗ ଦେଇଥିଲେ। ଏ ସମ୍ପର୍କିତ ବିଭିନ୍ନ ଚିତ୍ରକଳା ପ୍ରଦର୍ଶନ, ଗୀତ ନାଚ, ଜଣାଅଜଣା, ନାଟକ ଓ ପ୍ରବନ୍ଧ ପ୍ରତିଯୋଗିତା କିଶୋରୀକିଶୋରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ୧୨ ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥିମାନେ ନଗଦ ଅର୍ଥ ରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ବିଚାରକ ଭାବେ କୃଷ୍ଣପ୍ରିୟା ସେଠି, ଚିରସ୍ରୋତା ଖୁଣ୍ଟିଆ, ଆଲିସା ସାହୁ, ଶାଶ୍ୱତୀ ପ୍ରିୟଦର୍ଶିନୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।


ପୁରୀ ଗୌର ବିହାରର ବୈଷ୍ଣବ ଭକ୍ତମାନେ ଶୁକ୍ରବାର ଅମୃତ ମହୋତ୍ସବ ପାଇଁ କଳସ ଯାତ୍ରାରେ ବାହାରିଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

### ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲୁଟ୍ ଉଦ୍ୟମ

ବଳଙ୍ଗା, ୧୦।୧ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଜଇନାବାଦ ସାହି ଠାରେ ଫାଇନାନ୍ସ କମ୍ପାନୀର ଜଣେ ଯୁବତୀଙ୍କ ଠାରୁ ଦୁର୍ବୃତ୍ତମାନେ ଲୁଟ୍ ଉଦ୍ୟମ କରିଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ଯୁବତୀ ଜଣଙ୍କୁ ବାଇକ୍ ଧକ୍କା କରିଥିଲେ। ଫଳରେ ଯୁବତୀ ଜଣଙ୍କ ଆହତ ହୋଇଥିଲେ। ପିପିଲି ସ୍ଥିତ ଏକ ଫାଇନାନ୍ସ କମ୍ପାନୀର କାର୍ଯ୍ୟରତ ଜଣେ ଯୁବତୀ ଶୁକ୍ରବାର ମଧ୍ୟାହ୍ନରେ ସ୍ଥାନୀୟ ବିଲୁଆଗୋରଡ଼ି ଗ୍ରାମରୁ ମହିଳାଙ୍କଠାରୁ ଋଣ କିସ୍ତି ଆଦାୟକରି ଅପରାହ୍ନରେ ନୂଆଗାଁ କେନାଲ ବନ୍ଧରେ ଦକ୍ଷିଣ ରାଢ଼ଙ୍ଗ ଆଡ଼କୁ ଯାଉଥିବା ସମୟରେ ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ଯୁବତୀଙ୍କ ପଛରୁ ଧକ୍କାଦେଇଥିଲେ। ଫଳରେ ଯୁବତୀ ଜଣକ ସ୍କୁଟିରୁ ପଡ଼ିଯାଇଥିବା ବେଳେ ଦୁର୍ବୃତ୍ତମାନେ ମଧ୍ୟ ପଡ଼ିଯାଇଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଯୁବତୀଙ୍କ ବ୍ୟାଗ ଟାଣିବାକୁ ଚେଷ୍ଟା କରୁଥିଲା ବେଳେ ଯୁବତୀ ଜଣଙ୍କ ପାଟି କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସୁଥିବା ଦେଖି ସେମାନେ ବ୍ୟାଗ୍ ଛାଡ଼ି ପଳାଇଥିଲେ। ଗାଡ଼ିରୁ ପଡ଼ି ଯୁବତୀ ଜଣଙ୍କ ଆହତ ହୋଇଥିବା ଖବରପାଇ ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ଯୁବତୀଙ୍କୁ ନେଇ ମେଡିକାଲରେ ଭର୍ତ୍ତି କରିଥିଲେ।

### ଆତ୍ମରକ୍ଷା କୌଶଳ ଶିବିର

ଅସ୍ତରଙ୍ଗ, ୧୦।୧ (ମମତା ଜେନା)

କାକଟପୁରସ୍ଥିତ ମଙ୍ଗଳା ମହାବିଦ୍ୟାଳୟରେ +୨ ପ୍ରଥମ ବର୍ଷର ବାଳିକାଙ୍କ ପାଇଁ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ବିନୋଦ ବିହାରୀ ବେହୁରାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ ଶିବିରର ସଂଯୋଜିକା ଅଧ୍ୟାପିକା ନିରୋଦ ନଳିନୀ କର ଶିବିର ଆୟୋଜନର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ନୃସିଂହ ଚରଣ ବିଶ୍ୱାଳ, ପ୍ରମୋଦିନୀ ମହାନ୍ତି, ଅଧ୍ୟାପକ ଲଲାଟେନ୍ଦୁ ସାଇଁ, ମନୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ସୁଜାତା ମହାନ୍ତି ଧନ୍ୟବାଦ ଦେଇଥିଲେ। କମ୍ପ୍ୟୁଟର ବିଭାଗର ମୁଖ୍ୟା ରାଜଶ୍ରୀ ପ୍ରଧାନ, ଗଣିତ ବିଭାଗର ଅଧ୍ୟାପିକା ସୋନାଲି ବରାଳ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରଶିକ୍ଷିକା ସାସ୍ମିଲତା ନାୟକ ଓ ବିସ୍ମିତା ଜେନା ପ୍ରଶିକ୍ଷଣ ଦେଇଥିଲେ।

### ଅସ୍ତରଙ୍ଗ ପ୍ରେସ୍ କ୍ଲବର ୯ମ ବାର୍ଷିକ ଉତ୍ସବ



ଅସ୍ତରଙ୍ଗ, ୧୦।୧ (ମମତା ଜେନା)

ଅସ୍ତରଙ୍ଗ ପ୍ରେସ୍ କ୍ଲବର ବନ୍ଧୁମିଳନ ତଥା ୯ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। କ୍ଲବ ସଭାପତି ଶରତ କୁମାର ପରିଡ଼ା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡ଼ା ଯୋଗଦେଇ ଜନ୍ମ ବାର୍ଷିକ କେକ୍ କାଟିବା ସହ ସମସ୍ତ ସଦସ୍ୟଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। କ୍ଲବର ଉତ୍ତରୋତ୍ତର କାମନା କରିବା ସହ ମାଟି ମା' ପାଇଁ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆସନ୍ତା ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଆଲୋଚନା କରାଯାଇ ଅଞ୍ଚଳର କେତେଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସଂଯୋଜକ ଶୋଭାକର ବେହେରା ସଭା ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ତଥା କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ପ୍ରମୋଦ ଦାସ, ମମତା ଜେନା, ତ୍ରିଲୋଚନ ବେହେରା, ଅଲେଖ ବିଶ୍ୱାଳ, ଅନିଲ ବାରିକ୍, ପ୍ରିୟବ୍ରତ ମୁଦୁଲି, ପ୍ରଶାନ୍ତ ଜେନା, ଅକ୍ଷୟ ମହାନ୍ତି ଉପସ୍ଥିତ ଥିଲେ। ସମ୍ପାଦକ ବୃନ୍ଦାବନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# କାୟାକଳ୍ପ ଟିମ୍‌ର ଚାରିଛକ, କଣାସ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଚାରିଛକ/କଣାସ, ୧୦।୧
(ଶିଶିର ସ୍ୱାଇଁ/ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍ ଗୁରୁବାର ନିମାପଡ଼ା ବ୍ଲକ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଅନୁଧ୍ୟାନ କରି ଫେରିଛନ୍ତି। ଡିପିଏମ୍ ଟି. ନାରାୟଣ ରାଓ, ଡିଏଏମ୍ ବିଜୟ ନାୟକ, ଏଏମ୍‌ସିପି ଅଶୋକ ସାହୁଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଏହି ଟିମ୍‌ରେ ସାମିଲ ହୋଇ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା, ଔଷଧ ଭଣ୍ଡାର, ପ୍ରସୂତି ଗୃହ, ରୋଗୀଙ୍କ କକ୍ଷ, ପାନୀୟ ଜଳ, ବର୍ଜ୍ୟବସ୍ତୁ ପରିଚାଳନା, ରୋଗୀ ୱାର୍ଡ, ଗାର୍ଡେନ, ପାର୍କିଂ ଏବଂ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ବୁଲି ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ସମୟରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ପ୍ରଶାନ୍ତ କୁମାର ସାମନ୍ତରାୟ, ଡ. ସରୋଜଲକ୍ଷ୍ମୀ ଦାଶ, ଡ. ମହେଶ ପ୍ରସାଦ ମହାପାତ୍ର, ଡ. ସୌମ୍ୟରଞ୍ଜନ ବିଶ୍ୱାଳ, ଶିବ ନାରାୟଣ ନନ୍ଦ, ଆଶୁତୋଷ ମିଶ୍ରଙ୍କ ସହିତ ସମସ୍ତ କର୍ମଚାରୀ ରୋଗୀ କଲ୍ୟାଣ ସମିତି ସଭ୍ୟ ଉପସ୍ଥିତ ଥିଲେ।

ସ୍ୱାସ୍ଥ୍ୟସେବା ଯୁଗ୍ମ ନିର୍ଦ୍ଦେଶକ ଡା. ପରେଶଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ କାୟାକଳ୍ପ ଟିମ୍ କଣାସ ବ୍ଲକର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶାଳୟ ପରାମର୍ଶଦାତା ମାନସ କୁମାର ଏବଂ ୟୁନିସେଫ୍ ସଂଯୋଜକ ହେମନ୍ତ କୁମାର ଦାସ ଡା. ପରେଶ ମିଶ୍ରଙ୍କ ସହିତ ମିଶି ଡାକ୍ତରଖାନାର ବିଭିନ୍ନ ବିଭାଗ ବୁଲି ଦେଖିବା ସହିତ କର୍ମଚାରୀ ଓ ରୋଗୀଙ୍କୁ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଜିଲାରୁ ରାଓ, କୋଲିଟ୍ ମ୍ୟାନେଜର କସ୍ତୁରୀ ପ୍ରିୟମ୍ବଦା ଟିମ୍ ସଦସ୍ୟଙ୍କୁ ସହଯୋଗ କରିଥିଲେ। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡା. ସମୀରରଞ୍ଜନ ଜେନା, ଡା. ସୌମ୍ୟରଞ୍ଜନ ସେଠୀ, ଡା. ସ୍ମୃତିରେଖା ବଳିଆରସିଂ, ଡା. ଶ୍ରେଷ୍ଠା ମହାପାତ୍ର, ଡା. ଅବନିରଞ୍ଜନ ପାତ୍ର, ଡା. ଜଗନ୍ନାଥ ବେହେରା, ବିପିଏମ୍ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଜବାହର ବିଦ୍ୟାପୀଠରେ ୧୯୮୫ ବ୍ୟାଚ୍ ବନ୍ଧୁମିଳନ

ପିପିଲି, ୧୦।୧ (ପ୍ରଭାତ କୁମାର ମହାପାତ୍ର)

ପିପିଲି ବିଜ୍ଞାପିତ ଅଞ୍ଚଳର ବହୁ ପୁରାତନ ବିଦ୍ୟାଳୟ ଜବାହର ବିଦ୍ୟାପୀଠର ୧୯୮୫ ମସିହା ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୦ ବର୍ଷ ବ୍ୟବଧାନରେ ବହୁ ପ୍ରଚେଷ୍ଟା ପରେ ଏହି ଭାବପ୍ରବଣ ସହ ବନ୍ଧୁମିଳନ ନିକଟସ୍ଥ ଭାର୍ଗବୀ ନଦୀକୂଳରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ସହପାଠୀ ବନ୍ଧୁ ଯୋଗଦେଇଥିଲେ। ଏହି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ବୈଠକରେ ପ୍ରଥମେ ସ୍ୱର୍ଗତ ବନ୍ଧୁଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବ୍ୟାଚ୍‌ର ଗୁରୁତର ରୋଗରେ ପୀଡ଼ିତ ରବି ବେହେରା ଓ ସସ୍ମିତା ପରମାଣିକଙ୍କ ଶୋଚନୀୟ ଅବସ୍ଥାରେ ଆର୍ଥିକ ସହଯୋଗ କରିବାକୁ ପ୍ରସ୍ତାବ ଦିଆଯାଇ ସ୍ୱତଃଦାନ ଗ୍ରହଣ କରାଯାଇଥିଲା। ବନ୍ଧୁମିଳନ କାର୍ଯ୍ୟକ୍ରମକୁ ମହେନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ବିଶ୍ୱନାଥ ସାହୁ, ଜିତେନ୍ଦ୍ର ମହାପାତ୍ର, ଘନଶ୍ୟାମ ମିଶ୍ର, ବାବୁଲି ସେନାପତି, ତାପସ ଦାଶ, ଅଶୋକ ମହାପାତ୍ର, ପ୍ରଭାତ କୁମାର ମହାପାତ୍ର, କିଶୋର ଛୋଟରାୟ, ଗଙ୍ଗାଧର ରେଞ୍ଜୀ, ଶୈଳେନ୍ଦୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



# ଫାଇନାଲରେ ଇଷ୍ଟକୋଷ୍ଟ ରେଲ୍‌ୱେ

### ରାଜ୍ୟସ୍ତରୀୟ ୨୯ତମ ନିମାପଡ଼ା କପ୍ କ୍ରିକେଟ

ନିମାପଡ଼ା, ୧୦।୧
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)


ଅତିଥିମାନେ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ନିମାପଡ଼ା ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୨୯ତମ ନିମାପଡ଼ା କପ୍ ଓ ପ୍ରଥମ ତାପସ ଦାସ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ପାରାଦୀପ କ୍ରିକେଟ୍ କ୍ଲବ୍‌କୁ ପରାସ୍ତକରି ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲ୍‌ୱେ ୭ ଉଇକେଟରେ ବିଜୟ ହାସଲକରି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ପାରଦୀପ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୩୦ ଓଭରରୁ ୨୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୩୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିକାଶ ପରିଡ଼ା ସର୍ବାଧିକ ୩୨ ରନ୍ ଓ ଅକ୍ସେୟ ସିଂ ୩୧ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ରେଲ୍‌ୱେ ଦଳର ବୋଲର ସମୀର ଆର୍. ମହାନ୍ତି ୩ଟି, ଜୟନ୍ତ କୁମାର ବେହେରା ଓ ପ୍ରଦୀପ୍ତ ଦାସ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟାର୍ଦ୍ଧରେ ବ୍ୟାଟିଂ କରି ଇଷ୍ଟକୋଷ୍ଟ ରେଲ୍‌ୱେ ନିର୍ଦ୍ଧାରିତ ୩୦ ଓଭର ଖେଳରୁ ମାତ୍ର ୧୭ ଓଭରରେ ୩ଟି ଉଇକେଟ୍ ହରାଇ ୧୩୪ ରନ୍ ସଂଗ୍ରହକରି ୭ ଉଇକେଟ୍‌ରେ ବିଜୟ ହାସଲ କରିଥିଲେ। ଦଳ ପକ୍ଷରୁ ପ୍ରଦୀପ୍ତ ଦାସ ସର୍ବାଧିକ ୬୪ ରନ୍, ଅଙ୍କିତ ଯାଦବ ୩୨ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ପାରାଦୀପ କ୍ରିକେଟ କ୍ଲବ୍‌ର ବୋଲର ଅରୁଣ ମହାପାତ୍ର, ସୂର୍ଯ୍ୟକାନ୍ତ ଭୂଣିଆ, ଉମାଶଙ୍କର ସାହୁ ପ୍ରମୁଖ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅମ୍ପାୟର ଭାବେ ନିର୍ମଳ ମିଶ୍ର ଓ ତ୍ରିଭୁବନ ଦାଶ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ୨ୟ ସେମିଫାଇନାଲ ମ୍ୟାଚ୍‌ରେ ବିଜୟୀ ଇଷ୍ଟକୋଷ୍ଟ ରେଲ୍‌ୱେ ଦଳର ଖେଳାଳି ପ୍ରଦୀପ୍ତ ଦାସ ମ୍ୟାନ୍ ଅଫ ଦ ମ୍ୟାଚ୍ ଭାବେ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଶୁକ୍ରବାର ମ୍ୟାଚ୍‌ରେ ଅତିଥି ଭାବେ ବିଶିଷ୍ଟ କ୍ରୀଡ଼ାବିତ୍ ରାକେଶ ମହାନ୍ତି, ନିର୍ମଳ ମିଶ୍ର, ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର, କ୍ରୀଡ଼ା ସମ୍ପାଦକ ଅକ୍ଷୟ ବେହେରା ପ୍ରମୁଖ ଯୋଗଦେଇ କୃତୀ ମ୍ୟାନ୍ ଅଫ୍ ଦ ମ୍ୟାଚ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ରବିବାର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲ୍‌ୱେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂକୁ ଭେଟିବ।

**ସଂକ୍ଷେପରେ**

## ୨ ପ୍ରତିଭାଧାରୀ ପାଇବେ ପୁରସ୍କାର

କଟକ,୧୦।୧(କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଚଳିତବର୍ଷ ଗବେଷକ ଡକ୍ଟର ଆଲୋକ ବରାଳଙ୍କୁ ନାଥବ୍ରହ୍ମ ଯୁବ ଗବେଷକ ସମ୍ମାନ ଓ କଣ୍ଠଶିଳ୍ପୀ ରବୀନ୍ଦ୍ର କୁମାର ମହାପାତ୍ରଙ୍କୁ କଳ୍ପନା ବଳ ଯୁବ କଣ୍ଠଶିଳ୍ପୀ ପୁରସ୍କାର ପ୍ରଦାନ କରାଯିବ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଥିବା ଡ. ବରାଳ ଓଡ଼ିଶା ସାହିତ୍ୟର ବିଭିନ୍ନ ବିଭାଗ ବିଶେଷକରି ଉପନ୍ୟାସ ଉପରେ ଗବେଷଣା କରିଛନ୍ତି। ସେହିପରି କଣ୍ଠଶିଳ୍ପୀ ମହାପାତ୍ର ଭକ୍ତିସଂଗୀତ ଗାୟନ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି। ଉଭୟ ଯୁବ ସାଧକଙ୍କୁ ପୁରସ୍କୃତ କରାଯିବ ବୋଲି ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନ ପରିସରରେ ଆୟୋଜିତ କାର୍ଯ୍ୟନିର୍ବାହିକା ସମିତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୨ ତାରିଖ ସନ୍ଧ୍ୟାରେ କଟକ ଶତାବ୍ଦୀ ଭବନରେ ଅନୁଷ୍ଠିତ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଓ ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

କଟକ,୧୦।୧(କାର୍ତ୍ତିକ ସାହୁ)

ଜୋବ୍ରାସ୍ଥିତ ପୌର ସରକାରୀ ଉଚ୍ଚ ବିଦ୍ୟାଳୟର ତିନିଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜୋବ୍ରା ଦୁର୍ଗାପୂଜା କମିଟି ସଭାପତି ପ୍ରମୋଦ ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ଜେନା, କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, ଝିଲୀ ବିହାରୀ, ପୁରାତନ ଛାତ୍ର ପରିଷଦର ସମ୍ପାଦକ ଶୁଭେନ୍ଦୁ କୁମାର ମହାନ୍ତି ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଆଲୋକ କୁମାର ସାହୁ, ମନୋଜ କୁମାର ଜେନା, ପୁରାତନ ଛାତ୍ର ଚଣ୍ଡୀପ୍ରସାଦ ମହାନ୍ତି, ସାରଦା ପ୍ରସାଦ ସ୍ୱାଇଁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଡ. ରାଜଶ୍ରୀ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଅଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଏସ୍‌ସିବିରେ ୨୦୦ରୁ ଊର୍ଦ୍ଧ୍ୱ ନର୍ସିଂ ଅଫିସର ପଦବୀ ଫାଙ୍କା

କଟକ,୧୦।୧(ଶିଳ୍ପା ପ୍ରିୟଦର୍ଶିନୀ)

**ହନ୍ତସନ୍ତ ହେଉଛନ୍ତି ରୋଗୀ**




ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ମେଡିକାଲର ଭିତ୍ତିଭୂମି ସୁଦୃଢ଼ କରୁଛନ୍ତି। ହେଲେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତ କରୁ ନ ଥିବାରୁ ରୋଗୀସେବାରେ ସମସ୍ୟା ହେଉଛି। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ଏସ୍‌ସିବି ମେଡିକାଲରେ। ଏଠାରେ ୧୨୮୧ଟି ମଞ୍ଜୁରିପ୍ରାପ୍ତ ନର୍ସିଂ ଅଫିସର ପଦବୀ ରହିଥିବାବେଳେ ସେଥିମଧ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ପଦ ଫାଙ୍କା ପଡ଼ିଛି। ଏସ୍‌ସିବିରେ ୩୦୦୦ରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି। ମେଡିକାଲରେ ବେଡ୍‌ସଂଖ୍ୟା ବଢ଼ିଥିବାବେଳେ ଆବଶ୍ୟକ ମୁତାବକ ନର୍ସିଂ ଅଫିସର ନ ଥିବାରୁ ରୋଗୀସେବାରେ ବିଭ୍ରାଟ ଦେଖାଦେଇଛି। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ଏ ଦିଗରେ ସରକାର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ଜାତୀୟ ମେଡିକାଲ କମିଶନ (ଏନ୍‌ଏମ୍‌ସି) ଓ ଇଣ୍ଡିଆନ ନର୍ସିଂ କାଉନ୍‌ସିଲ(ଆଇଏନ୍‌ସି) ନିୟମ ମୁତାବକ ମେଡିକାଲରେ ଜଣେ ରୋଗୀଙ୍କ ପାଇଁ ଜଣେ ନର୍ସିଂ ଅଫିସର ରହିବେ। ସେହିପରି ଆଇସିୟୁରେ ଜଣେ ରୋଗୀଙ୍କ ନିମନ୍ତେ ଜଣେ ନର୍ସିଂ ଅଫିସର, ଓଟିରେ ଜଣେ ରୋଗୀଙ୍କ ପାଇଁ ୨ ଜଣ ନର୍ସିଂ ଅଫିସର ରହିବେ। ହେଲେ ଏସ୍‌ସିବି ମେଡିକାଲ ଆଇସିୟୁରେ ୪୫ ଜଣ ରୋଗୀଙ୍କ ନିମନ୍ତେ ମାତ୍ର ୧୦ ନର୍ସିଂ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି। ମେଡିକାଲରେ ପଦବୀ ପୂରଣ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ କର୍ତ୍ତୃପକ୍ଷ ପ୍ରତିମାସରେ ସରକାରଙ୍କୁ ଅବଗତ କରାଇଥାନ୍ତି। ହେଲେ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଇନାହିଁ। ଏ ସମ୍ପର୍କରେ ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ବିଭିନ୍ନ ଦାବି ନେଇ କଟକ ମାଛୁଆବଜାରସ୍ଥିତ ଏଲ୍‌ଆଇସି ଡିଭିଜିନାଲ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅଲ୍ ଓଡ଼ିଶା ଏଲ୍‌ଆଇସି ପେନ୍‌ସନର୍ସ ଆସୋସିଏଶନ ପକ୍ଷରୁ ଧାରଣା ଦିଆଯାଇଛି।

# ଏଥର ପ୍ରଦର୍ଶନ ହେବ ପ୍ରଜ୍ଞାପନ ମେଢ଼

କଟକ,୧୦।୧(କାର୍ତ୍ତିକ ସାହୁ)

**ବିଡ଼ାନାସୀ ମିନି ଷ୍ଟାଡିୟମରେ ପାଳନ ହେବ ସାଧାରଣତନ୍ତ୍ର ଦିବସ**

କଟକ ବିଡ଼ାନାସୀସ୍ଥିତ ମିନି ଷ୍ଟାଡିୟମରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଚଳିତବର୍ଷ ବିଭିନ୍ନ ବିଭାଗ ଦ୍ୱାରା ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ। ଏଥିସହ ସ୍ୱାସ୍ଥ୍ୟ ବିଭାଗ ଓ ମହାନଗର ନିଗମ ସହଯୋଗରେ ରକ୍ତଦାନ ଶିବିର କରାଯାଉଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଶୁକ୍ରବାର ଉକ୍ତ ଷ୍ଟାଡିୟମ ପରିଦର୍ଶନ କରି ସ୍ଥିତି ପରଖିବା ସହ ପ୍ରଶାସନିକ ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିଛନ୍ତି। ତାଙ୍କ ସହିତ ଅତିରିକ୍ତ ଜିଲାପାଳ ଶିବ ଟପୋ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ମଧ୍ୟ ସାମିଲ ଥିଲେ। ଚଳିତବର୍ଷ ନୂତନ ସ୍ଥାନରେ ଏହି ସାଧାରଣତନ୍ତ୍ର ଦିବସ ପାଳନ ହେଉଥିବାରୁ ସମ୍ପୃକ୍ତ ବିଭାଗ ମଧ୍ୟରେ ଆବଶ୍ୟକ ସମନ୍ୱୟ ରକ୍ଷା କରି ସମସ୍ତ କାର୍ଯ୍ୟ କରାଯିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ପୂର୍ତ୍ତ ବିଭାଗ ଏବଂ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଷ୍ଟାଡିୟମ ପରିସର ଓ ଏହାର ଆଖପାଖ ସ୍ଥାନରେ ରାସ୍ତା ମରାମତି, ନିର୍ମାଣ, ସଫେଇ ଆଦି କାର୍ଯ୍ୟ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହିପରିଦର୍ଶନସମୟରେସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଏବଂ ଷ୍ଟାଡିୟମର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# 'ପରିବର୍ତ୍ତିତ ଜଳବାୟୁରେ ସହାୟକ ହେବ ନୂତନ ଚାଷ ପଦ୍ଧତି'

କଟକ,୧୦।୧(କାର୍ତ୍ତିକ ସାହୁ)

ପରିବର୍ତ୍ତିତ ଜଳବାୟୁରେ ଉନ୍ନତ ଧାନ ଉତ୍ପାଦନ ପାଇଁ ନୂତନ ପଦ୍ଧତିରେ ଚାଷ ସହାୟକ ହେବ। କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ପରିସରରେ ଆୟୋଜିତ ୪ ଦିନିଆ ପ୍ରଶିକ୍ଷଣ ଶିବିରରେ ବୈଜ୍ଞାନିକମାନେ ଚାଷୀଙ୍କୁ ଏନେଇ ତାଲିମ ପ୍ରଦାନ କରିଛନ୍ତି। ବିହାର ଦରଭଙ୍ଗା ଜିଲାର ୨୫ ଜଣ ସଫଳ ଚାଷୀ ଯୋଗଦେଇ ବିଭିନ୍ନ ନୂତନ ପଦ୍ଧତିରେ ଧାନଚାଷ ଉପରେ ଜ୍ଞାନ ହାସଲ କରିଛନ୍ତି। ଉନ୍ନତ କୃଷି ଯାନ୍ତ୍ରୀକରଣ ସହ ଜୈବିକ ପଦ୍ଧତିରେ କମ୍ ବ୍ୟୟରେ ଧାନଚାଷ କରାଯିବା, ଫସଲ ସୁରକ୍ଷା, ଧାନ କିସମ ଚୟନ ଆଦି ବିଷୟରେ ବୈଜ୍ଞାନିକମାନେ ପରାମର୍ଶ ଦେଇଛନ୍ତି। ଏଥିସହ ଚାଷୀମାନେ କ୍ଷେତ୍ର ଭ୍ରମଣ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଡ. ସୁଦୀପ୍ତ ପଲ ପାଠ୍ୟକ୍ରମ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ଚାଷୀମାନଙ୍କୁ ପରିବେଶ ଅନୁକୂଳ ନୂତନ ଚାଷ ପଦ୍ଧତି ଆପଣେଇବା, ଉନ୍ନତ ବିହନ ସଂଗ୍ରହ କରିବା ଓ ନୂତନ କୃଷି ଆପ୍ ବ୍ୟବହାର କରିବାକୁ ପ୍ରବର୍ତ୍ତାଇଥିଲେ। ଏହି ଅବସରରେ ଚାଷୀମାନଙ୍କୁ ମାନପତ୍ର ଦିଆଯାଇଥିଲା। ସମାଜ ବିଜ୍ଞାନ ବିଭାଗର ବୈଜ୍ଞାନିକମାନେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ରାଜ୍ୟସ୍ତରୀୟ କବି, ଲେଖକ, କଳାକାର ସମାରୋହ

କଟକ,୧୦।୧(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ୨୪ତମ ରାଜ୍ୟସ୍ତରୀୟ କବି, ଲେଖକ ଓ କଳାକାର ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ ମହାନ୍ତି ଯୋଗଦେଇ କହିଛନ୍ତି, ଯେଉଁ ରାଜ୍ୟର ଭାଷା ଯେତେ ଦୃଢ଼, ସେହି ରାଜ୍ୟ ସେତିକି ସମୃଦ୍ଧ। ଏଥିରେ ମୁଖ୍ୟବକ୍ତା ଭାବେ ଡାକ୍ତର ରବି ନାରାୟଣ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଔପନ୍ୟାସିକ ଉମାଶଙ୍କର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ପ୍ରତିଭା ଦର୍ପଣ' ଓ ବନମାଳୀ ଦାସଙ୍କ ପୁସ୍ତକ 'ମୁକ୍ତି ବିଚାର' ଉନ୍ମୋଚିତ ହୋଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦିଲୀପ କୁମାର ଦାସ ବିବରଣୀ ପାଠ, କବି ବାହାଦୁର ପାଟଶାହାଣୀ ଅତିଥି ପରିଚୟ ଓ ପଣ୍ଡିତ ନାରାୟଣ ଶତପଥୀ ବେଦପାଠ କରିଥିଲେ।

ସେହିପରି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଦ୍ୱିତୀୟ ଅଧିବେଶନର ରାଜ୍ୟସ୍ତରୀୟ କବି ସମ୍ମିଳନୀକୁ ବାବା ଆର୍ତ୍ତତ୍ରାଣ ଉଦ୍‌ଘାଟନ କରିଥିଲେ। କବି ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଂ. ରଶ୍ମିରଞ୍ଜନ ରାଏ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଶ୍ରୀଧର ଶେଖର ମହାପାତ୍ର, କବି ସାରଥି ଶ୍ରୀଚନ୍ଦନ ମହାପାତ୍ର ଯୋଗଦେଇଥିଲେ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ପଣ୍ଡିତ କମଳାକାନ୍ତ ଦାଶ, ରାଜା ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି, ସୁରେଶ ଦାଶ, ରବୀନ୍ଦ୍ର ପାଢ଼ୀ, କୃଷ୍ଣଚନ୍ଦ୍ର ପ୍ରଧାନ, ଅଭୟ ଦୋରା, ଦିଲୀପ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହସମ୍ପାଦକ ଧର୍ମାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।

## ଟ୍ରକ୍‌ରୁ ଡିଜେଲ ଚୋରି, ୩ ଗିରଫ

ମଙ୍ଗୁଳି-ଜଗତପୁର,୧୦।୧(ମାନସ ସାମଲ)

ଟ୍ରକ୍‌ରୁ ଡିଜେଲ ଚୋରି ଅଭିଯୋଗରେ ଟାଙ୍ଗୀ ପୋଲିସ ୩ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ଉଚ୍ଚପଦା ପଞ୍ଚାୟତ ବଇଁଚୁଆ ଗ୍ରାମର ସରୋଜ ସାମଲ, ଦମକା ଗ୍ରାମର ପବିତ୍ର ସାହୁ ଓ ପ୍ରଶାନ୍ତ ମଲ୍ଲିକ। ସେମାନଙ୍କ ନିକଟରୁ ୮ ଜାର୍କିନ୍ ଡିଜେଲ ପୋଲିସ ଜବତ କରିଛି। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ପାର୍କିଂ କରିଥିବା କେତେକ ଟ୍ରକରୁ ଅଭିଯୁକ୍ତମାନେ ଡିଜେଲ ଚୋରି କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

## ୨ କୋଇଲା ବୋଝେଇ ଟ୍ରକ୍ ଜବତ, ୩ ଗିରଫ

ଖୁଣ୍ଟୁଣୀ,୧୦।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ କୃଷ୍ଣଶ୍ୟାମପୁର ଗ୍ରାମ ରିଜର୍ଭ ଫରେଷ୍ଟ ମଧ୍ୟରେ ବେଆଇନ ଭାବେ ଚାଲିଥିବା ଚୋରା କୋଇଲା ଡିପୋରେ ଶୁକ୍ରବାର ଭୋର ସମୟରେ ପୋଲିସ ଚଢ଼ାଉ କରିଛି। ସେଠାରୁ ୨ଟି ଟ୍ରକ୍ ସହିତ ପ୍ରାୟ ୨୫ କୁଇଣ୍ଟାଲ କୋଇଲା ଜବତ କରିଛି। ସୂଚନା ଅନୁଯାୟୀ, ତାଳଚେରରୁ ୨ଟି ଟ୍ରକ୍‌ରେ କୋଇଲା ଖୁଣ୍ଟୁଣୀ ନିକଟ ଏକ କରଖାନାକୁ ଯାଇଥାନ୍ତା। ହେଲେ ଚାଳକ ଦ୍ୱୟ ଏହି ବେଆଇନ ଡିପୋରେ କୋଇଲା ଖାଲି କରୁଥିବା ପୋଲିସ ଜାଣିବାକୁ ପାଇଥିଲେ। ତୁରନ୍ତ ପୋଲିସ ସେଠାରେ ଚଢ଼ାଉ କରି କୋଇଲା ଜବତ କରିବା ସହ ୨ ଟ୍ରକ୍ ଚାଳକ ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅନ୍ତର୍ଗତ କମରଦା ଗ୍ରାମର ସୂର୍ଯ୍ୟକାନ୍ତ ବିଶ୍ୱାଳ, ପରଜଙ୍ଗ ଥାନା ରୋଡା ଗ୍ରାମର ରମେଶ ଚନ୍ଦ୍ର ମୁଦୁଲି ଓ ଚୋରା କୋଇଲା ଡିପୋରେ କାମ କରୁଥିବା ଶ୍ରମିକ ଖୁଣ୍ଟୁଣୀ ଥାନା ଅଧୀନ ଖଣ୍ଡବନ୍ଧ ଗ୍ରାମର ପ୍ରଶାନ୍ତ ଦେହୁରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ୨ଟି ମାମଲା(ନଂ. ୭,୮/୨୫) ରୁଜୁ ହୋଇଛି।




ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ କଟକ ସିଲ୍‌ଭର୍ ସିଟି ବୋଟ୍ କ୍ଲବ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କଳାକାରଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ନୃତ୍ୟ।

# ଭାଗଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବି

କଟକ ସଦର,୧୦।୧(ସୁଶାନ୍ତ କୁମାର ଜେନା)

ଲଘୁଚାପଜନିତ ବର୍ଷାରେ ଫସଲ ନଷ୍ଟ ହେବା ଯୋଗୁ ଋଣ ଭାରରେ ଭାଗଚାଷୀ ଅତିଷ୍ଠ ହୋଇପଡ଼ିଛନ୍ତି। ଅନେକ ଚାଷୀ ନିଜର ଜମି ସହିତ ଅଧିକ ଜମି ଭାଗରେ ଆଣି ଚାଷ କରିଥିଲେ। ସରକାର ଯଦି ଜମି ମାଲିକ ହିସାବରେ ସହାୟତା ପ୍ରଦାନ କରିବେ ତେବେ ପ୍ରକୃତ ଭାଗ ଚାଷୀ ହତାଶ ହେବେ। ଯେଉଁମାନେ ଋଣ ଆଣି ଚାଷ କରିଥିଲେ ସେମାନେ ଚାପରେ ରହିଛନ୍ତି। ବିଶେଷକରି କିଶନ ନଗର, ନିଶ୍ଚିନ୍ତକୋଇଲି, କଟକ ସଦର ବ୍ଲକ ଅଞ୍ଚଳର ବହୁ ଚାଷୀ ଏବେ ହତାଶ ହୋଇ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ତେଣୁ ପ୍ରଶାସନିକ ଅଧିକାରୀ ବିଲ ନିକଟକୁ ଯାଇ ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରିବା ସହ କେବଳ ଜମି ମାଲିକ ନୁହେଁ ଭାଗ ଚାଷୀଙ୍କୁ କ୍ଷତି ପୂରଣ ପ୍ରଦାନ ପାଇଁ କଟକ ସଦର ବ୍ଲକ କଂଗ୍ରେସ ପକ୍ଷରୁ ରାମଚନ୍ଦ୍ର ଗୋଚ୍ଛାୟତ, ନଗର(ଜିଲା)କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନିର୍ମଳ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

# 'ସଂଖ୍ୟାଲଘୁଙ୍କୁ ସୁରକ୍ଷାଦେବା ରାଷ୍ଟ୍ରୀୟ ଦାୟିତ୍ୱ'

କଟକ,୧୦।୧(କାର୍ତ୍ତିକ ସାହୁ)

ରାଜନୀତିରେ ପୁଞ୍ଜିବାଦୀ ଶକ୍ତିଙ୍କ ଅଭ୍ୟୁଦୟ ଫଳରେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଛି। ଦେଶରେ ଅର୍ଥନୈତିକ ବୈଷମ୍ୟତା ଚିନ୍ତାର କାରଣ ସାଜିଛି। ସାଧାରଣ ଜନତା ସମ୍ବିଧାନପ୍ରାପ୍ତ ଅଧିକାର ହାସଲ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ମୌଳିକ ଅଧିକାର ପୂରଣ କରିବାରେ ସରକାର ବିଫଳ ହେଉଛନ୍ତି। ଆମ ବିବିଧତା ହିଁ ଆମ ସମ୍ବିଧାନର ମୂଳଭିତ୍ତି। ଆମ ବିବିଧତାକୁ ନଷ୍ଟ କରି ଜାତି, ଧର୍ମ, ବର୍ଣ୍ଣ ନାଁରେ ଦେଶକୁ ଭାଙ୍ଗିବାକୁ ଲଗାତର ଉଦ୍ୟମ ହେଉଛି। ଆମ ଦେଶରେ ସଂଖ୍ୟା ଗରିଷ୍ଠମାନେ ସଂଖ୍ୟାଲଘୁଙ୍କୁ ସୁରକ୍ଷା ପ୍ରଦାନ କରିବା ହିଁ ରାଷ୍ଟ୍ରୀୟ ଦାୟିତ୍ୱ ବୋଲି ସମତା ସ୍ୱରାଜ ସଂକଳ୍ପ ଅଭିଯାନ ପକ୍ଷରୁ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ଆୟୋଜିତ ଆଲୋଚନାଚକ୍ରରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ସର୍ବୋଦୟ କର୍ମୀ ଅନ୍ତର୍ଯ୍ୟାମୀ ବରାଳଙ୍କ ଅଧ୍ୟକ୍ଷତାରେ ସାମ୍ବିଧାନିକ ମୂଲ୍ୟବୋଧ, ଭାରତୀୟ ରାଷ୍ଟ୍ରୀୟତା, ଗଣତନ୍ତ୍ର ଓ ଆମ ଦାୟିତ୍ୱ ଶୀର୍ଷକ ଆଲୋଚନାଚକ୍ରରେ ଚିତ୍ତରଞ୍ଜନ ମହାନ୍ତି, ଜୟନ୍ତୀ ମଞ୍ଜରୀ ରଥ, ବିଶ୍ୱାବସୁ ଦାସ, ଜୟନ୍ତ କୁମାର ଦାସ, ମିହିର ପ୍ରତାପ ଦାସ, କିଶୋର ଜେନା, ଯୁଗଳ କିଶୋର ନାୟକ, ଖଗେଶ୍ୱର ସେଠୀ, ଡ. ପ୍ରଭାବତୀ ପଣ୍ଡା ପ୍ରମୁଖ ଯୋଗଦେଇ ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଦେଶବାସୀଙ୍କୁ ଏକାଠି ହେବାର ସମୟ ଆସିଛି ବୋଲି କହିଥିଲେ। ରାଷ୍ଟ୍ରୀୟ ଯୁବା ସଙ୍ଗଠନର ମାନସ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଗାନ୍ଧୀ ଭବନରେ ଆୟୋଜିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

**ସମ୍ବିଧାନର ୭୫ବର୍ଷ ପୂର୍ତ୍ତି ଅବସରରେ ଆଲୋଚନାଚକ୍ର**

**ଫଟୋରେ ଖବର**



ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ କଟକ ସିଲ୍‌ଭର୍ ସିଟି ବୋଟ କ୍ଲବ୍ ପରିସରରେ ପ୍ରବାସୀ ଭାରତୀୟ ବୋଟିଂର ମଜା ନେଉଛନ୍ତି।



ସିଲ୍‌ଭର୍ ସିଟି ବୋଟ୍ କ୍ଲବ ପରିସରରେ ଶୁକ୍ରବାର ଅନୁଷ୍ଠିତ ଚିତ୍ରକଳା ଶିବିରରେ ଯୁବତୀମାନେ ଚିତ୍ରକଳା ଦେଖୁଛନ୍ତି।



କଟକ ଓଡ଼ିଆବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନରେ ଆସିଥିବା ପ୍ରବାସୀ ଭାରତୀୟ ନେତାଜୀଙ୍କ ଜନ୍ମ ପ୍ରକୋଷ୍ଠ ସମ୍ମୁଖରେ ପ୍ରଣିପାତ କରୁଛନ୍ତି।

# ପାରମ୍ପରିକ କଳା, ସଂସ୍କୃତି, ଐତିହ୍ୟକୁ ନେଇ ଓଡ଼ିଶା ସମୃଦ୍ଧ

ପୁରୀ,୧୦।୧(ଅଜିତ୍ କୁମାର ମହାନ୍ତି)

ଭୁବନେଶ୍ୱରରେ ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀ ଅବସରରେ ଐତିହ୍ୟ ଗ୍ରାମ ରଘୁରାଜପୁରରେ ସ୍ୱାଗତମ୍ ମହୋତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ 'ଓଡ଼ିଆ ଅସ୍ମିତା କାରିଗର ଓ ବୁଣାକାରଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଉତ୍କଳିକା, କଳାକ୍ଷେତ୍ର ଏବଂ ୱାର୍ଲ୍ଡ ଆର୍ଟ୍ସ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଳ୍ପୀଗୁରୁ ଦୀନବନ୍ଧୁ ମହାପାତ୍ର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିଳ୍ପୀ ବିଶ୍ୱନାଥ ସ୍ୱାଇଁ, ଶରତ ପ୍ରଧାନ ଓ ସୌଦାମିନୀ ସ୍ୱାଇଁ, ବରିଷ୍ଠ ଚିତ୍ରଶିଳ୍ପୀ ଲିଙ୍ଗରାଜ ମହାରଣା, ପରମ୍ପରା ଅନୁଷ୍ଠାନର ଉପଦେଷ୍ଟା ଭଗବାନ ସ୍ୱାଇଁ, ଅଧ୍ୟକ୍ଷା ସଂଯୁକ୍ତା ପ୍ରଧାନ, କଳାକ୍ଷେତ୍ର ଅନୁଷ୍ଠାନ ଅଧ୍ୟକ୍ଷ ସୁଦର୍ଶନ ସ୍ୱାଇଁ, ନୂତନ ନମୁନା ବିକାଶକାରୀ ଯୁ. ଶର୍ମିଳା, ସଂସ୍କୃତି ବିଶାରଦ ଗଙ୍ଗାଧର ଓଝା ପ୍ରମୁଖ ଆଲୋଚକ ଭାବେ ଅଂଶଗ୍ରହଣ କରିଥିଲେ। ପାରମ୍ପରିକ କଳାକାର ଓ ବୁଣାକାର ଏହି ଗ୍ରାମରେ ଓଡ଼ିଆ ଅସ୍ମିତାର ବାର୍ତ୍ତା ବହନ କରୁଛନ୍ତି। ପାରମ୍ପରିକ କଳା, ସଂସ୍କୃତି ଓ ଐତିହ୍ୟକୁ ନେଇ ଓଡ଼ିଶା ସମୃଦ୍ଧ ଏବଂ ଗର୍ବିତ। ପ୍ରବାସୀ ଭାରତୀୟ ଆମର କଳା, ସଂସ୍କୃତିକୁ ଦେଖି ଆନନ୍ଦିତ ହେବା ସହିତ ଗର୍ବ ଅନୁଭବ କରିପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଆଦିବାସୀ ଅଳଙ୍କାର ଶିଳ୍ପୀ ରାମଚନ୍ଦ୍ର ସାହୁ, ପ୍ରସ୍ତର ଶିଳ୍ପୀ ଉପେନ୍ଦ୍ର ମହାରଣା ଏବଂ ଶିଳ୍ପୀ ସଙ୍ଗଠକ ସୁଦାମ ଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୱାର୍ଲ୍ଡ ଆର୍ଟ୍ସ ସମ୍ପାଦକ ବିପିନ୍ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଶିଳ୍ପୀମାନେ ସେମାନଙ୍କ କଳାକୃତି ପ୍ରଦର୍ଶନ କରିଥିଲେ। ୨୫ ଷ୍ଟଲରେ ଚାନ୍ଦୁଆ, ତାଳପତ୍ର ଖୋଦେଇ ପଟ୍ଟଚିତ୍ର, କାଗଜମୁଖା, ମୟୂରଭଞ୍ଜର ସବାଇଘାସ, କତା କଣ୍ଢେଇ, ପାରମ୍ପରିକ ଶାଢ଼ି, ମାଟି ସାମଗ୍ରୀ, ପଥର ମୂର୍ତ୍ତି, କାଠ ମୂର୍ତ୍ତି ଏବଂ ଟେରାକୋଟା କାରିଗରଙ୍କ ଶିଳ୍ପକଳା ସ୍ଥାନ ପାଇଛି। ଉକ୍ତ ଷ୍ଟଲଗୁଡ଼ିକୁ ପ୍ରବାସୀ ଭାରତୀୟ ଏବଂ ପର୍ଯ୍ୟଟକ ବୁଲି ଦେଖିଥିଲେ।

# ଓଡ଼ିଆ ଆଧୁନିକତାର ଅନନ୍ୟ ଅଗ୍ରଦୂତ ପଣ୍ଡିତ ନୀଳକଣ୍ଠ

ପୁରୀ,୧୦।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ଗୋପ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ପ୍ରିୟଦର୍ଶିନୀ ପଲେଇଙ୍କ ଦ୍ୱିତୀୟ ଜୀବନୀ ଗ୍ରନ୍ଥ 'ଶ୍ରୀରାମପୁରର ସନ୍ଥ- ପଣ୍ଡିତ ନୀଳକଣ୍ଠ ଦାସ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୀବନୀ ଓ କୃତି ଆଧାରିତ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଜୀବନୀ ଗ୍ରନ୍ଥ ବୋଲି ଅତିଥିମାନେ କହିଛନ୍ତି। ସାହିତ୍ୟିକ ଡ. ଚିତ୍ତରଞ୍ଜନ ମିଶ୍ର, ଡ. ହରପ୍ରସାଦ ମିଶ୍ର, ଡ. ଦିଲୀପ କୁମାର ସ୍ୱାଇଁ ଏହି ପୁସ୍ତକ ସମ୍ପର୍କରେ ନିଜ ମତ ଉପସ୍ଥାପନ କରିଥିଲେ। ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଆ ଗଣ ଜୀବନରେ ଶିକ୍ଷାଭିତ୍ତିକ ଆଧୁନିକତାର ଅନୁପ୍ରବେଶ କରାଇ ଓଡ଼ିଆ ସମାଜକୁ କୁସଂସ୍କାରମୁକ୍ତ କରିଥିଲେ। ଏଥିସହ ସେ ଓଡ଼ିଆ ଆଧୁନିକତାର ଅନନ୍ୟ ଅଗ୍ରଦୂତ ସାଜିଥିଲେ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଶ୍ୟାମପ୍ରକାଶ ସେନାପତି, ସନ୍ନ୍ୟାସୀ ନାୟକ, କାମଦେବ ମହାରଣା, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ପୁସ୍ତକ ସମ୍ପର୍କରେ ନିଜର ଅଭିମତ ପ୍ରଦାନ କରିଥିଲେ। ତାପସ କୁମାର ଜେନା, ବବିତା ମହାପାତ୍ର, ଝରଣା ସାହୁ, ଉମେଶ ବେହେରା, ଗିରିଜା ଶଙ୍କର ସେଠୀ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଏହା ଏକ ଉପାଦେୟ ପୁସ୍ତକ ବୋଲି କହିଥିଲେ। ବିଜୟିନୀ ପବ୍ଲିକେଶନର ପ୍ରକାଶକ ଦିଲୀପ କୁମାର ବେଉରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଭିନନ୍ଦିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅମୀୟ କୁମାର ଜେନା ଓ ବିଶ୍ୱଜିତ୍ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ନରସିଂହ ସୁଆର ଧନ୍ୟବାଦ ଦେଇଥିଲେ।


## ଭାରତୀୟ ରିଜର୍ଭ ବ୍ୟାଙ୍କ

**ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ମହଲା ଅଞ୍ଚଳର ନବୀକରଣ ଓ ପୁନଃନିର୍ମାଣ (ସିଭିଲ କାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ ଜାନୁଆରୀ ୨୮, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**


# ତହସିଲ ଅଫିସ ସମ୍ମୁଖରେ କୃଷକ ମୋର୍ଚ୍ଚାର ବିକ୍ଷୋଭ

ଡେଲାଙ୍ଗ,୧୦।୧(ରଶ୍ମିରଞ୍ଜନ ପ୍ରଧାନ)




ଲଘୁଚାପ ବର୍ଷାରେ କ୍ଷତିଗ୍ରସ୍ତ ଧାନ, ପନିପରିବା, ଚିନାବାଦାମ ଚାଷୀଙ୍କୁ ଯଥୋଚିତ କ୍ଷତିପୂରଣ ଦାବିକରି ଡେଲାଙ୍ଗ ବ୍ଲକ୍ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଡେଲାଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ ପ୍ରଧାନ, ଚାଷୀ ଅଧିକାରୀ ପ୍ରଧାନ, ନିର୍ମଳ ପରିଡ଼ା, କବିଚରଣ ପ୍ରଧାନ, ଅମରେନ୍ଦ୍ର ସୁବୁଦ୍ଧି, ଅଜୟ କୁମାର ମହାନ୍ତିଙ୍କ ସମେତ ଶତାଧିକ ଚାଷୀ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଧାନଚାଷ ଏକର ପ୍ରତି ୨୫ ହଜାର, ଅନ୍ୟାନ୍ୟ ଚାଷ ଏକର ପ୍ରତି ୪୦ ହଜାର ଟଙ୍କା ସର୍ବନିମ୍ନ ସହାୟତା, ଧାନ ମଣ୍ଡିରେ ଅରାଜକତା ବନ୍ଦ ହେବା, ସବୁ ଚାଷୀଙ୍କୁ ବୀମାଭୁକ୍ତ କରାଯିବା ସହ ମାଗଣା ସାର, ମୃତ ଚାଷୀଙ୍କୁ ୨୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ ସହ ସବୁଚାଷୀଙ୍କ କୃଷିଋଣ ଛାଡ଼ କରାଯିବା ପୁରୁଣା ରିଲିଫ୍ କୋଡ୍ ସଂଶୋଧନ ଓ ଭାଗଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଆଦି ଦାବିନେଇ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଅଶୋକ ପ୍ରଧାନ ଜଣାଇଛନ୍ତି।

# ବବୁଲ ହତ୍ୟାକାଣ୍ଡର ୭ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ପିପିଲି,୧୦।୧(ଦୁର୍ଗାମାଧବ ମିଶ୍ର)

ପିପିଲି ଅଞ୍ଚଳ ଜାଗୁଲିଆପଡ଼ା ସାମିଲି ବାରମାଣପାଟଣା ଗ୍ରାମର ଯୁବ ବ୍ୟବସାୟୀ ଚିନ୍ମୟ ସାହୁ ଓରଫ ବବୁଲ୍ ହତ୍ୟାକାଣ୍ଡ ଘଟଣାରେ ୭ ଦୋଷୀଙ୍କୁ ପୁରୀ ଦ୍ୱିତୀୟ ଜିଲା ଦୌରାଜଜ୍ ଦୋଷୀ ସାବ୍ୟସ୍ତକରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଆଉ ଜଣେ ଦୋଷୀଙ୍କ ମକଦ୍ଦମା ବିଚାରାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବାରମାଣପାଟଣା ଗ୍ରାମର ବବୁଲ ଭୁବନେଶ୍ୱରରେ ଏକ ଚପଲ ଦୋକାନ କରିଥିଲେ। ସବୁଦିନ ଭଳି ବ୍ୟବସାୟ ଶେଷ କରି ରାତ୍ର ୧୧ ଘଟିକା ସମୟରେ ଘରକୁ ଫେରିଥାନ୍ତି। ବବୁଲ ଘରକୁ ଫେରୁଥିବା ବେଳେ ଉକ୍ତ ଗ୍ରାମର ଲକ୍ଷ୍ମୀଧର ବେହେରା ଓ ତା'ର ସମର୍ଥକମାନେ ୨୦୧୭ରେ ଉତ୍ତରା ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ପାର୍ଶ୍ୱ ନିଛାଟିଆ କେନାଲ ରାସ୍ତାରେ ବିଭିନ୍ନ ମାରଣାସ୍ତ୍ର ଧରି ବବୁଲକୁ ଅଟକାଇ ଅତି ନୃଶଂସ ଭାବେ ହାଣି ପଳାଇଥିଲେ। ବବୁଲକୁ ଚିକିତ୍ସା ଲାଗି ଭୁବନେଶ୍ୱର ନିଆଯାଇ ଥିବାବେଳେ ବବୁଲଙ୍କ ସେଠାରେ ମୃତ୍ୟୁ ହୋଇଥିବା ଚିକିତ୍ସାଧୀନ ଡାକ୍ତର ଘୋଷଣା କରିଥିଲେ। ପରେ ପରିବାର ପକ୍ଷରୁ ପିପିଲି ଥାନରେ ହତ୍ୟା ଅଭିଯୋଗ ହେବାରୁ ସେ ସମୟର ପିପିଲି ଥାନା ଅଧିକାରୀ ଶରତ ଚନ୍ଦ୍ର ସାହୁ ହତ୍ୟା ମାମଲା ଆଗତ କରି ବବୁଲର ଶବ ବ୍ୟବଚ୍ଛେଦକରି ହତ୍ୟାକାରୀଙ୍କୁ ଗିରଫ କରିଥିଲା। ଘଟଣାର ବିଧିବଦ୍ଧ ଭାବେ ତଦନ୍ତକରି ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଏହି ହତ୍ୟାକାଣ୍ଡ ଘଟଣା ପୁରୀ ଦ୍ୱିତୀୟ ଜିଲା ଦୌରାଜଜ୍ କୋର୍ଟରେ ବିଚାର କରାଯାଇଥିବା ବେଳେ କୋର୍ଟ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏଭଳି କାରାଦଣ୍ଡ ଆଦେଶ କରିଛନ୍ତି। ସେପଟେ ଏହି ରାୟ ପ୍ରକାଶ ହେବା ଜାଣି ମୃତ ବବୁଲ ପରିବାର ସଦସ୍ୟ ଅଦାଲତଙ୍କ ରାୟକୁ ଭଗବାନ ସଦୃଶ ନ୍ୟାୟ ମିଳିଛି ବୋଲି ପ୍ରକାଶ କରିଛନ୍ତି।

# ନୀତା ସ୍ପୋର୍ଟ୍ସ ଏକାଡେମୀ ଚାମ୍ପିୟନ

ପୁରୀ,୧୦।୧(ଅଜିତ୍ କୁମାର ମହାନ୍ତି)

ପ୍ରବାସୀ ଭାରତୀୟ ସମ୍ମିଳନୀ ଉପଲକ୍ଷେ ପୁରୀ ବେଳାଭୂମିରେ ଜିଲା ପ୍ରଶାସନ ଓ ଜିଲା କ୍ରୀଡ଼ା କାର୍ଯ୍ୟାଳୟ ପକ୍ଷରୁ ତିନିଦିନ ଧରି ଚାଲିଥିବା ବିଚ୍ ସ୍ପୋର୍ଟ୍ସ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଡିଆଇସି ଜେନେରାଲ ମ୍ୟାନେଜର ଅମୂଲ୍ୟରତ୍ନ ପଣ୍ଡା, ଜିଲା କ୍ରୀଡ଼ାଧିକାରୀ ଚନ୍ଦନ କୁମାର ସାହୁ, ଜିଲା ପ୍ରଶାସନର ଉପଦେଷ୍ଟା ସିଦ୍ଧାର୍ଥ ରାୟ ଏବଂ ନୀତା ସ୍ପୋର୍ଟ୍ସ ଏକାଡେମୀର ସମ୍ପାଦକ ଆଡ୍‌ଭୋକେଟ ସତ୍ୟବ୍ରତ ଷଡ଼ଙ୍ଗୀ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ନୌଚାଳନା ପ୍ରତିଯୋଗିତାରେ ସାଗର ଗ୍ରୁପ ପ୍ରଥମ, ବୁଢ଼ୀ ମା' ଦ୍ୱିତୀୟ ଓ ସାତ ଲହଡ଼ି ମଠ ତୃତୀୟ ସ୍ଥାନ ହାସଲ କରିଥିଲା। ପ୍ରଶାସନ ପକ୍ଷରୁ ଯଥାକ୍ରମେ ୫୦୦୦, ୩୦୦୦ ଓ ୨୦୦୦ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ନୀତା ସ୍ପୋର୍ଟ୍ସ ଏକାଡେମୀ ଚାମ୍ପିୟନ ହୋଇଥିଲା। ଉତ୍ତମ ଖେଳ ପରିଚାଳନା ପାଇଁ କୋଚ୍ ଜିତେନ୍ଦ୍ର ବେହେରା, ଶେଫାଳି ପତି ଓ ଗାୟତ୍ରୀ ସେଠୀ ପୁରସ୍କୃତ ହୋଇଥିଲେ। ରାମଚନ୍ଦ୍ର ବେହେରା, କୁନା ବେହେରା, ସୌମ୍ୟ ପୂଜାରୀ, ପ୍ରଭାତୀ ରାଉତ, ମାନସ ଦାସ, ଜ୍ଞାନ ରଞ୍ଜନ ବେହେରା, ବନିତା ଦୀକ୍ଷିତ ଓ ପ୍ରଦୀପ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# କାଦୁଆପଡ଼ାକୁ ହରାଇ କିଙ୍ଗ୍ସ ୧୧ ଆଳଙ୍ଗପୁର ଚାମ୍ପିୟନ

## ୨୧ତମ ହିମାଂଶୁ କପ୍

ଅସ୍ତରଙ୍ଗ,୧୦।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତର ମା' ବୁଢ଼ୀଆଣୀ କ୍ରିକେଟ କ୍ଲବ ଓ ନବଗଠିତ ତାଳଦା ବିକାଶ ପରିଷଦ ଆୟୋଜିତ ନିମାଇଁ ମହାନ୍ତି ଷ୍ଟାଡିୟମରେ ୨୧ତମ ବ୍ଲକସ୍ତରୀୟ ଶହୀଦ ହିମାଂଶୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମେଗା ଫାଇନାଲ ମ୍ୟାଚ୍‌ରେ ଗାଦିବ୍ରହ୍ମ କ୍ରିକେଟ କ୍ଲବ କାଦୁଆପଡ଼ା ବନାମ କିଙ୍ଗ୍ସ ୧୧ ଆଳଙ୍ଗପୁର ପରସ୍ପରକୁ ଭେଟିଥିଲେ। ପ୍ରଥମେ ଟସ୍ ଜିତି କାଦୁଆପଡ଼ା ନିର୍ଦ୍ଧାରିତ ୨୦ ଓଭରରୁ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ ସଂଗ୍ରହ କରିଥିଲା। ଜବାବରେ କିଙ୍ଗ୍ସ ୧୧ ଆଳଙ୍ଗପୁର ୯ ଓଭରରେ ୫ ଉଇକେଟ ହରାଇ ୯୦ ରନକରି ବିଜୟୀ ହୋଇଥିଲା। ଆଳଙ୍ଗପୁର ପକ୍ଷରୁ ବୈଦ୍ୟନାଥ ସାହୁ ମ୍ୟାନ୍ ଅଫ୍ ଦି ସିରିଜ, ସାଗର ଛାଟୋଇ ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ। ୨୧ତମ ଶହୀଦ ହିମାଂଶୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କିଙ୍ଗ୍ସ ୧୧ ଆଳଙ୍ଗପୁର ବିଜେତାକୁ ଟ୍ରଫି ସହ ଅର୍ଥରାଶି ଓ ରନର ଅପ୍ ଦଳ ଗାଦିବ୍ରହ୍ମ କ୍ରିକେଟ କ୍ଲବ କାଦୁଆପଡ଼ାକୁ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କ୍ଲବ ଉପଦେଷ୍ଟା ପ୍ରତାପ ପରିଡ଼ା, ରାଜା ମହାନ୍ତି, ବିଜୟ ପଡ଼ିଆରୀ, ସରପଞ୍ଚ ଦୀପକ ପରିଡ଼ା ପ୍ରମୁଖ ଉପସ୍ଥିତ ଥିବାବେଳେ ମା' ବୁଢ଼ିଆଣୀ କ୍ରିକେଟ କ୍ଲବ ଓ ନବଗଠିତ ତାଳଦା ବିକାଶ ପରିଷଦ ସଭାପତି ଦିବାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ବୈଦ୍ୟନାଥ ସାହୁଙ୍କୁ ବେଷ୍ଟ ବ୍ୟାଟ୍ସ ମ୍ୟାନ, ବେଷ୍ଟ ବୋଲର ରାକେଶ ସାହୁ, ବେଷ୍ଟ କ୍ଷେତ୍ର ରକ୍ଷକ ରଶ୍ମିରଞ୍ଜନ ସ୍ୱାଇଁଙ୍କ ସହ ଅନ୍ୟମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଗ୍ରାମାଞ୍ଚଳ ଅଭିଜ୍ଞ ଖେଳ ପରିଚାଳକ ସନ୍ତୋଷ କୁମାର ନାୟକ ଓ ସୁନୀଲ କୁମାର ନାୟକ ଖେଳ ପରିଚାଳନା କରିଥିଲେ। କ୍ଲବ ସଭାପତି ଦିବାକର ସାହୁ, ଜ୍ୟୋତିଚନ୍ଦ୍ର ନାୟକ, ବିକ୍ରମ ନାୟକ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ।


## ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ pnb punjab national bank (Together for the better)

ମଣ୍ଡଳ କାର୍ଯ୍ୟାଳୟ : ପଶ୍ଚିମ ମେଦିନାପୁର
ସହୀଦ କ୍ଷୁଦିରାମ ବୋଷ ରୋଡ଼, ବର୍ଦ୍ଧକ ଟାଉନ, ମେଦିନାପୁର, ପିନ୍-୭୨୧ ୧୦୧, ପଶ୍ଚିମ ବଙ୍ଗ, ଯୋଗାଯୋଗ ନଂ.: ୯୭୩୩୧ ୦୩୫୫୧ / ୯୯୩୮୦ ୦୯୯୬୦ / ୦୩୨୨୨-୨୬୩୮୦୮, ଇମେଲ: cs8294@pnb.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ୨୭.୦୧.୨୦୨୫**

ଆନେକ୍ସଚର-ଖ

**ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ଏବଂ ୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ସମୂହଭାବେ ଏବଂ ବିଶେଷ କରି ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ଗଠନାତ୍ମକ/ଭୌତିକ/ସାଙ୍କେତିକ ଦଖଲ ନିଆଯାଇଅଛି, ଯାହାକୁ **"ଯେପରି ଯେଉଁଠାରେ ଅଛି", "ଯାହା ଯେପରି ଅଛି" "ସେଠାରେ ଯାହା ଅଛି"** ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ/ସୁରକ୍ଷିତ ଋଣଦାତାଙ୍କ ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ। ସୁରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

| କ୍ର. ନଂ. | ଶାଖାର ନାମ / ଆକାଉଣ୍ଟ ନାମ / ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ ବନ୍ଧକଦାତା / ସମ୍ପତ୍ତି ମାଲିକଙ୍କ ନାମ (ସମ୍ପତ୍ତି ବନ୍ଧକଦାତା) | କ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ତାରିଖ ଖ) ବକେୟା ପରିମାଣ ଗ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ତାରିଖ ଘ) ଦଖଲ ପ୍ରକାର ସାଙ୍କେତିକ / ଭୌତିକ / ଗଠନାତ୍ମକ | କ) ସଂରକ୍ଷିତ ମୂଲ୍ୟ ଖ) ଅମାନତ ରାଶି (ଲକ୍ଷରେ) ଗ) ବିଡ୍ ବୃଦ୍ଧି ପରିମାଣ (ଲକ୍ଷରେ) | ଇ-ନିଲାମ ତାରିଖ ଏବଂ ସମୟ / ସୁରକ୍ଷିତ ଋଣଦାତାଙ୍କୁ ଜଣାଥିବା ସମ୍ପତ୍ତିର ଏନକମ୍ବ୍ରାନସେସର ସବିଶେଷ ତଥ୍ୟ |
|---|---|---|---|---|---|
| ୧. | ମେଦିନାପୁର (ସୋଲ ଆଇଡି : ୦୩୫୦୦୦) / ମେମର୍ସ ହୀରଣ୍ମୟୀ କୋଲ୍ଡ ଷ୍ଟୋରେଜ ପ୍ରା. ଲିଃ. / ମେମର୍ସ ହୀରଣ୍ମୟୀ କୋଲ୍ଡ ଷ୍ଟୋରେଜ ପ୍ରା. ଲିଃ., କୋଲ୍ଡ ଷ୍ଟୋରେଜ ଠିକଣା- ପ୍ଲଟ୍ ନଂ.: ୧୧୪୭, ମୌଜା: ଜଳସହରିଆ, ପୋ.: ସହରିଆ, ଥାନା: ଭୋଗରାଇ, ତହସିଲ: ଜଳେଶ୍ୱର, ଜିଲ୍ଲା: ବାଲେଶ୍ୱର **ମୁଖ୍ୟ କାର୍ଯ୍ୟାଳୟ ଠିକଣା-** ଗ୍ରାମ: କଳିକାଖାଲି, ପୋ.: ମଠଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ପୂର୍ବ ମେଦିନାପୁର, ପିନ୍-୭୨୧ ୬୫୯ **ନିର୍ଦ୍ଦେଶକମାନେ: ୧) ଶ୍ରୀମତୀ ତନୁଶ୍ରୀ ଭୂୟାଁ, ୨) ଶ୍ରୀ ସନ୍ତୋଷ ଭୂୟାଁ, ସମସ୍ତଙ୍କ ଠିକଣା-** କଳିକାଖାଲି, ପୋ.: ମଠଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ପୂର୍ବ ମେଦିନାପୁର, ପିନ୍-୭୨୧ ୬୫୯ **ଗ୍ୟାରେଣ୍ଟିଦାତା: ଅଶୋକ କୁମାର ଭୂୟାଁ,** ଗ୍ରା: କଳିକାଖାଲି, ପୋ.: ମଠଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ପୂର୍ବ ମେଦିନାପୁର, ପିନ୍-୭୨୧ ୬୫୯ **ଆକାଉଣ୍ଟ ନଂ.: ୦୬୭୪୯୮୧୧୦୦୦୦୧୭ (ଓଡି) ସମ୍ପତ୍ତି ଆଇଡି: PUNBMIDNAHIRANMO** | ମେମର୍ସ ହୀରଣ୍ମୟୀ କୋଲ୍ଡ ଷ୍ଟୋରେଜ ପ୍ରା. ଲିଃ. (ଋଣଗ୍ରହୀତା) ଓରଫ ମେସର୍ସ ଶୁଭ୍ରକେଶୀ ଗଙ୍ଗାଧର କୋଲ୍ଡ ଷ୍ଟୋରେଜ, ନିର୍ଦ୍ଦେଶକମାନେ: ଶ୍ରୀ ତନୁଶ୍ରୀ ଭୂୟାଁ, ସ୍ୱାମୀ: ଶ୍ରୀ ଅଶୋକ କୁମାର ଭୂୟାଁ ଏବଂ ଶ୍ରୀ ସନ୍ତୋଷ କୁମାର ଭୂୟାଁ, ପିତା: ବରୋଦା କାନ୍ତ ଭୂୟାଁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ କୋଲ୍ଡ ଷ୍ଟୋରେଜର ଜମି ଏବଂ ଗୃହ ଯାହାର ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ମୌଜା: ଜଳସହରିଆ, ଥାନା: ଭୋଗରାଇ, ଖାତା ନଂ.: ୧୪୬, ମ୍ୟୁଟେଟେଡ ଖାତା ନଂ.: ୫୪୭/୧୨୯, ପ୍ଲଟ୍ ନଂ.: ୧୧୪୭/୨୬୮୯, ଦଲିଲ ନଂ.: ୧୦୦୬୧୨୦୨୪୦୨, ବର୍ଷ: ୨୦୧୨, ପରିମିତ କ୍ଷେତ୍ର: ୮୭ ଡିସିମିଲି ଶିଳ୍ପାଞ୍ଚଳ ଜମି ଏବଂ ଗୃହ (ଏହି ସମ୍ପତ୍ତି ଭୌତିକ ଦଖଲରେ ଅଛି) | କ) ୩୧.୦୧.୨୦୧୩ ଖ) ଟ.୪,୪୮,୧୨,୩୧୯.୦୦ (ଚାରି କୋଟି ଅଠଚାଳିଶ ଲକ୍ଷ ବାର ହଜାର ତିନି ଶହ ଊଣେଇଶି ଟଙ୍କା) + ତା.୦୧.୦୧.୨୦୧୩ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (–) ଆଦାୟ ରାଶି ଗ) ୧୮.୦୪.୨୦୧୩ (ସାଙ୍କେତିକ) ୦୫.୦୫.୨୦୧୮ (ଭୌତିକ) ଘ) ଭୌତିକ ଦଖଲ | ଟ.୧,୧୩,୪୧,୦୫୩.୦୦ / ଟ.୧୧.୩୪ ଲକ୍ଷ / ଟ.୦.୦୨ ଲକ୍ଷ | ୨୭.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା / ଡିଆରଟି-୨, କୋଲକାତାରେ ପଡି ରହିଥିବା ଏସ୍‌ଏ କେସ୍ ନଂ.: ୬୪୧/୧୩ |

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତିର ନିୟମ ଓ ସର୍ତ୍ତାବଳୀ :**

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାର୍ଯ୍ୟ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ।**

୧) ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାର୍ଯ୍ୟ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ। ନିଲାମ ବିକ୍ରୟ ଇ-ନିଲାମ ମାଧ୍ୟମରେ ଅନଲାଇନରେ ପୋର୍ଟାଲ **https://baanknet.com** ରେ ଅନୁଷ୍ଠିତ ହେବ।
୨) ଇଚ୍ଛୁକ ନିଲାମଧାରୀ / କ୍ରେତାମାନେ ସେମାନଙ୍କର ଇ-ମେଲ୍ ଆଇଡି ଏବଂ ମୋବାଇଲ୍ ନଂ ବ୍ୟବହାର କରି ପୋର୍ଟାଲ (**https://baanknet.com**)ରେ ପଞ୍ଜିକରଣ କରିବେ। ଇ-କେୱାଇସି ପ୍ରକ୍ରିୟା ଡିଜିଲକର ମାଧ୍ୟମରେ କରାଯିବ। ଥରେ ଇ-କେୱାଇସି ସମ୍ପୂର୍ଣ୍ଣ ହେବା ପରେ ଇଚ୍ଛୁକ ନିଲାମଧାରୀ/କ୍ରେତାମାନେ ଚାଲାଣ ମାଧ୍ୟରେ ଅନଲାଇନରେ ସେମାନଙ୍କର ଇ-ୱାଲେଟକୁ ଅମାନତ ରାଶି ସ୍ଥାନାନ୍ତର କରିବେ। ପୋର୍ଟାଲରେ ଅମାନତ ରାଶି ଜମା କରିବା ତାରିଖ ଏବଂ ସମୟ ପୂର୍ବରୁ ସମ୍ପତ୍ତି ସହିତ ଅମାନତ ଜମାକୁ ଲିଙ୍କ୍ କରିବାକୁ ପଡିବ। ଅମାନତ ରାଶି ଦାଖଲ କରିବା ତାରିଖ, ସମୟ/ ନିଲାମର ଯଥେଷ୍ଟ ପୂର୍ବରୁ ପଞ୍ଜିକରଣ, ଇ-କେୱାଇସି ଯାଞ୍ଚ, ୱାଲେଟ୍‌ରେ ଅମାନତ ରାଶି ସ୍ଥାନାନ୍ତର, ସମ୍ପତ୍ତି ସହିତ ୱାଲେଟ୍ ପରିମାଣ ସମ୍ପୂର୍ଣ୍ଣ ହେବା ଆବଶ୍ୟକ।
୩) ଉପର ଦର୍ଶିତ ଅମାନତ ରାଶି ଇ-ୱାଲେଟ୍‌ରେ ଜମା କରିବା ପରେ ସମ୍ପତ୍ତି ସହିତ ଲିଙ୍କ କରାଯିବା ଆବଶ୍ୟକ। ଯେଉଁ ନିଲାମଧାରୀମାନେ ଆବଶ୍ୟକୀୟ ଅମାନତ ରାଶି ଅମାନତ ଦାଖଲ କରିବା ଶେଷ ତାରିଖ ଓ ସମୟ ପୂର୍ବରୁ ଅନଲାଇନରେ ଲିଙ୍କ କରିନଥିବେ ସେମାନଙ୍କୁ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଅନୁମତି ମିଳିବ ନାହିଁ। ଅମାନତ ରାଶି ଉପରେ କୌଣସି ସୁଧ ଦିଆଯିବ ନାହିଁ।
୪) ଇ-ନିଲାମ ସେବାପ୍ରଦାନକାରୀ: **M/s. PSB Alliance Pvt. Ltd.,** ପଞ୍ଜିକୃତ କାର୍ଯ୍ୟାଳୟ ୟୁନିଟ୍-୧, ୩ୟ ମହଲା, ଭିଆଇଓଏସ୍ କମର୍ସିଆଲ ଟାୱାର, ୱାଡଲା ଟ୍ରକ ଟର୍ମିନାଲ ନିକଟ, ୱାଡଲା ଇଷ୍ଟ, ମୁମ୍ବାଇ-୪୦୦ ୦୩୭ (ସହାୟତା ନଂ.: **+91 8291220220, Email Id: support.ebkray@psballiance.com**) ଦ୍ୱାରା ଇ-ନିଲାମ ପ୍ଲାଟଫର୍ମ (**https://baanknet.com**) ପ୍ରଦାନ କରାଯିବ। ଇଚ୍ଛୁକ ନିଲାମଧାରୀ / ବିକ୍ରେତା ଇ-ନିଲାମ ସେବାପ୍ରଦାନକାରୀଙ୍କ ୱେବ୍‌ସାଇଟ **https://baanknet.com** ରେ ପ୍ରଦତ୍ତ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ପଡିବ। ଏହି ସେବାପ୍ରଦାନକାରୀ ଇ-ନିଲାମ ତାରିଖ / ଡେମୋନଷ୍ଟ୍ରେସନ ପୋର୍ଟାଲରେ ପ୍ରଦାନ କରିବେ।
୫) ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: **(1) https://baanknet.com, (2) www.pnbindia.in.**ରେ ଉପଲବ୍ଧ।
୬) ଇ-ନିଲାମରେ ଇଚ୍ଛୁକ ଅଂଶଗ୍ରହଣକାରୀ ଇ-ନିଲାମର ନିୟମ ଓ ସର୍ତ୍ତାବଳୀ, ବିକ୍ରୟ ନୋଟିସର କପି, ଇ-ନିଲାମ ସମ୍ପର୍କିତ ପରିଚାଳନାର ସହାୟକ ପୁସ୍ତିକା ଇ-ନିଲାମ ପୋର୍ଟାଲ **https://baanknet.com** ରୁ ନିଶୁଳ୍କ ଡାଉନଲୋଡ କରିପାରିବେ।
୭) ନିଲାମ ସମୟରେ ନିଲାମଧାରୀଙ୍କ ଇ-ୱାଲେଟରେ ଯଥେଷ୍ଟ ବାଲାନ୍ସ ରାଶି **(> = EMD)** ରହିବା ଆବଶ୍ୟକ।
୮) ଇ-ନିଲାମ ସମୟରେ ଶେଷ ନିଲାମ ଡାକ ଉପରେ ଅଧିକ ବିଡ୍ କରିବାକୁ ନିଲାମଧାରୀମାନଙ୍କୁ ଅନୁମତି ଦିଆଯିବ ଏବଂ ସେମାନେ ଦର୍ଶିତ ବିଡ୍ ବୃଦ୍ଧି ରାଶିର ଗୁଣିତକ ବିଡ୍ ରାଶି ବୃଦ୍ଧି କରିପାରିବେ। ପରବର୍ତ୍ତୀ ଅଧିକ ବିଡ୍ ଡାକିବା ପାଇଁ ନିଲାମଧାରୀମାନଙ୍କୁ ୨ ମିନିଟ୍ ସମୟ ଦିଆଯିବ। ଶେଷ ନିଲାମ ଡାକପରେ ୫ ମିନିଟ୍ ଅତିକ୍ରାନ୍ତ ସମୟ ମଧ୍ୟରେ ଅଧିକତର ବିଡ୍ ରାଶି ଡାକ କରାନଗଲେ ନିଲାମକୁ ସମାପ୍ତ କରାଯିବ।
୯) ଇଚ୍ଛୁକ ନିଲାମଧାରୀ(ମାନ)ଙ୍କ ଦାୟିତ୍ୱ କି ସେ ଇ-ନିଲାମ ନିୟମ ଏବଂ ସର୍ତ୍ତାବଳୀ, ବିକ୍ରୟ ନୋଟିସ୍, ଇ-ନିଲାମ ପରିଚାଳନା ସହାୟକ ମାନୁଆଲ ଭଲଭାବେ ପଢ଼ିବା ଅବଶ୍ୟକ ଏବଂ ସଠିକ୍ ଭାବେ ଅନୁସରଣ କରିବା ଆବଶ୍ୟକ।
୧୦) ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବା ପ୍ରଦାନକାରୀ **(https://baanknet.com)** ଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲ ରେ ଉପଲବ୍ଧ।
୧୧) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଇ-ନିଲାମ ଚୂଡାନ୍ତ ହେବା ପରେ ସଫଳ ନିଲାମଧାରୀଙ୍କୁ ଆମର ସେବାପ୍ରଦାନକାରୀଙ୍କ ଦ୍ୱାରା ଏସ୍‌ଏମ୍‌ଏସ୍ / ଇ-ମେଲ୍ (ସେବାପ୍ରଦାନକାରୀଙ୍କୁ ଦେଇଥିବା / ପଞ୍ଜିକୃତ କରିଥିବା ଇମେଲ୍ ଠିକଣା / ମୋବାଇଲ୍ ନଂ.) ମାଧ୍ୟମରେ ଜଣାଇ ଦିଆଯିବ।
୧୨) ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ସୁରକ୍ଷିତ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ।
୧୩) ସଫଳ ନିଲାମଧାରୀ ଅମାନତ ରାଶି ବାଦ୍‌ଦେଇ ନିଲାମ ରାଶିର ୨୫% (ପଚିଶି ପ୍ରତିଶତ) ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସରେ ଦାଖଲ କରିବେ, କିନ୍ତୁ ତା'ପରେ ଗ୍ରହଣୀୟ ନୁହେଁ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ ୧୫ ଦିନ ମଧ୍ୟରେ **NEFT/RTGS/**ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଯେକୌଣସି ସିଡ୍ୟୁଲ୍ଡ ବାଣିଜ୍ୟକ ବ୍ୟାଙ୍କରୁ ଇସ୍ୟୁ କରି ଦାଖଲ କରିବେ। କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, **A/c** (ଆକାଉଣ୍ଟର ନାମ) ସପକ୍ଷରେ ଏହାକୁ ଡ୍ର କରି (ସ୍ଥାନକୁ) ପଇଠ କରିବେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଅର୍ଥରାଶି ପୈଠ ନକଲେ ସଫଳ କ୍ରେତା ଦାଖଲ କରିଥିବା ଅର୍ଥରାଶି ବ୍ୟାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ଷମତାପ୍ରାପ୍ତ ଅଧିକାରୀଙ୍କର ସମ୍ପତ୍ତିକୁ ପୁନଃ ନିଲାମ ବିକ୍ରୟ କରିବାର ଅଧିକାର ରହିଛି ଏବଂ ବିଫଳ ନିଲାମଧାରୀଙ୍କର ବାଜ୍ୟାପ୍ତି ଅର୍ଥ କିମ୍ବା ସମ୍ପତ୍ତି ଉପରେ କୌଣସି ଅଧିକାର ରହିବ ନାହିଁ।
୧୪) ସଫଳ ନିଲାମଧାରୀ ବ୍ୟାଙ୍କକୁ ବିକ୍ରୟ ଅର୍ଥ ପୈଠ କରିବା ଆୟକର ଆଇନ୍ ୧୯୬୧ ର ଧାରା **194-1A** ଅନୁଯାୟୀ ଟିଡିଏସ୍ ଲାଗୁ ହେବ ଏବଂ ସଫଳ ନିଲାମଧାରୀ ନିଲାମ ଅର୍ଥର ଅବଶିଷ୍ଟ ୭୫% ପୈଠ କରିବା ସମୟରେ ଟିଡିଏସ୍ ପୈଠ କରିବେ।
୧୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି ବିଡ୍‌କୁ ଗ୍ରହଣ କିମ୍ବା କୌଣସି ଗ୍ରହଣଯୋଗ୍ୟ ବିଡ୍ ନଥିଲେ ସମସ୍ତ ବିଡ୍‌କୁ ନାକଚ କରିବା କିମ୍ବା ନିଲାମକୁ ସ୍ଥଗିତ/ବାତିଲ/ମୁଲତବି କରିବା କିମ୍ବା ନିଲାମର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ ଯେକୌଣସି ସମୟରେ କୌଣସି କାରଣ ନଦର୍ଶାଇ କରିପାରିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ଏ ବାବଦରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୬) ଆଇନ ଅନୁସାରେ ବିକ୍ରୟ ସାର୍ଟିଫିକେଟ ସଫଳ ନିଲାମଧାରୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ବିଡ ପରିମାଣ ଦାଖଲ ପରେ ଇସ୍ୟୁ କରାଯିବ।
୧୭) ସମ୍ପତ୍ତି ଗୁଡ଼ିକ **"ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଏବଂ "ଯାହା ଯେପରି ଅଛି ଭିତ୍ତିରେ" ଏବଂ "ସେଠାରେ ଯାହା ଭିତ୍ତିରେ"** ବିକ୍ରୟ କରାଯିବ।
୧୮) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସର୍ବୋତ୍ତମ ସୂଚନା ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିର ବିବରଣୀ ଦର୍ଶିତ କିନ୍ତୁ କ୍ଷମତାପ୍ରାପ୍ତ ଅଧିକାରୀ ଏହି ଘୋଷଣାନାମାରେ କୌଣସି ତ୍ରୁଟି-ବିଚ୍ୟୁତି, ଭୁଲ୍ ବାଖ୍ୟା ନିମନ୍ତେ ଦାୟୀ ନୁହନ୍ତି।
୧୯) ନିଲାମଧାରୀମାନଙ୍କ ଦାୟିତ୍ୱ କି ସେମାନେ ବିଡ୍ ଦାଖଲ କରିବା ପୂର୍ବରୁ ସମ୍ପତ୍ତି ତଥ୍ୟ ବିଷୟରେ ସନ୍ତୁଷ୍ଟ ହେବା ଆବଶ୍ୟକ। ନିଲାମଧାରୀମାନେ ସମ୍ପତ୍ତି ଯାଞ୍ଚ ନିମନ୍ତେ ଡିଲିଙ୍ଗ୍ ଅଫିସର୍‌ଙ୍କ ସହିତ ପରାମର୍ଶ କରିପାରନ୍ତି।
୨୦) କ୍ରେତା ସମସ୍ତ ବୈଧାନିକ ଦେୟ/ ଆଟେଣ୍ଡାଣ୍ଟ ଦେୟ/ ଅନ୍ୟାନ୍ୟ ଦେୟ ଯଥା - ରେଜିଷ୍ଟ୍ରେସନ୍ ଦେୟ, ଷ୍ଟାମ୍ପ ଡ୍ୟୁଟି, ଟିକସ ଇତ୍ୟାଦି ବହନ କରିବେ।
୨୧) କ୍ଷମତାପ୍ରାପ୍ତ ଅଧିକାରୀ କିମ୍ବା ବ୍ୟାଙ୍କ ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ କିମ୍ବା ସରକାର କିମ୍ବା କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ କରିବେ ନାହିଁ। ଇଚ୍ଛୁକ ନିଲାମଧାରୀମାନଙ୍କୁ ପରାମର୍ଶ କି ସେମାନେ ସମ୍ପତ୍ତି ସମ୍ବନ୍ଧୀୟ ବୈଧାନିକ ଦେୟ, ବକେୟା ସମ୍ପତ୍ତି କର, ବିଦ୍ୟୁତ୍ ଦେୟ ସହିତ ସମ୍ପତ୍ତିର ଏନକମ୍ବ୍ରାନ୍ସ ବିଷୟରେ ସ୍ୱତନ୍ତ୍ର ଭାବେ ଅନୁସନ୍ଧାନ କରିବା ଆବଶ୍ୟକ।
୨୨) ନିଲାମଧାରୀମାନେ ଉପଯୁକ୍ତ ଇଣ୍ଟରନେଟ୍ ସଂଯୋଗ, ପାୱାର ବ୍ୟାକ୍‌ଅପ୍ ଇତ୍ୟାଦିକୁ ସୁନିଶ୍ଚିତ କରିବା ଉଚିତ୍। ଇ-ନିଲାମକୁ ପ୍ରଭାବିତ କରୁଥିବା କୌଣସି ବୈଷୟିକ କାରଣ କିମ୍ବା ଅଘଟଣ କିମ୍ବା ଇଣ୍ଟରନେଟ ବିଫଳତା, ଶକ୍ତି ସଂକଟ ବିଷୟରେ ବ୍ୟାଙ୍କ ଦାୟୀ ରହିବେ ନାହିଁ।
୨୩) ବ୍ୟାଙ୍କ ପ୍ରତିନିଧି ନିଯୁକ୍ତ କରି ନିଜସ୍ୱ ନିଲାମ ଡାକ କରିବା ଏବଂ ଇ-ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ଉନ୍ମୁକ୍ତ ଅଟେ।
୨୪) ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ୱେବ୍‌ସାଇଟ୍: **https://baanknet.com, www.pnbindia.in** ଦେଖନ୍ତୁ।

ତାରିଖ : ୧୦.୦୧.୨୦୨୫, ସ୍ଥାନ: ପଶ୍ଚିମ ମେଦିନାପୁର — ସ୍ୱା/- ଶ୍ରୀ ପଞ୍ଚାନନ ସାହୁ, କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ


# କୌଣ୍ଡିନ୍ୟ ପ୍ରହସନମ୍ ରୂପକ ୧ମ, ସିଦ୍ଧାର୍ଥ ଶ୍ରେଷ୍ଠ ଅଭିନେତା

## ରୂପକ ମହୋତ୍ସବର ଚତୁର୍ଥ ବଳୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

ପୁରୀ,୧୦।୧(ଅଜିତ୍ କୁମାର ମହାନ୍ତି)



କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶ୍ରୀସଦାଶିବ ପରିସରରେ ଆୟୋଜିତ ତୃତୀୟ ଅଖିଳ ଭାରତୀୟ ରୂପକ ମହୋତ୍ସବ, ପୂର୍ବକ୍ଷେତ୍ରୀୟ, ଚତୁର୍ଥ ବଳୟ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଶ୍ରୀସଦାଶିବ ପରିସର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର ଏବଂ ବିଶିଷ୍ଟ ଅତିଥିରୂପେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର କୁଳସଚିବ ପ୍ରଫେସର ନୃସିଂହ ଚରଣ ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଅଭିନେତା ଅଶ୍ରୁମୋଚନ ମହାନ୍ତି, ସାରସ୍ୱତ ଅତିଥିଭାବେ ଶ୍ରୀସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଗୁଜରାଟର କୁଳପତି ପ୍ରଫେସର ସୁକାନ୍ତ କୁମାର ସେନାପତି ମଞ୍ଚାସୀନ ଥିଲେ। 'ଭରତଙ୍କ ନାଟ୍ୟଶାସ୍ତ୍ରରେ ରୂପକ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଦାଶିବ ପରିସର ଛାତ୍ର ସୁଧାଂଶୁ ଶେଖର ଦାଶଙ୍କ ଦ୍ୱାରା ସଂସ୍କୃତ ପାଲା ପରିବେଷଣ ହୋଇଥିଲା। ମହୋତ୍ସବରେ ୭ଟି ରୂପକ ମଞ୍ଚସ୍ଥ ହୋଇଥିଲା। ଶ୍ରୀସଦାଶିବ ପରିସର, ପୁରୀ ଦ୍ୱାରା ପରିବେଷିତ କୌଣ୍ଡିନ୍ୟ ପ୍ରହସନମ୍ ରୂପକ ପ୍ରଥମ, କାଳିଆଚୌକ ବିକ୍ରମ କିଶୋର ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟର ରୂପକ ଆଶ୍ଚର୍ଯ୍ୟ କରମେବ ୨ୟ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଏକଲବ୍ୟ ପରିସର, ଅଗରତାଲା ଦ୍ୱାରା ରୂପକ ଶମ୍ଭୁକା ଭିକ୍ଷେକମ୍ ତୃତୀୟ ପୁରସ୍କାର ପାଇଛନ୍ତି। ଲକ୍ଷ୍ମୀଦେବୀ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟକୁ ସାନ୍ତ୍ୱନା ପୁରସ୍କାର ମିଳିଛି। ଶ୍ରୀସଦାଶିବ ପରିସର ଛାତ୍ର ସିଦ୍ଧାର୍ଥ ଶଙ୍କର ଶ୍ରେଷ୍ଠ ଅଭିନେତା, କାଳିଆଚୌକ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀ ଅନୁଶ୍ରୀ ଜାନା ଶ୍ରେଷ୍ଠ ଅଭିନେତ୍ରୀ ଏବଂ ଶ୍ରୀସଦାଶିବ ପରିସର ଅଧ୍ୟାପକ ଡ. ସୁବ୍ରତ ଷଡ଼ଙ୍ଗୀ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରସ୍କୃତ ହୋଇଛନ୍ତି। ପ୍ରଫେସର୍ ଏନ୍.ସି. ପଣ୍ଡା, ଡ. ନାରାୟଣ ଦାଶ, ଡ. ବଦ୍ରୀ ମିଶ୍ର ବିଚାରକ ଦାୟିତ୍ୱ ତୁଲାଇଥିଲେ। ସଂଯୋଜକ ପ୍ରଫେସର ସୁଶାନ୍ତ କୁମାର ରାଜ୍ ସ୍ୱାଗତ ଏବଂ ଶ୍ରୀରାଧାମାଧବ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବୁଦ୍ଧେଶ୍ୱର ଷଡ଼ଙ୍ଗୀ ଅନୁଭବ ଅଭିଭାଷଣ ପ୍ରଦାନ କରିଥିଲେ। ମହୋତ୍ସବ ଯୁଗ୍ମସଂଯୋଜକ ଡ. ବିଶ୍ୱନାଥ ମିଶ୍ର ପୁରସ୍କାର ବିବରଣୀ ଘୋଷଣା ଏବଂ ସହସଂଯୋଜକ ଡ. ସୁବ୍ରତ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର୍ କିଶୋର ଚନ୍ଦ୍ର ଦଳାଇ ଧନ୍ୟବାଦ ଦେଇଥିଲେ।

# ସାତପଡ଼ା ପରିଦର୍ଶନକଲେ ୬୮ ପ୍ରବାସୀ ଭାରତୀୟ



**କୃଷ୍ଣପ୍ରସାଦ,୧୦।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଶୁକ୍ରବାର ୬୮ଜଣ ପ୍ରବାସୀ ଭାରତୀୟ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ସାତପଡ଼ା ପରିଦର୍ଶନ କରିଛନ୍ତି। ବିଡିଓ ଅମିୟ କୁମାର ପଣ୍ଡା, ଅନ୍ତର୍ଦେଶୀୟ ଜଳପଥ ପରିବହନ ବରିଷ୍ଠ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ମାନସିଂହ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ କନିଷ୍ଠ ଯନ୍ତ୍ରୀ ଉମ୍ମୁରୁଧର ବିଶ୍ୱାଳ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଶରତ ଜାନିଙ୍କ ନେତୃତ୍ୱରେ ସମସ୍ତ ପ୍ରବାସୀ ଭାରତୀୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ଅନ୍ତର୍ଦେଶୀୟ ଜଳପଥ ପରିବହନ ବିଭାଗ ପକ୍ଷରୁ ଶବ୍ଦବିହୀନ ମୋଟର ଚାଳିତ ବୋଟରେ ଚିଲିକା ପରିଭ୍ରମଣ କରିଥିଲେ। ସେଠାରେ ବିଦେଶାଗତ ପକ୍ଷୀଙ୍କ ବିଚରଣ ସହ ଚିଲିକାର ନୀଳ ଜଳରାଶିରେ ଡଲଫିନଙ୍କ ଜଳକ୍ରୀଡା ଦୃଶ୍ୟକୁ ପ୍ରବାସୀ ଭାରତୀୟ ଉପଭୋଗ କରି ଆନନ୍ଦ ପ୍ରକାଶ କରିଥିଲେ। ପରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଇକୋ ପାର୍କ ସହିତ ପର୍ଯ୍ୟଟନ ପରିଦର୍ଶନକେନ୍ଦ୍ର ପରିଦର୍ଶନ କରିଥିଲେ। ସିଡିଏ କନିଷ୍ଠ ଯନ୍ତ୍ରୀ ଉମ୍ମୁରୁଧର ବିଶ୍ୱାଳ ଚିଲିକାର ଜୈବ ବିବିଧତା ଓ ପର୍ଯ୍ୟଟନ ସ୍ଥଳୀ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସାତପଡ଼ା ପର୍ଯ୍ୟଟନ ସ୍ଥଳୀକୁ ସୌନ୍ଦର୍ଯ୍ୟକରଣ କରବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ଅନ୍ତର୍ଦେଶୀୟ ଜଳପଥ ପରିବହନ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ମାନସିଂହ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ସହକାରୀ ଯନ୍ତ୍ରୀଙ୍କୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଦୀର୍ଘ ବର୍ଷ ପରେ ପ୍ରବାସୀ ଭାରତୀୟମାନଙ୍କୁ ପାଖରେ ପାଇ ସାତପଡ଼ାବାସୀ ଗୌରବ ଅନୁଭବ କରିଥିଲେ। ଦୀର୍ଘ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରବାସୀ ଭାରତୀୟମାନେ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରି ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ଦକ୍ଷିଣ ଆଫ୍ରିକା, କେନିଆ, ଆମେରିକା, ଶ୍ରୀଲଙ୍କା, କାଲିଫର୍ନିଆରୁ ପ୍ରବାସୀ ଭାରତୀୟମାନେ ଏଠାକୁ ଆସିଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି।

## ଅସହାୟଙ୍କୁ ସହାୟତା

**ଖୋର୍ଦ୍ଧା,୧୦।୧(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଅହମଦୀୟା ମୁସଲିମ ମହିଳା ସଙ୍ଗଠନ ପକ୍ଷରୁ ଯାଁଳା ସ୍ଥିତ ମିଶନ ଆଶ୍ରାର ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କୁ ଶୀତବସ୍ତ୍ର, ଡ୍ରେସ, ବିସ୍କୁଟ, ବ୍ରେଡ, ଚୁଡା ଓ ଗୁଡ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ମହିଳା ସଭାନେତ୍ରୀ ସୟଦା ଜୈବୁନ ନିସା, ସମ୍ମାନିତ ଅତିଥିଭାବେ ରେହାନା ପରୱିନ, ରଶିଦା ପରୱିନ ଏବଂ ହୁସନେ ଆରା ବେଗମ ଯୋଗଦେଇଥିଲେ।

## ବିଜେବି ହାଇସ୍କୁଲର ଛାତ୍ର ଜାତୀୟସ୍ତରରେ ସମ୍ମାନିତ

**ଖୋର୍ଦ୍ଧା,୧୦।୧(ପ୍ରଭାତ ପାଣିଗ୍ରାହୀ)**

ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ଉଚ୍ଚ ବିଦ୍ୟାଳୟର ଛାତ୍ର ଜ୍ୟୋତିଷ୍ମାନ୍ ଭଞ୍ଜ ଜାତୀୟସ୍ତରରେ ସମ୍ମାନିତ ହୋଇ ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ଭୋପାଳର ରବୀନ୍ଦ୍ର ଭବନଠାରେ ଗତ ୩ରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଜାତୀୟ ବିଜ୍ଞାନ କଂଗ୍ରେସ ପ୍ରଦର୍ଶନୀରେ ଜ୍ୟୋତିଷ୍ମାନ ଅଂଶଗ୍ରହଣ କରି ଜାତୀୟସ୍ତରର ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି। ସେ ଉକ୍ତ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ତଥା ପ୍ରକଳ୍ପ ନିର୍ଦ୍ଦେଶକ ବିଭୁପ୍ରସାଦ ସେନାପତିଙ୍କ ତତ୍ତ୍ୱାବଧାନରେ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜ୍ୟୋତିଷ୍ମାନ୍‌ଙ୍କ ପ୍ରକଳ୍ପର ଶୀର୍ଷକ ଥିଲା 'ମାଟିର ପରୀକ୍ଷଣ ତଥା ସିଏଲ୍‌ସିସି ଚାର୍ଟର ବ୍ୟବହାର ଦ୍ୱାରା ସଫଳ ଧାନଚାଷ।' ୩୧ତମ ଏହି ଜାତୀୟ ବିଜ୍ଞାନ କଂଗ୍ରେସକୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ୭ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜ୍ୟୋତିଷ୍ମାନ୍‌ଙ୍କ ଏହି ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଧାନମଣ୍ଡି ଉଦ୍‌ଘାଟିତ

ବେଗୁନିଆ/କଳାପଥର,୧୦।୧
(ସନ୍ଧ୍ୟାରାଣୀ ମିଶ୍ର/ଗଙ୍ଗାଧର ସାହୁ)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ସେବା ସମବାୟ ସମିତିର ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ମନମୋହନ ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତି ସୁଦର୍ଶନ ମାଣିକ, ବିଡିଓ ଲକ୍ଷ୍ମୀଧର ସାହୁ, କୁରାଡିଲୋ ରାଜସ୍ୱ ନୀରିକ୍ଷକ ଦିଲୀପ ରଞ୍ଜନ ବଳିୟାରସିଂହ, ଗ୍ରାମ୍ୟ କୃଷି କର୍ମଚାରୀ ସୋନାଲି ଶବନମ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ଡେପୁଟି ସେକ୍ରେଟାରି ହୃଷିକେଶ ଜେନା, ସରପଞ୍ଚ ଲତା ସେଠୀ, ସମିତି ସଭ୍ୟ ଅଲେଖ ବେହେରା, ଶ୍ୟାମ ସୁନ୍ଦର ତ୍ରିପାଠୀ, ବାଉରି ଶ୍ରୀଚନ୍ଦନ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଚାଷୀ କର୍ପୁର ବେହେରା ପ୍ରଥମେ ୫୨ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରଭାତ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ କର୍ମଚାରୀ ରାକେଶ କୁମାର ବେହେରା, ତପନ କୁମାର ସାହୁ ଓ ପ୍ରଭାତ କୁମାର ଶ୍ରୀଚନ୍ଦନ ସହଯୋଗ କରିଥିଲେ।

ସେହିପରି ଧଳାପଥର ସେବା ସମବାୟ ସମିତିରେ ଧାନମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ନୋଡାଲ ଅଧିକାରୀ ତଥା ଧଳାପଥର ରାଜସ୍ୱ ନିରୀକ୍ଷକ ସବିତା ବେହେରା, ସେବା ସମବାୟ ସମିତିର ସଭାପତି ସନ୍ତୋଷ କୁମାର ତ୍ରିପାଠୀ, ସରପଞ୍ଚ ନାରାୟଣ ସାହୁ, ସମିତିସଭ୍ୟ ବିଜୟ କୁମାର ସୁବୁଦ୍ଧି, ପୂର୍ବତନ ସଭାପତି ରତ୍ନାକର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜାଗର ମୁଦୁଲି ପ୍ରଥମ ଚାଷୀଭାବେ ଧାନ ବିକ୍ରି କରିଥିଲେ। ସମିତିର ସମ୍ପାଦକଙ୍କ ସହିତ ଚାଷୀ ଭାଗୀରଥି ଦାଶ, ପ୍ରମୋଦ କୁମାର ମହାପାତ୍ର, ଜଗନ୍ନାଥ ଦାଶ, ଭାବଗ୍ରାହୀ ସାହୁ, ରବି ମୁଦୁଲି, ଆଲୋକ ସୁବୁଦ୍ଧି, ରାଜ କିଶୋର ବେହେରା, ସୁରଜ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଦାବରୀଶ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



**ବାଣପୁର,୧୦।୧(ଦିଲୀପ କୁମାର ସ୍ୱାଇଁ)**

ପଞ୍ଚସଖା ଯୁଗର ଅନ୍ୟତମ ମହାରଥି ପୁଣ୍ୟଶ୍ଳୋକ ପଣ୍ଡିତ ଗୋଦାବରୀଶ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟର ୯୫ତମ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ବାଣପୁର ଏନ୍‌ଏସି ଅଧକ୍ଷ ମିଟୁ ନାୟକ ମୁଖ୍ୟ ଅତିଥି, ବାଣପୁର ବ୍ଲକ ଶିକ୍ଷାଧିକାରୀ ସି.ଏଚ୍ ବିଜୟଲକ୍ଷ୍ମୀ ମୁଖ୍ୟ ବକ୍ତା, ସାମ୍ବାଦିକ ନୃସିଂହ ପ୍ରସାଦ ମିଶ୍ର, ପରିଚାଳନା ସମିତି ସଭାପତି ପ୍ରଭାକର ଲେଙ୍କା, ହରମୋହନ ସାହୁ, ମାୟାଧର ବେହେରା, ଡ.ଚିନ୍ତାମଣି ମିଶ୍ର, ରବି ନାରାୟଣ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ଗୋଦାବରୀଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଜ୍ଜିତ ଶ୍ରେଣୀଗୃହ ଏବଂ ବିଜ୍ଞାନ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ସଭାରେ ବରିଷ୍ଠ ଶିକ୍ଷକ ଶ୍ୟାମ ସୁନ୍ଦର ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ବିବରଣୀ ପଠନ କରିଥିଲେ। ଗୋଦାବରୀଶଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଷ୍ଠାର ସହ ଅଧ୍ୟୟନ କଲେ ଭବିଷ୍ୟତରେ ଭଲ ମଣିଷ ହୋଇ ଦେଶ ତଥା ସମାଜର ହିତ କରିପାରିବେ ବୋଲି ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ମହିଳା ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ



**ଖୋର୍ଦ୍ଧା,୧୦।୧(ପ୍ରଭାତ ପାଣିଗ୍ରାହୀ)**

ପ୍ରବାସୀ ଭାରତୀୟ ଦିବସ ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧକ୍ଷା ଡ.ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ ଛାତ୍ରୀମାନଙ୍କୁ ପ୍ରବାସୀ ଭାରତୀୟ ଦିବସର ଆଭିମୁଖ୍ୟ ଏବଂ ମହତ୍ୱ ସମ୍ପର୍କରେ କହିଥିଲେ। ପ୍ରାଧ୍ୟାପିକା କବିତା ସ୍ୱାଇଁ ସଂଯୋଜନା କରିଥିଲେ। ଅଧାପକ ବିଭୂତି ଭୂଷଣ ଦାସ, ଡ. ପ୍ରବୀ ମିଶ୍ର, ଅନୁରାଗ ଶତପଥୀ, ରମାକାନ୍ତ ପ୍ରଧାନ, ଅଧାପିକା ଶୁଭଶ୍ରୀ ଦାସ, ଶାନ୍ତନୁ ବେହେରା, ସସ୍ମିତା ମୁଦୁଲିଙ୍କ ସମେତ ସମସ୍ତ ଛାତ୍ରୀ ଯୋଗଦେଇଥିଲେ।

## ୧୨ ଚାଷୀ ଦେଲେ ୨ଶହ କୁଇଣ୍ଟାଲ ଧାନ

**ବାଘମାରୀ,୧୦।୧(ମିହିର ରଞ୍ଜନ ମହାପାତ୍ର):** ଗେଡିଆପଲ୍ଲି ପଞ୍ଚାୟତ ସାଲତରା ସେବା ସମବାୟ ସମିତି ଆନକୂଲ୍ୟରେ ଶୁକ୍ରବାର ସମବାୟ ସମିତି ପରିସରରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଅଛି। ଏହି ଅବସରରେ ସମିତି ସମ୍ପାଦକ ରଞ୍ଜନ କୁମାର ମାନସିଂହ, ସଭାପତି ସଦାଶିବ ପାଣିଗ୍ରାହୀ, ଏରିଆ ଅଫିସର ପ୍ରଦୀପ ମହାପାତ୍ର, ରାଜସ୍ୱ ନିରୀକ୍ଷକ ସରୋଜ କୁମାର ବେହେରା ଚାଷୀମାନଙ୍କୁ ଟୋକନ ଦେବା ସହ ଚାଷୀଙ୍କ ଠାରୁ ଧାନ କିଣିବା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ବନ୍ଦୋବସ୍ତ କରିଥିଲେ। ପ୍ରଥମ ଦିବସରେ ସମବାୟ ସମିତି ଅଧୀନ ୧୨ଜଣ ଚାଷୀଙ୍କଠାରୁ ୨୦୦କୁଇଣ୍ଟାଲ ୩୦ କେଜି ଧାନ କ୍ରୟ କରାଯାଇଛି। ମଣ୍ଡିରେ ସ୍ଥାନୀୟ ସମବାୟ ପ୍ରତିନିଧି ଏବଂ ବହୁ ଚାଷୀ ଉପସ୍ଥିତ ଥିଲେ।

# ହେଲ୍‌ମେଟ୍, ଗୋଲାପ ଦେଇ ସଚେତନକଲେ

**ଖୋର୍ଦ୍ଧା,୧୦।୧(ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକ ଘରୋଇ ଶିକ୍ଷାନୁଷ୍ଠାନ ଛାତ୍ରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସ୍‌ପି ସାଗରିକା ନାଥ ଯୋଗଦେଇ ଯାନବାହନ ଚାଳକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଏକାଧିକ ଛାତ୍ର ପ୍ଲାକାର୍ଡ ଧରି ମୁକୁନ୍ଦପ୍ରସାଦ ଛକରୁ ଜଟଣୀ ବାଇପାସ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାହାରି ସଡ଼କ ସୁରକ୍ଷା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଏସ୍‌ପି, ଛାତ୍ର ଏବଂ ସମସ୍ତ ପୋଲିସ ଅଧିକାରୀମାନେ ରାସ୍ତାରେ ଯାତାୟାତ କରୁଥିବା ଚାଳକଙ୍କୁ ଅଟକାଇ ସଚେତନ କରିଥିଲେ। ବାଇକ ଚଳାଇବା ବେଳେ ହେଲ୍‌ମେଟ୍ ପିନ୍ଧିବା, କାର ଚଲାଇବା ସିଟ ବେଲ୍ଟ ବାନ୍ଧିବାକୁ କହିଥିଲେ। ଏହି ଅବସରରେ ଏସ୍‌ପି ୧୦ଜଣ ବାଇକ୍ ଚାଳକଙ୍କୁ ହେଲମେଟ ପିନ୍ଧାଇ ସର୍ବଦା ହେଲମେଟ ପରିଧାନ ଲାଗି ପରାମର୍ଶ ଦେଇଥିଲେ। ହେଲ୍‌ମେଟ୍ ପିନ୍ଧିଥିବା ବାଇକ ଚାଳକଙ୍କୁ ଗୋଲାପ, ଚକୋଲେଟ ଦିଆଯାଇ ଉତ୍ସାହିତ କରାଯାଇଥିଲା। ଅନ୍ୟମାନଙ୍କୁ ସଡକ ନିୟମ ପାଳନ ପାଇଁ ତାଗିଦ୍ କରିଥିଲେ। ସାବଧାନ ରହିଲେ ଦୁର୍ଘଟଣାରୁ ବର୍ତ୍ତିପାରିବେ ବୋଲି ଏସ୍‌ପି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ଡିଏସ୍‌ପି ଅନିଲ ମହାନ୍ତି, ଥାନାଧିକାରୀ ଗାୟତ୍ରୀ ମିଶ୍ର, ଏସ୍‌ଆଇ ବାସୁଦେବ ଜୟସିଂ, ସସ୍ମିତା ନାୟକଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।


ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ମହଲା ଅଞ୍ଚଳର ନବୀକରଣ ଓ ପୁନଃନିର୍ମାଣ (ସିଭିଲ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocnରେ ଆବେଦନର ଶେଷ ତାରିଖ ଜାନୁଆରୀ ୨୮, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

 କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର



ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank (Together for the better) Oriental United

ମଣ୍ଡଳ କାର୍ଯ୍ୟାଳୟ : ପଶ୍ଚିମ ମେଦିନାପୁର
ସହୀଦ କ୍ଷୁଦିରାମ ବୋଷ ରୋଡ୍, ବର୍ତ୍ତଜ ଟାଉନ, ମେଦିନାପୁର, ପିନ୍-୭୨୧ ୧୦୧, ପଶ୍ଚିମ ବଙ୍ଗ, ଯୋଗାଯୋଗ ନଂ.: ୯୭୩୩୧ ୦୩୫୫୧ / ୯୯୩୮୦ ୦୯୯୬୦ / ୦୩୨୨୨-୨୬୩୮୦୮, ଇମେଲ: cs8294@pnb.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
୨୭.୦୧.୨୦୨୫

ଆନେକ୍ସଚର-ଖ
ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ଏବଂ ୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ସମୂହଭାବେ ଏବଂ ବିଶେଷ କରି ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ଗଠନାତ୍ମକ/ଭୌତିକ/ସାଙ୍କେତିକ ଦଖଲ ନିଆଯାଇଅଛି, ଯାହାକୁ "ଯେପରି ଯେଉଁଠାରେ ଅଛି", "ଯାହା ଯେପରି ଅଛି" "ସେଠାରେ ଯାହା ଅଛି" ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ/ସୁରକ୍ଷିତ ଋଣଦାତାଙ୍କ ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ। ସୁରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

| କ୍ର. ନଂ. | ଶାଖାର ନାମ / ଆକାଉଣ୍ଟ ନାମ / ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ ବନ୍ଧକଦାତା / ସମ୍ପତ୍ତି ମାଲିକଙ୍କ ନାମ (ସମ୍ପତ୍ତି ବନ୍ଧକଦାତା) | କ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ତାରିଖ / ଖ) ବକେୟା ପରିମାଣ / ଗ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ତାରିଖ / ଘ) ଦଖଲ ପ୍ରକାର ସାଙ୍କେତିକ / ଭୌତିକ / ଗଠନାତ୍ମକ | କ) ସଂରକ୍ଷିତ ମୂଲ୍ୟ / ଖ) ଅମାନତ ରାଶି (ଲକ୍ଷରେ) / ଗ) ବିଡ୍ ବୃଦ୍ଧି ପରିମାଣ (ଲକ୍ଷରେ) | ଇ-ନିଲାମ ତାରିଖ ଏବଂ ସମୟ / ସୁରକ୍ଷିତ ଋଣଦାତାଙ୍କୁ ଜଣାଥିବା ସମ୍ପତ୍ତିର ଏନକମ୍ବ୍ରାନସେସର ସବିଶେଷ ତଥ୍ୟ |
|---|---|---|---|---|---|
| ୧. | ମେଦିନାପୁର (ସୋଲ ଆଇଡି : ୦୩୫୦୦୦) / ମେମର୍ସ ହୀରଣ୍ମୟୀ କୋଲ୍ଡ ଷ୍ଟୋରେଜ ପ୍ରା. ଲିଃ. / ମେମର୍ସ ହୀରଣ୍ମୟୀ କୋଲ୍ଡ ଷ୍ଟୋରେଜ ପ୍ରା. ଲିଃ., କୋଲ୍ଡ ଷ୍ଟୋରେଜ ଠିକଣା- ପ୍ଲଟ୍ ନଂ.: ୧୧୪୭, ମୌଜା: ଜଳସହରିଆ, ପୋ.: ସହରିଆ, ଥାନା: ଭୋଗରାଇ, ତହସିଲ: ଜଳେଶ୍ୱର, ଜିଲ୍ଲା: ବାଲେଶ୍ୱର **ମୁଖ୍ୟ କାର୍ଯ୍ୟାଳୟ ଠିକଣା-** ଗ୍ରାମ: କଳିକାଖାଲି, ପୋ.: ମଠଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ପୂର୍ବ ମେଦିନାପୁର, ପିନ୍-୭୨୧ ୬୫୯ **ନିର୍ଦ୍ଦେଶକମାନେ: ୧) ଶ୍ରୀମତୀ ତନୁଶ୍ରୀ ଭୂୟାଁ, ୨) ଶ୍ରୀ ସନ୍ତୋଷ ଭୂୟାଁ, ସମସ୍ତଙ୍କ ଠିକଣା-** କଳିକାଖାଲି, ପୋ.: ମଠଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ପୂର୍ବ ମେଦିନାପୁର, ପିନ୍-୭୨୧ ୬୫୯ **ଗ୍ୟାରେଣ୍ଟିଦାତା: ଅଶୋକ କୁମାର ଭୂୟାଁ,** ଗ୍ରା: କଳିକାଖାଲି, ପୋ.: ମଠଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ପୂର୍ବ ମେଦିନାପୁର, ପିନ୍-୭୨୧ ୬୫୯ **ଆକାଉଣ୍ଟ ନଂ.: ୦୬୭୪୯୮୧୧୦୦୦୦୧୭ (ଓଡି)** ସମ୍ପତ୍ତି ଆଇଡି: **PUNBMIDNAHIRANMO** | ମେମର୍ସ ହୀରଣ୍ମୟୀ କୋଲ୍ଡ ଷ୍ଟୋରେଜ ପ୍ରା. ଲିଃ. (ଋଣଗ୍ରହୀତା) ଓରଫ ମେସର୍ସ ଶୁଭ୍ରକେଶୀ ଗଙ୍ଗାଧର କୋଲ୍ଡ ଷ୍ଟୋରେଜ, **ନିର୍ଦ୍ଦେଶକମାନେ: ଶ୍ରୀ ତନୁଶ୍ରୀ ଭୂୟାଁ,** ସ୍ୱାମୀ: ଶ୍ରୀ ଅଶୋକ କୁମାର ଭୂୟାଁ ଏବଂ **ଶ୍ରୀ ସନ୍ତୋଷ କୁମାର ଭୂୟାଁ,** ପିତା: ବରୋଦା କାନ୍ତ ଭୂୟାଁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ କୋଲ୍ଡ ଷ୍ଟୋରେଜର ଜମି ଏବଂ ଗୃହ ଯାହାର ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ମୌଜା: ଜଳସହରିଆ, ଥାନା: ଭୋଗରାଇ, ଖାତା ନଂ.: ୧୪୬, ମ୍ୟୁଟେସେଡ ଖାତା ନଂ.: ୫୪୭/୧୨୯, ପ୍ଲଟ୍ ନଂ.: ୧୧୪୭/୨୬୮୯, ଦଲିଲ୍ ନଂ.: ୧୦୦୬୧୨୦୨୪୦୨, ବର୍ଷ: ୨୦୧୨, ପରିମିତ କ୍ଷେତ୍ର: ୮୭ ଡିସିମିଲି ଶିଳ୍ପାଞ୍ଚଳ ଜମି ଏବଂ ଗୃହ (ଏହି ସମ୍ପତ୍ତି ଭୌତିକ ଦଖଲରେ ଅଛି) | କ) ୩୧.୦୧.୨୦୧୩ / ଖ) ଟ.୪,୪୮,୧୨,୩୧୯.୦୦ (ଚାରି କୋଟି ଅଠଚାଳିଶ ଲକ୍ଷ ବାର ହଜାର ତିନି ଶହ ଉଣେଇଶି ଟଙ୍କା) + ତା.୦୧.୦୧.୨୦୧୩ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (–) ଆଦାୟ ରାଶି / ଗ) ୧୮.୦୪.୨୦୧୩ (ସାଙ୍କେତିକ) ୦୫.୦୫.୨୦୧୮ (ଭୌତିକ) / ଘ) ଭୌତିକ ଦଖଲ | ଟ.୧,୧୩,୪୧,୦୫୩.୦୦ / ଟ.୧୧.୩୪ ଲକ୍ଷ / ଟ.୦.୦୨ ଲକ୍ଷ | ୨୭.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା / ଡିଆରଟି-୨, କୋଲକାତାରେ ପଡି ରହିଥିବା ଏସ୍‌ଏ କେସ୍ ନଂ.: ୬୪୧/୧୩ |

ଇ-ନିଲାମ ବିକ୍ରୟ ବିଜ୍ଞପ୍ତିର ନିୟମ ଓ ସର୍ତ୍ତାବଳୀ :
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାର୍ଯ୍ୟ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ।
୧) ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାର୍ଯ୍ୟ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ। ନିଲାମ ବିକ୍ରୟ ଇ-ନିଲାମ ମାଧ୍ୟମରେ ଅନଲାଇନରେ ପୋର୍ଟାଲ https://baanknet.com ରେ ଅନୁଷ୍ଠିତ ହେବ।
୨) ଇଚ୍ଛୁକ ନିଲାମଧାରୀ / କ୍ରେତାମାନେ ସେମାନଙ୍କର ଇ-ମେଲ୍ ଆଇଡି ଏବଂ ମୋବାଇଲ୍ ନଂ ବ୍ୟବହାର କରି ପୋର୍ଟାଲ (https://baanknet.com)ରେ ପଞ୍ଜିକରଣ କରିବେ। ଇ-କେୱାଇସି ପ୍ରକ୍ରିୟା ଡିଜିଲକର ମାଧ୍ୟମରେ କରାଯିବ। ଥରେ ଇ-କେୱାଇସି ସମ୍ପୂର୍ଣ୍ଣ ହେବା ପରେ ଇଚ୍ଛୁକ ନିଲାମଧାରୀ/କ୍ରେତାମାନେ ଚାଲାଣ ମାଧ୍ୟରେ ଅନଲାଇନରେ ସେମାନଙ୍କର ଇ-ୱାଲେଟକୁ ଅମାନତ ରାଶି ସ୍ଥାନାନ୍ତର କରିବେ। ପୋର୍ଟାଲରେ ଅମାନତ ରାଶି ଜମା କରିବା ତାରିଖ ଏବଂ ସମୟ ପୂର୍ବରୁ ସମ୍ପତ୍ତି ସହିତ ଅମାନତ ଜମାକୁ ଲିଙ୍କ୍ କରିବାକୁ ପଡିବ। ଅମାନତ ରାଶି ଦାଖଲ କରିବା ତାରିଖ, ସମୟ/ ନିଲାମର ଯଥେଷ୍ଟ ପୂର୍ବରୁ ପଞ୍ଜିକରଣ, ଇ-କେୱାଇସି ଯାଞ୍ଚ, ୱାଲେଟ୍‌ରେ ଅମାନତ ରାଶି ସ୍ଥାନାନ୍ତର, ସମ୍ପତ୍ତି ସହିତ ୱାଲେଟ୍ ପରିମାଣ ସମ୍ପୂର୍ଣ୍ଣ ହେବା ଆବଶ୍ୟକ।
୩) ଉପର ଦର୍ଶିତ ଅମାନତ ରାଶି ଇ-ୱାଲେଟ୍‌ରେ ଜମା କରିବା ପରେ ସମ୍ପତ୍ତି ସହିତ ଲିଙ୍କ କରାଯିବା ଆବଶ୍ୟକ। ଯେଉଁ ନିଲାମଧାରୀମାନେ ଆବଶ୍ୟକୀୟ ଅମାନତ ରାଶି ଅମାନତ ଦାଖଲ କରିବା ଶେଷ ତାରିଖ ଓ ସମୟ ପୂର୍ବରୁ ଅନଲାଇନରେ ଲିଙ୍କ କରିନଥିବେ ସେମାନଙ୍କୁ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଅନୁମତି ମିଳିବ ନାହିଁ। ଅମାନତ ରାଶି ଉପରେ କୌଣସି ସୁଧ ଦିଆଯିବ ନାହିଁ।
୪) ଇ-ନିଲାମ ସେବାପ୍ରଦାନକାରୀ: **M/s. PSB Alliance Pvt. Ltd.,** ପଞ୍ଜିକୃତ କାର୍ଯ୍ୟାଳୟ ୟୁନିଟ୍-୧, ୩ୟ ମହଲା, ଭିଆଇଓଏସ୍ କମର୍ସିଆଲ ଟାୱାର, ୱାଡଲା ଟ୍ରକ ଟର୍ମିନାଲ ନିକଟ, ୱାଡଲା ଇଷ୍ଟ, ମୁମ୍ବାଇ-୪୦୦ ୦୩୭ (ସହାୟତା ନଂ.: **+91 8291220220, Email Id: support.ebkray@psballiance.com**) ଦ୍ୱାରା ଇ-ନିଲାମ ପ୍ଲାଟଫର୍ମ (https://baanknet.com) ପ୍ରଦାନ କରାଯିବ। ଇଚ୍ଛୁକ ନିଲାମଧାରୀ / ବିକ୍ରେତା ଇ-ନିଲାମ ସେବାପ୍ରଦାନକାରୀଙ୍କ ୱେବ୍‌ସାଇଟ୍ https://baanknet.com ରେ ପ୍ରଦତ୍ତ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ପଡିବ। ଏହି ସେବାପ୍ରଦାନକାରୀ ଇ-ନିଲାମ ତାରିଖ / ଡେମୋନଷ୍ଟ୍ରେସନ ପୋର୍ଟାଲରେ ପ୍ରଦାନ କରିବେ।
୫) ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: **(1) https://baanknet.com, (2) www.pnbindia.in.**ରେ ଉପଲବ୍ଧ।
୬) ଇ-ନିଲାମରେ ଇଚ୍ଛୁକ ଅଂଶଗ୍ରହଣକାରୀ ଇ-ନିଲାମର ନିୟମ ଓ ସର୍ତ୍ତାବଳୀ, ବିକ୍ରୟ ନୋଟିସର କପି, ଇ-ନିଲାମ ସମ୍ପର୍କିତ ପରିଚାଳନାର ସହାୟକ ପୁସ୍ତିକା ଇ-ନିଲାମ ପୋର୍ଟାଲ https://baanknet.com ରୁ ନିଶୁଳ୍କ ଡାଉନଲୋଡ କରିପାରିବେ।
୭) ନିଲାମ ସମୟରେ ନିଲାମଧାରୀଙ୍କ ଇ-ୱାଲେଟରେ ଯଥେଷ୍ଟ ବାଲାନ୍ସ ରାଶି (> = EMD) ରହିବା ଆବଶ୍ୟକ।
୮) ଇ-ନିଲାମ ସମୟରେ ଶେଷ ନିଲାମ ଡାକ ଉପରେ ଅଧିକ ବିଡ୍ କରିବାକୁ ନିଲାମଧାରୀମାନଙ୍କୁ ଅନୁମତି ଦିଆଯିବ ଏବଂ ସେମାନେ ଦର୍ଶିତ ବିଡ୍ ବୃଦ୍ଧି ରାଶିର ଗୁଣିତକ ବିଡ୍ ରାଶି ବୃଦ୍ଧି କରିପାରିବେ। ପରବର୍ତ୍ତୀ ଅଧିକ ବିଡ୍ ଡାକିବା ପାଇଁ ନିଲାମଧାରୀମାନଙ୍କୁ ୨ ମିନିଟ୍ ସମୟ ଦିଆଯିବ। ଶେଷ ନିଲାମ ଡାକପରେ ୫ ମିନିଟ୍ ଅତିକ୍ରାନ୍ତ ସମୟ ମଧ୍ୟରେ ଅଧିକତର ବିଡ୍ ରାଶି ଡାକ କରାନଗଲେ ନିଲାମକୁ ସମାପ୍ତ କରାଯିବ।
୯) ଇଚ୍ଛୁକ ନିଲାମଧାରୀ(ମାନ)ଙ୍କ ଦାୟିତ୍ୱ କି ସେ ଇ-ନିଲାମ ନିୟମ ଏବଂ ସର୍ତ୍ତାବଳୀ, ବିକ୍ରୟ ନୋଟିସ୍, ଇ-ନିଲାମ ପରିଚାଳନା ସହାୟକ ମାନୁଆଲ ଭଲଭାବେ ପଢ଼ିବା ଅବଶ୍ୟକ ଏବଂ ସଠିକ୍ ଭାବେ ଅନୁସରଣ କରିବା ଆବଶ୍ୟକ।
୧୦) ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବା ପ୍ରଦାନକାରୀ **(https://baanknet.com)** ଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲ ରେ ଉପଲବ୍ଧ।
୧୧) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଇ-ନିଲାମ ଚୂଡାନ୍ତ ହେବା ପରେ ସଫଳ ନିଲାମଧାରୀଙ୍କୁ ଆମର ସେବାପ୍ରଦାନକାରୀଙ୍କ ଦ୍ୱାରା ଏସ୍‌ଏମ୍‌ଏସ୍ / ଇ-ମେଲ୍ (ସେବାପ୍ରଦାନକାରୀଙ୍କୁ ଦେଇଥିବା / ପଞ୍ଜିକୃତ କରିଥିବା ଇମେଲ୍ ଠିକଣା / ମୋବାଇଲ୍ ନଂ.) ମାଧ୍ୟମରେ ଜଣାଇ ଦିଆଯିବ।
୧୨)ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ସୁରକ୍ଷିତ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ।
୧୩)ସଫଳ ନିଲାମଧାରୀ ଅମାନତ ରାଶି ବାଦ୍‌ଦେଇ ନିଲାମ ରାଶିର ୨୫% (ପଚିଶି ପ୍ରତିଶତ) ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସରେ ଦାଖଲ କରିବେ, କିନ୍ତୁ ତା'ପରେ ଗ୍ରହଣୀୟ ନୁହେଁ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ ୧୫ ଦିନ ମଧ୍ୟରେ **NEFT/RTGS/**ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଯେକୌଣସି ସିଡ୍ୟୁଲ୍ଡ ବାଣିଜ୍ୟକ ବ୍ୟାଙ୍କରୁ ଇସ୍ୟୁ କରି ଦାଖଲ କରିବେ। କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, **A/c** (ଆକାଉଣ୍ଟର ନାମ) ସପକ୍ଷରେ ଏହାକୁ ଡ୍ର କରି (ସ୍ଥାନକୁ) ପଇଠ କରିବେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଅର୍ଥରାଶି ପୈଠ ନକଲେ ସଫଳ କ୍ରେତା ଦାଖଲ କରିଥିବା ଅର୍ଥରାଶି ବ୍ୟାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ଷମତାପ୍ରାପ୍ତ ଅଧିକାରୀଙ୍କର ସମ୍ପତ୍ତିକୁ ପୁନଃ ନିଲାମ ବିକ୍ରୟ କରିବାର ଅଧିକାର ରହିଛି ଏବଂ ବିଫଳ ନିଲାମଧାରୀଙ୍କର ବାଜ୍ୟାପ୍ତି ଅର୍ଥ କିମ୍ବା ସମ୍ପତ୍ତି ଉପରେ କୌଣସି ଅଧିକାର ରହିବ ନାହିଁ।
୧୪) ସଫଳ ନିଲାମଧାରୀ ବ୍ୟାଙ୍କକୁ ବିକ୍ରୟ ଅର୍ଥ ପୈଠ କରିବା ଆୟକର ଆଇନ୍ ୧୯୬୧ ର ଧାରା **194-1A** ଅନୁଯାୟୀ ଟିଡିଏସ୍ ଲାଗୁ ହେବ ଏବଂ ସଫଳ ନିଲାମଧାରୀ ନିଲାମ ଅର୍ଥର ଅବଶିଷ୍ଟ ୭୫% ପୈଠ କରିବା ସମୟରେ ଟିଡିଏସ୍ ପୈଠ କରିବେ।
୧୫)କ୍ଷମତାପ୍ରାପ୍ତ ଅଧିକାରୀ କୌଣସି ବିଡ୍‌କୁ ଗ୍ରହଣ କିମ୍ବା କୌଣସି ଗ୍ରହଣଯୋଗ୍ୟ ବିଡ୍ ନଥିଲେ ସମସ୍ତ ବିଡ୍‌କୁ ନାକଚ କରିବା କିମ୍ବା ନିଲାମକୁ ସ୍ଥଗିତ/ବାତିଲ/ମୁଲତବି କରିବା କିମ୍ବା ନିଲାମର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ ଯେକୌଣସି ସମୟରେ କୌଣସି କାରଣ ନଦର୍ଶାଇ କରିପାରିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ଏ ବାବଦରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୬) ଆଇନ ଅନୁସାରେ ବିକ୍ରୟ ସାର୍ଟିଫିକେଟ ସଫଳ ନିଲାମଧାରୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ବିଡ ପରିମାଣ ଦାଖଲ ପରେ ଇସ୍ୟୁ କରାଯିବ।
୧୭) ସମ୍ପତ୍ତି ଗୁଡ଼ିକ **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ଏବଂ **"ଯାହା ଯେପରି ଅଛି ଭିତ୍ତିରେ"** ଏବଂ **"ସେଠାରେ ଯାହା ଭିତ୍ତିରେ"** ବିକ୍ରୟ କରାଯିବ।
୧୮)କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସର୍ବୋତ୍ତମ ସୂଚନା ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିର ବିବରଣୀ ଦର୍ଶିତ କିନ୍ତୁ କ୍ଷମତାପ୍ରାପ୍ତ ଅଧିକାରୀ ଏହି ଘୋଷଣାନାମାରେ କୌଣସି ତ୍ରୁଟି-ବିଚ୍ୟୁତି, ଭୁଲ୍ ବାଖ୍ୟା ନିମନ୍ତେ ଦାୟୀ ନୁହନ୍ତି।
୧୯)ନିଲାମଧାରୀମାନଙ୍କ ଦାୟିତ୍ୱ କି ସେମାନେ ବିଡ୍ ଦାଖଲ କରିବା ପୂର୍ବରୁ ସମ୍ପତ୍ତି ତଥ୍ୟ ବିଷୟରେ ସନ୍ତୁଷ୍ଟ ହେବା ଆବଶ୍ୟକ। ନିଲାମଧାରୀମାନେ ସମ୍ପତ୍ତି ଯାଞ୍ଚ ନିମନ୍ତେ ଡିଲିଙ୍ଗ୍ ଅଫିସରଙ୍କ ସହିତ ପରାମର୍ଶ କରିପାରନ୍ତି।
୨୦)କ୍ରେତା ସମସ୍ତ ବୈଧାନିକ ଦେୟ/ ଆଟେଣ୍ଡାଣ୍ଟ ଦେୟ/ ଅନ୍ୟାନ୍ୟ ଦେୟ ଯଥା - ରେଜିଷ୍ଟ୍ରେସନ୍ ଦେୟ, ଷ୍ଟାମ୍ପ ଡ୍ୟୁଟି, ଟିକସ ଇତ୍ୟାଦି ବହନ କରିବେ।
୨୧)କ୍ଷମତାପ୍ରାପ୍ତ ଅଧିକାରୀ କିମ୍ବା ବ୍ୟାଙ୍କ ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ୍, ଏନ୍‌କମ୍ବ୍ରାନ୍ସ କିମ୍ବା ସରକାର କିମ୍ବା କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ କରିବେ ନାହିଁ। ଇଚ୍ଛୁକ ନିଲାମଧାରୀମାନଙ୍କୁ ପରାମର୍ଶ କି ସେମାନେ ସମ୍ପତ୍ତି ସମ୍ବନ୍ଧୀୟ ବୈଧାନିକ ଦେୟ, ବକେୟା ସମ୍ପତ୍ତି କର, ବିଦ୍ୟୁତ୍ ଦେୟ ସହିତ ସମ୍ପତ୍ତିର ଏନ୍‌କମ୍ବ୍ରାନ୍ସ ବିଷୟରେ ସ୍ୱତନ୍ତ୍ର ଭାବେ ଅନୁସନ୍ଧାନ କରିବା ଆବଶ୍ୟକ।
୨୨) ନିଲାମଧାରୀମାନେ ଉପଯୁକ୍ତ ଇଣ୍ଟରନେଟ୍ ସଂଯୋଗ, ପାୱାର ବ୍ୟାକ୍‌ଅପ୍ ଇତ୍ୟାଦିକୁ ସୁନିଶ୍ଚିତ କରିବା ଉଚିତ୍। ଇ-ନିଲାମକୁ ପ୍ରଭାବିତ କରୁଥିବା କୌଣସି ବୈଷୟିକ କାରଣ କିମ୍ବା ଅଘଟଣ କିମ୍ବା ଇଣ୍ଟରନେଟ୍ ବିଫଳତା, ଶକ୍ତି ସଂକଟ ବିଷୟରେ ବ୍ୟାଙ୍କ ଦାୟୀ ରହିବେ ନାହିଁ।
୨୩) ବ୍ୟାଙ୍କ ପ୍ରତିନିଧି ନିଯୁକ୍ତ କରି ନିଜସ୍ୱ ନିଲାମ ଡାକ କରିବା ଏବଂ ଇ-ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ଉନ୍ମୁକ୍ତ ଅଟେ।
୨୪) ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ୱେବ୍‌ସାଇଟ୍: **https://baanknet.com, www.pnbindia.in** ଦେଖନ୍ତୁ।

ତାରିଖ : ୧୦.୦୧.୨୦୨୫, ସ୍ଥାନ: ପଶ୍ଚିମ ମେଦିନାପୁର
ସ୍ୱା/- ଶ୍ରୀ ପଞ୍ଚାନନ ସାହୁ, କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ

# ଭିଜିଲାନ୍ସ ଜାଲରେ ଏଆର୍‌ଆଇ

ଖୋର୍ଦ୍ଧା/ଟାଙ୍ଗୀ,୧୦।୧ (ପ୍ରଭାତ ପାଣିଗ୍ରାହୀ/ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଚିଲିକା ତହସିଲ ଅଧୀନ ସୋରଣ ରାଜସ୍ୱ ସର୍କଲ ସହକାରୀ ରେଭିନ୍ୟୁ ଇନ୍ସପେକ୍ଟର (ଏଆର୍‌ଆଇ) କୈଳାସ ଚନ୍ଦ୍ର ବେହେରା ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ବସୁନ୍ଧରା ଯୋଜନାରେ ଜଣେ ଭୂମିହୀନଙ୍କୁ ଜାଗା ପ୍ରଦାନ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏଥିସହ ଟାଙ୍ଗୀ ଥାନା ଅଧୀନ କୁମୁଣ୍ଡଳପାଟଣାସ୍ଥିତ ତାଙ୍କ ବାସଭବନ ଏବଂ ହାଟବରଡ଼ିହ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରାଯାଇଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ୨୦୧୬ ମସିହାରେ ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ କୈଳାସ ଭିଜିଲାନ୍ସ ହାତରେ ମଧ୍ୟ ଧରାପଡ଼ିଥିଲେ।

# ୯ ନୂଆ ମାର୍ଗରେ ଓଏସ୍‌ଆର୍‌ଟିସିର ବସ୍ ସେବା

## ୧୩ ବସ୍‌ର ଶୁଭାରମ୍ଭ କଲେ ପରିବହନ ମନ୍ତ୍ରୀ

ଭୁବନେଶ୍ୱର,୧୦।୧ (ସୁନିତ୍ ମିଶ୍ର)

ଓଏସ୍‌ଆରଟିସି ଦ୍ୱାରା ପରିଚାଳିତ ହେବାକୁ ଥିବା ୯ଟି ନୂତନ ମାର୍ଗରେ ୧୩ଟି ବସ୍ ସେବାର ଶୁଭାରମ୍ଭ ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭର୍ଚୁଆଲ ମୋଡରେ ଏହାର ଶୁଭ ଉଦଘାଟନ କରିଛନ୍ତି। ଏହି ନୂତନ ବସ୍ ସେବା ସିଦ୍ଧ ଭୈରବୀ, ଗଣିଆ (କଣ୍ଟିଲୋ), କୋଟପାଡ଼, ଯୋରନ୍ଦା ଏବଂ ପାରଳାଖେମୁଣ୍ଡିକୁ ପୁରୀ ସହ ସଂଯୋଗ କରିବ। ସେହିପରି ଇନ୍ଦ୍ରାବତୀ ଓ ବ୍ରହ୍ମପୁରକୁ ଭୁବନେଶ୍ୱର ସହିତ କୁନ୍ଦୁରାକୁ କଟକ ଏବଂ ବ୍ରହ୍ମପୁରକୁ ରାଉରକେଲା ସହ ସିଧାସଳଖ ବସ୍ ଚଳାଚଳ କରିବ। ଏହାଦ୍ୱାରା ଓଡ଼ିଶା ତଥା ଆଭ୍ୟନ୍ତରଣ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ଗମନାଗମନ ପାଇଁ ଏକ ସୁଲଭ ଏବଂ ଆରାମଦାୟକ ସେବା ପାଇପାରିବେ।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଏହି ଅବସରରେ କହିଛନ୍ତି, ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ମୌଳିକ ଜନସାଧାରଣ ପରିବହନ ଭିତ୍ତିଭୂମି ବିକାଶ ସହିତ, ଆମର ଲକ୍ଷ୍ୟ ହେଉଛି ଲୋକଙ୍କ ଜୀବନରେ ଏକ ସକରାତ୍ମକ ପରିବର୍ତ୍ତନ ଆଣିବା। ଯାହାଦ୍ୱାରା ସେମାନେ ରାଜ୍ୟ ସରକାରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଏହି ଉତ୍କୃଷ୍ଟ ସୁଯୋଗର ସଦୁପଯୋଗ କରିପାରିବେ। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଶିକ୍ଷା, କୃଷି, ଶିଳ୍ପ କ୍ଷେତ୍ରରେ ବିକାଶ କରିବା ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ବିଧାୟକ ନବରଙ୍ଗପୁର, କୋଟପାଡ ଏବଂ ଖଣ୍ଡପଡ଼ା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ଦିପ୍ତେଶ ପଟ୍ଟନାୟକ ଏବଂ ପରିବହନ କମିଶନ ଅମିତାଭ ଠାକୁରଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଖଣ୍ଡଗିରିରେ ଆରମ୍ଭ ହେଲା ପୂର୍ଣ୍ଣ କୁମ୍ଭମେଳା



ପାଦୁକା ଆଶ୍ରମରୁ ସାଧୁସନ୍ଥମାନେ ସଂକୀର୍ତ୍ତନ ଶୋଭାଯାତ୍ରାରେ ବାହାରିଛନ୍ତି।

ଭୁବନେଶ୍ୱର,୧୦।୧ (ସୌମ୍ୟରଞ୍ଜନ ରାଉତ)

ସାଧୁସନ୍ଥଙ୍କ ମେଳରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା। ଏଥର ଏହି ମେଳାକୁ ସାଧୁସନ୍ଥ ପୂର୍ଣ୍ଣ କୁମ୍ଭମେଳା ବୋଲି କୁହାଯାଉଛି। ପ୍ରଥମେ ମହାପୁରୁଷ ଅରକ୍ଷିତ ଦାସ ପାଦୁକା ଆଶ୍ରମରୁ ସାଧୁସନ୍ଥମାନେ ସଂକୀର୍ତ୍ତନ ଶୋଭାଯାତ୍ରାରେ ବାହାରି ମା' ବାରଭୁଜାଠାରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଗୁପ୍ତଗଙ୍ଗା, ଆକାଶଗଙ୍ଗା, ରାଧାକୁଣ୍ଡ, ଶ୍ୟାମକୁଣ୍ଡ, ଲଳିତାକୁଣ୍ଡରୁ ପୂଜାର୍ଚ୍ଚନା କରି ଜଳ ଆଣି ପଞ୍ଚତୀର୍ଥ ବା ପଞ୍ଚକୁଣ୍ଡୀୟ ସ୍ନାନ କରାଯାଇଥିଲା। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାରହାତ ନେତ୍ର ବାନା ପତାକା ଦେବ ସଭାରେ ଉତ୍ତୋଳନ କରାଯାଇଥିଲା। ଏଥିସହ ସାଧୁସନ୍ଥଙ୍କ ଦ୍ୱାରା ଖଣ୍ଡଗିରି ପାହାଚର ବାମପାର୍ଶ୍ୱରେ ବାନା ଉତ୍ତୋଳନ କରାଯାଇଥିଲା। ପ୍ରୟାଗରାଜ ତ୍ରିବେଣୀ ସଙ୍ଗମରୁ ପୂର୍ଣ୍ଣକୁମ୍ଭ ଆସିବା ପାଇଁ ବାବା ଚନ୍ଦନ ଦାସଙ୍କ ସମେତ ସାଧୁସନ୍ଥମାନେ ମେଲାଣି ଓ ଶୁଭକାମନା କରିଥିଲେ। ଖଣ୍ଡଗିରି କୁମ୍ଭମେଳାର ସଂଚାଳକ ବାବା ଆଲୋକ ଦାସ, ବ୍ରହ୍ମଚାରୀ ବିଶ୍ୱ ଚୈତନ୍ୟର ମୁଖ୍ୟ ସଞ୍ଚାଳକ କୃଷ୍ଣଦାସଜୀ ମହାରାଜ, ପାଦୁକା ଆଶ୍ରମର ବାବା ନବକିଶୋର ଦାସ, ହରିଓମ୍ ଟ୍ରଷ୍ଟର ଅଧ୍ୟକ୍ଷ ହରିଓମ ବାବା, ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦର ଉପଦେଷ୍ଟା ପଦ୍ମନାଭ ଦାସଙ୍କ ସମେତ ବହୁ ସାଧୁସନ୍ଥଙ୍କ ଉପସ୍ଥିତିରେ କୁମ୍ଭମେଳା ଆରମ୍ଭ ହୋଇଥିଲା। ୧୨ ବର୍ଷରେ ଥରେ ମହାକୁମ୍ଭ ପଡିଥାଏ। ତେଣୁ ଏବର୍ଷ ଏହି ସମୟ ଉପନୀତ ହୋଇଥିବାରୁ ଆଗୁଆ କୁମ୍ଭମେଳା ବା ପୂର୍ଣ୍ଣ କୁମ୍ଭମେଳା କରାଯାଉଛି ବୋଲି ଏହାର ଅଧ୍ୟକ୍ଷ ତଥା ବିଶ୍ୱ ସନାତନ ବୈଦିକ ଧର୍ମପରିଷଦର ବାବା ପଞ୍ଚଦେବ ଜଣାଇଛନ୍ତି।

# ବନ୍ଦ ଘରୁ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ମୃତଦେହ ଜବତ

କଟକ,୧୦।୧ (କାର୍ତ୍ତିକ ସାହୁ)

## ମୃତଦେହ ନେବାକୁ ପରିବାର ଲୋକେ ମନାକଲେ

କଟକ ନେହେରୁପଲ୍ଲୀ ଅଞ୍ଚଳର ଏକ ବନ୍ଦ ଘର ଭିତରୁ ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ମୃତଦେହ ଶୁକ୍ରବାର ଜବତ ହୋଇଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ନୂଆଗାଁ ଅଞ୍ଚଳର ଧର୍ମାନନ୍ଦ ପରିଜା(୮୫)। ଉକ୍ତ ଘରୁ ମିଳିଥିବା କାଗଜପତ୍ରରୁ ଠିକଣା ଜାଣି ସିଆର୍‌ଆର୍‌ଆଇ ଥାନା ପୋଲିସ ତାଙ୍କ ପରିବାରଲୋକଙ୍କୁ ଅବଗତ କରାଇଥିଲା। ୪୦ ବର୍ଷ ହେବ ସେ ଘର ଛାଡ଼ି ପଳାଇ ଆସିଥିବାରୁ ତାଙ୍କ ସହିତ କୌଣସି ସମ୍ପର୍କ ନ ଥିବା କହି ମୃତଦେହ ଗ୍ରହଣ କରିବାକୁ ପରିବାର ସଦସ୍ୟ ମନା କରିଦେଇଛନ୍ତି। ତେଣୁ ବ୍ୟବଚ୍ଛେଦ ପରେ ମୃତଦେହକୁ ସଂରକ୍ଷଣ ଗୃହରେ ରଖାଯାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାନୁଯାୟୀ, ଧର୍ମାନନ୍ଦ ପୋଲିସ ବିଭାଗରେ ଜଣେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ସେ ବିବାହ କରି ନ ଥିଲେ। ଚାକିରିରୁ ଅବସର ନେବା ପରେ ସେ ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ନେହେରୁପଲ୍ଲୀ ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। ପ୍ରତିଦିନ ଭୋର ସମୟରେ ସେ ଶଯ୍ୟା ତ୍ୟାଗ କରି ନିତ୍ୟକର୍ମ ଶେଷ କରିଥାନ୍ତି। ସେ ଗୁରୁବାର ରାତିରେ ଘର ଭିତରପଟୁ କବାଟ ବନ୍ଦ କରି ଶୋଇଥିଲେ। ଶୁକ୍ରବାର ପୂର୍ବାହ୍ନ ୧୦ଟା ଯାଏ ସେ ବାହାରକୁ ନ ବାହାରିବାରୁ ଘର ମାଲିକ ସନ୍ଦେହ କରି କବାଟ ବାଡେଇଥିଲେ। ହେଲେ ଧର୍ମାନନ୍ଦ କବାଟ ଖୋଲି ନ ଥିଲେ। ତୁରନ୍ତ ଘର ମାଲିକ ଏନେଇ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚିବା ପରେ କବାଟ ଭଙ୍ଗାଯାଇ ଖଟ ଉପରୁ ମୃତଦେହ ଉଦ୍ଧାର କରାଯାଇଥିଲା।

# ପ୍ରଧାନ ଶିକ୍ଷୟିତ୍ରୀ, ସିଆର୍‌ସିସିଙ୍କୁ କାରଣ ଦର୍ଶାଅ ନୋଟିସ

ଗୋପ,୧୦।୧ (ଭାରତୀ ଭୂଷଣ ଉପାଧ୍ୟାୟ)

## ୨ୟ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ଘଟଣା

## ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ

ବୀରତୁଙ୍ଗ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ଜଣେ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଅଭିଯୋଗ ଉପରେ ଶୁକ୍ରବାର ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା ବୀରତୁଙ୍ଗ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚୁନିଲତା ଦେଇ ଓ ସିଆର୍‌ସିସି କିଶୋର ଚନ୍ଦ୍ର ମାଝୀଙ୍କୁ କାରଣ ଦର୍ଶାଅ ନୋଟିସ ମାଗିଛନ୍ତି।

ପ୍ରକାଶ ଯେ, ଗତ ୮ ତାରିଖରେ ବୀରତୁଙ୍ଗ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରଙ୍କ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଅଭିଯୋଗ ଗୋପ ଥାନା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପରିବାର ପକ୍ଷରୁ କରାଯାଇଥିଲା। ଏହି ଅଭିଯୋଗ ଆସିବା ପରେ ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମା ସରକାରଙ୍କ ନିୟମ ଅନୁସାରେ ଦଣ୍ଡମୁକ୍ତ ଅଞ୍ଚଳରେ ଛାତ୍ରୀଛାତ୍ରଙ୍କୁ କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ମାଡ଼ ମାରିବେ ନାହିଁ। ଯଦିଓ ଏପରି ଅଭିଯୋଗ ଆସିଛି, ନିଶ୍ଚିତ ମାଡ଼ ମାରିଥିବା ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଉପରେ ଦୃଢ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏପରି ଅଭିଯୋଗକୁ ନେଇ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଚିଠି ନମ୍ବର ୮୩/୧୦-୧-୨୦୨୫ରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି।

# ୧୫ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି ସ୍ଥଗିତ

ପୁରୀ,୧୦।୧ (ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିର ରତ୍ନଭଣ୍ଡାର ସର୍ଭେ ରିପୋର୍ଟ ଆସିବା ପରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଛତିଶା ନିଯୋଗର ନିଷ୍ପତ୍ତି ଅନୁଯାୟୀ ଗତ ଡିସେମ୍ବର ୧୭ରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଆଗକୁ ମକର ସଂକ୍ରାନ୍ତି ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତିକୁ ଦୃଷ୍ଟିରେ ରଖି ଜାନୁଆରୀ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ମରାମତି କାମ ସ୍ଥଗିତ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ୧୬ ତାରିଖରୁ ପୁଣି ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଓ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା ଅନୁସାରେ ମରାମତି ଆରମ୍ଭ ହେବ। ଏଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ସୂଚନାଯୋଗ୍ୟ, ନୂଆବର୍ଷରେ ଭକ୍ତଙ୍କ ଆଗମନ, ଶୃଙ୍ଖଳିତ ଦର୍ଶନ ଓ ନୀତିକାନ୍ତିକୁ ଦୃଷ୍ଟିରେ ରଖି ଡିସେମ୍ବର ୨୫ରୁ ଜାନୁଆରୀ ୨ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା।

# ସାଇକେଲ ଚୋରି ମାମଲାରେ ୭ ମାସ ଜେଲଦଣ୍ଡ

ଭୁବନେଶ୍ୱର,୧୦।୧ (ସୂର୍ଯ୍ୟକାନ୍ତ ବେହେରା)

ଏକ ସାଇକେଲ ଚୋରି ମାମଲାର ରାୟ ଶୁକ୍ରବାର ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ-୫ରେ ପ୍ରକାଶ ପାଇଛି। ବିଚାରପତି ଇତିଶ୍ରୀ ମହାପାତ୍ର ଏହାର ବିଚାର କରି ଅଭିଯୁକ୍ତ ବ୍ରଜମୋହନ କହଁରଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ମାସର ଜେଲ ସହ ଏକ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ୭ଜଣ ସାକ୍ଷୀଙ୍କ ବୟାନ ଓ ୧୧ ଦସ୍ତାବିଜକୁ ଆଧାର କରି ସେ ଏହି ରାୟ ଶୁଣାଇଛନ୍ତି। ଘଟଣା ଅନୁଯାୟୀ, ଗତବର୍ଷ ଅଗଷ୍ଟ ରାତିରେ ଅଭିଯୋଗକାରୀ ତଥା ଭରତପୁର ଥାନା ଅନ୍ତର୍ଗତ ବଜରଙ୍ଗ ବିହାରର ଶିବ ପ୍ରସାଦ ମାହୁନ୍ତ ତାଙ୍କର ବାଇସାଇକେଲକୁ ବାରଣ୍ଡାରେ ରଖି ଘରେ ଶୋଇଥିଲେ। ଅଭିଯୁକ୍ତ ବ୍ରଜମୋହନ ପାଚେରି ଡେଇଁ ସାଇକେଲଟିକୁ ଚୋରିକରି ନେଇଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାରେ ସରକାରଙ୍କ ତରଫରୁ ସରକାରୀ ଓକିଲ ନିରଞ୍ଜନ ବେହେରା ମାମଲା ପରିଚାଳନା କରୁଥିଲେ।

# ଜାଲ୍ ଅନୁମତିପତ୍ର ଦାଖଲ କରିଥିଲା ବୈକୁଣ୍ଠଧାମ ଟ୍ରଷ୍ଟ

କଟକ,୧୦।୧ (କାର୍ତ୍ତିକ ସାହୁ)

## ସେବାଶ୍ରମ ଉଚ୍ଛେଦ ମାମଲା

## କର୍ତ୍ତୃପକ୍ଷଙ୍କୁ ଜବାବ ଦାଖଲ ଆଦେଶ

ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟକୁ ପ୍ରଦାନ କରାଯାଇଥିବା ଅନୁମତି ପତ୍ର ଜାଲ୍ ବୋଲି ଜଣାପଡ଼ିବା ପରେ ଉଚ୍ଛେଦ ଉପରେ ଜାରି ରହିତାଦେଶକୁ ହାଇକୋର୍ଟ ଶୁକ୍ରବାର ହଟାଇ ଦେଇଛନ୍ତି। ଏଥିସହ ଆଶ୍ରମ କର୍ତ୍ତୃପକ୍ଷଙ୍କୁ ଆସନ୍ତା ଫେବୃଆରୀ ୩ ତାରିଖ ସୁଦ୍ଧା ଜବାବ ଦାଖଲ ପାଇଁ ହାଇକୋର୍ଟ ଆଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବ ଶୁଣାଣିରେ ପ୍ରଦତ୍ତ ସତ୍ୟପାଠରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଶ୍ରମକୁ କୌଣସି ଅନୁମତି ପତ୍ର ଦିଆଯାଇନାହିଁ ବୋଲି ହାଇକୋର୍ଟ ଅବଗତ ହୋଇଥିଲେ। ହାଇକୋର୍ଟ ବିଚାରପତି ବିଭୁ ପ୍ରସାଦ ରାଉତରାୟ ମାମଲାର ଶୁଣାଣି କରିଥିଲେ। ଆସନ୍ତା ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ହାଇକୋର୍ଟ ମାମଲାର ପୂର୍ବ ଶୁଣାଣିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦାଖଲ କରାଯାଇଥିବା ଅନୁମତି ପତ୍ରର ସତ୍ୟାସତ୍ୟ ସମ୍ପର୍କରେ ସତ୍ୟପାଠ ଦେବାକୁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଥିଲେ। ତଦନୁସାରେ ରାଜ୍ୟ ସରକାର ଦେଇଥିବା ଏହି ସତ୍ୟପାଠ ଯୋଗୁ ଆଶ୍ରମ ପୁଣି ବିବାଦୀୟ ହୋଇପଡ଼ିଛି। ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟ ଖଣ୍ଡଗିରି ପକ୍ଷରୁ ଆଶ୍ରମ ଉଚ୍ଛେଦ ଆଦେଶ ବିରୋଧରେ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ପୂର୍ବରୁ ଆଶ୍ରମ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଆଦେଶ ଦେଇଥିଲେ। ଏଥିସହିତ ଆଶ୍ରମ ଉଚ୍ଛେଦ ଆଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ମାମଲାର ପ୍ରତିପକ୍ଷମାନଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଥିଲେ। ରାଜ୍ୟ ସରକାର ନିଜର ପକ୍ଷ ରଖି ସତ୍ୟପାଠ ଦାଖଲ କରିଥିଲେ।

ସୂଚନାନୁସାରେ, ନିଜ ପୁଅକୁ କଳ୍କୀ ଅବତାର ସଜାଇ ବିବାଦକୁ ଆସିଥିଲେ ବାବା କାଶୀନାଥ। ଅଭିଯୋଗ ବଢ଼ିବା ପରେ ପୋଲିସର ତନାଘନା ଭିତରେ ଆଶ୍ରମରୁ ଅନେକ ଆପତ୍ତିଜନକ ସାମଗ୍ରୀ ମିଳିଥିଲା। ଶ୍ରଦ୍ଧାଳୁଙ୍କ ବିଶ୍ୱାସ ଓ ଆସ୍ଥାକୁ ଆଧାର କରି ବ୍ୟବସାୟ କରିବା ସହ ବିଳାସପୂର୍ଣ୍ଣ ଜୀବନ କାଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଫଳରେ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଖଣ୍ଡଗିରିସ୍ଥିତ ବାବା ବୈକୁଣ୍ଠଧାମ ଆଶ୍ରମ ଉଚ୍ଛେଦ ପାଇଁ ବିଡିଏ ନିଷ୍ପତ୍ତି ନେଇଥିଲା। ଆଶ୍ରମ ନାଁରେ ହୋଇଥିବା ବେଆଇନ ନିର୍ମାଣ ସମ୍ପର୍କରେ ତଦନ୍ତ କରି ବିଡିଏ ଓ ବିଏମ୍‌ସିର ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ଆଶ୍ରମ ଉଚ୍ଛେଦ କରିବାକୁ ସମୟ ଧାର୍ଯ୍ୟ କରିଥିଲେ। ଆଶ୍ରମ ଉଚ୍ଛେଦ ପୂର୍ବରୁ ଏନେଇ ମାଇକରେ ଘୋଷଣା କରାଯାଇଥିଲା। ଏହାକୁ ବିରୋଧ କରି ଆଶ୍ରମ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା।



ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରାନୀ



@ କାହ୍ନୁ



@ ଶିବାନୀ



@ ଦୀପକ



@ ଶଶୀକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସରକାରୀ ଚାକିରି ଦେବାକୁ କହି ୧୨ ଲକ୍ଷ ଠକେଇ

ଭୁବନେଶ୍ୱର,୧୦।୧ (ସୂର୍ଯ୍ୟକାନ୍ତ ବେହେରା)

## ନକଲି ପଞ୍ଚାୟତିରାଜ ଅଫିସର ଗିରଫ

ସରକାରୀ ଚାକିରି ଯୋଗାଇଦେବାକୁ କହି ଜଣେ ଯୁବକଙ୍କଠାରୁ ୧୨ ଲକ୍ଷ ଠକେଇ ହୋଇଛି। ଏନେଇ ଠକେଇର ଶିକାର ହୋଇଥିବା ପୂର୍ଣ୍ଣ ଚନ୍ଦ୍ର ପରିଡାଙ୍କ ଅଭିଯୋଗ ପରେ କ୍ୟାପିଟାଲ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ କଳାହାଣ୍ଡି ଜିଲା ନର୍ଲା ଥାନା ଅଞ୍ଚଳର ବ୍ୟାସଦେବ ରାଣା(୪୭)। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁସାରେ, ପୂର୍ଣ୍ଣଚନ୍ଦ୍ର ତାଙ୍କର ଜଣେ ବନ୍ଧୁଙ୍କ ଜରିଆରେ ଅଭିଯୁକ୍ତ ବ୍ୟାସଦେବଙ୍କ ସହ ପରିଚିତ ହୋଇଥିଲେ। ଅଭିଯୁକ୍ତ ଜଣକ ନିଜକୁ ପଞ୍ଚାୟତିରାଜ ବିଭାଗର ବିଭାଗୀୟ ଅଫିସର ପରିଚୟ ଦେବା ସହ ଉକ୍ତ ବିଭାଗର ଏକ ଜାଲ୍ ପରିଚୟ ପତ୍ର ମଧ୍ୟ ବ୍ୟବହାର କରୁଥିଲେ। ସରକାରୀ ଚାକିରି ଯୋଗାଇ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ପୂର୍ଣ୍ଣଚନ୍ଦ୍ରଙ୍କର ବିଶ୍ୱାସଭାଜନ ହୋଇଥିଲେ। ଫଳରେ ପୂର୍ଣ୍ଣ ବିଭିନ୍ନ ଜରିଆରେ ବ୍ୟାସଦେବଙ୍କୁ ସମୁଦାୟ ୧୨ ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ନେବା ପରେ ଅଭିଯୁକ୍ତ ଜଣକ ଅଭିଯୋଗକାରୀ ପୂର୍ଣ୍ଣଚନ୍ଦ୍ରଙ୍କ ସହ ଯୋଗାଯୋଗ ବନ୍ଦ କରି ଦେଇଥିଲେ। ଏପରିକି ତାଙ୍କ ମୋବାଇଲ ନମ୍ବରକୁ ବ୍ଲକ୍ ମଧ୍ୟ କରି ଦେଇଥିଲେ। ଶେଷରେ କୌଣସି ଉପାୟ ନ ପାଇ ପୂର୍ଣ୍ଣଚନ୍ଦ୍ର କ୍ୟାପିଟାଲ ଥାନାରେ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ।

**ରାହୁଲ ଗାନ୍ଧୀଙ୍କୁ ଜାମିନ**

ହିନ୍ଦୁତ୍ୱବାଦୀ ନେତା ବିନାୟକ ଦାମୋଦର ସଭରକରଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ପାଇଁ ମାନହାନି ମାମଲାରେ କଂଗ୍ରେସ ନେତା ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲଙ୍କ ଗାନ୍ଧୀଙ୍କୁ ପୁଣେର ଏକ ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ଶୁକ୍ରବାର ଜାମିନ ମଞ୍ଜୁର କରିଛନ୍ତି।

# ଟ୍ରମ୍ପ୍ ଦୋଷୀ, ଦଣ୍ଡମୁକ୍ତ

**ଆମେରିକାର ପୂର୍ବତନ ତଥା ପରବର୍ତ୍ତୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପର୍ନ ଷ୍ଟାର ଷ୍ଟର୍ମି ଡାନିଏଲ୍ସଙ୍କ ସହ ଯୌନ ସମ୍ପର୍କ ରଖି ତାଙ୍କ ମୁହଁ ବନ୍ଦ କରିବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କିନ୍ତୁ ଆସନ୍ତା ୨୦ରେ ସେ ପୁନର୍ବାର ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଯାଉଥିବାରୁ ଜେଲ ଯିବେନାହିଁ ବୋଲି ଶୁକ୍ରବାର ଜଣେ ବିଚାରପତି ରାୟ ଦେଇଛନ୍ତି। ତେବେ ରାଷ୍ଟ୍ରପତି ପଦ ଅଳଙ୍କୃତ କରିବା ସତ୍ତ୍ୱେ ତାଙ୍କ ବିରୋଧରେ କରାଯାଇଥିବା ଦଣ୍ଡବିଧାନ ରଦ୍ଦ ହେବନାହିଁ।**



ନ୍ୟୁୟର୍କ,୧୦।୧

୭୮ ବର୍ଷୀୟ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଜଷ୍ଟିସ୍ ଜୁଆନ୍ ମର୍ଚାନ୍ ଦୋଷୀ ସାବ୍ୟସ୍ତ କରିବା ସହ ନିଃସର୍ତ୍ତରେ ଦଣ୍ଡମୁକ୍ତ କରିଛନ୍ତି। ଆପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆମେରିକାର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବାରେ ଟ୍ରମ୍ପ୍ ହେଉଛନ୍ତି ପ୍ରଥମ। ରାୟ ଶୁଣାଇବାବେଳେ ମର୍ଚାନ କହିଛନ୍ତି, ଟ୍ରମ୍ପ୍‌ଙ୍କୁ ସେ ବିନା କୌଣସି ଜେଲ ଦଣ୍ଡ କିମ୍ବା ଜରିମାନାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। କାରଣ ଆମେରିକା ସମ୍ବିଧାନ ରାଷ୍ଟ୍ରପତିମାନଙ୍କୁ ଆପରାଧିକ ଦଣ୍ଡ ଭୋଗିବାରୁ ଉର୍ଦ୍ଧ୍ୱରେ ରଖିଆସିଛି। ସେ ହ୍ୱାଇଟ୍ ହାଉସ୍‌କୁ ଯିବାକୁ ଥିବାରୁ ନିଃସର୍ତ୍ତରେ ତାଙ୍କ ଦଣ୍ଡକୁ ରଦ୍ଦ କରାଯାଉଥିଲେ ମଧ୍ୟ ରାଷ୍ଟ୍ରପତି ହେବା ପରେ ବି ତାଙ୍କ ଅପରାଧର ଗମ୍ଭୀରତା କୌଣସି ପ୍ରକାରେ ହ୍ରାସ ପାଇବ ନାହିଁ। ଦଣ୍ଡରୁ ସୁରକ୍ଷା ପ୍ରଦାନ ଏକ ଆଇନସିଦ୍ଧ ବ୍ୟବସ୍ଥା, ଯାହାକୁ ଏହି କୋର୍ଟ ସମ୍ମାନ ଦେବା ସହ ଅନୁସରଣ କରିବା ଜରୁରୀ ବୋଲି ବିଚାରପତି ରାୟ ଶୁଣାଇଛନ୍ତି। ବିଚାରପତି ଆହୁରି କହିଛନ୍ତି, ଟ୍ରମ୍ପ୍ ନଭେମ୍ବରରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବା ଏହି ରାୟକୁ ପ୍ରଭାବିତ କରିନାହିଁ। ସେହି ଦୃଷ୍ଟିରୁ ତାଙ୍କ ବିରୋଧରେ ଆଗତ ସମସ୍ତ ୩୪ ଅଭିଯୋଗରେ ଟ୍ରମ୍ପ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଶେଷରେ ଜଷ୍ଟିସ୍ ମର୍ଚାନ୍ ଟ୍ରମ୍ପ୍‌ଙ୍କୁ କହିଥିଲେ, ସାର୍, ଦ୍ୱିତୀୟ ଥର ରାଷ୍ଟ୍ରପତି ପଦ ଅଳଙ୍କୃତ କରିବାକୁ ଯାଉଥିବାରୁ ଆପଣଙ୍କୁ ଶୁଭେଚ୍ଛା ଜଣାଉଛି।

ଅନ୍ୟପକ୍ଷେ ନିଜ ଓକିଲଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ କୋର୍ଟରେ ହାଜର ହୋଇଥିବା ଟ୍ରମ୍ପ୍ ନିଜକୁ ନିର୍ଦ୍ଦୋଷ ବୋଲି ଦର୍ଶାଇଥିଲେ। ଶୁଣାଣି ପାଇଁ କୋର୍ଟରୁମ୍‌ରେ ସ୍ୱତନ୍ତ୍ର ଟିଭି ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଥିଲା। ପଛରେ ରହିଥିଲା ଦୁଇଟି ଆମେରିକୀୟ ପତାକା। ଟ୍ରମ୍ପ୍ କହିଥିଲେ, ଏହି ଅଭିଯୋଗ ତାଙ୍କୁ ପୁନଃ ନିର୍ବାଚିତ ହେବାରୁ ବାଦ୍ ଦେବା ପାଇଁ ଏକ ବିଫଳ ପ୍ରୟାସ ଥିଲା। 'ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ, କିଛି ଭୁଲ୍ କାର୍ଯ୍ୟ କରିନାହିଁ' ବୋଲି ସେ କହିଥିଲେ।

ଗତବର୍ଷ ୬ ସପ୍ତାହ ଧରି ଚାଲିଥିବା ମାମଲାର ଶୁଣାଣି ବେଳେ ଟ୍ରମ୍ପ୍ ପକ୍ଷ ରଖିବା ପରିବର୍ତ୍ତେ ମର୍ଚାନ ଏବଂ ତାଙ୍କ ବିରୋଧରେ ମାମଲା ଲଢୁଥିବା ମ୍ୟାନ୍‌ହାଟନ୍ ଡିଷ୍ଟ୍ରିକ୍ଟ ଆର୍ଟର୍ନି ଅଲ୍‌ଭିନ୍ ବ୍ରାଗ୍‌ଙ୍କୁ ଅପମାନିତ କରିଥିଲେ। ବ୍ରାଗ୍‌ଙ୍କ ଅଫିସ୍‌ର ଆଇନଜୀବୀ ଜୋଶୁଆ ଷ୍ଟେଇନ୍‌ଗ୍ଲାସ୍ କହିଥିଲେ, ଶୁଣାଣି ଚାଲିଥିବାବେଳେ ଟ୍ରମ୍ପ୍ ଉକ୍ତ ମାମଲାର ଆଇନଗତ ବୈଧତାକୁ ନ୍ୟୂନ କରିବା ପାଇଁ ଜାଣିଶୁଣି କ୍ୟାମ୍ପେନ୍ କରିଥିଲେ, ଯାହାକି ବିଚାର ବ୍ୟବସ୍ଥାକୁ ନିନ୍ଦିତ କରିବା ପାଇଁ ଉଦ୍ଦେଶ୍ୟମୂଳକ ଅପଚେଷ୍ଟା। ଅନ୍ୟପକ୍ଷରେ ଟ୍ରମ୍ପ୍ ସଦ୍ୟ ରାୟ ବିରୋଧରେ ଉଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ। ସ୍ଥଗିତାଦେଶ ପାଇଁ ସେ ଦାଖଲ କରିଥିବା ପିଟିଶନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ।




ମ୍ୟାନ୍‌ହାଟନ ଡିଷ୍ଟ୍ରିକ୍ଟ କୋର୍ଟରେ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ରାୟ ଆସିବା ପୂର୍ବରୁ ଅଦାଲତ ସମ୍ମୁଖରେ ବିକ୍ଷୋଭ।

## ମୁହଁ ବନ୍ଦ ପାଇଁ ପର୍ନଷ୍ଟାରଙ୍କୁ ଦେଇଥିଲେ ୧,୩୦,୦୦୦ ଡଲାର

୨୦୦୬ ଜୁଲାଇରେ ଆମେରିକାର ତତ୍କାଳୀନ ବିଶିଷ୍ଟ ବ୍ୟବସାୟୀ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ୬୦ ବର୍ଷ ହେଉଥିଲା। ସେତେବେଳେ ୨୭ ବର୍ଷୀୟା ପର୍ନଆକ୍ଟ୍ରେସ୍ ଷ୍ଟର୍ମି ଡାନିଏଲ୍ସ (ମୂଳ ନାମ ଷ୍ଟେଫାନି କ୍ଲିଫ୍‌ଫୋର୍ଡ)ଙ୍କ ସହ ଟ୍ରମ୍ପ୍‌ଙ୍କ ପ୍ରଥମ ସାକ୍ଷାତ ହୋଇଥିଲା। ସେହି ସମୟରେ ଲେକ୍ ତାହୋଏ ହୋଟେଲରେ ଷ୍ଟର୍ମିଙ୍କ ସହ ଟ୍ରମ୍ପ୍ ଯୌନ ସମ୍ପର୍କ ରଖିଥିଲେ। ଏହି ଗୁପ୍ତ ଶାରୀରିକ ସମ୍ପର୍କ ଦୁହିଁଙ୍କ ମଧ୍ୟରେ ସୀମିତ ଥିଲା। ୨୦୧୬ରେ ଟ୍ରମ୍ପ୍ ରିପବ୍ଲିକାନ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିଲେ। ନିର୍ବାଚନ ବେଳେ ଏହା ପ୍ରଘଟ ହେଲେ ଅଡୁଆ ପରିସ୍ଥିତି ଉପୁଜିବା ଆଶଙ୍କା କରି ଟ୍ରମ୍ପ୍ ନିଜ ଓକିଲ ମାଇକେଲ୍ କୋହେନ୍‌ଙ୍କ ଜରିଆରେ ଷ୍ଟର୍ମିଙ୍କ ମୁହଁ ବନ୍ଦ କରାଇଥିଲେ। ଏଥିପାଇଁ ଟ୍ରମ୍ପ୍ ୧,୩୦,୦୦୦ ଡଲାର ଦେଇଥିଲେ।



ଟ୍ରମ୍ପ୍ ଅର୍ଗାନାଇଜେଶନ୍ ଅଧୀନ ଏକ ଜାଲ୍ କମ୍ପାନୀ ଜରିଆରେ ଏହି ଅର୍ଥ ପ୍ରଦାନ କରାଯାଇଥିଲା। ପୂର୍ବତନ ରାଷ୍ଟ୍ରପତି ଏହାକୁ ନିଜ ନିର୍ବାଚନୀ ଖର୍ଚ୍ଚ ଦର୍ଶାଇଥିଲେ। ଷ୍ଟର୍ମିଙ୍କ ଏହି ଷ୍ଟୋରି ୨୦୧୮ରେ 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ' ପ୍ରଘଟ କରିବା ପରେ ଟ୍ରମ୍ପ୍‌ଙ୍କ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ଷ୍ଟର୍ମିଙ୍କ ହଶ୍ ମନି ଅଭିଯୋଗକୁ ନେଇ ଗ୍ରାଣ୍ଡ ଜୁରି ପକ୍ଷରୁ ତଦନ୍ତ ଚାଲିଥିଲା। ଏଥିରେ ଟ୍ରମ୍ପ୍‌ଙ୍କ ଦୋଷ ପ୍ରମାଣିତ ହୋଇଛି। ଏଥିଯୋଗୁ ତାଙ୍କ ବିରୋଧରେ ଆପରାଧିକ ମାମଲା ଚାଲିଥିବାବେଳେ ଅଭିଯୋଗ ଉପରେ ୨୦୨୩ ମାର୍ଚ୍ଚ ୩୦ ତାରିଖରେ ମାନ୍‌ହାଟନ ଡିଷ୍ଟ୍ରିକ୍ଟ ଆର୍ଟର୍ନି ଅଲ୍‌ଭିନ୍ ବ୍ରାଗ୍ (ଡେମୋକ୍ରାଟ୍)ଙ୍କ ଅଫିସ୍ ପକ୍ଷରୁ ହଶ୍ ମନି ସମ୍ପର୍କିତ ଅଭିଯୋଗପତ୍ର ମଗାଯାଇଥିଲା। ଟ୍ରମ୍ପ୍ ୨୦୨୩ ଏପ୍ରିଲ ୪ରେ କୋର୍ଟରେ ହାଜର ହୋଇ ଆତ୍ମସମର୍ପଣ କରିଥିଲେ। ୨୦୨୪ ଜୁଲାଇ ୧୧ରେ ଟ୍ରମ୍ପ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ନେଇ ସ୍ଥିର ହୋଇଥିବାବେଳେ ଜୁଲାଇ ୧ରେ ସୁପ୍ରିମକୋର୍ଟଙ୍କ ଏକ ରାୟ ଯୋଗୁ ସେ ବର୍ତ୍ତିଯାଇଥିଲେ। ୨୦୨୫ ଜାନୁଆରୀ ୩ରେ ବିଚାରପତି ମର୍ଚାନ ଟ୍ରମ୍ପ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ କୌଣସି ଆଇନଗତ ବାଧା ନାହିଁ ବୋଲି କହିବା ସହ ୧୦ ତାରିଖରେ ରାୟ ଶୁଣାଇବାକୁ ଧାର୍ଯ୍ୟ କରିଥିଲେ।

## ସଂକ୍ଷେପରେ

### କେନ୍ଦ୍ରର କୃଷି ବିପଣନ ଚିଠା ନୀତିକୁ ପଞ୍ଜାବର ପ୍ରତ୍ୟାଖ୍ୟାନ

**ନୂଆଦିଲ୍ଲୀ,୧୦।୧:** କୃଷି ବିପଣନ ଉପରେ କେନ୍ଦ୍ର ସରକାରଙ୍କ ଚିଠା ଜାତୀୟ ନୀତିକୁ ପଞ୍ଜାବର ଆପ୍ ସରକାର ପ୍ରତ୍ୟାଖ୍ୟାନ କରିଦେଇଛି। ବର୍ଷାଧିକ କାଳ କୃଷକ ଆନ୍ଦୋଳନ ପରେ ୨୦୨୧ରେ ପ୍ରତ୍ୟାହୃତ ହୋଇଥିବ ୩ ବିବାଦୀୟ କୃଷି ଆଇନକୁ ପୁଣିଥରେ ଆଗତକରି କାର୍ଯ୍ୟକାରୀ କରିବାକୁ ଉଦ୍ୟମ ହେଉଥିବା ଆପ୍ ସରକାର କହିଛନ୍ତି। ଜାତୀୟ ଚିଠାନୀତିରେ ପଞ୍ଜାବର କୃଷକମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇ ନ ଥିବାବେଳେ ଫସଲ କ୍ରୟରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଅଣଦେଖା କରାଯାଇଥିବାରୁ ଆପ୍ ସରକାର ଏଥିରେ ସହମତ ନୁହନ୍ତି ବୋଲି ଡ୍ରାଫ୍ଟିଂ କମିଟିର ଆବାହକ ତଥା କୃଷି ବିପଣନର ଉପପରାମର୍ଶଦାତା ଏସ୍.କେ. ସିଂଙ୍କୁ ପତ୍ର ଲେଖି ଜଣାଇଛନ୍ତି।

### ପରିବାରର ୫ଙ୍କୁ ହତ୍ୟା

**ମିରଟ,୧୦।୧(ପି.ଟି.):** ଉତ୍ତରପ୍ରଦେଶର ମିରଟରେ ଗୋଟିଏ ପରିବାରର ୫ ସଦସ୍ୟଙ୍କ ମୃତଦେହ ସେମାନଙ୍କ ଘରୁ ମିଳିଛି। ମାଆବାପାଙ୍କ ମୃତଦେହ ଏକ ଚାଦରରେ ଗୁଡ଼ାଯାଇଥିବାବେଳେ ୩ ପିଲାଙ୍କ ମୃତଦେହକୁ ବେଡ୍‌ବକ୍ସରେ ରଖାଯାଇଥିଲା। ସମସ୍ତଙ୍କ ମୁଣ୍ଡରେ ଗଭୀର କ୍ଷତ ସାଙ୍ଗକୁ ବେକରେ କଟାଚିହ୍ନ ରହିଛି। ଏହି ଘଟଣା ସାରା ସହରରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ପୋଲିସ ୨ ଜଣଙ୍କୁ ଅଟକ ରଖିଛି। ମହିଳାଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ୩ ଜଣ ଅଭିଯୁକ୍ତ ଏବଂ ଅନ୍ୟ କେତେଜଣ ଅପରିଚିତ ବ୍ୟକ୍ତିଙ୍କ ନାଁରେ ମାମଲା ରୁଜୁ ହୋଇଛି। ପୋଲିସ କେତେଜଣଙ୍କୁ ସନ୍ଦେହରେ ଡାକି ପଚରାଉଚରା ଚଳାଇଛି। ଲିସାରି ଗେଟ୍ ଥାନା ଅନ୍ତର୍ଗତ ଜନଗହଳିପୂର୍ଣ୍ଣ ସୁହେଲ୍ ଗାର୍ଡେନ ଅଞ୍ଚଳରେ ଗୁରୁବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଛି।

## ମହାରାଷ୍ଟ୍ରରେ ଭାଜପାର ବିଜୟ ପାଇଁ ଆର୍‌ଏସ୍‌ଏସ୍‌କୁ ଶ୍ରେୟ ଦେଲେ ପାୱାର

ମୁମ୍ବାଇ,୧୦।୧

ଏନ୍‌ସିପି(ଏସ୍‌ପି) ଅଧକ୍ଷ ଶରଦ ପାୱାର ଏକ ଆଶ୍ଚର୍ଯ୍ୟ ଘଟଣାକ୍ରମରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପାର ବଡ଼ ବିଜୟ ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ଶ୍ରେୟ ଦେଇଛନ୍ତି। ମୁମ୍ବାଇରେ ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ଏହି ବର୍ଷୀୟାନ ରାଜନେତା କହିଛନ୍ତି, ଆର୍‌ଏସ୍‌ଏସ୍ କାର୍ଯ୍ୟ କରିବା ଧାରା ଏବଂ ଆକ୍ରମଣାତ୍ମକ ହିନ୍ଦୁତ୍ୱ ପ୍ରଚାର ନଭେମ୍ବର ନିର୍ବାଚନରେ ଭାଜପା ସଫଳତାର ମୁଖ୍ୟ ସ୍ତମ୍ଭ ଥିଲା।



ଏହି ଦଳ ୧୪୯ ଆସନରେ ନିର୍ବାଚନ ଲଢ଼ି ୧୩୨ଟିରେ ବିଜୟୀ ହେବାରେ ସଫଳ ହେଲା ବୋଲି ପାୱାର କହିଛନ୍ତି। ନିର୍ବାଚନ ଫଳାଫଳ ବ୍ୟବଚ୍ଛେଦ କରି ପାୱାର ନିଜ ଦଳକୁ ପରାଜୟ ପାଇଁ ଦୋଷାରୋପ କରିଛନ୍ତି। ଲୋକ ସଭା ନିର୍ବାଚନରେ ବିଜୟ ପରେ ଏନ୍‌ସିପି (ଏସ୍‌ପି) ଆତ୍ମସନ୍ତୁଷ୍ଟ ହୋଇଯାଇଥିଲା, ଯେତେବେଳେ ବିପକ୍ଷ ଦଳ ଲୋକାଭିମୁଖୀ ଯୋଜନା ଘୋଷଣା ସହ ପ୍ରମୁଖ ନିଷ୍ପତ୍ତି ନେବା ଦିଗରେ ଅବିଶ୍ରାନ୍ତ କାର୍ଯ୍ୟ ଜାରି ରଖିଥିଲା। ତୃଣମୂଳ ସ୍ତରରୁ ଆର୍‌ଏସ୍‌ଏସ୍‌ର କାର୍ଯ୍ୟ ପରିଚାଳନା ଶୈଳୀକୁ ପାୱାର ସ୍ୱୀକାର କରିଛନ୍ତି।

## ବାଦ୍ ଆଶାୟୀ ଜେଇଇ-ଆଡଭାନ୍ସଡ୍ ପରୀକ୍ଷା ଦେଇପାରିବେ

ନୂଆଦିଲ୍ଲୀ,୧୦।୧(ପି.ଟି.)

୨୦୨୪ ନଭେମ୍ବର ୫ରୁ ୧୮ ମଧ୍ୟରେ ବାଦ୍ ପଡ଼ିଥିବା ଆଶାୟୀମାନେ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ)-ଆଡଭାନ୍ସଡ୍ ପାଇଁ ପଞ୍ଜୀକରଣ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ଅନୁମତି ଦେଇଛନ୍ତି। ଜେଇଇ ପରୀକ୍ଷା ପରିଚାଳନା କରୁଥିବା ଜଏଣ୍ଟ ଆଡମିଶନ ବୋର୍ଡ (ଜେଏବି) ନଭେମ୍ବର ୫ରେ ଜାରି କରିଥିବା ପ୍ରେସ୍ ବିଜ୍ଞପ୍ତିରେ କହିଥିଲା, ଯେଉଁମାନେ ୨୦୨୩, ୨୦୨୪ ଏବଂ ୨୦୨୫ରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିବେ, ସେମାନେ ଜେଇଇ-ଆଡଭାନ୍ସଡ୍ ଦେବାକୁ ଯୋଗ୍ୟ ବିବେଚିତ ହେବେ। ନଭେମ୍ବର ୧୮ରେ ଅନ୍ୟ ଏକ ବିଜ୍ଞପ୍ତିରେ କେବଳ ୨୦୨୪ ଏବଂ ୨୦୨୫ ଶିକ୍ଷାବର୍ଷକୁ ଯୋଗ୍ୟତା ମାନଦଣ୍ଡ ଧାର୍ଯ୍ୟ କରାଯାଇଥିଲା। ତେଣୁ ନଭେମ୍ବର ୫ରୁ ୧୮ ମଧ୍ୟରେ ଯେଉଁ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି, ସେମାନେ ପୁନର୍ବାର ପଞ୍ଜୀକରଣ କରିପାରିବେ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି।

## ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୦।୧(ପି.ଟି.)

**ସମ୍ଭଲ ମସ୍‌ଜିଦ କୂଅ ବିବାଦ**

ଉତ୍ତରପ୍ରଦେଶର ସମ୍ଭଲସ୍ଥିତ ମୋଗଲ ଅମଳର ଜାମା ମସ୍‌ଜିଦ ନିକଟରେ ଘରୋଇ କୂଅ ବିବାଦକୁ ନେଇ ସୁପ୍ରିମକୋର୍ଟ ସ୍ଥିତାବସ୍ଥା ବଜାୟ ରଖିବାକୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କୂଅ ଉପରେ କୌଣସି ପଦକ୍ଷେପ ନ ନେବା ପାଇଁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାର, ଭାରତର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ମହାନିର୍ଦ୍ଦେଶକ, ସମ୍ଭଲ ଜିଲାପାଳ ଏବଂ ହରିଶଙ୍କର ଜୈନଙ୍କ ନେତୃତ୍ୱାଧୀନ ହିନ୍ଦୁ ପକ୍ଷକୁ ନୋଟିସ ଜାରି କରିଛନ୍ତି। ୨ ସପ୍ତାହ ମଧ୍ୟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ କହିଛନ୍ତି।




ଆମେରିକା କାଲିଫର୍ନିଆସ୍ଥିତ ଲସ୍‌ଏଞ୍ଜେଲ୍ସ ଜଙ୍ଗଲ ନିଆଁରେ ପାଲିସାଡେସ୍ ଉପକୂଳରେ ଥିବା ଏକ କୋଠା ଜଳୁଛି।

## ୨୦୨୫ରେ ଭାରତର ଆର୍ଥିକ ଅଭିବୃଦ୍ଧି ୬.୬% ରହିବ: ଜାତିସଂଘ

ଜାତିସଂଘ,୧୦।୧(ପି.ଟି.)

ଘରୋଇ ବ୍ୟବହାର ଏବଂ ପୁଞ୍ଜିନିବେଶ ବୃଦ୍ଧି ଯୋଗୁ ୨୦୨୫ରେ ଭାରତର ଆର୍ଥିକ ଅଭିବୃଦ୍ଧି ୬.୬ ପ୍ରତିଶତକୁ ବଢ଼ିବ ବୋଲି ଜାତିସଂଘ କହିଛି। ମୁଖ୍ୟତଃ ଭାରତର ଆର୍ଥିକ କ୍ଷେତ୍ରରେ ଦୃଢ଼ ପ୍ରଦର୍ଶନ ଦ୍ୱାରା ଚଳିତ ବର୍ଷ ଦକ୍ଷିଣ ଏସିଆରେ ଆର୍ଥିକ ଅଭିବୃଦ୍ଧି ଭଲ ରହିବ ବୋଲି ଜାତିସଂଘର ବିଶ୍ୱ ଅର୍ଥନୈତିକ ସ୍ଥିତି ଓ ସମ୍ଭାବନା, ୨୦୨୫ ରିପୋର୍ଟରେ କୁହାଯାଇଛି। ଚଳିତବର୍ଷ ଦକ୍ଷିଣ ଏସିଆରେ ଅଭିବୃଦ୍ଧି ହାର ୫.୭% ରହିବାକୁ ଥିବାବେଳେ ୨୦୨୬ରେ ୬.୦ ପ୍ରତିଶତକୁ ବଢ଼ିବ ବୋଲି ଆକଳନ କରାଯାଇଛି। ଭୁଟାନ, ନେପାଳ ଓ ଶ୍ରୀଲଙ୍କାର ଅର୍ଥନୀତିରେ ସୁଧାର ଆସିବ ବୋଲି ଏଥିରେ କୁହାଯାଇଛି। ୨୦୨୪ରେ ଭାରତର ଆର୍ଥିକ ଅଭିବୃଦ୍ଧି ୬.୮ ପ୍ରତିଶତ ଥିବାବେଳେ ଚଳିତ ବର୍ଷ ତାହା ୬.୬%ରେ ସୀମିତ ରହିବ। ତେବେ ୨୦୨୬ରେ ଏହା ପୁନର୍ବାର ୬.୮% ଅଭିବୃଦ୍ଧି ହାସଲ କରିବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

## ସେନା କମାଣ୍ଡର ଜୋସେଫ୍ ଅଓଉନ୍ ଲେବାନନ୍ ରାଷ୍ଟ୍ରପତି



ବେରୁଟ୍,୧୦,।୧

ଲେବାନନ୍ ସେନା କମାଣ୍ଡର ଜୋସେଫ୍ ଅଓଉନ୍ ଶୁକ୍ରବାର ଦେଶର ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରାଷ୍ଟ୍ରପତି ପଦ ଖାଲିପଡ଼ିବା ପରେ ପାର୍ଲାମେଣ୍ଟ ସଦସ୍ୟମାନେ ତାଙ୍କୁ ନୂଆ ନେତା ବାଛିଛନ୍ତି। ଇସ୍ରାଏଲ୍ ଓ ଲେବାନନ୍‌ର ଆତଙ୍କବାଦୀ ସଙ୍ଗଠନ ହେଜ୍‌ବୋଲ୍ଲା ମଧ୍ୟରେ ୧୪ ମାସ ଧରି ଚାଲିଥିବା ସଂଘର୍ଷ ବିରାମ ଚୁକ୍ତି ସ୍ଥଗିତ ରହିବା ପରେ ଏହି ପଦକ୍ଷେପ ନିଆଯାଇଛି। ପୂର୍ବତନ ରାଷ୍ଟ୍ରପତି ମାଇକେଲ୍‌ଙ୍କ କାର୍ଯ୍ୟକାଳ ୨୦୨୨ ଅକ୍ଟୋବରରେ ଶେଷ ହୋଇଥିଲା।

## କାନାଡା ପ୍ରଧାନମନ୍ତ୍ରୀ ଦୌଡ଼ରେ ଭାରତୀୟ ବଂଶୋଦ୍ଭବ ଚନ୍ଦ୍ର ଆର୍ଯ୍ୟ

ଓଟ୍ଟାୱା,୧୦।୧

କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ଇସ୍ତଫା ପରେ ମାର୍ଚ୍ଚ ୯ରେ ଶାସକ ଲିବରାଲ ପାର୍ଟି ଦେଶର ନୂଆ ନେତା ବାଛିବାକୁ ଯାଉଛି। ନୂଆ ନେତା ଚୟନ ପର୍ଯ୍ୟନ୍ତ ଟ୍ରୁଡୋ କାମଚଳା ପ୍ରଧାନମନ୍ତ୍ରୀ ରହିବେ। ତେବେ ସେଣ୍ଟ୍ରାଲ ବ୍ୟାଙ୍କର ପୂର୍ବତନ ଅଧିକାରୀ ମାର୍କ କାର୍ନେୟ ଏବଂ ପୂର୍ବତନ ଅର୍ଥମନ୍ତ୍ରୀ କ୍ରିଷ୍ଟିଆ



ଫ୍ରିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ଦୌଡ଼ରେ ଆଗୁଆ ଥିବାବେଳେ ଏହି ରେସ୍‌ରେ ସାମିଲ ହୋଇଛନ୍ତି ଭାରତୀୟ ବଂଶୋଦ୍ଭବ ଏମ୍‌ପି ଚନ୍ଦ୍ର ଆର୍ଯ୍ୟ। ଓଟ୍ଟାୱାର ନେପିୟନ୍ ଆସନରୁ ନିର୍ବାଚିତ ଚନ୍ଦ୍ର ଲିବରାଲ ପାର୍ଟିର ବୈଠକ ପୂର୍ବରୁ ନିଜ ପ୍ରାର୍ଥିତ୍ୱ ନେଇ ଏକ୍ସ'ରେ ଘୋଷଣା କରିଛନ୍ତି। ସେ ୨୦୧୫ରେ ହାଉସ୍ ଅଫ୍ କମନ୍ସକୁ ପ୍ରଥମ ଥର ନିର୍ବାଚିତ ହୋଇଥିଲେ।

## ମଦୁରୋ ୨୦୩୧ ଯାଏ ଭେନେଜୁଏଲା ରାଷ୍ଟ୍ରପତି

କାରାକାସ୍,୧୦।୧

ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମଦୁରୋଙ୍କ ଦମନମୂଳକ ଶାସନ ୨୦୩୧ ପର୍ଯ୍ୟନ୍ତ ଚାଲିବ। ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ନିକୋଲାସ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଜୟୀ ହେବାର ବିଶ୍ୱସନୀୟ ପ୍ରମାଣ ଥିବା ସତ୍ତ୍ୱେ ସେ ତୃତୀୟ ଥର ପାଇଁ ୬ ବର୍ଷିଆ କାର୍ଯ୍ୟକାଳ ଉଦ୍ୟମ ଚଳାଇଛନ୍ତି। ରାଜଧାନୀ କାରାକାସ୍‌ରେ ଅନେକ ହଜାର ନିକୋଲାସ୍ ବିରୋଧୀ ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇବା ସହ ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ପୋଲିସ ଅଟକ ରଖିଥିଲା। ପରେ ମାରିଆଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଆମେରିକା ଓ ୟୁରୋପୀୟ ନେତାମାନେ ନିକୋଲାସ୍ ସରକାର ବିରୋଧୀଙ୍କ ସ୍ୱର ଚପାଇଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ଆଣିଛନ୍ତି।



ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମାରିଆଙ୍କ ପ୍ରତି ସମର୍ଥନ ଘୋଷଣା କରିଛନ୍ତି। ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ୍ ଲେଖିଛନ୍ତି, ଏହି ସ୍ୱାଧୀନତା ସଂଗ୍ରାମୀମାନେ ସୁରକ୍ଷିତ ଓ ଜୀବିତ ରହିବା ଜରୁରୀ। ସେମାନଙ୍କ କ୍ଷତି କରାଯିବା ଅନୁଚିତ। ଅନ୍ୟପକ୍ଷେ ନିକୋଲାସ୍‌ଙ୍କ ସମର୍ଥକମାନେ ଗିରଫଦାରି ଅଭିଯୋଗକୁ ଖଣ୍ଡନ କରିବା ସହ ସରକାରଙ୍କ ବିରୋଧୀମାନେ ଏକ ଅନ୍ତର୍ଜାତୀୟ ସଙ୍କଟ ଛିଡ଼ା କରାଇବା ପାଇଁ ମିଛ ଖବର ବିସ୍ତାର କରୁଛନ୍ତି ବୋଲି ସମାଲୋଚନା କରିଛନ୍ତି। ପ୍ରକାଶ ଯେ, ଗତ ଜୁଲାଇ ୨୮ରେ ଶେଷ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ନିକୋଲାସ୍‌ଙ୍କ ସପକ୍ଷବାଦୀ ନିର୍ବାଚନ କର୍ତ୍ତୃପକ୍ଷ ତାଙ୍କୁ ବିଜୟୀ ଘୋଷଣା କରିଥିଲେ। କିନ୍ତୁ ପୂର୍ବ ଭଳି ଭୋଟ ଗଣତି ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରି ନ ଥିଲେ। ଇତିମଧ୍ୟରେ ୮୦%ରୁ ଉର୍ଦ୍ଧ୍ୱ ଭୋଟ ପାଇଥିବା ବିରୋଧୀ କହିଥିଲେ, ନିକୋଲାସ୍‌ଙ୍କ ତୁଳନାରେ ଏଡ୍‌ମୁଣ୍ଡୋ ଗୋନ୍‌ଜାଲେଜ୍‌ଙ୍କ ଭୋଟ ଦୁଇଗୁଣ ଅଧିକ ହେବ। ତେଣୁ ଏଡ୍‌ମୁଣ୍ଡୋଙ୍କୁ ନୂଆ ରାଷ୍ଟ୍ରପତି ଘୋଷଣା କରାଯିବା ଦାବିରେ ବହୁ ଲୋକ ବିକ୍ଷୋଭ ଚଳାଇଛନ୍ତି।

## ୨୧୬ କୋଟି ଟଙ୍କା ଚାନ୍ଦା ପାଇଛନ୍ତି ଆଞ୍ଚଳିକ ଦଳ

ନୂଆଦିଲ୍ଲୀ ୧୦।୧(ପି.ଟି.)

**ଏଡିଆର୍ ରିପୋର୍ଟ**

ADR
Association for Democratic Reforms

ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ୨୦୨୨-୨୩ ଆର୍ଥିକ ବର୍ଷରେ ୨୧୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଚାନ୍ଦା ପାଇଥିବା ଘୋଷଣା କରିଛନ୍ତି। ଚାନ୍ଦାରୁ ଜେଏମ୍‌ଏମ୍, ଜେଜେପି, ଟିଡିପି ଏବଂ ଟିଏମ୍‌ସିର ଆୟ ସର୍ବାଧିକ ବଢ଼ିଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ବିଶ୍ଳେଷଣରୁ ଜଣାପଡ଼ିଛି।

ଦଳଗୁଡ଼ିକ ସେମାନଙ୍କ ଆୟ ସମ୍ପର୍କିତ ରିପୋର୍ଟ ଏବଂ ଦାତାମାନଙ୍କ ବିବରଣୀ ନିର୍ବାଚନ କମିଶନଙ୍କୁ ପ୍ରଦାନ କରିବାରେ ବହୁ ବିଳମ୍ବ କରଥିଲେ। ମୋଟ ୫୭ଟି ଆଞ୍ଚଳିକ ଦଳ ମଧ୍ୟରୁ ମାତ୍ର ୧୮ଟି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଇସିଆଇ ନିକଟରେ ରିପୋର୍ଟ ଦାଖଲ କରିଥିଲେ। ୨୮ଟି ଦଳ ମୋଟ ୨,୧୧୯ଟି ଚାନ୍ଦାରୁ ୨୧୬.୭୬୫ କୋଟି ଟଙ୍କା ପାଇଥିବା ଘୋଷଣା କରିଛନ୍ତି। ଅନ୍ୟ ୧୭ଟି ଦଳ ରିପୋର୍ଟ ଦାଖଲରେ ୨ରୁ ୧୬୪ ଦିନ ପର୍ଯ୍ୟନ୍ତ ବିଳମ୍ବ କରିଥିଲେ। ବିଜେଡି, ଜମ୍ମୁ-କଶ୍ମୀର ନ୍ୟାଶନାଲ କନ୍‌ଫରେନ୍ସ ସମେତ ୭ ରାଜନୈତିକ ଦଳ ଉକ୍ତ ବର୍ଷ ଚାନ୍ଦା ପାଇ ନ ଥିବା ଜଣାଇଛନ୍ତି।

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର ଚାନ୍ଦା ପରିମାଣ ପୂର୍ବ ବର୍ଷ ତୁଳନାରେ ୩,୬୮୫ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ଜନନାୟକ ଜନତା ଦଳ (ଜେଜେପି) ଏବଂ ଟିଡିପି ଚାନ୍ଦା ପରିମାଣ ପୂର୍ବବର୍ଷ ତୁଳନାରେ ଯଥାକ୍ରମେ ୧,୯୯୭ ଏବଂ ୧,୭୯୫ ପ୍ରତିଶତ ବଢ଼ିଛି। ଅନ୍ୟପକ୍ଷରେ ସମାଜବାଦୀ ପାର୍ଟି ଏବଂ ଶିରୋମଣି ଅକାଳୀ ଦଳ ଚାନ୍ଦା ପରିମାଣ ପୂର୍ବବର୍ଷ ତୁଳନାରେ ଯଥାକ୍ରମେ ୯୯.୧ ଏବଂ ୮୯.୧ ପ୍ରତିଶତ ହ୍ରାସ ପାଇଛି। ଭାରତ ରାଷ୍ଟ୍ରସମିତି (ବିଆର୍‌ଏସ୍) ସର୍ବାଧିକ ୧୫୪.୦୩ କୋଟି ଟଙ୍କା ଚାନ୍ଦା ପାଇଥିବାବେଳେ ଏହା ପଛକୁ ୧୬ କୋଟି ଚାନ୍ଦା ପାଇ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ଦ୍ୱିତୀୟ ସ୍ଥାନରେ ଏବଂ ୧୧.୯୨ କୋଟି ଚାନ୍ଦା ସହ ତେଲୁଗୁ ଦେଶମ ପାର୍ଟି (ଟିଡିପି) ତୃତୀୟ ସ୍ଥାନରେ ରହିଛି। ବିଆର୍‌ଏସ୍, ୱାଇଏସ୍‌ଆର୍ କଂଗ୍ରେସ, ଟିଡିପି, ଡିଏମ୍‌କେ ଏବଂ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ସିପିଆଇ) ମିଶି ମୋଟ ଘୋଷିତ ଚାନ୍ଦାର ୯୦.୫୬ ପ୍ରତିଶତ ପାଇଛନ୍ତି। ଅନ୍ୟପକ୍ଷରେ ୫ଟି ଆଞ୍ଚଳିକ ଦଳ ୯୬.୨ ଲକ୍ଷ ଟଙ୍କା ଚାନ୍ଦା ପାଇଥିବା ଘୋଷଣା କରିଥିବାବେଳେ ଦାତାମାନଙ୍କ ପାନ୍ ଦେଇନାହାନ୍ତି। ୩.୩୬ କୋଟି ଟଙ୍କା ଚାନ୍ଦା ଦେଇଥିବା ଦାତାମାନଙ୍କ ଠିକଣା ମିଳୁ ନ ଥିବାବେଳେ ୧୬୫.୭୩ କୋଟି ଟଙ୍କା ଚାନ୍ଦାରେ ଦାତାମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ନାହିଁ। କର୍ପୋରେଟ୍ ଏବଂ ବ୍ୟବସାୟିକ ସଂସ୍ଥାଗୁଡ଼ିକରୁ ମୋଟ ଚାନ୍ଦାର ୭୮ ପ୍ରତିଶତ ଅର୍ଥାତ୍ ୧୬୯.୨ କୋଟି ଟଙ୍କା ଆସିଥିବାବେଳେ ବ୍ୟକ୍ତିଗତ ଦାତାମାନଙ୍କଠାରୁ ୪୫.୨୪ କୋଟି ଟଙ୍କା ଆସିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ସାରିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶିଳ୍ପ ଉତ୍ପାଦନରେ ଉଲ୍ଲେଖନୀୟ ଅଭିବୃଦ୍ଧି

## ନଭେମ୍ବରରେ ୫.୨% ବୃଦ୍ଧି

ଭୁବନେଶ୍ୱର,୧୦।୧(ଅନୁରାଧା ମହାରଣା)

ଦେଶରେ ପର୍ବପର୍ବାଣି ତଥା ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧି ସମୟରେ ଚାହିଦା ବୃଦ୍ଧି ହେତୁ ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ଆକଳନ ସୁଦୃଢ଼ ହୋଇଛି। ୨୦୨୪ ନଭେମ୍ବରରେ ଏହା ବାର୍ଷିକ ଭିତ୍ତିରେ ୫.୨ ପ୍ରତିଶତ ବୃଦ୍ଧିପାଇ ୬ ମାସର ଉଚ୍ଚତାକୁ ଆସିଥିଲା। ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ୨୦୨୩ ନଭେମ୍ବରରେ ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ୨.୫ ପ୍ରତିଶତ ବୃଦ୍ଧି ପାଇଛି। ଏହାପୂର୍ବରୁ ୨୦୨୪ ମେ'ରେ ଶିଳ୍ପ ଉତ୍ପାଦନରେ ସର୍ବାଧିକ ଅଭିବୃଦ୍ଧି ହାର ୬.୩ ପ୍ରତିଶତ ଥିଲା। ଜୁନ୍ ମାସରେ ଅଭିବୃଦ୍ଧି ହାର ୪.୯ ପ୍ରତିଶତ ଥିବାବେଳେ ଜୁଲାଇରେ ଏହା ୫% ଥିଲା। ମାତ୍ର ଅଗଷ୍ଟରେ ଆଇଆଇପି ଅଭିବୃଦ୍ଧି ସ୍ଥିର ରହିଥିଲା। ସେପ୍ଟେମ୍ବରରେ ଏହା ୩.୧ ପ୍ରତିଶତ ବୃଦ୍ଧି ପାଇ ଅକ୍ଟୋବରରେ ୩.୭ ପ୍ରତିଶତ ବୃଦ୍ଧି ପାଇଥିଲା। ତଥ୍ୟ ଅନୁଯାୟୀ, ଆଇଆଇପି ଅନୁଯାୟୀ ମପାଯାଇଥିବା ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ୨୦୨୪ ଏପ୍ରିଲ-ନଭେମ୍ବରରେ ୪.୧ ପ୍ରତିଶତ ରହିଥିଲା; ଯାହାକି ପୂର୍ବ ବର୍ଷ ସମାନ ଅବଧିରେ ୬.୫% ଥିଲା।



ତଥ୍ୟ ଅନୁଯାୟୀ, ନଭେମ୍ବର ମାସରେ ଖଣି ଉତ୍ପାଦନର ଅଭିବୃଦ୍ଧି ହାର ୧.୯%କୁ ହ୍ରାସ ପାଇଥିଲାବେଳେ ୧ ବର୍ଷ ପୂର୍ବେ ଏହା ୭% ଅଭିବୃଦ୍ଧି ପଞ୍ଜୀକୃତ ହୋଇଥିଲା। ନଭେମ୍ବରରେ ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ହାର ୫.୮%ରେ ପହଞ୍ଚିଛି, ଯାହାକି ପୂର୍ବ ବର୍ଷ ତୁଳନାରେ ୧.୩% ଥିଲା।

ଅନ୍ୟପଟେ ବିଦ୍ୟୁତ୍ ଉତ୍ପାଦନର ଅଭିବୃଦ୍ଧି ହାର ୪.୪ ପ୍ରତିଶତକୁ ହ୍ରାସ ପାଇଛି, ଯାହାକି ୧ ବର୍ଷ ପୂର୍ବେ ୫.୮ ପ୍ରତିଶତ ଥିଲା। ବ୍ୟବହାରଭିତ୍ତିକ ବର୍ଗୀକରଣ ଅନୁଯାୟୀ, ୨୦୨୪ ନଭେମ୍ବରରେ ପୁଞ୍ଜି ସାମଗ୍ରୀ ବିଭାଗର ଅଭିବୃଦ୍ଧ ୯% ବୃଦ୍ଧି ପାଇଥିଲା, ଯାହା ପୂର୍ବ ବର୍ଷ ସମାନ ଅବଧିରେ ୧.୧% ହ୍ରାସ ପାଇଥିଲା। ପାର୍ବଣ ସମୟରେ ଅର୍ଥାତ୍ ନଭେମ୍ବରରେ ଉପଭୋକ୍ତା ସ୍ଥାୟୀ (ବୃହତ୍ ଇଲେକ୍ଟ୍ରୋନିକ୍ସ ଉତ୍ପାଦ) ଉତ୍ପାଦନ ସମୀକ୍ଷାଧୀନ ମାସରେ ୧୩.୧ ପ୍ରତିଶତ ବୃଦ୍ଧି ପାଇଛି। ତେବେ ୨୦୨୩ ନଭେମ୍ବରରେ ଏହା ୪.୮ ପ୍ରତିଶତ ହ୍ରାସ ପାଇଥିଲା। ୨୦୨୩ ନଭେମ୍ବରରେ ଗ୍ରାହକ ଅଣସ୍ଥାୟୀ ଦ୍ରବ୍ୟ ଉତ୍ପାଦନର ଅଭିବୃଦ୍ଧି ହାର ପ୍ରାୟ ୦.୬%ରେ ସ୍ଥିର ରହିଥିଲାବେଳେ ୨୦୨୩ ନଭେମ୍ବରରେ ଏହା ୩.୪ ପ୍ରତିଶତ ହ୍ରାସ ପାଇଥିଲା। ତଥ୍ୟ ଅନୁଯାୟୀ ୨୦୨୪ ନଭେମ୍ବରରେ ନିର୍ମାଣ ସାମଗ୍ରୀ ୧୦% ବୃଦ୍ଧି ପାଇ ୧ ବର୍ଷ ପୂର୍ବେ ସମାନ ଅବଧିରେ ୧.୫% ଥିଲା। ତଥ୍ୟ ଅନୁଯାୟୀ, ୨୦୨୪ ନଭେମ୍ବରରେ ପ୍ରାଥମିକ ଦ୍ରବ୍ୟର ଉତ୍ପାଦନ ୨.୭% ଅଭିବୃଦ୍ଧି ପଞ୍ଜୀକୃତ ହୋଇଥିବାବେଳେ ବର୍ଷ ପୂର୍ବେ ନଭେମ୍ବରରେ ୮.୪ % ଅଭିବୃଦ୍ଧି ରେକର୍ଡ କରାଯାଇଥିଲା।

# ଖସିଲା ଶେୟାର ବଜାର

ମୁମ୍ବାଇ,୧୦।୧

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୪୧ (୨୪୧.୩୦) ପଏଣ୍ଟ କମି ୭୭,୩୭୯(୭୭,୩୭୮.୯୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୯୫ (୯୫.୦୦) ପଏଣ୍ଟ ହ୍ରାସ ଘଟି ୨୩,୪୩୧(୨୩,୪୩୧.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସଇ ନିଫ୍ଟି ମିଡ୍କ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ଫତେହ ସହ ଡା. ଅର୍ଥୋର ବୁଝାମଣା

ନୂଆଦିଲ୍ଲୀ,୧୦।୧ (ଅଭୟ ଦାଶ)




ଦେଶର ଅଗ୍ରଣୀ ଆୟୁର୍ବେଦିକ କମ୍ପାନୀ ତଥା ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍ର ପ୍ରମୁଖ ବ୍ରାଣ୍ଡ ଡା. ଅର୍ଥୋ ଏବଂ ବଲିଉଡ୍ ଫିଲ୍ମ 'ଫତେହ' ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଏହି ଆକ୍ସନ ଥ୍ରିଲର ଚଳଚ୍ଚିତ୍ର ଜଣାଶୁଣା ବଲିଉଡ୍ ଅଭିନେତା ସୋନୁ ସୁଦ୍ଙ୍କ ଅଭିନୀତ ଓ ନିର୍ଦ୍ଦେଶିତ ହୋଇଥିଲାବେଳେ ଏଥିରେ ଜାକ୍ଲିନ୍, ଶିବ ଜ୍ୟୋତି ରାଜପୁତ ଏବଂ ନାସିରୁଦ୍ଦିନ ଶାହା ଙ୍କ ଭଳି ଅଭିଜ୍ଞ କଳାକାର 'ଫେତେହ'ରେ ସୁନ୍ଦର ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ରର ପ୍ରଚାର ପ୍ରସାର ସହ ବ୍ରାଣ୍ଡର ପ୍ରଚାର ମଧ୍ୟ ଫତେହ ଜରିଆରେ ହୋଇପାରିବ ବୋଲି କୁହାଯାଇଛି। ବିଶେଷକରି ଚଳଚ୍ଚିତ୍ରର ମୁଖ୍ୟ କଳାକାର ସୋନୁ ସୁଦ୍ଙ୍କ ବଳିଷ୍ଠ ଅଭିନୟ ଏବଂ ଫେତେହ ଟିମ୍ର ସହଯୋଗ ବଳରେ ଏହା ସଫଳ ହୋଇପାରିଛି।

ଏ ସମ୍ପର୍କରେ ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍ର ଏମ୍ଡି ତଥା ଉଦ୍ୟୋଗୀ ଓ ନିବେଶକ ଡା. ସଞ୍ଜୀବ ଜୁନେଜା କହିଥିଲେ, ଆମେ ବଲିଉଡ୍ ଫିଲ୍ମ ଫତେହ ସହ ସାମିଲ ହୋଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଫତେହର ସଫଳତା ପାଇଁ ମଧ୍ୟ ଶୁଭେଚ୍ଛା ଜଣାଉଛୁ।

ସେହିଭଳି କିଭଳି ଜଣେ କଠିନ ପରିଶ୍ରମ ଓ ବଳିଷ୍ଠ ଅଭିନୟକରି ଦର୍ଶକଙ୍କ ମନକୁ ଜିତି ପାରିଛନ୍ତି, ଏପରିକି କଠିନ ପରିଶ୍ରମ ସମୟରେ ଡା. ଅର୍ଥୋର ବ୍ରାଣ୍ଡ କିଭଳି କଳାକାରଙ୍କ କାମରେ ଲାଗି ପାରିଛି ସେ ବିଷୟରେ ମଧ୍ୟ ଜୁନେଜା ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିପରି ବ୍ରାଣ୍ଡ ଅର୍ଥୋର ଷ୍ଟ୍ରଙ୍ଗ୍ ଅଏଲର ଗୁଣବତ୍ତା ଓ କଠିନ ପରିଶ୍ରମକାରୀଙ୍କ ଲାଗି ଯେଉଁ ଉପକାରିତା ପ୍ରଦାନ କରୁଛି ସେ ବିଷୟରେ ମଧ୍ୟ ଏହି ଚଳଚ୍ଚିତ୍ରର ଅଭିନେତାମାନେ ନିଜ ନିଜର ମତ ଉପସ୍ଥାପନ କରିଛନ୍ତି। ଅପରପକ୍ଷରେ ବ୍ରାଣ୍ଡର ସମସ୍ତ ଉତ୍ପାଦ ଦୀର୍ଘଦିନ ହେବ ଲୋକଙ୍କ ହିତରେ ଏବଂ ଗ୍ରାହକଙ୍କ ସେବାରେ ରହିଛି। ଏପରିକି କମ୍ପାନୀର ଅନେକ ପ୍ରକାର ବ୍ରାଣ୍ଡ ବଜାରରେ ଉପଲବ୍ଧ ରହିଛି।

# ହୋଣ୍ଡା ଏଲିଭେଟ୍ର ନ୍ୟୁ ବ୍ଲାକ୍ ଏଡିଶନ

ନୂଆଦିଲ୍ଲୀ,୧୦।୧




ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ମଡେଲ ଏଲିଭେଟ୍ର ନ୍ୟୁ ବ୍ଲାକ୍ ଏଡିଶନ ନିକଟରେ ଅନାବରଣ ହୋଇଯାଇଛି। ଏପରିକି ଏସ୍ୟୁଭି ବର୍ଗର ଦୁଇଟି ସ୍ୱତନ୍ତ୍ର ଏଡିସନ 'ହୋଣ୍ଡା ଏଲିଭେଟ୍ ବ୍ଲାକ୍ ଏଡିଶନ ଏବଂ ହୋଣ୍ଡା ଏଲିଭେଟ୍ ସିଗ୍ନେଚର ବ୍ଲାକ୍ ଏଡିଶନକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଏହି ସ୍ୱତନ୍ତ୍ର ଏଡିସନଗୁଡିକ ନୂତନ କ୍ରିଷ୍ଟାଲ ବ୍ଲାକ୍ ପର୍ଲ କଲର (ରଙ୍ଗ)ରେ ଉପଲବ୍ଧ କରାଯାଇଛି। ଏପରିକି ବଜାରର ଚାହିଦା ଆଧାରରେ ଏହି ମଡେଲକୁ ପ୍ରଚଳନ କରାଯାଇଥିବାବେଳେ ଏହି ପ୍ରିମିୟମ ବ୍ଲାକ୍ ଏଡିଶନଗୁଡିକ ହୋଣ୍ଡାରୁ ବୋଲ୍ଡ, ସୋଫିଷ୍ଟିକେଟେଡ୍ ଏବଂ ଅନନ୍ୟ ଡିଜାଇନର ଏସ୍ୟୁଭି ଅନୁଭୂତି ଚାହୁଁଥିବା ଗ୍ରାହକମାନଙ୍କର ଆବଶ୍ୟକତା ପୂରଣ କରିବ ବୋଲି କୁହାଯାଉଛି। ଏଚ୍ସିଆଇଏଲ୍ର ପ୍ରେସିଡେଣ୍ଟ ତଥା ସିଇଓ ତାକୁୟା ସୁମୁରା କହିଥିଲେ, ଆମେ ଆମର ନୂତନ ବ୍ଲାକ୍ ଏଡିଶନକୁ ଆନୁଷ୍ଠାନିକ ଭାବେ ଅନାବରଣକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ ଅନନ୍ୟ, ପ୍ରିମିୟମ ଏବଂ ସ୍ୱତନ୍ତ୍ର ଏସ୍ୟୁଭି ପ୍ରକରଣ ନିମନ୍ତେ ଆମ ଗ୍ରାହକଙ୍କ ଦ୍ୱାରା ମଜଭୁତ ଚାହିଦା ରହିଥିଲା।

# ଜେଏସ୍ଏଲ୍ ଟିଜିସିର ମୁଖ୍ୟ ପ୍ରାୟୋଜକ

ଭୁବନେଶ୍ୱର,୧୦।୧

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ୨୦୨୫ ଜାନୁଆରୀ ୧୨ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ୩ ଦିନିଆ ସମ୍ମିଳନୀରେ ଟ୍ରାଇବାଲ୍ ଗ୍ଲୋବାଲ୍ କନ୍କ୍ଲେଭ୍ ବା ଟିଜିସି-୨୦୨୫ ଶୁକ୍ରବାର ଉଦ୍ଘାଟିତ ହୋଇଯାଇଛି। ଏପରିକି ୨୦୨୫ ଜାନୁଆରୀ ୧୨ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ୩ଦିନିଆ ସମ୍ମିଳନୀରେ ଭାରତର ସର୍ବବୃହତ୍ ଷ୍ଟେନ୍ଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନ୍ଲେସ୍ ଲିମିଟେଡ୍ (ଜେଏସ୍ଏଲ୍) ମୁଖ୍ୟ ପ୍ରାୟୋଜକ ଭାବେ ଭାଗୀଦାରି କରିବା ସହ କମ୍ପାନୀର ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କୁ ସୁନ୍ଦର ଭାବେ ପ୍ରଦର୍ଶନ କରୁଛି। ସେହିଭଳି ଏହା କମ୍ପାନୀ ପାଇଁ ଏକ ଗର୍ବର ବିଷୟ ହୋଇଥିଲାବେଳେ ଉକ୍ତ ସମ୍ମିଳନୀର ଅଂଶୀଦାର ଭାବେ ଜେଏସ୍ଏଲ୍ ତା'ର ସିଏସଆର୍ ପ୍ରକଳ୍ପର ହିତାଧିକାରୀଙ୍କ ଦକ୍ଷତା ଏବଂ କାରିଗରୀ ଉପସ୍ଥାପନ କରୁଛି। ଏପରିକି ସେମାନେ ଜେଏସ୍ଏଲ୍ ସହଯୋଗରେ ଶିଖିଥିବା ପାରମ୍ପରିକ କଳା, ହସ୍ତଶିଳ୍ପ କୌଶଳ ଏବଂ ଉତ୍ପାଦକୁ ଏଠାରେ ପ୍ରଦର୍ଶନ କରୁଛନ୍ତି। ଜିନ୍ଦଲ ଷ୍ଟେନ୍ଲେସ୍ ସିଏସ୍ଆର୍ର ଆଞ୍ଚଳିକ ମୁଖ୍ୟ ସୁକାନ୍ତ ରଥ କହିଥିଲେ, ଆମେ ଗୋଷ୍ଠୀ ସଶକ୍ତୀକରଣ ମାଧ୍ୟମରେ ହେଉଥିବା ରୂପାନ୍ତରଣ ଉପରେ ବିଶ୍ୱାସ କରୁ, ଏପରିକି ଆମେ ଆମର ସିଏସ୍ଆର୍ ପଦକ୍ଷେପ ମାଧ୍ୟମରେ ପ୍ରତିଭାର ବିକାଶ, ଐତିହ୍ୟ ସଂରକ୍ଷଣ ଏବଂ ଲୋକଙ୍କ ଅର୍ଥନୈତିକ ବିକାଶ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ।


# Classified Everyday
0674-2580101, 9692975378




REAL ESTATE

**SALE**

**4BHK Luxurious flat for sale at Unit-3 Kharavelanagar back side of Ram Mandir handover within 2months. Please contact- 9438362399.** D-2494

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି ପ୍ଲଟ ବିକ୍ରି ହେବ - 9556187814. D-2474

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9040307584, 9437040045.** D-2538




Full Body Massage Experience, Good Looking Therapist @999 (Bhubaneswar). 9078484455. D-2485

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2491

## AFFIDAVIT

By virtue of an affidavit sworn before Executive Magistrate, Dharmasala, dated: 08.01.2025. I, SASMITA SAHOO Address: Vill-Palar, P.O.- Jaraka, P.S.- Dharmasala, Dist.- Jajpur, declare that I have changed my name from MONALISHA SAHOO to SASMITA SAHOO. Henceforth, I shall be known as SASMITA SAHOO for all future purposes. D-2544

By virtue of an affidavit for Notary Public 10 Jan 2025, Madhusmita Dash, C/o- Girish Chandra Dash, Aadhaar xxxxxxxx6069 wrongly mentioned HSC or Aadhaar also name & DOB. It required to be produced for concerned authority for correction from Mamata Dash to Madhusmita Dash & DOB from 18.06.1991 to 27.03.1991 for all purposes. D-2537

By virtue of an affidavit sworn before the Executive Magistrate, Saintala, dt. 10.01.2025, I, Suresh Nanda, S/o- Bhika Nanda, R/o- Village- Bhorpada, P.O.- Siskela, P.S.- Saintala, Dist.- Balangir (Odisha), PIN- 767032 declare that now I have changed my son's name from Yaqub Nanda to Yedu Deva Nanda. Henceforth my son shall be known as Yedu Deva Nanda for all purposes.
Suresh Nanda D-2543

ଆମ୍ଭେ ମମତା ଦଳାଇ ଓରଫ ସଞ୍ଜୁଲତା ନାୟକ ଓରଫ ସଞ୍ଜୁଲତା ଦଳାଇ, ସ୍ୱାମୀ- ରମେଶ ଦଳାଇ, ଗ୍ରାମ- ଗୌଡ଼ପଡ଼ା, ପୋଷ୍ଟ- ଜାମୁଝାଡ଼ି, ଭାୟା/ଥାନା- ସିମୁଳିଆ, ଜିଲ୍ଲା - ବାଲେଶ୍ୱର ଅଟେ। ଗତ ତା୧୮।୧୧।୨୪ରିଖ ସିମୁଳିଆ ତହସିଲଦାରଙ୍କ ଇଜିଲାସ କରିଥିବା ସତ୍ୟପାଠ ନଂ.- ୪୦୦୫ ମୂଳେ ଘୋଷଣା କରୁଅଛୁ କି ଉପରୋକ୍ତ ତିନୋଟି ନାମ ମୋର ଅଟେ। ଆମ୍ଭ ବ୍ୟତୀତ ଆମ୍ଭ ଗ୍ରାମରେ ଉକ୍ତ ନାମରେ ଅନ୍ୟ କୌଣସି ମହିଳା ନାହାନ୍ତି। ଆମ୍ଭର ପ୍ରକୃତ ନାମ ମମତା ଦଳାଇ ସମସ୍ତ ପ୍ରକାର ସରକାରୀ କାଗଜପତ୍ରରେ ଉଲ୍ଲେଖ ଥିବାବେଳେ ଆମ୍ଭେ ଗତ ତା.୦୪।୧୨।୧୪ ମସିହାରେ ଆମ୍ଭର ନାମ ସଞ୍ଜୁକ୍ତା ଦଳାଇ ନାମରେ ଜାମୁଝାଡ଼ି ପୋଷ୍ଟାଲରେ ଆରପିଏଲଆଇ କରିଥିଲୁ। ଉକ୍ତ ନାମଧାରୀ ମହିଳା ଆମ୍ଭେ ଜଣେ ହୋଇଥିବାରୁ ଉକ୍ତ ଆରପିଏଲଆଇ ଟଙ୍କା ଉଠାଇବା ପାଇଁ ଏହା ଘୋଷଣା କରୁଅଛୁ। ଧ-୨୫୪୧

ମୁଁ ପ୍ରମୋଦ ସେଠୀ, ପିତା- ପବନି ସେଠୀ, ଗ୍ରାମ/ପୋଷ୍ଟ- ରଗଡ଼ି, ଥାନା- ବାଙ୍କି, ଜିଲ୍ଲା- କଟକ- ୭୫୪୦୦୮ ବାଙ୍କି ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ଙ୍କ ଅଦାଲତରେ ୩୦।୧୨।୨୦୨୪ ସତ୍ୟପାଠ ଅନୁଯାୟୀ ମୋର ସଂଜ୍ଞା "ସେଠୀ"ରୁ ପ୍ରଧାନକୁ ପରିବର୍ତ୍ତନ କରିଅଛି। ଏହି ଦିନଠାରୁ ଆମ୍ଭେ ସମସ୍ତ କ୍ଷେତ୍ରରେ ପ୍ରମୋଦ ପ୍ରଧାନ ଭାବେ ପରିଚିତ, ପଞ୍ଜୀକୃତ ହେବୁ।
ସ୍ୱା- ପ୍ରମୋଦ ପ୍ରଧାନ, ରଗଡ଼ି, ବାଙ୍କି, କଟକ ଧ-୨୫୪୫

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ୧୪ତମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସୁବାସିନୀ ମଲିକ**
ଗୁଆଗଡ଼ିଆ, ବାସୁଦେବପୁର, ଭଦ୍ରକ
ଆବିର୍ଭାବ: ୦୧।୦୧।୧୯୩୯
ତିରୋଧାନ: ୧୧।୦୧।୨୦୧୧
ତୁମ ସ୍ଥାନ ମା' କିଏ ପୂର୍ଣ୍ଣ କରିବ? ଜୀବନର ଯାତ୍ରା ସମୟର ରାସ୍ତା ଅଟକି ନ ଯାଇ ଗଡ଼ି ଚାଲିଲେ ବି ତୁମ ସ୍ଥାନ ଶୂନ୍ୟ ରହିଯିବ ....
ତୁମର ଅମର ଆତ୍ମାର ସଦ୍ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର: ଅକ୍ଷୟ, ଗଙ୍ଗାଧର, ରମାକାନ୍ତ, ବରୁଣ, ବନ୍ଧୁ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୨୪୬୦

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତଃ ରଣଜିତ ରାୟ**
ବରିଷ୍ଠ ଆଇନଜୀବୀ
ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଆପଣଙ୍କ ଅବର୍ତ୍ତମାନରେ ଆମ ଆଖିରୁ ଲୁହ ଶୁଖୁନି। ଆପଣଙ୍କ ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଲୀନ ହେଉ, ଏତିକି ପ୍ରାର୍ଥନା।
ଆପଣଙ୍କ ପରିବାର ଏବଂ ବନ୍ଧୁବର୍ଗ। ଧ-୭୬୦୩୭

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଦିନମଣି ମିଶ୍ର (ଗାଜିପୁର)**
ପ୍ରଫେସରପଡ଼ା, କଟକ
ଆବିର୍ଭାବ: ୧୪।୦୪।୧୯୩୧
ତିରୋଧାନ: ୦୧।୦୧।୨୦୨୫
ତୁମ ସ୍ମୃତି ଆମ ସମସ୍ତଙ୍କ ପାଇଁ ଅମ୍ଳାନ ହୋଇ ରହିଛି। ତୁମ ନିଷ୍ପଟତା, ସମାଜସେବା, ପରୋପକାରିତା, ଦୃଢ଼ ମନୋବଳ ଓ ସୂର୍ଯ୍ୟଦୀପ୍ତ କାର୍ଯ୍ୟଦକ୍ଷତା ଚିର ସ୍ମରଣୀୟ ହୋଇ ରହିବ। ତୁମ ଅମରାତ୍ମାର ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର: ପୁତ୍ର: ଅରବିନ୍ଦ, ବଧୂ: ଗୀତାଞ୍ଜଳି, କନ୍ୟା: ବେବି, ରୁବି, ଛବି, ଜ୍ୱାଇଁ: ସିଦ୍ଧାର୍ଥ, ମନମୋହନ, ନାତି: ବିଟୁନ, ପୁପନ, ରିଙ୍କା, ଟିଙ୍କୁ, ରିଷ୍ଣୁ, ସମ୍ପୂର୍ଣ୍ଣ, ଶ୍ରୀମୟ, ଶ୍ରୀନୁ। ଧ-୨୫୩୯

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଏଆଇଇସି ସହ ଆଇସିସିର ବୁଝାମଣା




ଭୁବନେଶ୍ୱର,୧୦।୧

ଏସିଆନ ଇଣ୍ଡିଆ ଇକୋନୋମିକ କାଉନସିଲ (ଏଆଇଇସି) ଏବଂ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଏହି ବୁଝାମଣା ଉଭୟ ପକ୍ଷର କମ୍ପାନୀ, ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ଲାଗି ଏକ ବୃହତ୍ ପ୍ଲାଟ୍ଫର୍ମ (ଫୋରମ) ସୃଷ୍ଟି କରିବା ଦିଗରେ ବେଶ୍ ସହାୟକ ହେବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ଭୁବନେଶ୍ୱରଠାରେ ଆୟୋଜିତ ପ୍ରବାସୀ ଭାରତୀୟ ଦିବସ-୨୦୨୫ ଅବସରରେ ଏହି ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର ହୋଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଇସିସି ଓଡ଼ିଶା ଅଧ୍ୟକ୍ଷ ରାଜୀବ ଶେଖର ସାହୁ, ଏଆଇଇସି ମାଲେସିଆ ଅଧ୍ୟକ୍ଷ ଡାଟୋ ରମେଶ କୋଡାମାଳ, ଏଆଇଇସି ଫିଲିପାଇନ୍ସ ସହ ଅଧ୍ୟକ୍ଷ ଜୋନି ଛୋଟରାଣୀ, ଇନ୍ଭେସିଫାଏ କମ୍ପାନୀ ଲିମିଟେଡ୍ ହାନୋଇ ଭିଏତ୍ନାମର ସିଇଓ ଇନ୍ଦ୍ରନିଲ ସେନ୍ଗୁପ୍ତା, ଓକାକ୍ର ପରିଚାଳନା ନିର୍ଦ୍ଦେଶକ (ସୂଚନା ପ୍ରଯୁକ୍ତିବିଦ୍ୟା) ବିଭାଗର ମାନସ ପଣ୍ଡା ଏବଂ ଆଇସିସି ଆଞ୍ଚଳିକ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପାଲଙ୍କ ଉପସ୍ଥିତରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା।

ସେହିଭଳି ଏହି ଚୁକ୍ତିନାମା ଅନୁଯାୟୀ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ, ଭାବର ଆଦାନ ପ୍ରଦାନ ଏବଂ ନିୟାମକ କ୍ଷେତ୍ରରେ ଏସିଆନ ଦେଶଗୁଡିକ ମିଳିତ ହୋଇ କାର୍ଯ୍ୟ କରିବେ। ପରିଶେଷରେ ଆଇସିସି ରାଜ୍ୟ ପରିଷଦର ଉପାଧ୍ୟକ୍ଷ ନୀଲାଞ୍ଜନା ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିରା ଷ୍ଟୋରରେ ଟିର୍ଟିର ଉତ୍ପାଦ ସମ୍ଭାର

ମୁମ୍ବାଇ,୧୦।୧




ରିଲାଏନ୍ସ ରିଟେଲର ପ୍ରମୁଖ ବ୍ରାଣ୍ଡ ତଥା ଟିରା ଷ୍ଟୋରରେ କୋରିଆ ସ୍କିନ୍ କେୟାର ଏବଂ ମେକ୍ଅପ୍ ବ୍ରାଣ୍ଡ ଟିରଟିରର ଉତ୍ପାଦଗୁଡିକ ଉପଲବ୍ଧ ହେଉଛି ବୋଲି ରିଲାଏନ୍ସ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ପ୍ରଥମ ଥର ପାଇଁ ଭାରତୀୟ ବଜାରର କୌଣସି ଷ୍ଟୋରରେ ଟିରଟିର ବ୍ରାଣ୍ଡର ସୌନ୍ଦର୍ଯ୍ୟ ଉତ୍ପାଦ ଓ ପ୍ରସାଧନ ସାମଗ୍ରୀ ଉପଲବ୍ଧ ହେବ। ଏହା ବ୍ୟତୀତ ଗ୍ରାହକମାନେ ଟିରା ଆପ୍ରୁ ମଧ୍ୟ ଟିରଟିର ଉତ୍ପାଦ କିଣିବାକୁ ସକ୍ଷମ ହେବେ। ସେହିଭଳି କୋରିଆର ଟିରଟିର ବ୍ରାଣ୍ଡ ତା'ର ଅଭିନବ ସୌନ୍ଦର୍ଯ୍ୟ ଉତ୍ପାଦ, ପ୍ରିମିୟମ ଗୁଣ ଏବଂ ଚମତ୍କାର ଫର୍ମୁଲେଶନ ସୂତ୍ର ପାଇଁ ବେଶ୍ ଜଣାଶୁଣା ହୋଇଥିଲାବେଳେ ଦୁନିଆର ବହୁ ସଂଖ୍ୟକ ଗ୍ରାହକ ଟିରଟିର ବ୍ରାଣ୍ଡର ସୌନ୍ଦର୍ଯ୍ୟ ଓ ପ୍ରସାଧନ ଉତ୍ପାଦକୁ ଅନୁସରଣ କରିଥାନ୍ତି। ବିଶେଷକରି ଏହାର ମାସ୍କ ଫିଟ୍ ରେଡ୍ କୁଶନ ଫାଉଣ୍ଡେଶନ ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲାବେଳେ ପ୍ରାରମ୍ଭିକ ଭାବେ ଟିରଟିର ବ୍ରାଣ୍ଡ କିଛି ନିର୍ଦ୍ଦିଷ୍ଟ ଟିରା ଷ୍ଟୋର୍ ସହିତ ଟିରା ଆପ୍ରେ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ। ସେହିପରି ପ୍ରାରମ୍ଭରେ ଏହା ମୁମ୍ବାଇର ଜିଓ ୱାର୍ଲ୍ଡ ଡ୍ରାଇଭ୍, ଅନ୍ଧେରୀ ଓ ମଲାଡ଼ ସ୍ଥିତ ଇନ୍ଫିନିଟି ମଲ୍ସମେତ ଦିଲ୍ଲୀର ବସନ୍ତକୁଞ୍ଜ ସ୍ଥିତ ଡିଏଲ୍ଏଫ୍ ଆଭେନ୍ୟୁ ଏବଂ ବେଙ୍ଗାଲୁରୁର ମଲ୍ ଅଫ୍ ଏସିଆ ଭଳି ୫ଟି ପ୍ରମୁଖ ଟିରା ଷ୍ଟୋରରେ ଟିରଟିର ବ୍ରାଣ୍ଡ ଉତ୍ପାଦ ଉପଲବ୍ଧ ହେଉଛି।

ଉଲ୍ଲେଖଯୋଗ୍ୟ, ଟିରଟିର ବ୍ରାଣ୍ଡର ଲୋକପ୍ରିୟ ଉତ୍ପାଦଗୁଡ଼ିକ ମଧ୍ୟରେ ହାଇଡ୍ରେଟିଂ ଏବଂ ସତେଜ ସ୍କିନ୍ କେୟାର ଏସେନସିଆଲ୍ ମିଲ୍କ-ସ୍କିନ୍ ଟୋନର, ଟିରଟିର ସେରାମିକ୍ କ୍ଷୀର ଏମ୍ପୁଲ ସାମିଲ ରହିଛି, ଯାହା ଏକ ପ୍ରିମିୟମ ସ୍କିନ୍ କେୟାର ସମାଧାନ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ରହୁଥିବା ମାସ୍କ ଫିଟ୍ ମେକଅପ୍ ଫିକ୍ସରକୁ ସହାୟତା କରିଥାଏ।

# ଭାରତର ସଂସ୍କୃତି ନିର୍ମାଣରେ ଆଦିବାସୀ

**ଡ. ମହେନ୍ଦ୍ର କୁମାର ମିଶ୍ର**

ଅବଲୋକନ



ଆଜି ଯାହାକୁ ଭାରତଭୂମି ରୂପେ ଆମେ ଦେଖୁଛୁଁ, ତାହାଠୁ ବି ବଡ଼ ଏକ ଭୂଖଣ୍ଡ 'ନାଗ' ଦେଶ ରୂପେ ପରିଚିତ ଥିଲା। ଭାରତର ଏହି ନାଗଭୂମି ପରିଚୟ ଖୁବ୍ ପ୍ରାଚୀନ। ବେଦ ଉପନିଷଦଠାରୁ ବି! ନାଗମାନେ ଆଜିର ଆଦିବାସୀ। ସେମାନେ ପ୍ରକୃତି ପୂଜା କରୁଥିଲେ। ପ୍ରକୃତିର ସନ୍ତାନ ରୂପେ ଅରଣ୍ୟର ସୁରକ୍ଷା ସେମାନଙ୍କ ଧର୍ମ ଓ କର୍ତ୍ତବ୍ୟ ଥିଲା। ଶାସ୍ତ୍ର ଲିଖିତ ହେବା ପୂର୍ବର ଅବସ୍ଥା ଇଏ। ପ୍ରକୃତି ପୂଜାର ଅନେକ ମନ୍ତ୍ର ଓ ସ୍ତୋତ୍ର ଏହି ନାଗ, ଅଷ୍ଟ୍ରିକ୍ ବା ମୁଣ୍ଡା ଗୋଷ୍ଠୀର ଲୋକଙ୍କ ଧର୍ମ ଧାରଣାରେ ଥିଲା, ଯାହା ପରେ ଦ୍ରାବିଡ଼ ଓ ଆର୍ଯ୍ୟଙ୍କ ବୈଦିକ ମନ୍ତ୍ରରେ ରୂପାନ୍ତରିତ ହେଲା। ଅଷ୍ଟ୍ରିକ୍‌ମାନେ ଅରଣ୍ୟ ସଭ୍ୟତାର ସଂରକ୍ଷକ ଓ ଦ୍ରାବିଡ଼ମାନେ ନଗର ସଭ୍ୟତାର ପ୍ରବର୍ତ୍ତକ। ଆର୍ଯ୍ୟ ଓ ଦ୍ରାବିଡ଼ ସଂସ୍କୃତିରେ ଅଷ୍ଟ୍ରିକ୍ ବା ମୁଣ୍ଡାରୀ ସଂସ୍କୃତିର ପ୍ରଭାବ, ଲୋକ ପୁରାଣ ତଥା ବେଦ, ଉପନିଷଦରେ ବର୍ଣ୍ଣିତ। କଥା ଶାସ୍ତ୍ରରେ ଲେଖା ହେଲାପରେ ଲେଖାକୁ ହିଁ ପ୍ରମାଣ ବୋଲି ସଭିଏଁ ମାନିଲେ। ଏହି ଶାସ୍ତ୍ର ଭିତରେ ବି ଆର୍ଯ୍ୟ- ଆଦିବାସୀର ସାଂସ୍କୃତିକ ସମନ୍ୱୟ ସ୍ଥାନ ପାଇଲା। ଆର୍ଯ୍ୟମାନେ ସୁର ଓ ଅନାର୍ଯ୍ୟ ଅସୁର। ଅନାର୍ଯ୍ୟ ଏକ ସଭ୍ୟତାର ପ୍ରତୀକ। ଆଜିର ଅବଜ୍ଞା ସୂଚକ ଶବ୍ଦ ନୁହେଁ। ସମୟ ଥିଲା ଅନାର୍ଯ୍ୟମାନେ ଆର୍ଯ୍ୟଙ୍କଠାରୁ ଉନ୍ନତ ମାନବସଭ୍ୟତାର ନିର୍ମାଣ କରିଥିଲେ। ସେକାଳରେ ଯେ କୌଣସି ବ୍ୟକ୍ତି ବା ଗୋଷ୍ଠୀ ଆର୍ଯ୍ୟ ହୋଇପାରୁଥିଲେ।

ଶତପଥ ବ୍ରାହ୍ମଣରେ ଉଲ୍ଲେଖ ଅଛି, ପ୍ରଜାପତି ଦେବ, ମାନବ ଓ ଦାନବଙ୍କୁ ବ୍ରହ୍ମଚାରୀ ବ୍ରତ ଧାରଣ କରାଇ ସେହି ତିନିଜଣଙ୍କୁ ଗୋଟିଏ ଅକ୍ଷରରୁ ହିଁ ଜ୍ଞାନ ଦେଲେ। ତିନିହେଁ କହିଲେ- ଗୁରୁଦେବ! ଆମକୁ ଶିକ୍ଷାଦିଅ। ପ୍ରଜାପତି କହିଲେ- 'ଦ'। ବୁଝିଲତ? ତିନିହେଁ କହିଲେ- ହଁ ଗୁରୁଦେବ, ବୁଝିଲୁ। ଗୁରୁ 'ଦେବ'ଙ୍କୁ ପଚାରିଲେ-କ'ଣ ବୁଝିଲ? ଦେବ କହିଲେ- ଆତ୍ମ ନିୟନ୍ତ୍ରଣ କର। ପ୍ରଜାପତି କହିଲେ- ତୁମେ ଠିକ୍ ବୁଝିଲ। ସେଇଠୁ ସେ ମାନବଙ୍କୁ ପଚାରିଲେ- ତୁମେ କହ 'ଦ' ଅର୍ଥ କ'ଣ ବୁଝିଲ? ମାନବ କହିଲେ- ଦୃଢ଼ ହୁଅ। ପ୍ରଜାପତି କହିଲେ- ଠିକ୍ ବୁଝିଛ। ଶେଷରେ ସେ ଦାନବଙ୍କୁ ପ୍ରଶ୍ନ କଲେ- 'ଦ' ଅର୍ଥ ତୁମେ କ'ଣ ବୁଝିଲ? ଦାନବ କହିଲେ- 'ଦୟାଳୁ ହୁଅ'। ପ୍ରଜାପତି ଖୁସି ହୋଇ କହିଲେ- ତୁମେ ତିନିହେଁ ସମସ୍ତେ ଠିକ୍ ବୁଝିଛ ଓ ଠିକ୍ ଉତ୍ତର ଦେଇଛ। ଏହା ହିଁ ଦୈବବାଣୀ। ଏହାକୁ ନେଇ ତୁମେ ସଂସାର ପାଳନ କର। ବୈଦିକ କାଳର ଏହି ଦେବ, ମାନବ, ଦାନବଙ୍କ ସେହି 'ଦ' ଅକ୍ଷରର ମାନବୀୟ ମୂଲ୍ୟବୋଧ ଆଜିର ଇତିହାସରେ ବଦଳିଯାଇଛି। ଆଦିବାସୀଙ୍କୁ ନାନା କଦର୍ଥ କରି ଶାସ୍ତ୍ର ପୁରାଣରେ ବର୍ଣ୍ଣନା ଅଛି, ହେଲେ ପ୍ରଜାପତିଙ୍କ ସେହି ଦାନବ 'ଦୟାଳୁ' ହୋଇ ଆଜି ସର୍ବହରା। ଆତ୍ମନିୟନ୍ତ୍ରଣକାରୀ ଏବଂ ଦୃଢ଼ ଦେବ ଓ ମାନବମାନେ ଦୟାଳୁ ଉପରେ ଦାଉ ସାଧିବା ଇତିହାସ ଓ ପୁରାଣରେ ଲିଖିତ।

ପ୍ରାକ୍‌ବୈଦିକ କାଳ ହିଁ ଅଷ୍ଟ୍ରିକ୍‌ମାନଙ୍କ କାଳ। ନାଗମାନଙ୍କ କାଳ। ମହାଭାରତ କାଳରେ କୃଷ୍ଣଙ୍କ କାଳୀୟ ନାଗ ଦଳନ କରିବା, ଅର୍ଜୁନ ଖାଣ୍ଡବବନ ଦହନ କରିବାରୁ ନାଗ ଜାତି ଲୋପ ପାଇଯିବା ଓ ତା'ର ପ୍ରତିଶୋଧ ନେବା ପାଇଁ ତକ୍ଷକ ନାଗ ପଣ କରିବା ପଛରେ ଏକ ସାଂସ୍କୃତିକ ସଂଘର୍ଷର ଚିତ୍ର ରହିଛି। ଆର୍ଯ୍ୟମାନେ ଜଙ୍ଗଲରେ ଯଜ୍ଞ କରିବେ, ଜଙ୍ଗଲରେ ନିଆଁ ଲାଗିଯିବ। ଜଙ୍ଗଲକୁ ବଞ୍ଚାଇବା ପାଇଁ ଆର୍ଯ୍ୟଙ୍କ ସହ ଲଢ଼େଇ କରିବେ ନାଗ। ଆର୍ଯ୍ୟ-ନାଗ ଯୁଦ୍ଧର ଏହାହିଁ କାରଣ। ଖାଣ୍ଡବ ବନରେ ମହୌଷଧି ଅଛି, ତାହା ଆର୍ଯ୍ୟଙ୍କର ପ୍ରୟୋଜନ। କିନ୍ତୁ ଜଙ୍ଗଲ ଧ୍ୱଂସ ହେଲେ ଦାନବ ରହିବେ କେଉଁଠି? ଅଗ୍ନିର ଉପାସକ ଆର୍ଯ୍ୟଙ୍କୁ ଜଙ୍ଗଲରୁ ତଡ଼ିବା ପାଇଁ ଥିବା ଦାନବଙ୍କ ଲକ୍ଷ୍ୟ ପଛରେ ନିହିତ ଥିଲା ପରିବେଶ ସୁରକ୍ଷା। ଏହା ସତ୍ତ୍ୱେ ଅନେକ ଦାନବ, ଅସୁର ସେ କାଳରେ ଆର୍ଯ୍ୟରେ ରୂପାନ୍ତରିତ ହୋଇଛନ୍ତି। ଆର୍ଯ୍ୟମାନେ ଅଗ୍ନିକୁ ଚିରକାଳ ଜାଳି ରଖୁଥିଲେ। ଓଡ଼ିଶାର ଜୁଆଙ୍ଗ ଏହି ଶାଶ୍ୱତ ଅଗ୍ନିକୁ ନିଜ 'ମଜାଙ୍ଗ୍' ବା ମଣ୍ଡଘରେ ଆଜି ବି ଜାଳି ରଖୁଛନ୍ତି। ଏହା ସେମାନଙ୍କ ଇତିହାସର କଥା। ଆଜି ବି ତାହା ଆଚରଣର ଅବଶେଷ ରୂପେ ଅଛି। ଆର୍ଯ୍ୟମାନଙ୍କ ଗୋତ୍ର ସନ୍ତକ ଥିଲା ଅଗ୍ନି। ରାକ୍ଷସମାନେ ଜଙ୍ଗଲକୁ ଅଗ୍ନି ଦାଉରୁ ରକ୍ଷା କରିବା ପାଇଁ ଯଜ୍ଞ ଧ୍ୱଂସ କରୁଥିଲେ। ମୋଟାମୋଟି ଭାବେ 'ଅଗ୍ନି'ର ବ୍ୟବହାରକାରୀ ଆର୍ଯ୍ୟଙ୍କୁ ଏକ ଅଲୌକିକ ଓ ଐଶ୍ୱରୀୟ ଶକ୍ତିର ପ୍ରତୀକ ରୂପେ ମାନି ରାକ୍ଷସ ଓ ତାଙ୍କ ସାଥୀମାନେ ଯେଉଁ ସାଂସ୍କୃତିକ ସଂଗ୍ରାମ କଲେ, ତା'ର ମୂଳ ଥିଲା ଜଙ୍ଗଲରେ ଅଗ୍ନି କୈନ୍ଦ୍ରିକ ସଂଘର୍ଷ। ଦାନବ, ରାକ୍ଷସମାନେ ଆର୍ଯ୍ୟ ଓ ଦ୍ରାବିଡ଼ଙ୍କଠାରୁ ଗ୍ରାମ ଓ ନଗର ସଭ୍ୟତା ଶିଖିଲେ। ଜମି ଉପରେ ଅଧିକାର ଶିଖିଲେ, ପୋଡ଼ା ଇଟାର ବ୍ୟବହାର ଶିଖିଲେ, ଜଙ୍ଗଲର ଜଡ଼ିବୁଟିକୁ ନେଇ ଔଷଧ ତିଆରି ଶିଖିଲେ। ଆମେ ଏବେ ଯାହାକୁ 'ଖଣତି' କହୁଛୁ, ଚେର ମୂଳ ଖୋଳିବାର କୋଡ଼ିକୁ 'ଖଣନ୍ତ' କୁହାଯାଉଥିଲା।

ସମୟକ୍ରମେ ଆର୍ଯ୍ୟ ଓ ଆଦିବାସୀଙ୍କର ସଂଘର୍ଷ ଓ ସମନ୍ୱୟ ରୂପ ପରିବର୍ତ୍ତନ କଲା। ଉଭୟ ସଂସ୍କୃତି ପରସ୍ପରଠାରୁ ବିବିଧ ଜୀବନଯାପନର ନାନା କୌଶଳ ଶିଖିଲେ। ଅସୁରୀ ଦୁହିତା ପ୍ରଥମେ ଜଡ଼ିବୁଟିର ଆବିଷ୍କାର କଲେ। ସାପ କାମୁଡ଼ା ଓ ରୋଗରୁ ମଣିଷକୁ ବଞ୍ଚାଇଲେ। ଔଷଧ, ମଦ୍ୟ ଓ ଲୁହାର ଆବିଷ୍କାର ପ୍ରଥମେ ଏହି ଦାନବ, ଅସୁର ଓ ରାକ୍ଷସମାନେ ହିଁ କଲେ। ଡିମିରିଗଛର ମହତ୍ତ୍ୱ ପ୍ରଥମେ ଏହି ଆଦିବାସୀ ହିଁ ସମସ୍ତଙ୍କୁ ଶିଖାଇଲେ। ପିତୃପୂଜା ପରମ୍ପରା ଆଦିବାସୀଙ୍କଠାରୁ ଆର୍ଯ୍ୟମାନେ ଶିଖିଲେ। ଆର୍ଯ୍ୟ ଆଦିବାସୀଙ୍କର ଐତିହାସିକ ସହାବସ୍ଥାନକୁ ନେଇ ଯେଉଁ ବିତର୍କ ଚାଲିଛି, ତହିଁରେ ସଂଘର୍ଷ ପକ୍ଷକୁ ହିଁ ବେଶି ଗୁରୁତ୍ୱ ଦିଆଯାଇଛି। ଏ ଦେଶର ସମ୍ବିଧାନ ତଥା ଦେଶର ସାଂସ୍କୃତିକ ସହାବସ୍ଥାନ ବିବିଧତାକୁ ସମ୍ମାନ ଦେଇ ଏକତା ରକ୍ଷା କରିବା ପ୍ରଥାକୁ ସ୍ୱୀକାର କରେ। ଏ ଦେଶର ଆଦିବାସୀଙ୍କ ମୌଖିକ ଇତିହାସ ଓ ଧର୍ମାଚାର ଯାହା ଲୋକଙ୍କ ଲିଖିତ ଶାସ୍ତ୍ରରେ ନାହିଁ ଅଥଚ ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ରହିଛି ତା'ର ଆଲୋଚନା ବଦଳରେ ଏକ ବିଭାଜନକାରୀ ତତ୍ତ୍ୱରେ ଲୋକେ ଜଡ଼ିତ। ଏ ଦେଶର ସହାବସ୍ଥାନକୁ ବିଗାଡ଼ିଥିବା ବିଦେଶୀ ସିଦ୍ଧାନ୍ତ ଓ ବିଭାଜନକାରୀ ତତ୍ତ୍ୱ ଉପରେ ଶିକ୍ଷିତ ସଂସ୍କୃତିପୁନରାବଲୋକନ କରିବା ଦରକାର।

ଆଦିବାସୀ ସଂସ୍କୃତି, ସଭ୍ୟତା ଓ ଶିକ୍ଷା ଆମ ସମୟରେ ଏକ ବୈଶ୍ୱିକ ଆହ୍ୱାନକୁ ମୁକାବିଲା କରିବାର ଶକ୍ତି ରଖିଛି। ଆଦିବାସୀ ବିଶ୍ୱଯୁଦ୍ଧ କରିନାହିଁ କିମ୍ବା କ୍ଷମତା ପାଇଁ ସନ୍ଧି କରି ନାହିଁ। ଅସଲ କଥା ଆଦିବାସୀର ଦୃଷ୍ଟି ଓ ଦର୍ଶନ ହେଉଛି ଏକ ବିଶ୍ୱ-ସଂସ୍କୃତି, ଯାହାର ପ୍ରତିକୂଳରେ ବିଦ୍ୟମାନ ବସ୍ତୁବାଦୀ ସଭ୍ୟତା। ସାରା ବିଶ୍ୱରେ ଏହି ଦୁଇ ଶକ୍ତିର ଲଢ଼େଇ। ଦଳେ କହୁଛନ୍ତି ଏ ଧରଣୀ ଆମର ମା', ଆମେ ଆମ ମା'କୁ ରକ୍ଷା କରିବୁ, ଆଉ ଦଳେ କହୁଛନ୍ତି ଧରଣୀ ମା' ହେବ କିପରି? ଏହା ନିରୋଳ ବସ୍ତୁ, ପ୍ରକୃତିକୁ ଯେତିକି ବ୍ୟବହାର କରିବ ସେତିକି ସୁଖ ସମୃଦ୍ଧି ମିଳିବ। ପ୍ରକୃତିର ଜୈବ ସାଂସ୍କୃତିକ ବିବିଧତାକୁ ଉପେକ୍ଷା କରି ଆଜିର ଆଧୁନିକ ବ୍ୟବସ୍ଥା ଯେପରି ପାହାଡ଼ କିଣାରେ ମାତିଛି, ତାହା ଖାଲି ସ୍ଥାନୀୟ ମଣିଷକୁ ନୁହେଁ, ବରଂ ପୃଥିବୀକୁ ଧ୍ୱଂସ ଆଡ଼କୁ ଟାଣିନେଉଛି। ଆଦିବାସୀ ସଂସ୍କୃତିର ମୂଳ ଆଦିବାସୀ ପ୍ରକୃତି ଓ ପ୍ରକୃତି ଭିତରେ ଥିବା ଈଶ୍ୱର ଓ ଧରଣୀମାତା। ଏ ପୃଥିବୀ ନ ବଞ୍ଚିଲେ ଆଧୁନିକ ମଣିଷ ବି ବଞ୍ଚିପାରିବ ନାହିଁ। ନିଜ ଅଜାଣତରେ ଆଜିର ମଣିଷ ଧ୍ୱଂସର ପୃଥିବୀ ଉପରେ ଠିଆ ହେଲାଣି। ଆଜିର ଦୁନିଆରେ ଶିକ୍ଷିତ ଆଦିବାସୀ ସଂସ୍କୃତି, ନିରକ୍ଷର ଆଦିବାସୀଙ୍କ ପାଇଁ ପ୍ରଥମେ ଆଗେଇ ଆସିବା ଦରକାର। ବ୍ୟବସ୍ଥାରେ ସଂସ୍କୃତିର ଜୟଗାନ ସଙ୍ଗେ ପ୍ରକୃତିର ଜୟଗାନ ନ ହେଲେ ସଂସ୍କୃତି ବା ବଞ୍ଚିବ କେଉଁଠୁ?

ମୋ: ୯୯୯୩୩୦୬୩୧୫

## ପୁସ୍ତକ ପରିଚୟ

### ୨୪ଟି ଭାରତୀୟ ଭାଷାର ନିର୍ବାଚିତ ଗଳ୍ପ ସଂକଳନ




**ଅନୁବାଦିକା:** କନକ ମଞ୍ଜରୀ ସାହୁ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍‌ଲିନ୍, ଆମେରିକା।
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୬୦/-

ମୋଟ ୨୪ଟି ଭାଷାର ୨୪ଟି ଗଳ୍ପର ଅନୁବାଦ ଏହି ସଂକଳନରେ ସ୍ଥାନିତ, ଯନ୍ମଧ୍ୟରୁ ନେପାଳୀ ଭାଷା ଅନ୍ୟତମ। ଅନ୍ୟ ୨୩ଟି ଭାଷା ହେଲା- ତାମିଲ୍, ଇଂଲିଶ୍, ମଣିପୁରୀ, କୋଙ୍କଣୀ, ମରାଠୀ, କୋକବୋରକ (ତ୍ରିପୁରା), ମୈଥିଳୀ, ମିଜୋ, ବଙ୍ଗଳା, ବୋଡ଼ୋ, ହିନ୍ଦୀ, ଖାସି (ମେଘାଳୟ), ପଞ୍ଜାବୀ, ରାଜସ୍ଥାନୀ, ତେଲୁଗୁ, ଅହମିୟା, ସିନ୍ଧି, ଗୁଜରାଟୀ, ଉର୍ଦ୍ଦୁ, ନାଗା (ନାଗାଲାଣ୍ଡ), ମାଲୟାଲମ୍, କନ୍ନଡ଼ ଓ କଶ୍ମୀରୀ (କାଶ୍ମୀର)। ଅନୁବାଦିକା ମୂଳ ଗଳ୍ପର ଲେଖିକାଲେଖକଙ୍କ ସଂକ୍ଷିପ୍ତ ପରିଚୟ ବହି ଶେଷରେ ଦେଇଛନ୍ତି। କିନ୍ତୁ ଯାହା ଗୁରୁତ୍ୱପୂର୍ଣ୍ଣ, ତାହା ଲେଖିବାକୁ ଭୁଲିଯାଇଛନ୍ତି ବା ପ୍ରୟୋଜନୀୟ ମଣିନାହାନ୍ତି। ତାହା ହେଲା- ଅନୁବାଦିକା କେଉଁ ଗଳ୍ପକୁ କେଉଁ ମୂଳଭାଷାରୁ ଓ କେଉଁ ଗଳ୍ପକୁ ହିନ୍ଦୀ, ଇଂଲିଶ୍, ବଙ୍ଗଳା ଓ ଅହମିୟା ଆଦି ଭାଷା-ମାଧ୍ୟମରୁ ଅନୁବାଦ କରିଛନ୍ତି, ତାହା ଜଣାଇନାହାନ୍ତି। ତା'ଛଡ଼ା ଅନୂଦିତ ଗଳ୍ପଗୁଡ଼ିକର ଶୀର୍ଷକ ମୂଳଭାଷାରେ କ'ଣ ଥିଲା ଓ ଗଳ୍ପଟି ମୂଳ ଲେଖକଙ୍କର କେଉଁ ବହି ବା କେଉଁ ପତ୍ରିକା ସୂତ୍ରରୁ ପ୍ରାପ୍ତ, ତାହା ମଧ୍ୟ ସୂଚାଇ ନାହାନ୍ତି। ଅନୁବାଦକାଳୀନ ନିଜର ଅନୁଭୂତି ବା ଅନୂଦିତ ଗଳ୍ପଗୁଡ଼ିକର ଅନନ୍ୟତା ବିଷୟରେ ସେ ନୀରବ ରହିଛନ୍ତି। ଏହା ସତ୍ତ୍ୱେ ଗଳ୍ପଗୁଡ଼ିକ କଳେବର ଦୃଷ୍ଟିରୁ ବେଶୀ ବଡ଼ ହୋଇ ନ ଥିବାରୁ ଓ ଅନୁବାଦର ଭାଷା ସାବଲୀଳ ଏବଂ ମନଛୁଆଁ ହୋଇଥିବାରୁ ଆଲୋଚ୍ୟ ପୁସ୍ତକଟି ପାଠକୀୟ ଆଦୃତି ପାଇବ ବୋଲି ଆଶା।

### ଚେନାଏ ହସ ପାଇଁ




**କବି:** ପୀତାମ୍ବର ମହାପାତ୍ର
**ପ୍ରକାଶକ:** ଆଷାଢ଼, ଜଗତ୍‌ସିଂହପୁର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୦୦/-

ମୋଟ ୬୮ଟି କବିତା ଆଲୋଚ୍ୟ କବିତା ସଂକଳନରେ ପତ୍ରସ୍ଥ। କବିତାଗୁଡ଼ିକର ବିଷୟ ବିବିଧ ଓ ବିଷୟକୁ ଆଶ୍ରୟ କରି ପ୍ରକାଶନ ଶୈଳୀ ମଧ୍ୟ ବିବିଧତାର ପରିଚାୟକ। ପ୍ରାୟ କବିତାରେ ସୁଖଦୁଃଖର ଜୀବନ ବଞ୍ଚୁଥିବା ଲୋକଟିଏକୁ ଆବିଷ୍କାର କରିହୁଏ। ଯଥା: 'ବାଇକୁ ମନକଥା କହୁଥିବା ମଣିଷଟିଏ'। ଏଥିରେ କବି ତାଳ ବାହୁଙ୍ଗାରେ ଝୁଲୁଥିବା ବାୟାକୁ ଡାକି କହନ୍ତି- ତୁ' ସେଇଠି ଭଲରେ ଥା'। କେବେ ବି ମଣିଷ ହେବାକୁ ଆଶା କରନା। କାରଣ ମଣିଷ ଜୀବନରେ ନାନା ବାଧା, ନାନା ବନ୍ଧନ। ମଣିଷ ଜୀବନ 'ମରିମରି ଜିଇବା'। ମୁମୂର୍ଷୁ ପ୍ରାୟ 'ଗାଁ ପାଠାଗାର' ବିଷୟରେ କହିବାକୁ ଯାଇ କବି କହନ୍ତି- ''ଗାଁ ପାଠାଗାରର କବାଟ ଅଗଷ୍ଟ ପନ୍ଦର ବା ଜାନୁଆରୀ ଛବିଶ ତାରିଖ ପୂର୍ବଦିନ ହିଁ ଖୋଲାଯାଏ। ପୁଣି ସେହି ନିର୍ଦ୍ଦିଷ୍ଟ ତାରିଖର ପୂର୍ବଦିନ ଯାଏ କବାଟ ବନ୍ଦ ଥାଏ।'' ବ୍ୟତିକ୍ରମ ସତ୍ତ୍ୱେ ଏହା ହିଁ ହେଉଛି ଗ୍ରାମାଞ୍ଚଳରେ ପ୍ରତିଷ୍ଠିତ ପାଠାଗାରଗୁଡ଼ିକର ସ୍ଥିତି। କବି ତାଙ୍କ କବିତାଗୁଡ଼ିକରେ ଆଖିଦେଖା ଓ ଅଙ୍ଗେନିଭା ଅନୁଭୂତି ନିଛକ, ନିରାଡ଼ମ୍ବର ଭାଷାରେ ବର୍ଣ୍ଣନା କରିଛନ୍ତି। ମୁକ୍ତ ବାସ୍ତବତାର ଏସବୁ କବିତା ଗୋଟିଏ ଗୋଟିଏ ଜୀବନ୍ତ ଦସ୍ତାବିଜ୍। ଅଭିମତ ଲେଖିଛନ୍ତି ଅଧ୍ୟାପକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଓ କହିଛନ୍ତି: ''କବିଙ୍କର ଯେତିକି କବିତା ଏ ଲେଖକର ଦୃଷ୍ଟିକୁ ଆସିଛି, ସବୁଥିରେ ସେ ଶୁଣିଛି ଛୋଟ ଏକ ପାହାଡ଼ୀ ଝରଣାର ଧ୍ୱନି। ସବୁଥିରେ ଦେଖିଛି କାଚକେନ୍ଦୁ ପାଣିରେ ଶରଦ ଆକାଶର ବିମ୍ବ ପରି ଭାବାବେଗର ବିମ୍ବ।'' ଆଶା, କବିତା ସଂକଳନଟି ପାଠିକାପାଠକଙ୍କ ଶ୍ରଦ୍ଧାଭାଜନ ହେବ।

## କାଳକାଳକୁ



**''ଜୀବନର ବହୁ ମୂଲ୍ୟବୋଧ ମଧ୍ୟରୁ ମୋର ପସନ୍ଦ ସ୍ୱାଧୀନତା।''**
**- ହାରୁକି ମୁରାକାମୀ**

**ହାରୁକି ମୁରାକାମୀଙ୍କ** ଜନ୍ମ ୧୨ ଜାନୁଆରୀ ୧୯୪୯ରେ ଜାପାନର କ୍ୟୋଟାରେ। ସେ ଏକାଧାରରେ କଥାକାର, ଔପନ୍ୟାସିକ, ପ୍ରାବନ୍ଧିକ ଓ ଅନୁବାଦକ। ତାଙ୍କର ପ୍ରସିଦ୍ଧ ପୁସ୍ତକଗୁଡ଼ିକ ମଧ୍ୟରୁ କେତୋଟି ହେଲା- 'ଦ ଉଇଣ୍ଡ୍-ଅପ୍ ୱାର୍ଡ଼', 'କ୍ରନିକଲ୍', 'କାଫ୍‌କା ଅନ୍ ଦ ସୋର୍, 'ମେନ୍ ୱିଦାଉଟ୍ ୱିମେନ୍, 'ଫାଷ୍ଟ ପରସନ୍ ସିଙ୍ଗୁଲାର', 'ଅଣ୍ଡରଗ୍ରାଉଣ୍ଡ' (ଅଣକଥା ଗ୍ରନ୍ଥ)। ୫୦ରୁ ଊର୍ଦ୍ଧ୍ୱ ଭାଷାରେ ମୁରାକାମୀଙ୍କ ଲେଖା ଅନୂଦିତ। ବିଶ୍ୱବ୍ୟାପୀ ବହୁବିକ୍ରିତ ଓ ପ୍ରଶଂସିତ। ଜାପାନୀ ଭାଷା ଓ ସାହିତ୍ୟକୁ ମୂଲ୍ୟବାନ୍ ଅବଦାନ ପାଇଁ ସେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାରରେ ସମ୍ମାନିତ, ଯହିଁରେ ଅନ୍ତର୍ଭୁକ୍ତ 'ଗୁଞ୍ଜୋ ଆୱାର୍ଡ଼' (ଯୁବ ଲେଖକଙ୍କ ପାଇଁ), 'ୱାର୍ଲ୍ଡ ଫାଣ୍ଟାସି ଆୱାର୍ଡ଼', 'ନୋମା ସାହିତ୍ୟ ପୁରସ୍କାର', 'ଫ୍ରାଞ୍ଜ୍ କାଫ୍‌କା ପୁରସ୍କାର', 'ଗୁଡ୍ ରେଡ୍‌ସ ଚଏସ୍ ଆୱାର୍ଡ଼' ଓ 'ଜେରୁଜେଲମ୍ ପ୍ରାଇଜ୍'। ଷ୍ଟିଭେନ୍ ପୋଲୋ 'ଦ ଗାର୍ଡିଆନ୍'ରେ ତାଙ୍କୁ ପ୍ରଶଂସା କରିବାକୁ ଯାଇ କହନ୍ତି: ''ହାରୁକି ହେଉଛନ୍ତି ପୃଥିବୀର ଶ୍ରେଷ୍ଠତମ ଜୀବିତ ଔପନ୍ୟାସିକ।'' ମୁରାକାମୀ କହନ୍ତି, ''ଯାହାର ପ୍ରେମ ଚିରନ୍ତନ ନୁହେଁ, ସେ ପ୍ରେମିକ ନୁହେଁ।''

## କବିତା

### ମୁଠାଏ ମଲାମାଟି

**ଅୟସ୍କାନ୍ତ**

ଜୀବନଟା ସାରା
ସ୍ୱପ୍ନର ସାମିଆନା
ଭୋକ ମୁଠେ ମିଳେ
ପୀରତି ପାଏନା ଦାନା
ଶୋଷ ପିଇପିଇ ଗିଲାସ ଭାଙ୍ଗେ
ରକ୍ତ କଣିକା
ବିଷ-ମିଠା-ମିହିଦାନା!

ଦର୍ପଣରେ ଏବେ
ଚିହ୍ନି ହୁଏନା ମୁହଁ
ବଞ୍ଚିପାରେନା ଛାତିରେ ଛାତିଏ କୋହ
ଜୀବନଟା ସିନା
ଖଟାପାଣି ଭରା ମୁସ୍‌ମୁସ୍ ଗୁପ୍‌ଚୁପ୍
ହଠାତ୍ ପଡ଼ଇ
ଯେହ୍ନେ ଅଲୋଡ଼ା
ଜୋତାପୋଛା ମଳିକନା!

ଆଲ୍ଲା ଯିଶୁର ମନ୍ତ୍ର କାହିଁବା
କାହିଁ ମହମ୍ମଦ ଖୁଜା
ମଣିଷ ଜୀବନ ପାଲଟିଚି ଏବେ
ଚିକେନ୍ ମଦର ଢାବା
ଚାରିବେଦ ତୁମେ ନିର୍ବେଦ ଏବେ
ଯିଶୁ ସାଜିଥାଏ ଦୋଷୀ
ଜନତା ଦେଖଇ ନେତା-ଅଭିନେତା
ସାଜି ଛାଡ଼ଖାଇ ଖାସି!

ବାସୁ ଗୁଗ୍‌ଗୁଳ ଉଠୁ ହିଙ୍ଗୁଳ
ଉଠ ମୁଦ୍‌ଗର କାତି
ଆସ ପ୍ରେମର ଭିକ୍ଷା ମାଗିମାଗି ତମେ
ଶିବାଜୀ ଛତ୍ରପତି
ବିଲବଣ ତଳୁ,
ମାଟି ମହଲାରୁ ଡାକଛାଡ଼େ
ମୁଁ ଯେ 'ଚାଲିଆ' ଭାଇ ଚାଲିଆ
ମୁଁ ଯେ କାଳିଆ ମୁହଁରେ
ନାଲି ହସ ଧାରେ
ସଗର୍ବେ କହେ ଓଡ଼ିଆ ମୁଁ ଯେ ଓଡ଼ିଆ।

ମୋ: ୮୭୬୩୩୯୩୧୧୬

### ଅସ୍ତିତ୍ୱ

**ମୟୂରୀ ଦାଶ**

**ଡେଣା**ଝଡ଼ା ପକ୍ଷୀ
ଦେଖେ କି ଆକାଶକୁ ପ୍ରେମରେ?
କି ଦେଖେ କ୍ରୋଧରେ, ଅଭିମାନରେ?
ଲୁଚାଏ କି ନିଜର ଅସହାୟତାକୁ
ରାତିର ଘନ ଅନ୍ଧକାରରେ?
କି ନିରନ୍ତର ତା' ଉଡ଼ିବାର ସ୍ୱପ୍ନକୁ
ସାକାର କରିବାର ପ୍ରୟାସ କରେ?
ଅବା
ଆକାଶ ବିନା ତା' 'ଅସ୍ତିତ୍ୱ' ଖୋଜିବାକୁ
ଥାଏ ଗୋଟେ ସୂକ୍ଷ୍ମ କିରଣର ଅପେକ୍ଷାରେ?

ମୋ: ୬୩୭୧୮୦୬୩୦୨

### ବାଟୋଇ

**ଡ. ନିର୍ମଳ ଚନ୍ଦ୍ର ଶୂରଦେଓ**

**ପ**ଥ ପଡ଼ିଛି ଆଗକୁ ଆଗକୁ
ବାଟୋଇଟିଏ ମୁଁ
କେବେ ପାରିହେବି ସେ ପଥ।
ଅନ୍ଧାର ଅନ୍ଧାର ଦିଶୁଛି,
ଝାପ୍‌ସା ଆଲୁଅ
ମଝିରେ ମଝିରେ ହସୁଛି।

ପଥର ଦେହରେ
ଖାଲ, ଖମା ଆଉ କଣ୍ଟା
କେଉଁଠି ସେ ସିଧା ତ
କେଉଁଠି ଅଙ୍କାବଙ୍କା।
ଚାଲିଛି...ଚାଲିବି
ନ ପଡ଼ିବି ଥକି ଆସୁପଛେ
ଯେତେ ଝଡ଼ଝଞ୍ଜା।

କେବେ ମୁଁ ହୋଇଯିବିନି
ବାଟବଣା।
ଜନ୍ମରୁ ଏଯାଏ
ବହୁପଥ ପାର ହୋଇଛି
ଜାଣିଛି!
ମୃତ୍ୟୁଯାଏ ଏପଥ ଲମ୍ବିଛି,
ସମୟ ତା' ବାଟେବାଟେ ଚାଲିଛି
ତ ବାଟୋଇଟିଏ ମୁଁ
ବାକିଥିବା ପଥର ହିସାବ କରୁଛି।

ମୋ: ୯୯୩୮୩୦୯୬୫୨

### ସେ କେବଳ ବାପା

**ଅନସୂୟା ପଣ୍ଡା**

**କଳ୍ପ** କଳ୍ପ ଇଚ୍ଛାର
ବିକଳ୍ପ ବାପା ମୋ'ର
ସାମର୍ଥ୍ୟରୁ ଊର୍ଦ୍ଧ୍ୱରେ ପ୍ରୟାସ ଯାହାର।

ସ୍ୱେଦଭିଜା ଅଦଡ଼ ଦେହରେ
ଯିଏ ବାଣ୍ଟେ ଖୁସିର ଅତର
ଭୂରିଭୂରି ବାତ୍ସଲ୍ୟରେ
ଜୀବନ ମହକେ ନାନା ମତେ
ସମ୍ପର୍କ ରକ୍ଷାରେ ଭଲପାଇବାରେ
ଆଶିଷ ଯାହାର ସାହା
ସେ କେବଳ ବାପା।

ଅନ୍ଧାରକୁ ଦୂରେଇପାରେ
ଗାମୁଛାଏ ଭରସା ଯାହାର
ମଉଳା ଜୀବନେ କରିପାରେ
ପ୍ରାଣ ସଞ୍ଚାର ନୂତନ ଆଲୋକେ
କଳ୍ପବଟ ପରି କରୁଥାଏ
ପୂରଣ କାମନାର,
ସେ କେବଳ ବାପା।

ସଂସାରର ଭରପୂର କ୍ରୂରତାରେ
ନିଜକୁ ଢାଳି ନିଃସ୍ୱାର୍ଥ ଅନୁକମ୍ପାରେ ଯେ
ଲହରିତ ଶୀତଳ ସମୀର
ସେ କେବଳ ବାପା।

ମୋ: ୯୪୩୯୨୧୧୯୭୧

### ଗୀତି-କବିତା

### ଫଗୁଣ ଫେରିଲା ପରେ

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

**ସେ** ଝୁମିଲା ପାଦ ନୀରବିଯାଇଛି
ଫଗୁଣ ଫେରିଲା ପରେ
ସ୍ମୃତିର ରକତ ନିତି ଭିଜାଉଛି
ଆଖିପତା ଲୁହ ଧାରେ।

ସବୁଜ ବନର ହୃଦୟ ପ୍ରାନ୍ତରେ
ମରୁ ମରୀଚିକା ଛାୟା
ଶିଥିଳ ସମୟ ପାସୋରି ଦେଇଛି
ପ୍ରତିଶ୍ରୁତିଭରା କାୟା।

ପଦପ୍ରାନ୍ତରେ ନଥିଲା ପାଉଁଜି
ନିଃଶବ୍ଦର ନିରାଜନା
ପାଗଳ ପବନ ନିଶୀଥରେ କରେ
ଛଳନାର ଆରାଧନା।

କଳା କୋଠରିରେ କାଳ ବଇଶାଖୀ
ତାଣ୍ଡବ ରଚୁଥିଲା
କେମିତି ସହିବ କୋମଳ ପରାଣ
ଲୁହ ତା'ର ସାଥୀ ଥିଲା।

ଶୁଖା ଶୁଖା ଲାଗେ ଶ୍ରାବଣର ରାତି
ଅଭିନୟ କାତି ମାରେ
ସେ ଝୁମିଲା ପାଦ ନୀରବିଯାଇଛି
ଫଗୁଣ ଫେରିଲା ପରେ।

ମୋ: ୭୩୭୭୩୧୮୭୮୯

## ଲଘୁଗଳ୍ପ

### ପରିବାବାଲି

**ଦୀପକ କୁମାର ମହାନ୍ତି**

ଜୀବନର ଅନ୍ୟ ନାମ ସଂଘର୍ଷ। ସେଇ ସଂଘର୍ଷ ନିଆଁରୁ ଜନ୍ମନିଏ ଗୋଟିଏ କଳିକା, ନାଁ ଯାହାର ବାସନ୍ତୀ।

ମହାମାରୀ ଆସିଲା। ଉଜାଡ଼ି ଦେଲା ବାସନ୍ତୀର ସଂସାର। କରୋନାରେ ସ୍ୱାମୀ ଚାଲିଗଲା ପରେ ଗାଁରେ ତା'କୁ ନିଆଁ, ପାଣି ବାସନ୍ଦ କରିଦେଲେ। କାମ ଧନ୍ଦା ମିଳିଲା ନାହିଁ। ପେଟରେ ଓଦା କନା ଦେଇ ରାତି ରାତି କଟାଇଲା ସେ। ଛୁଆ ଦୁହିଁଙ୍କ ମୁହଁରେ ଆହାର ଟିକେ ଦେବା ପାଇଁ ବାର ଦୁଆର ହାତ ପତାଇଲା, କେତେ କାକୁତିମିନତି ହେଲା। କେହି ଶୁଣିଲେ ନାହିଁ। ସବୁ ଥିଲେ ନୀରବଦ୍ରଷ୍ଟା। ଶେଷରେ ବାସନ୍ତୀ ଜଣେ ସମ୍ପର୍କୀୟ ଭାଇ ସହ ଚାଲିଆସିଲା ସହରକୁ।

ବହୁ ବାଧାବିଘ୍ନ ପରେ ବାସନ୍ତୀ ସହରରେ ଥିବା ଏକ ବସ୍ତିରେ ରହିବାକୁ ଘରଟିଏ ପାଇଲା। ଟ୍ରଲିଟିଏ ଭଡ଼ାରେ ଆଣି ପରିବା ବେପାର ଆରମ୍ଭ କଲା।

ସକାଳୁ ସକାଳୁ ଟ୍ରଲିରେ ପରିବା ନେଇ ବିକିବା ପାଇଁ ସେ ଟ୍ରାଫିକ ଛକ ନିକଟକୁ ବାହାରିପଡ଼େ। ନିତି ଯାହା ରୋଜଗାର ହୁଏ, ସେଥିରେ ଟ୍ରଲି ଭଡ଼ା ଦେଇ ସାରି ବାକି ପଇସାରେ ତେଲ ଲୁଣ ସଂସାରଟି ଚଳାଇନିଏ କଷ୍ଟେମଷ୍ଟେ। ସେ ଦିନ ଥିଲା କିନ୍ତୁ ଅଲଗା। ବେପାର ନ ହେବାରୁ ମନଦୁଃଖରେ ବାସନ୍ତୀ ଘରକୁ ଫେରିଲା। ଅପାର ମୁହଁ ଶୁଖି ଯାଇଥିବାରୁ ଭାଇ ପଚାରିଲା, ଦିଦୀ! ଆଜି ଏତେ ଜଲ୍‌ଦି ଫେରିଆସିଲୁ? କ'ଣ ହେଇଛି?

ଟ୍ରାଫିକ୍ ଛକ ନିକଟରେ ଥିବା ଅଫିସ୍‌ର ବଡ଼ବାବୁ ଆଜି ବସିବାକୁ ଦେଲେ ନାହିଁ। ସବୁ ଦିନ ମୋ' ପାଖରୁ ପରିବା ମାଗଣା ନିଅନ୍ତି। ପଇସା ମାଗିଲେ ନାଲିଆଖି ଦେଖାଇ କୁହନ୍ତି, ପଇସା ମାଗୁଚୁ। ତୋର ବେପାର କରିବାକୁ ଇଚ୍ଛା ନାହିଁ ବୋଧେ! ତେଣୁ ଭୟରେ କିଛି କୁହେ ନାହିଁ। ଆଜି ମୋର ବହିନି ହୋଇନଥିଲା। ପ୍ରଥମ ଗରାଖ ହିସାବରେ ତାଙ୍କୁ ନେହୁରା ହୋଇ ପଇସା ମାଗିଲି, ପଇସା ନ ଦେଇ ମୋ' ଟ୍ରଲିକୁ ଟେକି ଫୋପାଡ଼ିଦେଲେ। କହିଲେ, ଯା' ତୁ ଏଠି ବସି ପାରିବୁନି। ପରିବାଗୁଡ଼ିକ ରାସ୍ତା ଉପରେ ଏଣେତେଣେ ଛିଟିକି ପଡ଼ିଲା। ବହୁତ ପରିବା ନଷ୍ଟ ହୋଇଗଲା। ଗାଡ଼ିମୋଟର ଆସୁଥିବାରୁ ସେଗୁଡ଼ିକୁ ଗୋଟାଇ ଆଣିପାରିଲି ନାହିଁ। ଲୋକମାନେ ରୁଣ୍ଡ ହୋଇଗଲେ। ଚୁପ୍‌ଚାପ୍ କାହାକୁ କିଛି ନ କହି ଘରକୁ ଫେରିଆସିଲି। ଏ କଥା କହିଲାବେଳେ ବାସନ୍ତୀ ଭେଁ ଭେଁ ହୋଇ କାନ୍ଦିଲା। ଏତିକିବେଳେ ଘର ମାଲିକ ଆସିବାରୁ ତାଙ୍କ ଆଗରେ ସତ ଘଟଣା ପ୍ରକାଶ ନ କରି କଥାର ମୋଡ଼ ବଦଳାଇଦେଲା ସେ।



ତା' ପରଠୁ ବାସନ୍ତୀ ଟ୍ରାଫିକ୍ ଛକରେ ପରିବା ବିକିବା ବନ୍ଦ କରିଦେଲା। ଟ୍ରଲି ବଦଳରେ ପରିବା ସବୁ ଝୁଡ଼ିରେ ଭର୍ତ୍ତି କରି କଲୋନୀରେ ବୁଲି ବୁଲି ବିକିଲା।

ଦିନ ଗଡ଼ିଚାଲିଲା। ବଡ଼ବାବୁଙ୍କ ଦୌରାତ୍ମ୍ୟ ବଢ଼ିବାକୁ ଲାଗିଲା ପରିବାବାଲିଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ଉପରେ। ଦାଣ୍ଡରେ ପଡ଼ି ହାଟରେ ଗଡ଼ିବା ଭଳି ବାବୁଙ୍କ କାରନାମା ବିଷୟ ଉପର ହାକିମଙ୍କ କାନରେ ପଡ଼ିଲା। ଯେତେ ତାଗିଦା କଲେ ବି ସେ ମାନିଲେ ନାହିଁ। ଘଟଣାକ୍ରମେ ବଡ଼ବାବୁ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲ୍ ଗଲେ। ଜାମିନ ମିଳିଲା ନାହିଁ।

ବାବୁଙ୍କ ପରିବାରରେ ଅଶାନ୍ତିର ଝଡ଼ ବହିବା ଆରମ୍ଭ ହେଲା। ଭିଜିଲାନ୍ସ ଜାଲରେ ପଡ଼ିଥିବାରୁ ତାଙ୍କ ଘରକୁ କେହି ଆସିଲେ ନାହିଁ। ଲୋକଲଜ୍ଜାରେ ବାବୁଆଣୀ ମଧ୍ୟ କାହା ଘରକୁ ଗଲେ ନାହିଁ କି ପଦେଅଧେ କଥା କାହା ସାଙ୍ଗରେ ହୋଇ ପାରିଲେ ନାହିଁ। କଲୋନୀ ବାସିନ୍ଦା ବାବୁଙ୍କ ବିଷୟରେ ଚୁପୁରୁଟାପର ଆରମ୍ଭ କରିଦେଲେ। କଥାଗୁଡ଼ିକ ବାସନ୍ତୀ କାନରେ ପଡ଼ିଲା।

ସେ ପଟେ ବାପାଙ୍କ ଅନୁପସ୍ଥିତିର ପ୍ରଭାବ ପିଲାଙ୍କ ଉପରେ ବି ପଡ଼ିଲା। ମିଛ କହି ବାବୁ ମା', ପିଲାମାନଙ୍କୁ ଯେତେ ବୁଝେଇବାକୁ ଚେଷ୍ଟା କଲେ ବି ନିରାଶ ହେଲେ। ଶେଷରେ ପିଲାମାନଙ୍କ ମନ ଭୁଲେଇବା ପାଇଁ ସେମାନଙ୍କୁ ଧରି ୧୫ ଦିନ ଲାଗି ବାପ ଘରକୁ ଚାଲିଗଲେ ସେ।

ସମୟ କଡ଼ ଲେଉଟାଇଲା। ଦୁଇ ମାସ ପରେ ବଡ଼ବାବୁ ଜେଲରୁ ମୁକୁଳିଲେ। ନିଜ କର୍ମ ଫଳ ନିଜେ ଭୋଗୁଥିଲେ। ଆହା ପଦେ କହିବାକୁ ପାଖରେ କେହି ନ ଥିଲେ,ଏପରିକି ପରିବାରର ଲୋକେ। ଘୋର ବିଷାଦରେ ବାବୁ ଘରେ ସମୟ କାଟୁଥିଲେ। କେତେବେଳେ ଦିନ ଯାଇ ରାତି ହେଉଥିଲା ଜାଣିପାରୁନଥିଲେ।

ହଠାତ୍ କଲିଂବେଲ୍ ବାଜିଲା। କବାଟ ଖୋଲି ଦେଖିଲେ ପରିବାବାଲି ବାସନ୍ତୀ ହାତରେ କିଛି ପରିବା ଧରି ଛିଡ଼ା ହୋଇଚି। ଚିହ୍ନି ନ ଚିହ୍ନିଲା ପରି ବାବୁ ପଚାରିଲେ, ତୁମେ କିଏ? ଏଠାକୁ କାହିଁକି ଆସିଛ?

ଆଜ୍ଞା! ମୋତେ କ'ଣ ଚିହ୍ନି ପାରୁନାହାନ୍ତି? ମୁଁ ସେଇ ପରିବାବାଲି ବାସନ୍ତୀ। ଆପଣଙ୍କର ଆଉ ଦେଖାନାହିଁ। ବାବୁ ମା' ମଧ୍ୟ ଆସୁନାହାନ୍ତି। ଭାବିଲି କିଛି ପରିବା ନେଇ ବାବୁଙ୍କ ଘରେ ଦେଇ ଆସେ।

ବାବୁ ଥକା ମାରି ବସିପଡ଼ିଲେ। ଏତିକି ବେଳେ ସହର ଉପକଣ୍ଠରୁ ଏକ ଗୀତ ବାଜୁଥିବାର ଶୁଣାଯାଉଥିଲା, 'ମଣିଷ ସମୟର ଦାସରେ, ସମୟର ଦାସ... ମଣିଷ...।'

ମୋ: ୯୪୩୮୩୨୯୦୫୯

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୧/୨୦୨୫ Bhubaneswar, Saturday, January 11/ 2025

# ନୀରଜ ବିଶ୍ୱର ଶ୍ରେଷ୍ଠ ଜାଭେଲିନ୍ ଥ୍ରୋୟର

**ନୂଆଦିଲ୍ଲୀ, ୧୦।୧ (ପି.ଟି.):** ଭାରତର ପ୍ୟାରିସ ଅଲିମ୍ପିକ୍ସ ରୌପ୍ୟ ବିଜେତା ନୀରଜ ଚୋପ୍ରା ଆମେରିକାର ବିଶ୍ୱ ପ୍ରସିଦ୍ଧ 'ଟ୍ରାକ୍ ଆଣ୍ଡ୍ ଫିଲ୍ଡ ନ୍ୟୁଜ୍' ମାଗାଜିନ୍ ଦ୍ୱାରା ୨୦୨୪ ବର୍ଷ ପାଇଁ ବିଶ୍ୱର ଶ୍ରେଷ୍ଠ ପୁରୁଷ ଜାଭେଲିନ୍ ଥ୍ରୋୟର ବିବେଚିତ ହୋଇଛନ୍ତି। ଗତବର୍ଷ ଅଗଷ୍ଟରେ ୨୭ ବର୍ଷୀୟ ଚୋପ୍ରାଙ୍କୁ ପରାସ୍ତ କରି ପାକିସ୍ତାନର ଅର୍ଶାଦ ନଦୀମ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ଜିତିଥିଲେ। କାଲିଫର୍ନିଆରୁ ପ୍ରକାଶିତ ଏହି ମାଗାଜିନ୍‌ରେ ୨୦୨୪ ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଚୋପ୍ରା ଦୁଇଥର ବିଶ୍ୱ ଚାମ୍ପିୟନ ଗ୍ରେନେଡାର ଆଣ୍ଡରସନ ପିଟର୍ସଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ନେଇଛନ୍ତି। ର୍‍ୟାଙ୍କିଙ୍ଗ ତାଲିକାରେ ନଦୀମ ୫ମ ସ୍ଥାନରେ ରହିଛନ୍ତି। ୨୦୨୪ରେ ଅଲିମ୍ପିକ ଗେମ୍ସ ବ୍ୟତୀତ ସେ ଆଉ ମାତ୍ର ଗୋଟିଏ ଇଭେଣ୍ଟରେ ଭାଗ ନେଇଛନ୍ତି। ଅଲିମ୍ପିକ୍ସରେ ସେ ୯୨.୯୭ ମିଟର ଥ୍ରୋ କରିଥିବା ବେଳେ ଚୋପ୍ରା ୮୯.୪୫ମିଟର ଥ୍ରୋ କରିପାରିଥିଲେ।

# ଆୟର୍ଲାଣ୍ଡ ବିପକ୍ଷରେ ଭାରତ ବିଜୟୀ

**ମହିଳା ଦିନିକିଆ କ୍ରିକେଟ**

ରାଜକୋଟ, ୧୦।୧

ପ୍ରତିକା ରାୱଲ ଓ ତେଜାଲ ହସବନିସଙ୍କ ଶତକୀୟ ଭାଗୀଦାରି ବଳରେ ଭାରତ ଶୁକ୍ରବାର ଅନୁଷ୍ଠିତ ମହିଳା ଦିନିକିଆ କ୍ରିକେଟ ସିରିଜର ପ୍ରଥମ ମ୍ୟାଚରେ ଆୟର୍ଲାଣ୍ଡକୁ ୬ ଉଇକେଟରେ ପରାସ୍ତ କରିଛି। ଅଧିନାୟିକା ଗାବି ଲିୱିସଙ୍କ ୯୨ ରନ ବଳରେ ଆୟର୍ଲାଣ୍ଡ ୫୦ ଓଭରରେ ୭ ଉଇକେଟ ହରାଇ ୨୩୮ ରନ କରିଥିଲା। ଜବାବରେ ଭାରତ ପ୍ରତିକା ରାୱଲଙ୍କ ୮୯ ରନ ସହାୟତାରେ ୩୪.୩ ଓଭରରେ ୪ ଉଇକେଟ ହରାଇ ୨୪୧ ରନ ସଂଗ୍ରହ କରି ନେଇଥିଲା। କ୍ୟାରିୟର ଶ୍ରେଷ୍ଠ ଇନିଂସ ପାଇଁ ପ୍ରତିକା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ବିଜୟ ଫଳରେ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

ଟପ୍ ଅର୍ଡରର ୪ ବ୍ୟାଟର ଫେଲ୍ ମାରିଥିଲେ ମଧ୍ୟ ଲିୱିସଙ୍କ ଦୃଢ଼ ବ୍ୟାଟିଂ ଯୋଗୁ ଆୟର୍ଲାଣ୍ଡ ଏକ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ଲିୱିସ ନିଜ ୯୨ ରନ ଇନିଂସ ମଧ୍ୟରେ ୧୫ ଚୌକା ମାରିଥିଲେ। ଲୋୟର ଅର୍ଡରରେ ଲିଆ ପଲ୍ ୫୯ ଓ ଆର୍ଲେନେ କେଲି ୨୮ ରନର ଉପଯୋଗୀ ଯୋଗଦାନ ଦେଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ପ୍ରିୟା ମିଶ୍ର ୨ଟି ଏବଂ ଟିଟାସ ସାଧୁ, ସାୟାଲି ସତଘରେ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୩୯ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତୀୟ ଅଧିନାୟିକା ସ୍ମୃତି ମନ୍ଧାନା ଓ ପ୍ରତିକା ରାୱଲଙ୍କ ସହାୟତାରେ ଦୃଢ଼ ଭିତ୍ତି ପ୍ରକାଇଥିଲା। ଓପନିଂ ଯୋଡ଼ିରେ ଦୁହେଁ ୭୦ ରନ ଯୋଗ କରିବାପରେ ମନ୍ଧାନା ୨୯ ବଲ୍‌ରୁ ୪୧ ରନକରି ଆଉଟ ହୋଇଥିଲେ। ଏହି ଅବସରରେ ମନ୍ଧାନା ଦ୍ୱିତୀୟ ଭାରତୀୟ ଏବଂ ଓଭରଅଲ୍ ୧୫ଶ ମହିଳା ଭାବେ ଦିନିକିଆରେ ୪୦୦୦ ରନ ଅତିକ୍ରମ କରିଥିଲେ। ଭାରତର ମିଥାଲି ରାଜ ୭୮୦୫ ରନକରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ସ୍ମୃତିଙ୍କ ବିଦାୟ ପରେ ମିଡିଲ ଅର୍ଡରରେ ମିନି ବିପର୍ଯ୍ୟୟ ଘଟିଥିଲେ ମଧ୍ୟ ପ୍ରତିକା ଓ ତେଜାଲ ୫ମ ଉଇକେଟରେ ୮୪ ବଲ୍‌ରୁ ଦ୍ରୁତ ୧୧୬ ରନର ଭାଗୀଦାରି ଗଢ଼ି ଭାରତ ବିଜୟକୁ ସହଜ କରି ଦେଇଥିଲେ। ପ୍ରତିକା ୮୯ (୧୦ ଚୌକା, ୧ ଛକା) ରନକରି ଆଉଟ ହୋଇଥିବାବେଳେ ତେଜାଲ ୫୩ (୪୬ ବଲ, ୯ ଚୌକା) ଅପରାଜିତ ରହିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ଆମି ମାଗ୍ୟୁରେ ୩ଟି ଓ ପ୍ରିୟା ସର୍ଗେଣ୍ଟ ଗୋଟିଏ ଉଇକେଟ ନେଇଥିଲେ।


ପ୍ଲେୟର ଅଫ୍ ଦି ମ୍ୟାଚ ପ୍ରତିକା ରାୱଲ।

**ସଂକ୍ଷିପ୍ତ ସ୍କୋର**

ଆୟର୍ଲାଣ୍ଡ ୫୦ ଓଭରରେ ୨୩୮/୭ (ଗାବି ଲିୱିସ-୯୨, ଲିଆ ପଲ୍-୫୯, ପ୍ରିୟା ମିଶ୍ର-୨/୫୬, ଟିଟାସ ସାଧୁ-୧/୪୮, ସାୟାଲି ସତଘରେ-୧/୪୩, ଦୀପ୍ତି ଶର୍ମା-୧/୪୧)। ଭାରତ ୩୪.୩ ଓଭରରେ ୨୪୧/୪ (ପ୍ରତିକା ରାୱଲ-୮୯, ତେଜାଲ ହସବନିସ-୫୩*, ସ୍ମୃତି ମନ୍ଧାନା-୪୧, ଆମି ମାଗ୍ୟୁରେ-୩/୫୭, ପ୍ରିୟା ସର୍ଗେଣ୍ଟ-୧/୩୮)।

# ମିନା ସାନ୍ତାଙ୍କୁ ୨, ସ୍ନେହାଙ୍କୁ ୧ ସ୍ୱର୍ଣ୍ଣ

**ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ**

ବ୍ରହ୍ମପୁର, ୧୦।୧ (ସ୍ୱାଧୀନ ଶେଖର ପାଢ଼ୀ)

ସ୍ଥାନୀୟ ମହାତ୍ମା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଶୁକ୍ରବାର ଓଡ଼ିଶାର ମିନା ସାନ୍ତା ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ପାଇଥିବାବେଳେ ସ୍ନେହା ସୋରେନ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୫୫ କେଜି ଜୁନିୟର ବର୍ଗରେ ମିନା ସ୍ନାଚରେ ୭୮ ଓ କ୍ଲିନ ଆଣ୍ଡ ଜର୍କରେ ୧୦୧ ଏଭଳି ୧୭୯ କେଜି ଉଠାଇ ପ୍ରଥମ, ଆସାମର ଐଶାଙ୍ଗଫା ଗୋଗଇ ୧୭୮ କେଜି ଉଠାଇ ଦ୍ୱିତୀୟ ଓ ମହାରାଷ୍ଟ୍ରର ନିକିତା କମଲକର ୧୭୦ କେଜି ଉଠାଇ ତୃତୀୟ ହୋଇଛନ୍ତି। ୫୫ କେଜି ଯୁବ ବର୍ଗରେ ମିନା ସ୍ନାଚରେ ୭୮ ଓ କ୍ଲିନ ଆଣ୍ଡ ଜର୍କରେ ୧୦୧ ଏଭଳି ୧୭୯ କେଜି ଉଠାଇ ପ୍ରଥମ, ଐଶାଙ୍ଗଫା ୧୭୮ କେଜି ଉଠାଇ ଦ୍ୱିତୀୟ ଓ ପଶ୍ଚିମବଙ୍ଗର ଅଶ୍ମୁକାନା ବିଶ୍ୱାସ ସ୍ନାଚରେ ୧୪୫ କେଜି ଉଠାଇ ତୃତୀୟ ହୋଇଛନ୍ତି। ସେହିପରି ୫୫ କେଜି ସିନିୟର ବର୍ଗରେ ଓଡ଼ିଶାର ସ୍ନେହା ସୋରେନ ସ୍ନାଚରେ ୭୮ ଓ କ୍ଲିନ ଆଣ୍ଡ ଜର୍କରେ ୧୦୬ ଏଭଳି ୧୮୪ କେଜି ଉତ୍ତୋଳନ କରି ପ୍ରଥମ, ମିନା ସ୍ନାଚରେ ୭୮ ଓ କ୍ଲିନ ଆଣ୍ଡ ଜର୍କରେ ୧୦୧ ଏଭଳି ମୋଟ ୧୭୯ କେଜି ଉଠାଇ ଦ୍ୱିତୀୟ, ମହାରାଷ୍ଟ୍ରର ନିକିତା କମଲକର ୧୭୦ କେଜି ଉଠାଇ ତୃତୀୟ ହୋଇଛନ୍ତି ବୋଲି ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଂଜନ ସ୍ୱାଇଁ ପ୍ରକାଶ କରିଛନ୍ତି। ଅନ୍ୟ ୩ ବର୍ଗରେ ବାହାର ରାଜ୍ୟର ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି।


ପଦକ ସହ ମିନା ସାନ୍ତା ଓ ସ୍ନେହା ସୋରେନ।

# ଦିଲୀପ ତିର୍କୀଙ୍କ ପିତୃ ବିୟୋଗ

**ସୁନ୍ଦରଗଡ଼/ବାଲିଶଙ୍କରା, ୧୦।୧ (ଜୟ ନାରାୟଣ ମେଣ୍ଡୁଲି/ହୃଦାନନ୍ଦ ବାରିକ):** ହକି ଇଣ୍ଡିଆ ସଭାପତି ତଥା ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ ବାପା ଭିନ ସେଣ୍ଟ ତିର୍କୀଙ୍କ ଶୁକ୍ରବାର ଅପରାହ୍ନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେବ ଅସୁସ୍ଥ ହୋଇ



ସମ୍ବଲପୁରସ୍ଥିତ ବିକାଶ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ଶନିବାର ଅନ୍ତିମ ସଂସ୍କାର ତାଙ୍କ ଗ୍ରାମ ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ସଉନାମୁରା ସ୍ଥିତ ନିଜ ଗ୍ରାମରେ କରାଯିବ ବୋଲି ପରିବାରବର୍ଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱର୍ଗତ ତିର୍କୀ ଭାରତୀୟ ସେନାରୁ ଅବସର ପରେ ସେ ହକି ଖେଳର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିବା ସହ ଜଣେ ଭାରତର ସୁନାମଧନ୍ୟ ପୂର୍ବତନ ହକି ଖେଳାଳି ଭାବେ ସୁନାମୋହର ଅର୍ଜନ କରିଛନ୍ତି। ତାଙ୍କର ଗୋଟିଏ ଝିଅ ଓ ତିନି ପୁଅ ଅଛନ୍ତି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବାପରେ ସଉନାମୁରା ଗ୍ରାମ ଓ କ୍ରୀଡ଼ାପ୍ରେମୀ ମହଲରେ ଶୋକ ପ୍ରକାଶ ପାଇଛି।

# ବିଜୟ ସହ ଶୀର୍ଷରେ ତାମିଲନାଡୁ ଡ୍ରାଗନ୍ସ

**ହକି ଇଣ୍ଡିଆ ଲିଗ୍**

ଭୁବନେଶ୍ୱର, ୧୦।୧ (ତପନ ସ୍ୱାଇଁ)

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ତାମିଲନାଡୁ ଡ୍ରାଗନ୍ସ ୨-୧ ଗୋଲରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସଙ୍କୁ ପରାସ୍ତ କରିଛି। ଏଥିସହ ଟାଇଗର୍ସଙ୍କୁ ପଛରେ ପକାଇ ଅମିତ ରୋହିଦାସଙ୍କ ନେତୃତ୍ୱାଧୀନ ଡ୍ରାଗନ୍ସ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ତାମିଲନାଡୁ ଡ୍ରାଗନ୍ସ ୫ ମ୍ୟାଚରୁ ୩ ବିଜୟ, ୧ ଶୁଟ୍ ଆଉଟ ବିଜୟ ଓ ୧ ଶୁଟ୍ ଆଉଟ ପରାଜୟ ସହ ୧୨ ପଏଣ୍ଟରେ ପହଞ୍ଚି ଯାଇଛି। ଅନ୍ୟ ପକ୍ଷରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ୫ ମ୍ୟାଚରୁ ୩ ବିଜୟ ଓ ୨ ପରାଜୟ ସହ ୯ ପଏଣ୍ଟରେ ସ୍ଥିର ରହିଛି। ଲିଗ୍‌ରେ ଡ୍ରାଗନ୍ସର ଏହା କ୍ରମାଗତ ଚତୁର୍ଥ ବିଜୟ ହୋଇଥିବାବେଳେ ବେଙ୍ଗଲ ଟାଇଗର୍ସର ଲଗାତର ଦ୍ୱିତୀୟ ପରାଜୟ। ଆରମ୍ଭରୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ପ୍ରଥମ କ୍ୱାର୍ଟରରେ ଗୋଲ ହୋଇପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୬ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ଡ୍ରାଗନ୍ସକୁ ଅଗ୍ରଣୀ କରିଥିଲେ କାର୍ଥି ସେଲଭାମ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ତାମିଲନାଡୁ ଦଳ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ମ୍ୟାଚର ୩୫ତମ ମିନିଟରେ ବେଙ୍ଗଲ ଟାଇଗର୍ସଙ୍କୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାର ସଫଳ ଉପଯୋଗ କରି ଅଧିନାୟକ ରୂପିନ୍ଦର ପାଲ୍ ସିଂ ଗୋଲଟି ପରିଶୋଧ କରିବାରୁ ମ୍ୟାଚରେ ଉଷ୍ମତା ଭରି ଯାଇଥିଲା। ମାତ୍ର ଦଳର ଏହି ଖୁସି ବେଶୀକ୍ଷଣ ତିଷ୍ଠି ନ ଥିଲା। ଏହାର ୨ ମିନିଟ ପରେ ଅର୍ଥାତ୍ ୩୭ତମ ମିନିଟରେ ଉତ୍ତମ ସିଂ ଏକ ଫିଲ୍ଡ ଗୋଲ ଦେଇ ଡ୍ରାଗନ୍ସକୁ ପୁଣି ଅଗ୍ରଣୀ କରିଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ରେଫରି ତାମିଲନାଡୁ ଡ୍ରାଗନ୍ସ ଦଳର ମୋରିଜ ଲୁଡ୍‌ୱିଗ୍‌ଙ୍କୁ ୫୪ତମ ମିନିଟରେ ୟେଲୋ କାର୍ଡ ପ୍ରଦର୍ଶନ କରିଥିଲେ। ସୁର୍ମା ହକି କ୍ଲବ୍‌ଠାରୁ ଶୁଟ୍‌ଆଉଟ୍‌ରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଡ୍ରାଗନ୍ସ ପରବର୍ତ୍ତୀ ମ୍ୟାଚ୍‌ରେ କଳିଙ୍ଗ ଲାନ୍ସର୍ସଙ୍କୁ ଶୁଟ୍‌ଆଉଟ୍‌ରେ ହରାଇଥିଲା। ଏହାପରେ କ୍ରମାଗତ ୩ ମ୍ୟାଚ୍‌ରେ ୟୁପି ରୁଦ୍ରାସ, ଟିମ୍ ଗୋନାସିକା ଓ ବେଙ୍ଗଲ୍ ଟାଇଗର୍ସଙ୍କୁ ପରାସ୍ତ କରିଛି।

# ବରୁଣ ଆରୋନଙ୍କ ଅବସର

**ନୂଆଦିଲ୍ଲୀ, ୧୦।୧ (ପି.ଟି.):** ଦ୍ରୁତତମ ପେସ୍ ବୋଲର ବରୁଣ ଆରୋନ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଶୁକ୍ରବାର ବିଜୟ ହଜାରେ ଟ୍ରଫିରେ ତାଙ୍କ ରାଜ୍ୟ ଝାଡ଼ଖଣ୍ଡର ଅଭିଯାନ ଶେଷ ହୋଇଛି। ଝାଡ଼ଖଣ୍ଡ ବିଜୟ ହଜାରେ ଟ୍ରଫିର ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରି ନ ଥିବାରୁ ୩୫ ବର୍ଷୀୟ ଆରୋନ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମ୍‌ରେ ତାଙ୍କର ଅବସର ଘୋଷଣା କରିଛନ୍ତି। ବାରମ୍ବାର ଆଘାତଜନିତ ସମସ୍ୟାରେ ରହିବାରୁ ୨୦୧୫ ପରଠାରୁ ସେ ଭାରତ ତରଫରୁ ଖେଳି ନାହାନ୍ତି।

# କିସ୍, ବିଜେଇଏମ୍ ବିଜୟୀ

**ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ**

**ଭୁବନେଶ୍ୱର, ୧୦।୧ (ତପନ ସ୍ୱାଇଁ)**

ଭେଟେରାନ୍ସ କ୍ରିକେଟ ଆସୋସିଏଶନ (ଭିସିଏ) ଅଫ୍ ଓଡ଼ିଶା ଆନୁକୂଲ୍ୟରେ ହାଇ-ଟେକ୍ ମେଡିକାଲ ଗ୍ରାଉଣ୍ଡରେ ଚାଲିଥିବା ୨୧ତମ ୟୁନିଲାଇଟ୍ କପ୍ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ କିସ୍ ଓ ବିଜେଇଏମ୍ ସ୍କୁଲ ବିଜୟୀ ହୋଇଛି। ଲିଗ୍‌ର ୮ମ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କେଟି ଗ୍ଲୋବାଲ ୨୩ ଓଭରରେ ୭ ଉଇକେଟ ହରାଇ ୧୩୧ ରନ୍ କରିଥିଲା। ଦଳ ପକ୍ଷରୁ ଆଦର୍ଶ ପଟ୍ଟନାୟକ ସର୍ବାଧିକ ୫୦ ଓ ପାର୍ଥ ସାରଥି ଲେଙ୍କା ୪୫ ରନ୍ କରିଥିଲେ। ଜବାବରେ କିସ୍ ୨୧.୫ ଓଭରରେ ୫ ଉଇକେଟ ହରାଇ ୧୩୨ ରନ୍ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳ ପକ୍ଷରୁ ଗୋଟିଏ ଉଇକେଟ ନେବା ସହ ୩୦ ରନ୍ କରିଥିବା ଅନୁରାଗ ବାରିକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବୀରେନ କୁମାର ଦାସ ଅତିଥିଭାବେ ଯୋଗଦେଇଥିଲେ। ୯ମ ମ୍ୟାଚ୍‌ରେ ବିଜେଇଏମ୍ ୭୨ ରନ୍‌ରେ ଓଡିଏମ୍ ସ୍କୁଲକୁ ହରାଇ ଦେଇଛି। ବିଜେଇଏମ୍ ୨୧ ଓଭରରେ ୫ ଉଇକେଟ ହରାଇ ୧୬୭ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରନ୍ତିକ ପ୍ରିୟାଂଶୁ ନାୟକ ସର୍ବାଧିକ ୮୮ ରନ୍ କରିଥିଲେ। ବିପକ୍ଷ ଦଳର ସିଦ୍ଧାର୍ଥ ଷଡ଼ଙ୍ଗୀ ଓ ବିଶ୍ୱପ୍ରକାଶ ସାମନ୍ତରାୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଓଡିଏମ୍ ପବ୍ଲିକ୍ ସ୍କୁଲ ୨୧ ଓଭରରେ ୯ ଉଇକେଟ ହରାଇ ୯୫ ରନ୍ କରିପାରିଥିଲା। ବିଜୟୀ ଦଳର ନମନ ଶତପଥୀ ୩ଟି ଓ କ୍ରିଷ୍ଣା ସାମଲ ୨ଟି ଉଇକେଟ ନେଇଥିଲେ। ବଳଭଦ୍ର ପଟ୍ଟନାୟକ ଓ ଲଳିତେନ୍ଦୁ ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ।

# ଗୋକୁଲମ କେରଳ-ଓଡ଼ିଶା ଏଫ୍‌ସି ମ୍ୟାଚ୍ ଡ୍ର

**କୋଝିକୋଡ୍, ୧୦।୧ (ପି.ଟି.):** ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ଦୁଇ ଟାଇଟଲ ଦାବିଦାର ଓଡ଼ିଶା ଏଫ୍‌ସି ଓ ଗୋକୁଲମ କେରଳ ଏଫ୍‌ସି ସେମାନଙ୍କ ପ୍ରଥମ ମ୍ୟାଚକୁ ୧-୧ଗୋଲ୍‌ରେ ଡ୍ର ରଖିଛନ୍ତି। ମ୍ୟାଚ୍‌ର ଦୁଇଟିଯାକ ଗୋଲ୍ ଖେଳର ଦ୍ୱିତୀୟାର୍ଦ୍ଧରେ ହୋଇଥିଲା। ଗତଥରର ଚାମ୍ପିୟନ ଗୋକୁଲମ ୬୧ତମ ମିନିଟ୍‌ରେ ଲିଣ୍ଡା କପ୍ ସେର୍ଟୋଙ୍କ ଗୋଲ୍ ଜରିଆରେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଗତ ସଂସ୍କରଣର ରନରଅପ୍ ଓଡ଼ିଶା ତରଫରୁ ହେମାମ୍ ସିଲ୍‌କି ଦେବୀ ୮୭ତମ ମିନିଟ୍‌ରେ ଗୋଲ ସ୍କୋର କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ଶୁକ୍ରବାରର ଏହି ମ୍ୟାଚରେ ଓଡ଼ିଶା ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ମ୍ୟାଚରେ ଗୋକୁଲମ ଦଳର ୩ ବିଦେଶୀ ଖେଳାଳିଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା।

# ଓଡ଼ିଶାର ଆହାନ ମିଶ୍ରଙ୍କୁ ସଫଳତା

**ଭୁବନେଶ୍ୱର, ୧୦।୧ (ତପନ ସ୍ୱାଇଁ)**

କୋଲକାତାରେ ଅନୁଷ୍ଠିତ ଏଆଇଟିଏ ୧୮ ବର୍ଷରୁ କମ୍ ସିଏସ୍୭ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଆହାନ ମିଶ୍ର ଡବଲ୍ସରେ ଚାମ୍ପିୟନ ଓ ସିଙ୍ଗଲ୍ସରେ ରନରଅପ୍ ହୋଇଛନ୍ତି। ପଶ୍ଚିମବଙ୍ଗର ଶୌନକ ଚାଟାର୍ଜୀ ଓ ଆହାନଙ୍କ ଯୋଡ଼ି ଡବଲ୍ସ ଫାଇନାଲରେ ପଶ୍ଚିମବଙ୍ଗ ଯୋଡ଼ି ମୟନ୍ଦ ତିୱାରୀ ଓ ମହମ୍ମଦ ଆଦିଲଙ୍କୁ ୬-୩, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ସିଙ୍ଗଲ୍ସ ଇଭେଣ୍ଟରେ ଆହାନ ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ୍ୟ ଫାଇନାଲରେ ଟପ୍ ସିଡ୍ ଶୌନକ ଚାଟାର୍ଜୀଙ୍କଠାରୁ ୨-୬, ୬-୨, ୫-୭ରେ ହାରି ଯାଇଛନ୍ତି। ପ୍ରତିଯୋଗିତାରୁ ଆହାନଙ୍କୁ ୨୫ ଡବଲ୍ସ ଓ ୨୦ ସିଙ୍ଗଲ୍ସ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ପ୍ରାପ୍ତ ହୋଇଛି।



# ଜବାର, ପ୍ରତ୍ୟାଶା ପାଇବେ ଓସ୍‌ଜା ପୁରସ୍କାର

**ଭୁବନେଶ୍ୱର, ୧୦।୧ (ତପନ ସ୍ୱାଇଁ)**

ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ତଥା ସଫଳ ଫୁଟବଲ କୋଚ ମହମ୍ମଦ ସହିଦ ଜବାର ଏବଂ ଓଡ଼ିଶା ସନ୍ତରଣ ପ୍ରତିଭା ପ୍ରତ୍ୟାଶା ରାୟ ଚଳିତବର୍ଷର ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ଗତବର୍ଷ ଅନେକ ସଫଳତା ଅର୍ଜନ କରିଥିବା ପ୍ରତ୍ୟାଶା ରାୟଙ୍କୁ ୨୦୨୪ ବର୍ଷର ଶ୍ରେଷ୍ଠ କ୍ରୀଡାବିତ୍ ଏବଂ ଭାରତୀୟ ମହିଳା ଫୁଟବଲ ଦଳର ସଫଳତାରେ ବିଶେଷ ଯୋଗଦାନ ଦେଇଥିବା ସହିଦ ଜବାରଙ୍କୁ ଜୀବନବ୍ୟାପୀ ସେବା ସକାଶେ ପୁରସ୍କାର ପ୍ରଦାନ କରାଯିବ। ଜାନୁଆରୀ ୧୯ରେ ଏଠାରେ ହେବାକୁ ଯାଉଥିବା ଓସ୍‌ଜାର ବାର୍ଷିକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଓସ୍‌ଜାର ସଭାପତି ସନ୍ଦୀପ ମିଶ୍ର ପ୍ରକାଶ କରିଛନ୍ତି। ଉଭୟ ସହିଦ ଜବାର ଏବଂ ପ୍ରତ୍ୟାଶା ରାୟଙ୍କୁ ଓସ୍‌ଜା ବାର୍ଷିକ ପୁରସ୍କାର ଆକାରରେ ନଗଦ ୨୫ହଜାର ଟଙ୍କା, ପ୍ରଶସ୍ତିପତ୍ର, ଉତ୍ତରୀୟ ଏବଂ ବିଶେଷ ଟ୍ରଫି ପ୍ରଦାନ କରାଯିବ। ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ ସହ ଅନୁବନ୍ଧିତ ଓସ୍‌ଜା ୨୦୧୮ରୁ ବାର୍ଷିକ ପୁରସ୍କାର ପ୍ରଦାନ କରି ଆସୁଛି। ପ୍ରଥମ ବର୍ଷର ବିଜେତା ଥିଲେ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ଓ ଫୁଟବଲର ଦେବ ସିଂ। ୨୦୧୯ରେ ହକି ତାରକା ଅମିତ ରୋହିଦାସ ଓ ଦ୍ରୋଣାଚାର୍ଯ୍ୟ ବିଜେତା ବକ୍ସିଂ କୋଚ ବ୍ରଜଭୂଷଣ ମହାନ୍ତି। ୨୦୨୦ରେ ପାରା-ଆଥଲେଟ୍ ପ୍ରମୋଦ ଭଗତ ଓ ବିଶିଷ୍ଟ ଆଥଲେଟିକ୍ସ କୋଚ ପଞ୍ଚାନନ ଗନ୍ତାୟତ, ୨୦୨୧ରେ ଚେସ୍ ଗ୍ରାଣ୍ଡ ମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଆଥଲେଟିକ୍ସ କୋଚ ଅରୁଣ ଦାସ, ୨୦୨୨ରେ ବିଶିଷ୍ଟ ବାସ୍କେଟବଲ ଖେଳାଳି ଅରୂପାନନ୍ଦ ରାଉତରାୟ ଓ ହକି ଅଲିମ୍ପିଆନ୍ ବୀରେନ୍ଦ୍ର ଲାକ୍ରା, ୨୦୨୩ରେ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଓ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ହକି ଖେଳାଳି ପିଟର ତିର୍କୀ ଏବଂ ୨୦୨୪ରେ ଜାଭେଲିନ୍ ଷ୍ଟାର କିଶୋର କୁମାର ଜେନା ଏବଂ ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତୋଳକ ବିଜୟ ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା ଓସ୍‌ଜା ବାର୍ଷିକ ପୁରସ୍କାର।


ପ୍ରତ୍ୟାଶା ରାୟ


ମହମ୍ମଦ ସହିଦ ଜବାର


